# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୫/୨୦୨୨ (୧୮ ପୃଷ୍ଠା) | Bhubaneswar, Monday, September 5/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 281 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୫/୨୦୨୨ | Bhubaneswar, Monday, September 5/2022 | ପୃଷ୍ଠା-୧



## ଭର୍ଷ୍ଟାପେନ୍‌ଙ୍କୁ ଡଚ୍ ଗ୍ରାଁ ପ୍ରି ଟାଇଟଲ

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଡଚ୍ ଫର୍ମୁଲାୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି।

୧୨

୧୦

## ଫିଲ୍ମ ନିର୍ମାତାଙ୍କୁ ୬ କୋଟି ଫେରାଇବେ ବିଜୟ

'ଲାଇଗର' ଫ୍ଲପ୍ ହେବା ପରେ ଏହାର ନିର୍ମାତାଙ୍କୁ ଅଭିନେତା ବିଜୟ ଦେବରକୋଣ୍ଡା ୬ କୋଟି ଟଙ୍କା ଫେରାଇବେ ବୋଲି ଜଣାପଡ଼ିଛି।





ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ କ୍ୟାପିଟାଲ ଫାଉଣ୍ଡେଶନ ପକ୍ଷରୁ ରବିବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା' ସମ୍ମାନରେ ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି.ରମନା ସମ୍ମାନିତ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର,୪।୯(ବ୍ୟୁରୋ)**

ସଫଳ ନେତୃତ୍ୱ ଯୋଗୁ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାବାସୀଙ୍କ ସେବା କରିଆସୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରବିବାର ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀସ୍ଥିତ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ତରଫରୁ ନବୀନଙ୍କୁ ଏହି ସମ୍ମାନ ଦିଆଯାଇଛି। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ସେଣ୍ଟରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି ରମନାଙ୍କ ହାତରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ଷ ବର୍ଷ ଧରି କ୍ୟାପିଟାଲ୍ ଫାଉଣ୍ଡେଶନ୍ ବିକଶିତ ହୋଇଛି। ଖୋଲା ବିତର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ଏହି ଫାଉଣ୍ଡେସନ ପ୍ରତିଷ୍ଠିତ ହୋଇପାରିଛି। ଏହା ସାଧାରଣ ନୀତିର ବିଭିନ୍ନ ଦିଗ,

■ **ରାଜ୍ୟବାସୀଙ୍କ ବିଶ୍ୱାସ ସଶକ୍ତ ଓଡ଼ିଶା ଗଠନ କରିବା ଲାଗି ବଡ଼ ପ୍ରେରଣା: ନବୀନ**

■ **ସାଢ଼େ ୪ କୋଟି ଓଡ଼ିଆଙ୍କୁ ଉତ୍ସର୍ଗ କଲେ ସମ୍ମାନ**

ଗଣତାନ୍ତ୍ରିକ ଶାସନ ଏବଂ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଉପରେ ଆଲୋଚନା କରିଥାଏ, ଯାହା ନୀତି ନିର୍ଦ୍ଧାରକଙ୍କୁ ପ୍ରଭାବିତ କରିଥାଏ। ୩ ଦଶନ୍ଧିରୁ ଅଧିକ ସମୟ ଧରି ଫାଉଣ୍ଡେଶନ ବିଭିନ୍ନ ନୀତି ପ୍ରଣୟନକାରୀଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିଛି, ଯଦ୍ୱାରା ସେମାନଙ୍କ ମତାମତକୁ ସ୍ୱାଧୀନ ଭାବେ ଉପସ୍ଥାପନ କରାଯାଉଛି। ସାମଗ୍ରିକ ଶାସନରେ ଏହାର ଅବଦାନ ରହିଛି। କ୍ୟାପିଟାଲ୍ ଫାଉଣ୍ଡେଶନ୍ ଦ୍ୱାରା ଜୀବନବ୍ୟାପୀ ସାଧନା ସମ୍ମାନ ପାଇଁ ମନୋନୀତ ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି। ଏହି ସମ୍ମାନକୁ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ ଉତ୍ସର୍ଗ କରୁଛି, ଯେଉଁମାନେ ଗତ ୨୨ ବର୍ଷ ଧରି ସେମାନଙ୍କୁ ସେବା କରିବା ପାଇଁ କ୍ରମାଗତ ଭାବେ ଆଶୀର୍ବାଦ କରିଆସୁଛନ୍ତି। ମୋ ଉପରେ ରାଜ୍ୟବାସୀଙ୍କର ଥିବା ବିଶ୍ୱାସ ହେଉଛି ସଶକ୍ତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ସବୁଠାରୁ ବଡ଼ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ୨୨ ବର୍ଷରେ ଓଡ଼ିଶା ଏକ ଦୀର୍ଘପଥ ଅତିକ୍ରମ କରିଛି। ୧୯୯୯ର ମହାବାତ୍ୟା ପରେ କିଏ ଭାବିଥିଲା ଯେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱ ମାନଦଣ୍ଡ ସ୍ଥିର କରିବ ଏବଂ ମିଳିତ ଜାତିସଂଘ ଦ୍ୱାରା ପୁରସ୍କୃତ ହେବ। ଦିନେ ଦାରିଦ୍ର୍ୟ ପାଇଁ ପରିଚିତ ଓଡ଼ିଶା ବର୍ତ୍ତମାନ ଦେଶରେ ଦ୍ରୁତତମ ଦାରିଦ୍ର୍ୟ ହ୍ରାସ ପାଇଁ ଜଣାଶୁଣା। ମହିଳାଙ୍କ ସଶକ୍ତୀକରଣରେ ନିହିତ ପ୍ରଶାସନିକ ମଡେଲ୍ ହେଉଛି ଆମର 'ମିଶନ୍ ଶକ୍ତି', ☞ପୃଷ୍ଠା-୨

# ଦୁର୍ଘଟଣାରେ ସାଇରସ୍ ମିସ୍ତ୍ରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୪।୯**

ମହାରାଷ୍ଟ୍ରର ପାଲଘରଠାରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ବିଶିଷ୍ଟ ଶିଳ୍ପପତି ତଥା ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରୀଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ସେ ମର୍ସିଡିସ୍ କାର୍‌ରେ ଅହମଦାବାଦରୁ ମୁମ୍ବାଇ ଯାଉଥିବାବେଳେ ସୂର୍ଯ୍ୟ ନଦୀ ବ୍ରିଜ୍ ଉପରେ ଅପରାହ୍ନ ୩ଟା ୧୫ରେ ଦୁର୍ଘଟଣା ଘଟିଥିଲା। କାର୍‌ଟି ରୋଡ୍ ଡିଭାଇଡରରେ ପିଟିହୋଇ ଯିବାରୁ ସାଇରସ୍‌ଙ୍କ ସହ ଜେହାଙ୍ଗୀର ପାଣ୍ଡୋଲେଙ୍କ ମୃତ୍ୟୁ ହୋଇଥିବାବେଳେ ଡ୍ରାଇଭିଂ କରୁଥିବା ଅନହିତା ପାଣ୍ଡୋଲେ ଏବଂ ଡାରିଅସ୍ ପାଣ୍ଡୋଲେ ଆହତ ହୋଇଛନ୍ତି। ଆହତ ଦୁଇଜଣଙ୍କୁ ହେଲିକପ୍ଟରରେ ମୁମ୍ବାଇର ବ୍ରିଚ୍‌କ୍ୟାଣ୍ଡି ହସ୍ପିଟାଲ ନିଆଯାଇଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଗୁଜରାଟର କାସା ରୁରାଲ ହସ୍ପିଟାଲକୁ ପଠାଯାଇଛି।

ସାଇରସଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ବିୟୋଗ ବାଣିଜ୍ୟ ଓ ଶିଳ୍ପଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ପୀୟୂଷ ଗୋୟଲ, ସ୍ମୃତି ଇରାନୀ, ଆନନ୍ଦ ମହିନ୍ଦ୍ରା, ଆର୍‌ପିଜି ଏଣ୍ଟରପ୍ରାଇଜ୍ ଅଧ୍ୟକ୍ଷ ହର୍ଷ ଗୋଏଙ୍କା, ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମହାରାଷ୍ଟ୍ର ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଦୁର୍ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଶୋକବ୍ୟକ୍ତ କରିଛନ୍ତି। ସାଇରସଙ୍କ ବିୟୋଗ କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ଶିଳ୍ପଜଗତ ପାଇଁ କ୍ଷତି ବୋଲି ସେ ଅଭିହିତ କରିଛନ୍ତି।

ଟାଟା ସନ୍ସର ସବୁଠୁ ବଡ଼ ଶେୟାରହୋଲ୍ଡର ପାଲୋଞ୍ଜି ମିସ୍ତ୍ରୀଙ୍କ ପୁଅ ହେଉଛନ୍ତି ସାଇରସ। ଟାଟା ଗ୍ରୁପ୍‌ରେ ତାଙ୍କ ଶେୟାର ପରିମାଣ ୧୮.୫ ପ୍ରତିଶତ। ୨୦୧୨ ଡିସେମ୍ବରରେ ଟାଟା ସନ୍ସ ଅଧ୍ୟକ୍ଷ ପଦରୁ ରତନ ଟାଟା ଅବସର ନେବା ପରେ ସାଇରସ୍ ଏହାର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଥିଲେ ଟାଟା ଗ୍ରୁପ୍‌ର ଷଷ୍ଠ ☞ପୃଷ୍ଠା-୨



ସାଇରସ୍ ମିସ୍ତ୍ରୀ ଓ ଦୁର୍ଘଟଣାଗ୍ରସ୍ତ ମର୍ସିଡିଜ୍ କାର୍।

## ଟୁଇଟରରେ ଷଡ଼ଯନ୍ତ୍ର ସନ୍ଦେହ

**ମୁମ୍ବାଇ,୪।୯**

ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରୀ(୫୪)ଙ୍କ ଅକାଳ ବିୟୋଗ ଅନେକ ଭାରତୀୟ ବ୍ୟବସାୟୀ, ଶିଳ୍ପପତି ଓ ରାଜନେତାଙ୍କୁ ସ୍ତବ୍ଧ କରିଦେଇଛି। ସାଇରସ୍ ନିଜ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ରବିବାର ଗୁଜରାଟର ଅହମଦାବାଦରୁ ମହାରାଷ୍ଟ୍ରର ମୁମ୍ବାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପାଲଘର ଜିଲା ସୂର୍ଯ୍ୟା ନଦୀ ବ୍ରିଜ୍‌ରେ ତାଙ୍କ ମର୍ସିଡିଜ୍ କାର୍ ଡ୍ରାଇଭର ଏକ ଡିଭାଇଡରକୁ ଧକ୍କା ଦେବାରୁ ଏହି ଘାତକ ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ମହାରାଷ୍ଟ୍ର ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ରାଜ୍ୟ ପୋଲିସକୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଦୁର୍ଘଟଣା ପଛର ପ୍ରକୃତ କାରଣକୁ ନେଇ ସୋସିଆଲ ମିଡିଆରେ ନାନା କଥା କୁହାଯାଉଛି। କେହି କେହି ଏହାକୁ ଏକ ଷଡ଼ଯନ୍ତ୍ର ବୋଲି ସନ୍ଦେହ ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**

## ସାମାଜିକ (ଅ) ସୁରକ୍ଷା

**ଆଜିର ମନ୍ତବ୍ୟ**

"ଅଦାଲତଗୁଡ଼ିକ ନିରପେକ୍ଷ ହେବା ଉଚିତ ଏବଂ ଏକ ଗଣତନ୍ତ୍ରରେ ଯଦିଓ ଜନାଦେଶ ତ୍ରୁଟି ସୁଧାରିବା ଆବଶ୍ୟକ, ତେବେ କେତେକ ସ୍ଥିତିରେ ଅଦାଲତ ବିରୋଧୀ ଭୂମିକା ନେବା ଆଶା କରାଯାଏ।

-ଜଷ୍ଟିସ୍ ଏନ୍.ଭି. ରମନା, ପୂର୍ବତନ ସିଜେଆଇ

ପାଠାଗାରରେ ଚାଲିଛି ୫୨ ବର୍ଷର ଏନ୍‌ଏସି ୭

ଝିଅପୁଅ ପରେ ମା' ଆଖିବୁଜିଲେ ୬

## ଓଡ଼ିଶା ଜଗରନଟ୍ସ ଚାମ୍ପିୟନ

**ଭୁବନେଶ୍ୱର, ୪।୯(କ୍ରୀଡ଼ା ପ୍ରତିନିଧି)**

ସ୍ୱଦେଶୀ ଖେଳ ଖୋ ଖୋର ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍‌ରେ ବିଜୟ ମୁକୁଟ ପିନ୍ଧିଛି ଓଡ଼ିଶା ଜଗରନଟ୍ସ। ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଅଲ୍‌ଟିମେଟ ଖୋ ଖୋର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଛି ଓଡ଼ିଶା ଦଳ। ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭୁବନେଶ୍ୱରଭିତ୍ତିକ ଓଡ଼ିଶା ଜଗରନଟ୍ସ ମାତ୍ର ୧ (୪୬-୪୫) ପଏଣ୍ଟରେ ତେଲୁଗୁ ଯୋଦ୍ଧାସ୍‌କୁ ପରାସ୍ତ କରିଛି। ଶେଷ ମୁହୂର୍ତ୍ତରେ ସୂରଜ ଲାନ୍‌ଡେଙ୍କ ଚିତ୍ତାକର୍ଷକ ସ୍କାଏ ଡାଇଭ୍ ପଏଣ୍ଟ ଓଡ଼ିଶାକୁ ଟାଇଟଲ ବିଜୟୀ କରିଥିଲା। ତୃତୀୟ ଟର୍ନରେ ୨୧ ପଏଣ୍ଟ ହାସଲ କରି ଯୋଦ୍ଧାସ୍ ୪୧-୨୭ରେ ଅଗ୍ରଣୀ ରହି ଚାମ୍ପିୟନ ଆଶା ଉଜ୍ଜୀବିତ କରିଥିଲା। ପରେ ଓଡ଼ିଶା ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ମ୍ୟାଚ ଶେଷ ହେବା ପାଇଁ ମାତ୍ର ୧.୨୪ ସେକେଣ୍ଡ ଥିବାବେଳେ ଯୋଦ୍ଧାସ୍ ୪୫-୪୩ ପଏଣ୍ଟରେ ଆଗୁଆ ରହି ମ୍ୟାଚ୍ ଫିନିଶ୍ କରିବା ଦ୍ୱାରରେ ପହଞ୍ଚି ଯାଇଥିଲା। ତେବେ ଓଡ଼ିଶା ଜଗରନଟ୍ସ ଭାଗ୍ୟରେ ଅନ୍ୟ କିଛି ଲେଖାଥିଲା। ଖେଳ ଶେଷହେବାକୁ ମାତ୍ର ୧୪ ସେକେଣ୍ଡ ଥିବାବେଳେ ଲାନ୍‌ଡେ ସ୍କାଏ ଡାଇଭ୍ ମାରି ବିପକ୍ଷ ଦଳର ଅଭଦୂତ ପାଟିଲଙ୍କୁ ଆଉଟ କରିଥିଲେ। ଏଥିରୁ ଜଗରନଟ୍ସକୁ ମୂଲ୍ୟବାନ୍ ୩ ପଏଣ୍ଟ ମିଳିଯାଇଥିଲା ଏବଂ ଏହା ହିଁ ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇଥିଲା।

(ସମ୍ପୂର୍ଣ୍ଣ ରିପୋର୍ଟ: ଖେଳ ପୃଷ୍ଠା)

## ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତ



**ଭୁବନେଶ୍ୱର, ୪।୯(ବ୍ୟୁରୋ)**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପ୍ରଫେସର ପଣ୍ଡା ଆସନ୍ତା ୪ବର୍ଷ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାର ସମ୍ଭାଳିବେ। ଦାୟିତ୍ୱ ଗ୍ରହଣଠାରୁ ଏହି ଅବଧି ଗଣନା କରାଯିବ। ପ୍ରଫେସର ପଣ୍ଡା ଏବେ ଗୁଜରାଟ ଭଦୋଦରାସ୍ଥିତ ଦି ମହାରାଜା ସାୟାଜିରାଓ ୟୁନିଭର୍ସିଟି ଅଫ୍ ବରୋଦାରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ୨୯ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି। ଏଥିସହ ସେ ୪୫ଟି ପୁସ୍ତକ ରଚନା କରିଛନ୍ତି। ତାଙ୍କ ମାର୍ଗଦର୍ଶନରେ ୧୦ଜଣ ପିଏଚ୍‌ଡି ହାସଲ କରିଛନ୍ତି।

# କମେଣ୍ଟମରାରୁ ଛାତ୍ରୀଙ୍କୁ ହତ୍ୟା

**ଯାଜପୁର ଅଫିସ/ପ୍ରୀତିପୁର/ ଦଶରଥପୁର(ଡି.ଏନ୍.ଏ.),୪।୯**

 କମେଣ୍ଟମରାକୁ କେନ୍ଦ୍ରକରି ଜଣେ ଛାତ୍ରୀଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଉଓଙ୍ଗରା ପଞ୍ଚାୟତ ଅଧୀନ ବରିକୂଳ ଗ୍ରାମର ଅମୂଲ୍ୟ ଦାସଙ୍କ ଝିଅ ଅମ୍ରିତା(୧୪)। ତାଙ୍କ ମୃତଦେହକୁ ଗାଁର ନାଳକୂଳ ପୋଖରୀରୁ ଶନିବାର ରାତିରେ ଜବତ କରାଯାଇଛି। ଘଟଣା ପୂର୍ବରୁ ଅମ୍ରିତାଙ୍କୁ କେତେଜଣ ଧମକ ଦେଇଥିବାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ମଙ୍ଗଳପୁର ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଯାଜପୁର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ଆଇଆଇସି ରୀନାରାଣୀ ସାହୁ ରବିବାର ସକାଳେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପରେ ଅଗ୍ନିଶମ ବାହିନୀ ସହାୟତାରେ ଉକ୍ତ ପୋଖରୀରୁ ଅମ୍ରିତାଙ୍କ ସାଇକେଲ ମଧ୍ୟ ଉଦ୍ଧାର କରାଯାଇଛି। ହେଲେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ନିୟୋଜନ କରାଯାଇ ନ ଥିଲା। ଅଭିଯୋଗ ଅନୁସାରେ ଅମ୍ରିତା ନିକଟସ୍ଥ ନନ୍ଦିପୁର ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢ଼ନ୍ତି। ଶନିବାର ଅପରାହ୍ନରେ ସେ ମଙ୍ଗଳପୁର ଥାନା ନନ୍ଦିପୁର ପଞ୍ଚାୟତ ଅନ୍ତର୍ଗତ ବାବଲପୁର ଗ୍ରାମର ବିଷ୍ଣୁଚରଣ ପାଢ଼ୀଙ୍କ ନିକଟକୁ ଟ୍ୟୁଶନ ପାଇଁ ଯାଇଥିଲେ। ଟ୍ୟୁଶନ ଛୁଟି ପରେ ଅମ୍ରିତା ସନ୍ଧ୍ୟା ୬ ଟା୧୫ ☞ପୃଷ୍ଠା-୨

**ଗାଁ ପୋଖରୀରୁ ମୃତଦେହ ଜବତ**



ଅମ୍ରିତା ଦାସ

# ୩୩% ପରିବାର କ୍ଷୀର ପିଇବା କମାଇଛନ୍ତି

## ଭାରତୀୟଙ୍କୁ ଦରବୃଦ୍ଧି ଚିନ୍ତା

**ନୂଆଦିଲ୍ଲୀ,୪।୯**

ଭାରତରେ କ୍ଷୀର ଦରବୃଦ୍ଧି ଯୋଗୁ ଏହାର ବ୍ୟବହାର କେତେ ପ୍ରଭାବିତ ହୋଇଛି ସେନେଇ କମ୍ୟୁନିଟି ସୋସିଆଲ ମିଡିଆ ପ୍ଲାଟଫର୍ମ ଲୋକାଲ ସର୍କଲ୍ସ ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇଛି। ପ୍ରତି ୩ରେ ଗୋଟିଏ ପରିବାର କ୍ଷୀର ବ୍ୟବହାର କମାଇଦେଇଛନ୍ତି ବୋଲି ଏହି ସର୍ଭେରୁ ଜଣାପଡ଼ିଛି। ଦେଶର ୩୧୧ ଜିଲାରେ କରାଯାଇଥିବା ଏହି ସର୍ବେକ୍ଷଣରେ ୨୧,୦୦୦ ଲୋକଙ୍କୁ ସାମିଲ କରାଯାଇଥିଲା, ଯାହାଙ୍କ ମଧ୍ୟରୁ ୬୯% ହେଉଛନ୍ତି ପୁରୁଷ। ୪୧% ଲୋକ ଟିୟର ୧ ଜିଲାର ହୋଇଥିବାବେଳେ ୩୪% ଟିୟର ୨ ଏବଂ ୨୫% ଟିୟର ୩ , ୪ ଓ ଗ୍ରାମାଞ୍ଚଳ ଜିଲାର ବାସିନ୍ଦା।

ଅଧିକାଂଶ ଭାରତୀୟ ପରିବାରରେ କ୍ଷୀର ଏବଂ ଦହି, ଲହୁଣି, ଘିଅ ଓ ବଟର୍ ମିଲ୍କ ଭଳି ଦୁଗ୍ଧଜାତ ସାମଗ୍ରୀ ବ୍ୟବହୃତ ହୋଇଥାଏ। ଭାରତ କେବଳ ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ ନୁହେଁ, ବରଂ ଏହାର ବ୍ୟବହାର କ୍ଷେତ୍ରରେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଆଗରେ ରହିଥିବା ଆମେରିକାର କୃଷି ବିଭାଗ (ୟୁଏସ୍‌ଡିଏ) ପକ୍ଷରୁ ପ୍ରକାଶିତ 'ଡେଏରି ଆଣ୍ଡ ପ୍ରଡକ୍ଟସ୍ ଆନୁଆଲ୍ ରିପୋର୍ଟ-୨୦୨୧'ରେ ଉଲ୍ଲେଖ କରାଯାଇଛି। ମୁଦ୍ରାସ୍ଫୀତି ଯୋଗୁ ଭାରତୀୟ ଉପଭୋକ୍ତା ହନ୍ତସନ୍ତ ହେଉଥିବାବେଳେ ଦରଦାମ ନିୟନ୍ତ୍ରଣରେ କ୍ରମଶଃ ଲଗାମ ଲଗାଯାଉଥିବା ନେଇ କେନ୍ଦ୍ର ସରକାରଙ୍କ ତଥ୍ୟ କହୁଛି। ତେବେ ଅଗଷ୍ଟ ୧୭ ପରଠାରୁ ଦେଶର ଦୁଗ୍ଧ ସମବାୟଗୁଡ଼ିକ ପକ୍ଷରୁ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯିବା ଖାଉଟିଙ୍କ ପାଇଁ ନିଶ୍ଚିତ ଭାବେ ଏକ ଖରାପ ଖବର। ଏହା ପୂର୍ବରୁ ମାର୍ଚ୍ଚରେ ଅମୂଲ ଭଳି ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦନକାରୀ ବ୍ରାଣ୍ଡଗୁଡ଼ିକ କ୍ଷୀର ଲିଟର ପିଛା ୨ ଟଙ୍କା ବଢ଼ାଇଥିଲେ। ଏହି ଦରବୃଦ୍ଧି ଯୋଗୁ ୬୮% ଉପଭୋକ୍ତା ସମାନ ପରିମାଣ ଓ ବ୍ରାଣ୍ଡର କ୍ଷୀର ପାଇଁ ପୂର୍ବାପେକ୍ଷା ଅଧିକ ଟଙ୍କା ଦେଉଥିବା ସର୍ବେକ୍ଷଣ ବେଳେ କହିଛନ୍ତି। ଅନ୍ୟପକ୍ଷେ ୧୦,୬୮୫ ଜଣଙ୍କ ମଧ୍ୟରୁ ୬% ଲୋକ ଏଥିଲାଗି ବ୍ରାଣ୍ଡ ବଦଳାଇଛନ୍ତି ଅଥବା ଅପେକ୍ଷାକୃତ କମ୍ ଦାମ୍‌ରେ ମିଳୁଥିବା କ୍ଷୀର କିଣିବାକୁ ବାଧ୍ୟ ହୋଇଥିବା ମାନିଛନ୍ତି। ଅନ୍ୟ ୪% ଲୋକ ସମାନ ବ୍ରାଣ୍ଡର ଶସ୍ତା ବିକଳ୍ପ ଆପଣାଇଛନ୍ତି। କୌଣସି ଉତ୍ତରଦାତା କ୍ଷୀର କିଣିବା ବନ୍ଦ କରିଦେଇଥିବା ମାନିନାହାନ୍ତି। ତେବେ ୨୦% ଲୋକ ପୂର୍ବ ତୁଳନାରେ ପରିମାଣ ହ୍ରାସ କରିଥିବା କହିଛନ୍ତି। ଘରେ ବ୍ୟବହାର ପାଇଁ ଅଧିକାଂଶ ସମୟରେ କେଉଁ ଧରଣର କ୍ଷୀର କିଣୁଛନ୍ତି ବୋଲି ୧୦,୫୨୨ ଜଣଙ୍କୁ ସର୍ବେକ୍ଷଣକାରୀ ସଂସ୍ଥା ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ୭୨% ଲୋକ ପ୍ଲାଷ୍ଟିକ୍ ପାଉଚ୍ ପ୍ୟାକେଟରେ ଉପଲବ୍ଧ ୫୦୦ ମିଲି ଲିଟର କିମ୍ବା ୧ ଲିଟର କ୍ଷୀର କିଣୁଥିବା କହିଥିଲେ। ସେହିପରି ୧୪% ଉପଭୋକ୍ତା ସ୍ଥାନୀୟ ବିକ୍ରେତାଙ୍କଠାରୁ ଖୋଲାରେ କ୍ଷୀର କିଣୁଥିବା ଉତ୍ତର ଦେଇଥିଲେ। ମାତ୍ର ୨% ଲୋକ ଅଧିକ ସମୟ ରହିପାରୁଥିବା ଟେଟ୍ରା ପ୍ୟାକ୍ ମିଲ୍କ କିଣୁଥିବା ନେଇ କହିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବିଶାଲ୍ ପରିବାରବର୍ଗ


କମଳା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଯିବ କି ନାହିଁ ଶାଶୁଘର
ଲୁଗା ପଡୁଛି ଧୋବାଘର ।**

ସାଧାରଣତଃ କିଛି ଗୋଟେ କାର୍ଯ୍ୟ ଆଗକୁ ଘଟିବାକୁ ବା ହେବାକୁ ଥିଲେ ସେ ନେଇ ପୂର୍ବ ପ୍ରସ୍ତୁତି କରାଯିବା ଉଚିତ ହୋଇଥାଏ। ପରନ୍ତୁ କୌଣସି ଅନିଶ୍ଚିତ କଥା ବା ଘଟଣା ପାଇଁ ପୂର୍ବରୁ ପ୍ରସ୍ତୁତ ହେବା ନିହାତି ମୂର୍ଖାମି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝିଅ ଘରେ ରହିଲେ ଅଡୁଆ।
ଘିଅ ଘରେ ରହିଲେ କଡୁଆ ।**

ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇ ନ ଥାଏ। କାରଣ ଝିଅକୁ ଘରେ ଅଧିକ ଦିନ ରଖିଲେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ ଏବଂ ବୟସ୍କା ଝିଅର ବାହାଘର କରିବା ମଧ୍ୟ କଷ୍ଟକର ହୋଇପଡ଼ିଥାଏ। ଘିଅ ଅଧିକ ଦିନ ଘରେ ସାଇତି ରଖିଲେ ତାହା କଡୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଚିଲିକାରେ ବୁଡ଼ିଲା ଡଙ୍ଗା: ୨ ମୃତ

■ ୭ ଉଦ୍ଧାର, ଭୋଜି ସାରି ଫେରୁଥିଲେ

ବ୍ରହ୍ମଗିରି,୪।୯(ଡି.ଏନ୍.ଏ.)

ଚିଲିକାରେ ରବିବାର ସନ୍ଧ୍ୟାରେ ଏକ ଡ଼ଙ୍ଗା ବୁଡ଼ିଯାଇଛି। ଏହି ଡଙ୍ଗାରେ ଥିବା ୯ଜଣ ଯୁବକଙ୍କ ମଧ୍ୟରୁ ୭ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ପୁରୀ ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କର ପରିଚୟ ମିଳିପାରି ନାହିଁ।

ସୂଚନା ମୁତାବକ, ପୂର୍ବାହ୍ନରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗମ୍ଭାରୀ ଗ୍ରାମର ୫ ଯୁବକ ଓ ସେମାନଙ୍କ ସମ୍ପର୍କୀୟ ପୁରୀ ଅଞ୍ଚଳର ୪ ଜଣ ଯୁବକ ସାଥିହୋଇ ଚିଲିକାର କାଳିଯାଇ କୁଦାକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ସନ୍ଧ୍ୟାରେ ଡଙ୍ଗାରେ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ହଠାତ୍ ଜୋରରେ ପବନ ଓ ବର୍ଷା ହୋଇଥିଲା। ଫଳରେ ନାଉରିଆ ଭାରସାମ୍ୟ ହରାଇବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଡଙ୍ଗାରେ ଥିବା ଗମ୍ଭାରୀ ଗ୍ରାମର ୫ଜଣ ଯୁବକ ପହଁରି କୂଳକୁ ପଳାଇ ଆସିଥିଲେ। ଖବରପାଇ କେତେଜଣ ଗ୍ରାମବାସୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ସମ୍ପୃକ୍ତ ଯୁବକମାନଙ୍କ ସହ ଥିବା ଉଗ୍ରସେନ ଦାସ ପହଁରି ଏକ କୁଦାରେ ଲାଗିଥିବା ବେଳେ ଅନ୍ୟଜଣେ ସମ୍ପର୍କୀୟ ଧନଞ୍ଜୟ ପଲାଇଙ୍କୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ତେବେ ଅନ୍ୟ ୨ଜଣ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ଦୁଇ ଯୁବକଙ୍କ ମୃତଦେହ ମିଳିଥିଲା।


# classifieds Everyday
0674-2580101, 2549302




**SALE**

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

Bhubaneswar gharabari land Mouza Taraboi near 100ft. road book @2lakhs. 9078263828. D-1410

**PURCHASE**

Required ready made 1/2/3BHK flats in Bhubaneswar for immediate purchase. 6371090682. D-68299




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295




**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404




Medical Exam Registration- BAMS/ BHMS/BUMS/ GNM/D.Pharma. 9893869473. D-1426




ଘରେ ବସି Part time matter forwarding କାମକରି 9000/-ରୁ ଅଧିକ ରୋଜଗାର କରନ୍ତୁ । ନାମ Registration ପାଇଁ ଯୋଗାଯୋଗ: 7008255583. D-1405

**AFFIDAVIT**

By virtue of an affidavit dated 02nd September 2022 sworn before Executive Magistrate, Cuttack, I declare that my name is SOURAV K JAIN, that has been wrongly mentioned as SOURAV JAIN in my School Certificate issued by ICSE, New-Delhi. Henceforth, I shall be known as SOURAV K JAIN for all purposes. D-1414

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୮ଦିନ ପରେ ନିଖୋଜ ବୃଦ୍ଧଙ୍କ ପତ୍ତା ମିଳୁନି

## ବୃଦ୍ଧଙ୍କୁ ଅଜଗର ଗିଳିବା ଘଟଣା ଚର୍ଚ୍ଚାରେ ରହିଗଲା

ଭୁବନେଶ୍ୱର, ୪।୯(ବ୍ୟୁରୋ)



■ ସାପର ଏକ୍ସ-ରେ କରିବାକୁ ଗ୍ରାମବାସୀଙ୍କ ଦାବି
■ ପୋଲିସ ଆପରାଧିକ ଦିଗକୁ ନେଇ ତଦନ୍ତ କରୁ

କଟକ ଜିଲା ବାଙ୍କୀ ସବ୍‌ଡିଭିଜନ ଅନ୍ତର୍ଗତ ଡମପଡ଼ା ଅଭୟାରଣ୍ୟ ଭିତରେ ଜଣେ ବୃଦ୍ଧଙ୍କୁ ଅଜଗର ଗିଳିଥିବା ନେଇ ୫ଦିନ ହେବ ଚର୍ଚ୍ଚା ଚାଲିଛି। ହେଲେ ଏଯାଏ ଅଜଗରଟିକୁ ଧରି ଏକ୍ସ-ରେ କରାଗଲା ନାହିଁ, କି ପେଟରେ କ'ଣ ରହିଛି, ତାହା ସ୍ପଷ୍ଟ ହେଲା ନାହିଁ। ସେପଟେ ସାନମୁଣ୍ଡଲୀ ଗ୍ରାମର ନନ୍ଦ କିଶୋର ବେହେରା ନିଖୋଜ ହେବାର ୮ ଦିନ ବିତିଛି। ଗତ ୨୮ତାରିଖରୁ ସେ ଘରୁ ବାହାରିଥିବାବେଳେ ତାଙ୍କର ଏଯାଏ ପତ୍ତା ମିଳୁନାହିଁ। ଫଳରେ ତାଙ୍କୁ ଅଜଗର ଗିଳିଥିବା ଚର୍ଚ୍ଚା କେବଳ ଚର୍ଚ୍ଚାରେ ହିଁ ରହିଯାଇଛି।

ଗତ ୨୯ ତାରିଖରେ ବେଙ୍ଗପାଣି ଘାଟି ରାସ୍ତାଠାରୁ ୧୫ଫୁଟ ତଳେ ନନ୍ଦ କିଶୋରଙ୍କ ଗାଡ଼ି ଓ କିଛି ସାମଗ୍ରୀ ମିଳିଥିଲା। ତାଙ୍କର ଦୁର୍ଘଟଣା ହୋଇଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ ଏହି ଦୁର୍ଘଟଣା ପରେ ନନ୍ଦ କିଶୋର କୁଆଡେ ଗଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀ ତାଙ୍କୁ ଜଙ୍ଗଲ ଭିତରେ ଖୋଜାଖୋଜି କରିବାବେଳେ ଏକ ଅଜଗର ମଣିଷ ଭଳି କିଛି ବଡ଼ ଜୀବ ଗିଳିଥିବା ଦେଖିଥିଲେ। ନିଖୋଜ ନନ୍ଦକିଶୋରଙ୍କୁ ଉକ୍ତ ଅଜଗର ଗିଳିଥିବା ଭାବି ବନ ବିଭାଗକୁ ଖବର ଦେଇଥିଲେ। ଏହାପରେ ବନ ବିଭାଗର କେତେଜଣ କର୍ମଚାରୀ ସେଠାକୁ ଯାଇ ଅଜଗରକୁ ଦେଖିବା ପରେ ମଣିଷ ଗିଳି ନ ଥିବା କହିଥିଲେ। ସେମାନଙ୍କର ଯୁକ୍ତି ଥିଲା, କାରଣ ସାପଟି ଯେଉଁ ସ୍ଥାନରେ ଥିଲା, ଗାଡ଼ି ପଡ଼ିଥିବା ସ୍ଥାନଠାରୁ ତାହାର ଦୂରତା ପ୍ରାୟ ୨କିମି ରହିଥିଲା। ତାହା ପୁଣି ଗୋଟିଏ ପାହାଡ଼ ତଳକୁ ଯାଇ ଅନ୍ୟଏକ ପାହାଡ଼ ଚଢ଼ିବାକୁ ପଡ଼ିବ। ତେଣୁ ସାପଟି ମଣିଷ ଗିଳିଥିଲେ ଏତେବାଟ ଯିବା ସମ୍ଭବ ନୁହେଁ ବୋଲି ବନ କର୍ମଚାରୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଥିଲେ। କିନ୍ତୁ ଗ୍ରାମବାସୀ ସାପଟିର ଏକ୍ସ-ରେ କରିବାକୁ ଦାବି କରିଥିଲେ ମଧ୍ୟ ବନ ବିଭାଗ ଏହାକୁ ଗୁରୁତ୍ୱ ଦେଉ ନାହିଁ। ତେବେ ନିଖୋଜ ନନ୍ଦକିଶୋର କୁଆଡ଼େ ଗଲେ, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ସେପଟେ ପୋଲିସ ମାମଲା ରୁଜୁ କରି ଚୁପ୍ ବସିଛି। ନନ୍ଦକିଶୋର ନିଖୋଜ ହେବାର ୮ଦିନ ବିତିଯାଇଥିଲେ ମଧ୍ୟ କୌଣସି ପତ୍ତା ନ ମିଳିବାରୁ ତାଙ୍କ ପରିବାର ଲୋକେ ଚିନ୍ତାରେ ଭାଙ୍ଗିପଡିଛନ୍ତି। ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦିନକୁ ଦିନ ଖରାପ ହେବାକୁ ଲାଗିଛି। ତେଣୁ ଅଜଗର ପେଟରେ କ'ଣ ଅଛି ତାହା ଜାଣିବା ପାଇଁ ତା'ର ଏକ୍ସ-ରେ କରି ତାଙ୍କ ସନ୍ଦେହ ଦୂର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଏପଟେ ସ୍ନେକ ହେଲ୍ପଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଅଜଗର ପେଟ ଭିତରେ ଥିବା ଜନ୍ତୁର ଲମ୍ବ ୩ ଫୁଟରୁ କମ୍। ଅଜଗରଟି ନିଶ୍ଚିତ ଭାବେ ୩ଫୁଟ୍‌ରୁ ଛୋଟ ଏକ ପ୍ରାଣୀ ଖାଇଛି। ତାହା ଏକ କୁକୁରା, ଛେଳି, ହରିଣ କିମ୍ବା ବାରହା ମଧ୍ୟ ହୋଇପାରେ। ତେଣୁ ପୋଲିସ ଅନ୍ୟାନ୍ୟ ଆପରାଧିକ ଦିଗକୁ ଶୀଘ୍ର ତଦନ୍ତ କରିବା ଆବଶ୍ୟକ ବୋଲି ଶୁଭେନ୍ଦୁ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଜୀବନବ୍ୟାପୀ ...

ଯେଉଁଥିପାଇଁ ଆମେ ପ୍ରକୃତରେ ଗର୍ବିତ। ଅନୁରୂପ ଭାବେ ଆଦିବାସୀ ସମ୍ପ୍ରଦାୟର ସଶକ୍ତୀକରଣ ସର୍ବଦା ମୋ ହୃଦୟରେ ରହିଛି ଏବଂ ଜଙ୍ଗଲ ନିବାସୀ ଅଧିନିୟମ ଅନୁଯାୟୀ ଜମି ଅଧିକାର ପ୍ରଦାନ କରିବାରେ ଓଡ଼ିଶା ଦେଶର ନେତୃତ୍ୱ ନେଇଛି। କୃଷକମାନେ ସର୍ବଦା ଆମ ରାଜ୍ୟର ମେରୁଦଣ୍ଡ ଏବଂ ସେମାନଙ୍କର ପରିଶ୍ରମ ଯୋଗୁ ଓଡ଼ିଶା ଚାରି ଥର କୃଷି କର୍ମଣ ପୁରସ୍କାର ପାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣ କରିବାରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ। ଓଡ଼ିଶା ଦେଶ ପାଇଁ ସର୍ବାଧିକ ଇସ୍ପାତ ଏବଂ ଆଲୁମିନିୟମ ଉତ୍ପାଦନ କରିଥାଏ। ଗତ ୨ ଦଶନ୍ଧି ମଧ୍ୟରେ ଓଡ଼ିଶା ତା'ର ଇସ୍ପାତ ଉତ୍ପାଦନକୁ ପ୍ରାୟ ୧୦ ଗୁଣ ବୃଦ୍ଧି କରି କୋଭିଡ୍ ସଙ୍କଟ ସମୟରେ ଦେଶକୁ ସାହାଯ୍ୟ କରିଛି। କୋଭିଡ ମହାମାରୀ ସମୟରେ ଓଡ଼ିଶା ୧୭ ରାଜ୍ୟକୁ ଜୀବନ ରକ୍ଷାକାରୀ ଅମ୍ଳଜାନ ଯୋଗାଉଥିଲା। ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦେଶରେ ସର୍ବାଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିଥାଏ। ଓଡ଼ିଶା କ୍ରମାଗତ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି ଏବଂ ବିଭିନ୍ନ କ୍ରୀଡ଼ାରେ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ପ୍ରତିଷ୍ଠା କରିଛି। ଭାରତର କ୍ରୀଡ଼ା ରାଜଧାନୀ ପାଲଟିଥିବା ଓଡ଼ିଶା ଅନ୍ୟ ରାଜ୍ୟଗୁଡିକ ପାଇଁ ମାନଦଣ୍ଡ ସ୍ଥିର କରିଛି। ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ଜମି ଅଧିକାର ବିଶ୍ୱର ସହରୀ ଯୋଜନାକାରୀଙ୍କୁ ପୁନର୍ବିଚାର କରିବା ସହିତ ବସ୍ତିବାସିନ୍ଦାଙ୍କୁ ସଶକ୍ତ କରିବାର ଆମର ମଡେଲ୍ ଉପରେ ଏକ ଗମ୍ଭୀର ଦୃଷ୍ଟି ରଖିବାକୁ ବାଧ କରିଛି। ଆମର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓଡ଼ିଶାର ୮୦% ରୁ ଅଧିକ ଲୋକଙ୍କୁ ସର୍ବଭାରତୀୟ ସ୍ୱାସ୍ଥ୍ୟ ନିଶ୍ଚିତତା ପ୍ରଦାନ କରିଥାଏ। ଆମର ୫ଟି ନୀତି ଏବଂ ମୋ ସରକାର ପଦକ୍ଷେପ ବୃତ୍ତିଗତ ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ଦୃଢ କରିଛି। ନମ୍ରତାର ସହିତ ଏହି ଜୀବନବ୍ୟାପୀ ସାଧନା ସମ୍ମାନ ଗ୍ରହଣ କରୁଛି। ଓଡ଼ିଶା ଏବଂ ତା'ର ଲୋକଙ୍କୁ ଏହି ମହାନ ସମ୍ମାନ ପ୍ରଦାନ କରିଥିବାରୁ କ୍ୟାପିଟାଲ୍ ଫାଉଣ୍ଡେଶନକୁ ଧନ୍ୟବାଦ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମାନ ପ୍ରଦାନ କରିଥିବାରୁ ଜଷ୍ଟିସ ରମନାଙ୍କୁ ଏବଂ ଏହି ଫୋରମର ଅଭିବୃଦ୍ଧିରେ ସକ୍ରିୟ ଯୋଗଦାନ ଦେଇଥିବାରୁ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ. କେ. ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ଫାଉଣ୍ଡେଶନ ପକ୍ଷରୁ ଆଉ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ଜଷ୍ଟିସ୍ ରମ୍‌ନା, ପ୍ରଫେସର କେ.କେ. ଅଗ୍ରୱାଲ, ଭି. ସୁଧିଶ ପାଏ, ରୋହନ୍ ଜେଟ୍‌ଲୀ, ଡ. ଜେ.ସି. ଦାସ, ଜଷ୍ଟିସ୍ ଗୋବିନ୍ଦ ମାଥୁର, ଏୟାର ମାର୍ଶଲ ପ୍ରଶାନ୍ତ ଭରଦ୍ୱାଜ, ଜିଆ ଜେ. ମୁଡି, ନିଖିଲ ପୱନ କଲ୍ୟାଣ, ଡ. ରାଜେଶ ମାଲହୋତ୍ରା, ଓ.ପି. ଯାଦବ, ଡ. ଜି. ସତୀଶ ରେଡ୍ଡୀ, ମେଜର ଜେନେରାଲ ରୀନା ଭରଦ୍ୱାଜ, ରାଜଦୀପ ଶରଦେଶାଇ, ପ୍ରଫେସର ଏସ୍. ସନ୍ତକୁମାର ଓ ପ୍ରଜ୍ଞାସେନୀ ପ୍ରଧାନ। ଜଷ୍ଟିସ୍ ଏ.କେ. ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଜଷ୍ଟିସ ଏ.କେ. ସିକ୍ରି ମଞ୍ଚାସୀନ ଥିଲେ।

## କମେଣ୍ଟମରାରୁ ...

ମିନିଟ୍‌ରେ ନନ୍ଦିପୁର ଛକସ୍ଥିତ ଏକ ବହି ଦୋକାନରୁ ଖାତା ଓ କଲମ କିଣି ନିଜ ଘର ଅଭିମୁଖେ ଯାଇଥିଲେ। ନନ୍ଦିପୁର ଛକରୁ ତାଙ୍କ ଘରର ଦୂରତା ପ୍ରାୟ ୨ କିମି ହେବ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରେ ନ ପହଞ୍ଚିବାରୁ ତାଙ୍କ ମା' ସୁପ୍ରିୟା ସାହିପଡ଼ିଶା ଲୋକଙ୍କ ସହାୟତାରେ ବରିକୂଳଠାରୁ ନନ୍ଦିପୁର ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବାକୁ ଲାଗିଲେ। ରାତି ପ୍ରାୟ ୯ଟାରେ ନନ୍ଦିପୁର ଛକଠାରୁ ପ୍ରୀତିପୁର ରାସ୍ତାରେ ବରିକୂଳ ଛକ ପୂର୍ବରୁ ରାସ୍ତାକଡ଼ରେ ଥିବା ନାଳକୂଳ ପୋଖରୀରେ ଏକ କଳାରଙ୍ଗର ସ୍କୁଲ ବ୍ୟାଗ୍ ଭାସୁଥିବା ବରିକୂଳ ଗ୍ରାମର କେତେଜଣ

## ପ୍ରଥମ ପୃଷ୍ଠାରୁ...

ଲୋକ ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ଅନ୍ୟମାନଙ୍କୁ ଅବଗତ କରିବା ସହିତ ପୋଖରୀ ଭିତରକୁ ପଶି ଉକ୍ତ ବ୍ୟାଗ୍‌କୁ ଟାଣିବାରୁ ବ୍ୟାଗ ସହିତ ଛାତ୍ରୀଙ୍କ ମୃତଦେହ ବାହାରିଥିଲା। କାଳେ ସେ ବଞ୍ଚିଥିବେ ସେହି ଆଶଙ୍କାରେ ତାଙ୍କ ପରିବାର ଲୋକେ ଅମ୍ରିତାଙ୍କୁ ରାତିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ରବିବାର ମଙ୍ଗଳପୁର ଥାନାରେ ଅମ୍ରିତାଙ୍କ ଭାଇ ଅମିତ୍ ଚରଣ ଦାସ ହତ୍ୟା ଅଭିଯୋଗ କରିଛନ୍ତି। ତଦନୁଯାୟୀ ଅମ୍ରିତା ସେହି ରାସ୍ତାରେ ଟ୍ୟୁଶନ ଯିବାବେଳେ କିଛିଦିନ ତଳେ କେତେଜଣ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। ଏ ନେଇ ଅମ୍ରିତା ଓ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେମାନେ ଅମ୍ରିତାଙ୍କୁ ଦେଖିନେବେ ବୋଲି ଧମକ ଦେଇଥିଲେ। ତେଣୁ ଉକ୍ତ ଯୁବକମାନେ ସନ୍ଧ୍ୟା ସମୟରେ ଅମ୍ରିତାଙ୍କ ଏକୁଟିଆର ସୁଯୋଗ ନେଇ ହତ୍ୟା କରିଛନ୍ତି ବୋଲି ଅମିତ୍ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ୪୭୭/୨୨ନମ୍ବରରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଘନଶ୍ୟାମ ହାଁସଦା କହିଛନ୍ତି, ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାଶ ହେବ।

## ଦୁର୍ଘଟଣାରେ ସାଇରସ୍ ...

ତଥା ସବୁଠୁ ଯୁବ ଅଧ୍ୟକ୍ଷ। ୨୦୧୬ ଅକ୍ଟୋବରରେ ତାଙ୍କୁ ଏହି ପଦରୁ ହଟାଇ ଦିଆଯାଇଥିଲା। ଟାଟା ସନ୍ସ ବୋର୍ଡରେ ସାଇରସ୍ ତାଙ୍କ ବାପାଙ୍କ ସ୍ଥାନ ନେଇଥିଲେ। ୧୯୯୪ରେ ମାତ୍ର ୨୬ ବର୍ଷ ବୟସରେ ସେ ତାଙ୍କ ପରିବାର ପରିଚାଳିତ ଶାପୁରଜୀ ପାଲୋଞ୍ଜୀ ଗ୍ରୁପ୍‌ର ନିର୍ମାଣ ଓ ଭିତ୍ତିଭୂମି ବ୍ୟବସାୟର ପରିଚାଳନା ନିର୍ଦ୍ଦେଶକ ହୋଇଥିଲେ। ୧୯୬୮ ଜୁଲାଇ ୪ରେ ସାଇରସ୍‌ଙ୍କ ଜନ୍ମ। ତାଙ୍କ ମାଆ ଆୟର୍ଲାଣ୍ଡ ବାସିନ୍ଦା ହୋଇଥିବା କାରଣରୁ ସାଇରସ୍ ଜଣେ ଇରିସ୍ ନାଗରିକ ଥିଲେ। ସେ ଲଣ୍ଡନର ଇମ୍ପେରିଆଲ କଲେଜରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ ସହ ଲଣ୍ଡନ ବିଜନେସ୍ ସ୍କୁଲ୍‌ରୁ ମ୍ୟାନେଜମେଣ୍ଟରେ ଏମ୍‌ଏସ୍‌ସି କରିଥିଲେ। ସେ ଶାପୁରଜୀ ପାଲୋଞ୍ଜି ଗ୍ରୁପ୍‌କୁ ବହୁ ଊର୍ଦ୍ଧ୍ୱକୁ ନେଇଯାଇଥିଲେ, ଯେଉଁଠି ୨୩,୦୦୦ରୁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି। ଭାରତ ସମେତ ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଏହି କମ୍ପାନୀର ଅବସ୍ଥିତି ରହିଛି। ସାଇରସ୍‌ଙ୍କ ଦୁଇ ଭଉଣୀଙ୍କ ମଧ୍ୟରୁ ଆଲୁ ଶିଳ୍ପପତି ରତନ ଟାଟାଙ୍କ ସାବତ ଭାଇ ନୋଏଲ୍ ଟାଟାଙ୍କୁ ବିବାହ କରିଛନ୍ତି।

## ଟୁଇଟରରେ ଷଡ଼ଯନ୍ତ୍ର ...

ବ୍ୟକ୍ତ କରିଛନ୍ତି। ଭାରତରେ ଜନ୍ମିତ ଆୟର୍ଲାଣ୍ଡ ବଂଶୋଦ୍ଭବ ସାଇରସ୍ ମିସ୍ତ୍ରୀଙ୍କୁ ୨୦୧୬ ଅକ୍ଟୋବରରେ ଅପ୍ରତ୍ୟାଶିତ ଭାବେ ଟାଟା ସନ୍ସ ଚେୟାରମ୍ୟାନ୍ ପଦରୁ ହଟାଇ ଦିଆଯାଇଥିଲା। ଟାଟା ବୋର୍ଡର ଏହି ନିଷ୍ପତ୍ତିକୁ ସେ ଅଦାଲତରେ ଚ୍ୟାଲେଞ୍ଜ କରିଥିବାବେଳେ ସୁପ୍ରିମକୋର୍ଟ ତାଙ୍କ ବହିଷ୍କାରକୁ ବଳବତ୍ତର ରଖିଥିଲେ। ରବିବାର ସାଇରସ୍‌ଙ୍କ ମୃତ୍ୟୁ ଖବର ଆସିବା ପରେ ଟୁଇଟରରେ ୟୁଜରମାନେ ପ୍ରତିକ୍ରିୟା ରଖିଛନ୍ତି। ୟୁଜର୍ସଙ୍କ ମଧ୍ୟରୁ ଅନେକେ ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ଉଲ୍ଲେଖ କରିଛନ୍ତି। ସଚିନ ରାମଦାସ ସୂର୍ଯ୍ୟବଂଶୀ ନାମକ ଜଣେ ୟୁଜର ଲେଖିଛନ୍ତି, ସୁପ୍ରିମକୋର୍ଟ ଗତ ମେ' ୧୯ରେ ସାଇରସ୍‌ଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରିଦେଇଥିବାବେଳେ ସେ ଏହାକୁ ପୁନର୍ବାର ଚ୍ୟାଲେଞ୍ଜ କରିବାକୁ ଯାଉଥିଲେ। ତେଣୁ ଏହା ଏକ ଷଡ଼ଯନ୍ତ୍ରଜନିତ ଦୁର୍ଘଟଣା ହୋଇଥାଇପାରେ। ସେହିପରି ଏମ୍.ରାଜ ଟୁଇଟ୍ କରିଛନ୍ତି, ପ୍ରତିଦ୍ୱନ୍ଦ୍ୱୀ, ବିରୋଧୀ ଓ ଶତ୍ରୁ ତଥା ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କୁ ରାସ୍ତାରୁ ହଟାଇବା ପାଇଁ ସଡ଼କ ଦୁର୍ଘଟଣା ହେଉଛି ଏକ ସୁରକ୍ଷିତ ଓ ପୂର୍ବ ପରୀକ୍ଷିତ ଉପାୟ। ପୂର୍ବରୁ ଏପରି ଅନେକ ମାମଲା ଦେଖିଛି ବୋଲି ଏମ୍. ରାଜ ଉଲ୍ଲେଖ କରିଛନ୍ତି। ଆଉ ଜଣେ ୟୁଜର ପଙ୍କଜ ମାରୁ ମଧ୍ୟ ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ବିଗ୍ ବୁଲ୍ ନାମରେ ପରିଚିତ ନିବେଶକ ରାକେଶ ଝୁନ୍‌ଝୁନ୍‌ୱାଲାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଟାଟା ଗ୍ରୁପ୍‌ର ପୂର୍ବତନ ଚେୟାରମ୍ୟାନ୍ ରତନ ଟାଟା ଶୋକ ବ୍ୟକ୍ତ କରିଥିଲେ। କିନ୍ତୁ ସାଇରସ୍ ମିସ୍ତ୍ରୀଙ୍କ ମୃତ୍ୟୁ ପରେ ରତନ ଟାଟା ଶୋକ ପ୍ରକାଶ କରି ନ ଥିବାରୁ ୟୁଜର୍ସ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିନା କାରଣରେ ନିଜ ଲୋକଙ୍କ ପରୋକ୍ଷ ଶତ୍ରୁତା ଦେଖି ବ୍ୟସ୍ତ ହେବେ।

**ବୃଷ**

ଆଜିର କାମଗୁଡ଼ିକ ବନ୍ଧୁଙ୍କ ସାହାଯ୍ୟ,ସହଯୋଗରୁ ସହଜରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାର୍ଯ୍ୟାରମ୍ଭ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ଘରେ ଅଶାନ୍ତି ଲାଗିରହିବ।

**ମିଥୁନ**

ଆଜି ବିଭିନ୍ନ କାମରେ ବ୍ୟସ୍ତ ରହିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣିହୋଇ ପାରନ୍ତି। ସହକର୍ମୀମାନେ ସ୍ୱାର୍ଥସାଧନ ପାଇଁ କୌଶଳ କରିବାକୁ ପଛାଇବେ ନାହିଁ। କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ ।

**କର୍କଟ**

କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। ଶିକ୍ଷା, ପରୀକ୍ଷା, ଲେଖାପଢ଼ା, ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସିରହିବେ ।

**ସିଂହ**

କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାର ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା**

ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସମ୍ଭାବନା ରହିଛି। ସାମାଜିକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମକରିବା ଭଲ ହେବ। ଘର ଲୋକମାନଙ୍କୁ ଉପେକ୍ଷା କରି ପର କଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ ।

**ତୁଳା**

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବା ହେତୁ ମାନସିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା**

ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି ଚଳାଇନେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର,କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି କୌଣସି ସମସ୍ୟାର ସମ୍ମୁଖୀନ ହେବେ।

**ଧନୁ**

ଆଜି ଦୀର୍ଘଦିନରୁ ଅପେକ୍ଷିତ ଜିନିଷ ପାଇ ଖୁସି ହେବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ଭୁଲ୍ ବୁଝାମଣାବଶତଃ ନିଜ ନିଜ ମଧ୍ୟରେ କଳହ ଦେଖାଦେଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର**

କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ରହିବ। ଆପଣ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ରାଜନୈତିକ ସ୍ତରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଆକସ୍ମିକ ଭାବରେ ଦୂର ଯାତ୍ରାର ସୁଯୋଗ ପାଇ ଖୁସି ହେବେ।

**କୁମ୍ଭ**

ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ପଡିରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ**

ଯେତେ ସୁବିଧାରେ ରହିବା ପାଇଁ ଚେଷ୍ଟା କଲେ ମଧ୍ୟ ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୦୧,୩୭,୩୬୧ | ୬୫,୦୩,୩୨୯ | ୫୮,୬୬,୮୯,୫୬୦ |
| ଭାରତ | ୪,୪୪,୫୬,୫୩୫ | ୫,୨୭,୯୯୧ | ୪,୩୮,୭୩,୪୩୦ |
| ଓଡ଼ିଶା | ୧୩,୨୮,୪୬୫ | ୯୧୮୦(+୫୩) | ୧୩,୧୭,୬୮୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସୁଶାସନକୁ ସମ୍ମାନ




ନୂଆଦିଲ୍ଲୀ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ କ୍ୟାପିଟାଲ ଫାଉଣ୍ଡେଶନ ପକ୍ଷରୁ ରବିବାର ଆୟୋଜିତ ସମ୍ମାନ ସମାରୋହରେ 'ଜୀବନବ୍ୟାପୀ ସାଧନା ସମ୍ମାନ' ପାଇଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନା, ଅବସରପ୍ରାପ୍ତ ବିଚାରପତି ଏ.କେ. ପଟ୍ଟନାୟକ, ପୂର୍ବତନ ବିଚାରପତି ଏ.କେ. ସିକ୍ରି ଓ ଅନ୍ୟମାନେ।



ସମ୍ମାନ ସମାରୋହରେ ଓଡ଼ିଶାରୁ ଯୋଗ ଦେଇଥିବା ବିଜେଡି ନେତା, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ମିଳିବା ଅବସରରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।



ସମାରୋହରେ ଯୋଗଦେଇଥିବା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ।

# ଦିଲ୍ଲୀରେ ସମ୍ବର୍ଦ୍ଧିତ କଲେ ପ୍ରବାସୀ ଓଡ଼ିଆ, ଯୁବ ଓ ଛାତ୍ର ନେତା



ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୀବନବ୍ୟାପୀ ସାଧନା ସମ୍ମାନ ଉତ୍ସର୍ଗ କରୁଛନ୍ତି।

- ଦିଲ୍ଲୀରେ ଶକ୍ତି ପ୍ରଦର୍ଶନ କଲେ ବିଜେଡି ନେତା
- ୬ରେ ଫେରିବେ ନବୀନ
- ବିମାନବନ୍ଦରରୁ ନବୀନ ନିବାସ ଯାଏ ହେବ ଶୋଭାଯାତ୍ରା

ଭୁବନେଶ୍ୱର,୪।୯(ବ୍ୟୁରୋ)

ଓଡ଼ିଶାବାସୀଙ୍କ ସେବାରେ ୨୫ ବର୍ଷ ପୂରଣ ଓ ନୂଆଦିଲ୍ଲୀରେ ଜୀବନବ୍ୟାପୀ ସାଧନା ନିମନ୍ତେ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀରେ ବିଜେଡି ଏକ ପ୍ରକାର ଶକ୍ତି ପ୍ରଦର୍ଶନ କରିଛି। ପ୍ରବାସୀ ଓଡ଼ିଆଙ୍କ ସମେତ ଦଳର ଯୁବ ଓ ଛାତ୍ର ନେତାମାନେ ନବୀନ ପଟ୍ଟନାୟକଙ୍କୁ ତାଙ୍କ ଦିଲ୍ଲୀ ସ୍ଥିତ ଘରକୁ ପାଛୋଟି ନେଇଛନ୍ତି। ସେଠାରେ ଏକ ମଞ୍ଚ ଉପରେ ନବୀନ ଦଳୀୟ ନେତାଙ୍କ ସହ ଠିଆ ହୋଇ ସମସ୍ତଙ୍କ ସମ୍ମୁଖରେ ଓଡ଼ିଆଙ୍କୁ ପୁରସ୍କାର ଉତ୍ସର୍ଗୀକୃତ କରିଛନ୍ତି। ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ। ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିମାନବନ୍ଦର ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଦଳର ଯୁବ, ଛାତ୍ର ଓ ମହିଳା ସଙ୍ଗଠନର ହଜାର ହଜାର କର୍ମୀଙ୍କ ସହିତ ଏମ୍‌ପି, ବିଧାୟକ, ମନ୍ତ୍ରୀଙ୍କ ସହ ଦଳୀୟ କର୍ମକର୍ତ୍ତାମାନେ ମଧ୍ୟ ଯୋଗଦେବେ। ସମ୍ବର୍ଦ୍ଧନା ପରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନିଆଯିବ। ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ପ୍ରଦାନ ଉତ୍ସବରେ ଯୋଗ ଦେବା ପାଇଁ ଦଳର ବହୁ କର୍ମୀ, ବିଧାୟକ ଓ ମନ୍ତ୍ରୀ ଗସ୍ତ କରିଛନ୍ତି। ଦଳର ରଜତ ଜୟନ୍ତୀ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଛି। ଦଳ ମଧ୍ୟରେ ଏକ ଉତ୍ସବ ପରିବେଶ ସୃଷ୍ଟି ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ରାଜ୍ୟର କୋଣ ଅନୁକୋଣରୁ ବହୁ କର୍ମୀ ଆସିବା ନେଇ ସୂଚନା ମିଳିଛି।

**ଶୁଭେଚ୍ଛା**

ପବିତ୍ର ଗୁରୁଦିବସ ଏବଂ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ଶୁଭେଚ୍ଛା ଅନୁଷ୍ଠାନର ସର୍ବାଙ୍ଗୀନ ବିକାଶରେ ସହାୟକ ହେଉ । ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଅଧ୍ୟକ୍ଷ, ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ

DSPL-163

**ପବିତ୍ର ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଗୁରୁ ଦିବସ ଅବସରରେ ଆମର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଶିକ୍ଷା ଭିତ୍ତିଭୂମିର ରୂପାନ୍ତରୀକରଣ ଆଜି ସମସ୍ତଙ୍କ ପାଇଁ ବିପୁଳ ସମ୍ଭାବନା ସୃଷ୍ଟି କରିଛି । ଏ ସମ୍ଭାବନାକୁ ସୁଯୋଗରେ ପରିବର୍ତ୍ତନ କରିବା ଦିଗରେ ଶିକ୍ଷକ ଶିକ୍ଷୟତ୍ରୀମାନେ ହିଁ ଫଳପ୍ରଦ ଭୂମିକା ଗ୍ରହଣ କରିପାରିବେ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଠନରେ ସହାୟକ ହୋଇପାରିବ । ଗୁରୁ ଦିବସକୁ ସଂକଳ୍ପର ଦିବସ ଭାବରେ ଗ୍ରହଣ କରି ଶିକ୍ଷକ ଶିକ୍ଷୟତ୍ରୀମାନେ ଏ ଦିଗରେ କାର୍ଯ୍ୟ କରିବେ ବୋଲି ମୁଁ ଆଶା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27068/13/0018/2223

DSPL-163

**ଗୁରୁ ଦିବସ ପାଳନ ଅବସରରେ ବାର୍ତ୍ତା**



ସଚରାଚର ବ୍ରହ୍ମାଣ୍ଡର କୋଣ ଅନୁକୋଣରେ ଥିବା ଦିବ୍ୟ ସତ୍ତାର ପ୍ରତିବିମ୍ବ ପରି ପ୍ରତୀୟମାନ ଏବଂ ମାନବ ଚେତନାରେ ଥିବା ଅଜ୍ଞତାର ଜଡ଼ତାକୁ ଦୂରୀଭୂତ କରିବା ନିମିତ୍ତ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ କରିବା ପ୍ରକ୍ରିୟାରେ ନିଜକୁ ନିୟୋଜିତ କରିଥିବା ସମସ୍ତ ଗୁରୁଜୀ ଏବଂ ଗୁରୁମାମାନଙ୍କୁ ପବିତ୍ର ଗୁରୁଦିବସ ଉପଲକ୍ଷେ ଜଣାଉଅଛି ସାଦର ତଥା ବିନମ୍ର ଅଭିନନ୍ଦନ । ପୂଜ୍ୟ ଗୁରୁଜୀ ଓ ଗୁରୁମାମାନଙ୍କର ନିରହଂକାର, ନିଷ୍ଠାପର ଏବଂ ନିରବଚ୍ଛିନ୍ନ ଉଦ୍ୟମ ଆଗାମୀ ଦିନରେ ବିଶ୍ୱ ଦରବାରରେ ଆଣିଦେବ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପରିଚୟ ।

(ସମୀର ରଞ୍ଜନ ଦାଶ )
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

OIPR-27068/13/0018/2223



ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। **-ଶ୍ରୀଅରବିନ୍ଦ**

# ସାମାଜିକ (ଅ)ସୁରକ୍ଷା

ବ୍ରିଟେନକୁ ପଛରେ ପକାଇ ଭାରତ ୫ମ ବୃହତ୍ ଅର୍ଥନୀତି ହୋଇଥିବା ବିଷୟ ୨ ସେପ୍ଟେମ୍ବରରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ର ସରକାର ଉଲ୍ଲସିତ ହେଲାଭଳି ମନେହେଉଛି। ଦେଶ ପାଇଁ ଏହା ଏକ ଖୁସି ଖବର ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ସେହିଦିନ ଅନ୍ତର୍ଜାତୀୟ ଶ୍ରମିକ ସଙ୍ଗଠନ (ଆଇଏଲ୍‌ଓ) ପକ୍ଷରୁ ସାମାଜିକ ସୁରକ୍ଷା ସଂକ୍ରାନ୍ତ 'ୱାର୍ଲଡ ସୋସିଆଲ୍ ପ୍ରୋଟେକ୍‌ଶନ ରିପୋର୍ଟ ୨୦୨୦-୨୨' ପ୍ରକାଶ ପାଇଛି ଓ ସେଥିରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ ମାତ୍ର ୨୪.୪ ପ୍ରତିଶତ ନାଗରିକଙ୍କ ପାଖରେ ସାମାଜିକ ସୁରକ୍ଷା ରହିଛି। ପଡ଼ୋଶୀ ବାଂଲାଦେଶରେ ୨୮.୪ ପ୍ରତିଶତ ଲୋକ ସୁରକ୍ଷା ପାଉଥିବା ବେଳେ ତାହାଠାରୁ ଭାରତ ପଛରେ ପଡ଼ିଛି। ପ୍ରକାଶିତ ତଥ୍ୟକୁ ଗଭୀର ଭାବେ ଦେଖିଲେ ୭୫.୬ ପ୍ରତିଶତ ଭାରତୀୟ ସାମାଜିକ ସୁରକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ପୁଣି ବିଶ୍ଳେଷଣ କଲେ ଦେଶ ଜନସଂଖ୍ୟାର ତିନି ଚତୁର୍ଥାଂଶରୁ ଅଧିକ ଲୋକ ସୁରକ୍ଷାବଳୟ ବାହାରେ ରହିଛନ୍ତି। ଯଦି କୌଣସି କ୍ଷେତ୍ରରେ ଭାରତ ଆଗକୁ ଯାଉଛି ଓ ତାହାକୁ ସବୁ ମଞ୍ଚରେ ଆଲୋଚନା କରାଯାଉଛି; ସେହି ମାନସିକତାରେ ଦେଖିଲେ ଭାରତ ଯଦି କାହାଠାରୁ ଦୁର୍ବଳ ବୋଲି ଜଣାପଡୁଛି, ସେଭଳି ସ୍ଥଳେ ଅସ୍ୱାଭାବିକ ସ୍ଥିତି ସଂକ୍ରାନ୍ତରେ ମଧ୍ୟ ତର୍ଜମା ହେବା ଆବଶ୍ୟକ। ହେଲେ ସେହି ସ୍ତରକୁ ଭାରତ ଏ ଯାଏ ଉଠିପାରି ନାହିଁ ବୋଲି ପ୍ରଦର୍ଶନ କରାଯାଉଥିବା କାର୍ଯ୍ୟରୁ ବୁଝାପଡ଼ିଯାଉଛି।

ଭାରତ ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା ସର୍ବଦା କହିଚାଲିଛନ୍ତି। ମଧ୍ୟାହ୍ନ ଭୋଜନ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବୀମା ଓ ଲୋକଙ୍କୁ ବିନାମୂଲ୍ୟରେ ଖାଦ୍ୟ ଯୋଗାଣ ପର୍ଯ୍ୟନ୍ତ ଅନେକ ସ୍ୱାଗତଯୋଗ୍ୟ କାର୍ଯ୍ୟକ୍ରମ ବିଷୟରେ ସରକାର ପ୍ରଚାର କରୁଛନ୍ତି। ଏହିଭଳି କାର୍ଯ୍ୟ କରାଉଥିବା ଦେଶକୁ ଜନମଙ୍ଗଳ ରାଷ୍ଟ୍ର (ୱେଲ୍‌ଫେୟାର ଷ୍ଟେଟ୍) ଭାବେ ଗଣାଯାଏ। ରାଜନୀତିରେ ଏପରି କାର୍ଯ୍ୟର ଅନେକ ଗୁରୁତ୍ୱ ରହିଛି ବୋଲି ଓଡ଼ିଶା ସମେତ ଭାରତବର୍ଷ ସାରା, ପ୍ରତ୍ୟେକ ନିର୍ବାଚନ ପୂର୍ବରୁ, ଘୋଷଣା ପରେ ଘୋଷଣା ହେଉଥିବା ପରିଲକ୍ଷିତ ହୋଇଥାଏ। ଏବେକା ସ୍ଥିତିରେ ସେହିସବୁ ଘୋଷଣା କାର୍ଯ୍ୟକାରୀ ମଧ୍ୟ ହେଉଛି, ଯାହାକୁ ସମସ୍ତେ ସକାରାତ୍ମକ ଦୃଷ୍ଟିରେ ଦେଖିବା ଦରକାର। କାରଣ କେବଳ ଧନୀ ବ୍ୟବସାୟୀଙ୍କୁ ଆର୍ଥିକ ସୁବିଧା ଏବଂ ଋଣଛାଡ଼ କରିଦେଲେ ଦେଶ ଆଗେଇପାରିବ ନାହିଁ। ଗରିବଙ୍କୁ ଦିଆଯାଉଥିବା ସୁବିଧାକୁ ଏବେ କେତେକ ଭାରତୀୟ ନକାରାତ୍ମକ ଦୃଷ୍ଟିରେ ଦେଖି କହୁଛନ୍ତି ଯେ, ସେଗୁଡ଼ିକ ରେଭେଡି (ହିନ୍ଦୀରେ) ବା ମାଗଣା ଉପହାର। ଏଠାରେ ମନେରଖିବାକୁ ହେବ ଯେ, ଭାରତରେ ପ୍ରତ୍ୟେକ ନାଗରିକ କରଦାତା। ନିତିଦିନ ଶୁଣିବାକୁ ମିଳେ ଯେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ପୂର୍ବ ମାସଠାରୁ ଅନେକ କୋଟି ଟଙ୍କା ବୃଦ୍ଧି ପାଉଛି। ଏହି ଅର୍ଥସବୁ ନାଗରିକଙ୍କ ମୁଣ୍ଡରୁ ସରକାର ଛଡ଼ାଇ ନେଉଛନ୍ତି। କେବଳ ଆୟକର ପଇଠ କରୁଥିବା ଭାରତୀୟ ନିଜକୁ କରଦାତା ବୋଲି ଭାବିବା ଉଚିତ ନୁହେଁ। ସେଥିପାଇଁ ଗରିବଙ୍କୁ ମିଳୁଥିବା ସୁବିଧା ଏକ ଉନ୍ନତ ଅର୍ଥନୀତିର ସଙ୍କେତ। ତେବେ କେଉଁ ଯୋଜନା ବା କାର୍ଯ୍ୟକ୍ରମ ସାମାଜିକ ନିରାପତ୍ତା ଲାଗି ଉଦ୍ଦିଷ୍ଟ ଓ କେଉଁଗୁଡ଼ିକ ଭୋଟ ହାତେଇବା ଲାଗି ଅଭିପ୍ରେତ ତାହାର ସୂକ୍ଷ୍ମ ତଫାତ୍ ଜାଣିବା ସାଧାରଣରେ କଷ୍ଟକର ହୋଇପଡୁଛି। ଏ ଦିଗରେ ଛାନ୍‌ଭିନ୍ କରିବାର କୌଣସି ଆବଶ୍ୟକତା ନାହିଁ। ଦେଶର ଅର୍ଥ ନାଗରିକ; ପାହାଡ଼, ପର୍ବତ କିମ୍ବା ନଦୀ ନୁହେଁ। ଯଦି ନାଗରିକଙ୍କୁ ସରକାରଙ୍କ ତରଫରୁ ସୁବିଧା ମିଳିପାରିଲା ସେଥିରେ କାହାରିକୁ କଷ୍ଟ ହେବା କଥା ନୁହେଁ। ଯଦି କଷ୍ଟ ହେଉଛି, ତେବେ ସେହି ନାଗରିକ ଲୁକ୍କାୟିତ ଜନବିରୋଧୀ। ସରକାର ସର୍ବଦା ଦାବି କରୁଛନ୍ତି ଯେ, ଦେଶର ହିତାଧିକାରୀଙ୍କ ନିକଟରେ ଯୋଜନାର ସମସ୍ତ ଶ୍ରେୟ ପହଞ୍ଚୁଛି। କଂଗ୍ରେସ ସରକାରଙ୍କ ସମୟ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିଥିବା ବିଷୟକୁ ଏବର ସରକାର ଦୋହରାଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସେତେବେଳେ ରାଜୀବ ଗାନ୍ଧୀ କହିଥିଲେ କେନ୍ଦ୍ରରୁ ମଞ୍ଜୁର ହେଉଥିବା ପ୍ରତି ଏକ ଟଙ୍କା ମଧ୍ୟରୁ ଲୋକଙ୍କ ପାଖରେ ମାତ୍ର ୧୫ ପଇସା ପହଞ୍ଚୁଥିଲା। ଏବେ ସରକାର କହୁଛନ୍ତି ସବୁ ସରକାରୀ ଯୋଜନାର ସୁଫଳ ଶତପ୍ରତିଶତ ଦେଶବାସୀଙ୍କ ନିକଟରେ ପହଞ୍ଚୁଛି। ବର୍ତ୍ତମାନର ସରକାରଙ୍କ ଦାବି ଯଦି ସତ୍ୟ ହୋଇଥାଆନ୍ତା, ତାହା ହେଲେ ଆଜି ୭୫.୬ ପ୍ରତିଶତ ଲୋକ ସାମାଜିକ ସୁରକ୍ଷା ବ୍ରାକେଟ ବାହାରେ ନ ଥାଆନ୍ତେ। ଆଇଏଲ୍‌ଓ ଦ୍ୱାରା ପ୍ରକାଶିତ ରିପୋର୍ଟକୁ ଦେଖିଲେ ପୃଥିବୀର କେତେକ ଦେଶର ଶତପ୍ରତିଶତ ଲୋକ ଅନ୍ତତଃ ଗୋଟିଏ ସାମାଜିକ ସୁରକ୍ଷା ସୁବିଧା ପାଇପାରୁଛନ୍ତି। ଏଭଳି ପ୍ରଚ୍ଛଦପଟରେ ଭାରତ ଦାବି କରିପାରିବ ନାହିଁ ଯେ, ପ୍ରତ୍ୟେକ ନାଗରିକ କୌଣସି ନା କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି।

> **ସରକାରଙ୍କ କେଉଁ ଯୋଜନା ବା କାର୍ଯ୍ୟକ୍ରମ ସାମାଜିକ ନିରାପତ୍ତା ଲାଗି ଉଦ୍ଦିଷ୍ଟ ଓ କେଉଁଗୁଡ଼ିକ ଭୋଟ ହାତେଇବା ଲାଗି ଅଭିପ୍ରେତ ତାହାର ସୂକ୍ଷ୍ମ ତଫାତ୍ ଜାଣିବା ସାଧାରଣରେ କଷ୍ଟକର ହୋଇପଡୁଛି।**

# ଇଏ ବି ଏକ ମନର କଥା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଗତ କେଇ ବର୍ଷ ହେଲା ମାସର ଶେଷ ରବିବାରରେ ଆକାଶବାଣୀରେ ପ୍ରସାରିତ ହେଉଥିବା ଆମ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ବା 'ମନର କଥା'କୁ ମନଯୋଗ ସହକାରେ ଶୁଣି ଆସୁଥିବା ବନ୍ଧୁଙ୍କ କଣ୍ଠରେ ଥିଲା ଏକ ବିଚିତ୍ର କାମନା- "ତାଙ୍କ ମନର କଥା ବର୍ଷ ବର୍ଷ ଧରି ଆମେ ଶୁଣିଆସୁଛୁ। ଆମ ମନର କଥା ସେ ଥରେ ଶୁଣନ୍ତେନି!" ଦେଶର ସଂସ୍କାର ସଂସ୍କୃତି ସହ ଜଡ଼ିତ ବିଭିନ୍ନ ପ୍ରାନ୍ତର ବହୁବିଧ ବିଭବର ଜୟଗାନ କରିବା ମଧ୍ୟରେ ପ୍ରଧାନମନ୍ତ୍ରୀ ଯେ ଏକ ସାଂସ୍କୃତିକ ନବଜାଗରଣ ସୃଷ୍ଟିକରି ଚାଲିଛନ୍ତି ଏହା ଯେ ଲୋକକଲ୍ୟାଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି; ଏ କଥା ବନ୍ଧୁଙ୍କୁ ବୁଝାଇ ଏହା ସହିତ ସାଧାରଣ ଲୋକଙ୍କ ଅଭାବ ଅଭିଯୋଗକୁ ଯୋଡ଼ିବା ଉଚିତ ନୁହେଁ ବୋଲି କହିଥିଲେ ଏହି ଲେଖକ। ମାତ୍ର ବନ୍ଧୁ ପ୍ରତିବାଦ କରି ଉଠିଲେ ଏ କଥା କହି ଯେ ତାଙ୍କ ମନର କଥାଟି ନିଜ ବ୍ୟକ୍ତିଗତ ଅଭାବ ଅଭିଯୋଗର କଥା ନୁହେଁ, ଏହା ମଧ୍ୟରେ ବି ନିହିତ ଅଛି ଲୋକକଲ୍ୟାଣର ଶୁଦ୍ଧ ବିଚାର, ରାଷ୍ଟ୍ରପ୍ରେମର ଉଦ୍ଦାମ ଅଙ୍ଗୀକାର।

ବନ୍ଧୁଙ୍କ ମନର କଥାଟି ଏବେ ସାର୍ବଜନୀନ କରାଯାଉ ଓ ପରଖାଯାଉ ଯେ କଥାଟି ଭିତରେ ଲୋକକଲ୍ୟାଣ ବା ରାଷ୍ଟ୍ରପ୍ରେମ ଭଳି ଶ୍ରୁତିମଧୁର ଶବ୍ଦଗୁଡ଼ିକ ସହ ସଂଯୁକ୍ତ ହେବାର ଯୋଗ୍ୟତା ଅଛି କି ନାହିଁ। କଥା ହେଉଛି ନିକଟରେ ଖବର ପ୍ରକାଶ ପାଇଛି-'ରାଇରଙ୍ଗପୁରରେ ନିର୍ମାଣ ହେବ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସର୍କିଟ ହାଉସ, ଖର୍ଚ୍ଚ ହେବ ପଚାଶ କୋଟି ଟଙ୍କା'। ଏଇ ମାଟିର ଝିଅ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ରହଣି ସାଙ୍ଗକୁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ଏହି ସ୍ୱତନ୍ତ୍ର ସର୍କିଟ ହାଉସର ନିର୍ମାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ପାଞ୍ଚ ଏକର ଜମି ଆବଣ୍ଟନ ସହିତ ନିର୍ମାଣ ପାଇଁ ପ୍ଲାନ ଓ ଅନ୍ୟାନ୍ୟ କାଗଜପତ୍ର କାମ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ପ୍ଲାନ ଅନୁଯାୟୀ ରାଷ୍ଟ୍ରପତିଙ୍କ କକ୍ଷ, ଡ୍ରଇଂରୁମ୍, ସମ୍ମିଳନୀ କକ୍ଷ, ପାର୍କର ବ୍ୟବସ୍ଥା ସହ ତାଙ୍କ ଡ୍ୟୁଟିରେ ଥିବା ସମସ୍ତ କେନ୍ଦ୍ରୀୟ କର୍ମଚାରୀ ଓ ସୁରକ୍ଷା ବାହିନୀଙ୍କ ପାଇଁ ଦୁଇଟି ପାଞ୍ଚ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯିବ। ଏହି ଜରୁରୀ ପ୍ରକଳ୍ପଟିକୁ ନେଇ ପ୍ରକାଶ ପାଇଥିବା ଖବରଟି ପଢ଼ି ସାରିଲା ପରେ ବନ୍ଧୁଙ୍କ ମନରେ ସୃଷ୍ଟି ହୋଇଛି ତାଙ୍କ ମନର କଥା, ଯାହା ଅବ୍ୟକ୍ତ ମନର ବ୍ୟଥା ହୋଇ ପ୍ରକଟିତ ହେବା ପାଇଁ ବାଟଟିଏ ଖୋଜୁଛି।

ବନ୍ଧୁ କହୁଥିଲେ, "ଜଣେ ସାଧାରଣ ରାଜନେତ୍ରୀ ବା ଅତିବେଶିରେ ପ୍ରାକ୍ତନ୍ ବିଧାୟକ, ମନ୍ତ୍ରୀ ବା ରାଜ୍ୟପାଳରୁ ଦେଶର ଶୀର୍ଷତମ ଆସନରେ ବସିବା ପୂର୍ବରୁ ଯେଉଁ ଦୁଇଟି ଦିବ୍ୟଗୁଣ ଯୋଗୁ ଦ୍ରୌପଦୀ ମୁର୍ମୁ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ ବେଶ୍ ଚର୍ଚ୍ଚିତ ଥିଲେ, ତାହା ଥିଲା ତାଙ୍କର ସରଳ ଜୀବନଧାରା ଓ ଅଧ୍ୟାତ୍ମ୍ୟବାଦୀ ବ୍ୟକ୍ତିତ୍ୱ। ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଘୋଷଣା ହେଲା ପରେ ଓଡ଼ିଆ ଅସ୍ମିତାର ମୁଗ୍ଧ ଅନୁଭବ ନେଇ ସବୁ ଓଡ଼ିଆଙ୍କ ମଧ୍ୟରେ ଏକ ଅଫୁରନ୍ତ ଆନନ୍ଦ ଓ ଉଦ୍ଦୀପନାର ଉଦ୍‌ବେଳନ ସିନା ସୃଷ୍ଟି ହୋଇଥିଲା, ମାତ୍ର ଅବଶିଷ୍ଟ ବିଶ୍ୱରେ ଅନ୍ୟ ଯେଉଁ ବାର୍ତ୍ତାଟି ସଞ୍ଚରି ଯାଇଥିଲା, ତାହା ଥିଲା ଭାରତୀୟ ଗଣତନ୍ତ୍ରର ଗୌରବ ଗରିମାର ଏକ ସାଙ୍କେତିକ ଏକକ। ସଭିଏଁ ଏକ ସ୍ୱରରେ ଜୟ ଜୟକାର କରିଥିଲେ ସେହି ବ୍ୟବସ୍ଥାର, ଯେଉଁଠି ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ପରେ ବି ବିଦ୍ୟୁତ୍ ଯାଇ ନ ଥିବା ଗୋଟିଏ ଅନ୍ଧାରି ଇଲାକାରେ ଜନ୍ମ ହୋଇଥିବା ଆଦିବାସୀ ଝିଅଟିଏ ବଡ଼ ହୋଇ ଦେଶର ରାଷ୍ଟ୍ରପତି ହୋଇପାରେ। ନିଜ ମନୋନୟନ ପତ୍ର ଦାଖଲ କରିବାକୁ ଓଡ଼ିଶା ଛାଡ଼ି ଦିଲ୍ଲୀ ଯିବା ପୂର୍ବରୁ ଝାଡୁ ଧରି ମନ୍ଦିର ପ୍ରାଙ୍ଗଣ ଓଳାଇଥିବାର ସେହି ମର୍ମସ୍ପର୍ଶୀ ଦୃଶ୍ୟଟି ଯେଉଁମାନଙ୍କ ଆଖିରେ ପଡ଼ିଥିବ, ସେମାନେ ଜାଣିଥିବେ ସରଳତା ଓ ଅଧ୍ୟାତ୍ମ୍ୟ ଆଦର୍ଶକୁ ପୁଞ୍ଜିକରି ନିଜ ବ୍ୟକ୍ତିତ୍ୱ ଗଠନ କରିବା ଗୋଟିଏ ରାଷ୍ଟ୍ର ପାଇଁ କେତେ ଗୌରବଦାୟୀ। ଅଥଚ ସେ ତାଙ୍କ ରାଇସିନା ହିଲ୍ ରାଷ୍ଟ୍ରପତି ଭବନରୁ କଦବା କେମିତି ନିଜ ଘରକୁ ଆସିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପଚାଶ କୋଟି ଟଙ୍କାର ବିପୁଳ ବ୍ୟୟରେ ସ୍ୱତନ୍ତ୍ର ସର୍କିଟ ହାଉସ ନିର୍ମିତ ହେବା ସରଳ ଜୀବନଚର୍ଯ୍ୟା ଓ ଆଧ୍ୟାତ୍ମିକ ବିଚାରବୋଧ ଭଳି ଜୀବନାଦର୍ଶର ପରିପନ୍ଥୀ ନୁହେଁ କି?"

"ରାଷ୍ଟ୍ରପତିଙ୍କ ପାଞ୍ଚବର୍ଷ କାର୍ଯ୍ୟକାଳ ମଧ୍ୟରେ ନିଜ ବ୍ୟସ୍ତ କାର୍ଯ୍ୟସୂଚୀରୁ ସମୟ ବାହାର କରି ନିଜ ସ୍ୱଧାମ ପରିଦର୍ଶନରେ ଆସିବା ଅତିବେଶିରେ ପାଞ୍ଚଥରରୁ ଅଧିକ ହୁଏତ ସମ୍ଭବ ହୋଇ ନ ପାରେ। ସେଥିପାଇଁ ନିଜ ଘର ଥାଉ ଥାଉ ସେହି ସହରରେ ପଚାଶ କୋଟି ଟଙ୍କା ଖର୍ଚ୍ଚକରି ଆଉ ଏକ ସୌଧ ନିର୍ମାଣ କରିବା ଭଳି ନିଷ୍ପତ୍ତି ଯେ ଖୋଦ୍ ସେ ନିଜେ ନେଇଥିବେ, ଏହା ବିଶ୍ୱାସ କରିବାକୁ କଷ୍ଟ ହେଉଛି। ହୋଇପାରେ ଏମିତି ଏକ ନିଷ୍ପତ୍ତି ସେଇ ଶାସନ ବ୍ୟବସ୍ଥାର, ଯେଉଁମାନେ ବିଶ୍ୱାସ କରନ୍ତି ଯେ ଯିଏ ଯେମିତିକା ଜୀବନ ଜିଇବାରେ ରୁଚି ରଖନ୍ତୁ ନା ନାହିଁ କି, ଥରେ ରାଜା ହୋଇଗଲେ ତାଙ୍କ ପାଇଁ ରାଜକୀୟ ଜୀବନଚର୍ଯ୍ୟା ହିଁ ଲୋଡ଼ା, ତେଣିକି ତାହା ରାଜତନ୍ତ୍ର ହେଉ କି ଲୋକତନ୍ତ୍ର!"

ସମ୍ବିଧାନର ସମ୍ମତି ଥାଉ କି ନ ଥାଉ ଜଣେ ରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳ ସାରି ଅବସର ନେଲା ପରେ ପରମ୍ପରା ଅନୁଯାୟୀ ତାଙ୍କ ପସନ୍ଦର ଘରଟିଏ କେନ୍ଦ୍ର ସରକାର ଯୋଗାଇ ଦେଇଥାନ୍ତି ତାଙ୍କ ଅବଶିଷ୍ଟ ଜୀବନକାଳ ଯାଏ। ତଦନୁଯାୟୀ ମହୋଦୟାଙ୍କ ଅବସର ପରେ ସେ ଯଦି ଅନ୍ୟ କେଉଁଠି ରହିବାକୁ ପସନ୍ଦ କରିବେ ତ ଭିନ୍ନ କଥା, ମାତ୍ର ଯଦି ନିଜ ଭିଟାମାଟିକୁ ଫେରି ଆସିବାକୁ ଚାହିଁବେ, ତେବେ ରାଇରଙ୍ଗପୁରର ନିଜ ଘରେ ନ ରହି ଏହି ନିର୍ମାଣ ପ୍ରକଳ୍ପ ସ୍ୱତନ୍ତ୍ର ସର୍କିଟ ହାଉସକୁ ନିଜ ନିବାସସ୍ଥଳୀ କରିବା ହେବ ଏକ ଦୂରସ୍ଥ ସମ୍ଭାବନା। ସେପରି ସ୍ଥଳେ କ'ଣ ହେବ ଏହି ପଚାଶ କୋଟି ମୂଲ୍ୟ ସୁଦୃଶ୍ୟ ସୌଧର ଭାଗ୍ୟ ଓ ଭବିଷ୍ୟତ? ଏହା ବୋଧହୁଏ ପାଲଟିଯିବ ଏକ ପରିତ୍ୟକ୍ତ ସ୍ମୃତି ସୌଧ ଭଳି ପର୍ଯ୍ୟଟନ କ୍ଷେତ୍ର! ସେତେବେଳେ ଏହାକୁ ଦେଖି ଲୋକେ ଅତୀତର ରୋମନ୍ଥନ କରିବେ। କହିବେ, ଏଇ ମାଟିରେ ଝିଅଟିଏ ଜନ୍ମ ନେଇଥିଲେ ଯେ ସେ 'ମହାମହିମ' ଉପାଧି ଧାରଣ କରିବାର ସମ୍ଭାବନା ପ୍ରକାଶ ପାଇଲା ମାତ୍ରେ ଅନ୍ଧାର ଭିତରେ ବୁଡ଼ି ରହିଥିବା ତାଙ୍କର ସେଇ ଜନ୍ମମାଟିଟି ସହସା ବିଦ୍ୟୁତ୍ ଆଲୋକରେ ଝଲସି ଉଠିଥିଲା। ପୁଣି ତାଙ୍କ ମୁଣ୍ଡରୁ ମୁକୁଟଟି ଚାଲିଗଲା ମାତ୍ରେ ଔଜଲ୍ୟରେ ଝଲସି ଉଠୁଥିବା ପଚାଶକୋଟିର ବିଶାଳ ପ୍ରାସାଦଟି କେମିତି ଅନ୍ଧାରରେ ଅଦୃଶ୍ୟ ହୋଇଯାଇଛି!?

"ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ନେଇ କୌଣସି ମୂଲଚାଲ କରାଯାଇପାରିବ ନାହିଁ। ତେବେ ରାଇରଙ୍ଗପୁର ଆସିବାକୁ ପାଞ୍ଚବର୍ଷରେ ପାଞ୍ଚଟି ଅବସର ମିଳିବା ଦୁରୂହ ଥିବା ବେଳେ ସେଥିପାଇଁ ସେଠାକାର ସଦର ମହକୁମାରେ ଥିବା ସରକାରୀ ଅତିଥି ଭବନକୁ ସ୍ୱତନ୍ତ୍ର ଭାବେ ପୁନଃନିର୍ମିତ କରିବା ଏକ ବିକଳ୍ପ ଭାବେ ଗୃହୀତ ହୋଇପାରନ୍ତା। ମାତ୍ର ତାହା ନ କରି ପଚାଶ କୋଟି ଟଙ୍କା ଖର୍ଚ୍ଚ କରି ଏକ ରାଜଉଆସ ସୁଲଭ ସର୍କିଟ ହାଉସ ଗଢ଼ିବା ଦେଶ ବା ରାଜ୍ୟର ଅର୍ଥନୀତି ଉପରେ ଚାପ ସୃଷ୍ଟି କରୁ କି ନ କରୁ ଗଣତନ୍ତ୍ରରେ ସାମନ୍ତବାଦୀ ସଂସ୍କୃତିର ଆରୋପ ନିଶ୍ଚୟ ଲାଗିବ। ଦେଶର ପ୍ରଥମ ନାଗରିକ ଭାବେ ଶପଥ ନେବା ପରେ ତାଙ୍କ ଆଦ୍ୟ ସମ୍ବୋଧନରେ ପ୍ରତିଧ୍ୱନିତ ହୋଇଥିଲା ପରାର୍ଥପ୍ରାଣତାର ବେଦମନ୍ତ୍ର 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ', ସେଠି ଏହି ସାମନ୍ତବାଦୀ ସଂସ୍କୃତିର ପ୍ରଦର୍ଶନ ଉଭା ହେବ ଏକ ବିରୋଧାଭାସ ଭାବେ। ସମଗ୍ର ବିଶ୍ୱ ଆଗରେ ଯେଉଁ ସରଳତା ଓ ଆଡମ୍ବରଶୂନ୍ୟତା ଏକ ବିରଳ ଦୃଷ୍ଟାନ୍ତ ଭାବେ ଉପସ୍ଥାପିତ ହୋଇଥିଲା, ତାହା ଅପସରି ଯାଇ ପ୍ରତିବଦଳରେ ଏକ ରାଜକୀୟ ବିଳାସର ଛାୟା ପ୍ରତିଭାତ ହେଲେ ବିଶ୍ୱ ଦର୍ପଣରେ ଆମ ଗଣତନ୍ତ୍ରର ଚେହେରା ବିବର୍ଣ୍ଣ ଦିଶିବା ସହିତ ଲୋକଦର୍ପଣରେ ରାମ ଓ ରାବଣଙ୍କ ମୁହଁ ଦେଖିବାକୁ ଏକାପରି ଲାଗିବ!"

ବନ୍ଧୁଙ୍କ ମନର କଥାଟି ଏଇଠି ସରିଥିଲା ସିନା, କିନ୍ତୁ ଶୁଣିଲା ପରେ ଲାଗୁଥିଲା ଏ କ୍ଷୋଭ କେବଳ ଜଣଙ୍କ ମନର କଥା ନୁହେଁ। ବରଂ ଏହା ସବୁ ଜାଣି ମଧ୍ୟ ବ୍ୟବସ୍ଥାଚକ୍ରରେ ବାଧ୍ୟ ବିବଶ ହୋଇ ନୀରବ ରହୁଥିବା ଜନସାଧାରଣଙ୍କ ମନର କଥା, ଯାହା ବ୍ୟବସ୍ଥାର ସଂସ୍ଥାପକଙ୍କ କାନରେ କେବେ ବି ପଡ଼ିବ ନାହିଁ! ପଡ଼ି ପାରିବ ନାହିଁ।

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର**
**ମୋ-୮୮୯୫୬୨୪୧୦୫**

# ଶିଶୁ ସ୍ୱାସ୍ଥ୍ୟରେ ପୁଷ୍ଟିର ସହାୟକତା



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତାଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। କେନ୍ଦ୍ର ସରକାର ୧୯୮୨ରେ ପ୍ରଥମେ ଏହିଭଳି ସପ୍ତାହ ପାଳନ ଆରମ୍ଭ କରିଥିଲେ। ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣଦେଖା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତାନ୍ତ ଅପରିହାର୍ଯ୍ୟ ଏହାକୁ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ଆସନ୍ତାକାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁ ପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟ ପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁ ପାଇଁ ଏହା ଏକପ୍ରକାର ଈଶ୍ୱରପ୍ରଦ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି। କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନ୍‌ଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ। କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନଙ୍କ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପାରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକରତ୍ୱର କ୍ଷତି ହୋଇଥାଏ, ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷାଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାଶିଂମେଶିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନାଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ୍ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତି ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନ୍‌ଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁ ପାଇଁ ଠିକ୍ ଓ ନିର୍ଦ୍ଧାରିତ ସମୟରେ ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେକୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ିକର୍ମୀମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଗୁଣୀ ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରିକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।



**ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ,**
**କଟକ, ମୋ : ୯୪୩୭୧୨୪୦୭୪**

## ଏଇ ଭାରତରେ

ଲୋକଙ୍କ ସେବା ନିକଟରେ ଚାକିରି ମୂଲ୍ୟ କିଛି ନୁହେଁ, ଯାହା ପ୍ରମାଣ କରିଛନ୍ତି ତାମିଲନାଡୁର ନିମଲ ରାଘବନ। ୩୫ ବର୍ଷୀୟ ନିମଲ ଦୁବାଇରେ ସଫ୍ଟୱେର ଡେଭଲପର ଭାବେ କାର୍ଯ୍ୟ କରୁଥିଲେ। ୨୦୧୮ରେ ଗାଜା ବାତ୍ୟା ପରେ ସେ ନିଜଗାଁ ନଦିୟାମକୁ ଫେରି କାବେରି ଡେଲ୍‌ଟାର ଦୁର୍ଦ୍ଦଶା ଦେଖି ଆଉ ଦୁବାଇ ଫେରିବାକୁ ଚାହିଁ ନ ଥିଲେ। ପରେ ଚାକିରି ଛାଡ଼ି ଡେଲ୍‌ଟାର ଗାଁଗୁଡ଼ିକରେ ପରିବର୍ତ୍ତନ ଆଣିବାରେ ଲାଗିଛନ୍ତି। ୩୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ସେ ପେରାଭୁରାନି ହ୍ରଦର ପୁନରୁଦ୍ଧାର କରିଛନ୍ତି, ଯାହାଦ୍ୱାରା ୬,୦୦୦ ଏକର ଜମିରେ ଭଲ ଚାଷ ହୋଇପାରୁଛି। ଏହା ବ୍ୟତୀତ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ୧୧୮ଟି ଜଳାଶୟର ପୁନରୁଦ୍ଧାର କରିସାରିଲେଣି ଓ ଏହା ଦ୍ୱାରା ୪୦ ଲକ୍ଷ ଲୋକ ଉପକୃତ ହୋଇ ପାରିଛନ୍ତି। ଏହାସହ କାବେରି ଡେଲ୍‌ଟାରେ ୨୫,୦୦୦ ଗଛ ଲଗାଇ ସାରିଲେଣି। ପ୍ରଥମରେ ସେ ସୋସିଆଲ ମିଡିଆରେ 'ବାଉନ୍ସ ବ୍ୟାକ ଡେଲ୍‌ଟା' ଅଭିଯାନ ଆରମ୍ଭ କରି ବାତ୍ୟା ପୀଡ଼ିତଙ୍କ ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ପୋଷାକ ଓ ଅର୍ଥ ଆଦି ଯୋଗାଡ଼ କରିଥିଲେ। ସେବେଠାରୁ ତାଙ୍କର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟ ସହ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇ ସେମାନଙ୍କ ସେବା ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ସେପ୍ଟେମ୍ବର ୧୯୯୭**

- ଇଣ୍ଡୋନେସିଆକୁ ସୁଖୋଇ ଯୁଦ୍ଧବିମାନ ସମେତ ଅନ୍ୟାନ୍ୟ ପ୍ରତିରକ୍ଷା ସରଞ୍ଜାମ ବିକ୍ରି ପାଇଁ ରୁଷିଆ-ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ।
- ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ଭାବେ ଜୁଆନ ଆଣ୍ଟୋନିଓ ସାମାରାଞ୍ଚ ୪ର୍ଥ ତଥା ଶେଷଥର ପାଇଁ ପୁନଃ ନିର୍ବାଚିତ।
- ବରିଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ବି.ଆର୍. ଚୋପ୍ରାଙ୍କୁ ଗୌରବାବହ 'ପର୍ଲ' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

କେତେ ରୂପ ରସ ସାଇତି ରଖିଛି ଚିତ୍ତରେ
ଗାଇଦେବା ପାଇଁ ସବୁ କଥା ଦିନେ ଗୀତରେ
ଗାଇଦେବା ପାଇଁ ଜୀବନ ଯାତନା
ଅପାସୋରା ସବୁ ସପନ ରଚନା
ମିଛ ଦୁନିଆରେ କହିବାକୁ ପଦେ ସତରେ
ମୁଦିଦେବା ପାଇଁ ଡୋଳା ଦୁଇ ଶେଷେ ଗୀତରେ।

-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 6 | | | | |
| 4 | 2 | 3 | | | | | | 6 |
| | | | | 3 | | | 2 | |
| 1 | 6 | | 8 | | | | 4 | |
| | | 9 | | | 5 | | | |
| 8 | | | 1 | | | | 3 | |
| | | | 7 | | | | | |
| 3 | 5 | 1 | 2 | | | | 6 | |
| | | 8 | | | | 1 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 9 | 1 | 6 | 8 | 2 | 4 |
| 1 | 2 | 4 | 7 | 8 | 3 | 6 | 5 | 9 |
| 6 | 9 | 8 | 5 | 4 | 2 | 3 | 1 | 7 |
| 2 | 8 | 7 | 3 | 5 | 1 | 9 | 4 | 6 |
| 3 | 6 | 1 | 2 | 9 | 4 | 5 | 7 | 8 |
| 9 | 4 | 5 | 8 | 6 | 7 | 1 | 3 | 2 |
| 7 | 5 | 6 | 1 | 2 | 8 | 4 | 9 | 3 |
| 4 | 1 | 2 | 6 | 3 | 9 | 7 | 8 | 5 |
| 8 | 3 | 9 | 4 | 7 | 5 | 2 | 6 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜନତାଙ୍କ ଅର୍ଥର ଅପବ୍ୟୟ ନ ହେଉ

ମହାଶୟ,

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଆମ ରାଜ୍ୟ ଓ ଦେଶ ଗର୍ବିତ। ତାଙ୍କର ସରଳ ଜୀବନଯାପନ ଓ ଉଚ୍ଚ ଭାବନା ଜାତିରପିତା ମହାତ୍ମା ଗାନ୍ଧୀଙ୍କର ପ୍ରଦର୍ଶିତ ମାର୍ଗ ଅଟେ। ସମ୍ପ୍ରତି ରାଇରଙ୍ଗପୁରଠାରେ ରାଷ୍ଟ୍ରପତିଙ୍କ ସ୍ୱଳ୍ପ ରହଣି ପାଇଁ ୫୦ କୋଟି ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ସର୍କିଟ ହାଉସ୍ ନିର୍ମାଣ କାର୍ଯ୍ୟ ଗ୍ରହଣଯୋଗ୍ୟ ନୁହେଁ। ଆମେ ଯେତେ ଯାହା ସରକାରୀ ଭାବେ ପ୍ରଚାର କଲେ ମଧ୍ୟ ଓଡ଼ିଶା ସରକାରଙ୍କର ଋଣ ଭାର ୭୫ ଲକ୍ଷ କୋଟିରୁ ଢେର ଅଧିକ। ପ୍ରତିବର୍ଷ ଏଥିପାଇଁ ହଜାର ହଜାର କୋଟି ଟଙ୍କା ସୁଧ ଗଣିବାକୁ ପଡୁଛି। ବାର୍ଷିକ ବଜେଟରେ ଏହା ପ୍ରତିଫଳିତ। ଆମ ରାଜ୍ୟର ହଜାର ହଜାର ଶିଶୁ ଅପପୁଷ୍ଟିର ଶିକାର। ଅନେକ ଗରିବ ଲୋକ ଋଣ ସୁଝି ନ ପାରି ଆତ୍ମହତ୍ୟା କରୁଛନ୍ତି। ଆମ ଦେଶ ସ୍ୱାଧୀନ ହେବା ପରେ ଚୀନ୍ ସ୍ୱାଧୀନ ହେଲା। ହେଲେ ଚୀନ୍ ଏବେ ଆର୍ଥିକ, ସାମରିକ ଓ ସ୍ୱାବଲମ୍ବନ କ୍ଷେତ୍ରରେ ବହୁ ଆଗରେ। ପ୍ରକୃତ ବାସ୍ତବତାକୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ। ସରକାର ଆଗାମୀ ପିଢ଼ିଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ବର୍ତ୍ତମାନ ଋଣ କରି ଘିଅ ଖାଇବା ନୀତି ଛାଡ଼ିଲେ ହିଁ ରାଜ୍ୟର ଓ ଦେଶର ମଙ୍ଗଳ ହେବ।

**-ସୁର ରାୟ, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏ ନାବେ ଗୁରୁ କର୍ଣ୍ଣଧାର

ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ଗୁରୁ-ଶିଷ୍ୟ ପରମ୍ପରାରେ ଗୁରୁ କେବଳ ଜଣେ ବ୍ୟକ୍ତି ନୁହନ୍ତି, ସେ ଏକ ଶକ୍ତିର ଉତ୍ସ। ଜୀବନ ଗଢ଼ିବାର ମହାସୂତ୍ର। ସ୍ୱାମୀ ବିବେକାନନ୍ଦଙ୍କ ମତରେ, ଯେଉଁ ଆତ୍ମାରୁ ଶକ୍ତି ସଞ୍ଚରି ଆସେ ସେ ଗୁରୁ। ଯେଉଁଥିରେ ସଞ୍ଚାରିତ ହୁଏ ସେ ଶିଷ୍ୟ। ଗୁରୁଙ୍କ ଆଚରଣରେ ଥାଏ ଅମୃତର ପ୍ରଲେପ। ତାଙ୍କର ପ୍ରତିଟି ଚିନ୍ତା ଓ ଚେତନାରେ ପ୍ରକାଶ ପାଏ ଐଶ୍ୱରିକ ବିଭୂତି। ଜଗତ ଓ ଜୀବନକୁ ଦେଖିବା ପାଇଁ ଚେତନାର ଆଖି ପ୍ରଦାନ କରିବା ସହିତ ସେ ଶିଖେଇ ଦିଅନ୍ତି ଆଲୋକ ପଥର ଯାତ୍ରୀ ହେବାର ମନ୍ତ୍ର। ଶିଷ୍ୟର ମନକୁ ନିୟନ୍ତ୍ରଣ କରି ଚରିତ୍ର ଗଠନ କରିବା କିଛି ସାଧାରଣ କଥା ନୁହେଁ, ଏକ ଆହ୍ୱାନ, ଏକ ନୈତିକ ଦାୟିତ୍ୱ। ଆତ୍ମସଂଯମ ଓ ଆତ୍ମଶୃଙ୍ଖଳା ବଳରେ ଯିଏ ନିଷ୍ଠାର ସହିତ ଏ ଦାୟିତ୍ୱ ସମ୍ପାଦନ କରନ୍ତି, ସେ ହିଁ କେବଳ ଜଣେ ସମର୍ଥ ଗୁରୁ। ସମାଜ ଗଢୁଥିବା ଏଭଳି ଗୁରୁମାନେ ପ୍ରକାରାନ୍ତରେ ଜଣେ ଜଣେ ସମାଜ ସଂସ୍କାରକ। କେବଳ କୌଣସି ଶିକ୍ଷାନୁଷ୍ଠାନର ସୀମିତ ପରିବେଶ ଭିତରେ ନୁହେଁ, ଏମାନେ ସମଗ୍ର ସମାଜ ଜୀବନ ପାଇଁ ଏକ ଏକ ଆଲୋକ ବର୍ତ୍ତିକା। ଆମ ଆଗରେ ଗୌତମ ବୁଦ୍ଧଙ୍କଠାରୁ ଆରମ୍ଭ କରି ରବୀନ୍ଦ୍ରନାଥ ଟାଗୋର ଓ ସନ୍ଥକବି ଭୀମ ଭୋଇ ପ୍ରମୁଖ ଅନେକ ଗୁରୁ ଅଛନ୍ତି, ଯିଏ ଔପଚାରିକତା ରୀତିରେ ଶିକ୍ଷାଲାଭ ନ କରି ସୁଦ୍ଧା ସମଗ୍ର ମାନବ ଜାତି ପାଇଁ ଜାଳିଛନ୍ତି ଜ୍ଞାନର ପ୍ରଦୀପ। ଅର୍ଥାତ୍ ଆମକୁ ସଂସ୍କାର ଦେବା ପାଇଁ ବିଦ୍ୟାଳୟ ବାହାରେ ବି ଅନେକ ଆଦର୍ଶ ଗୁରୁ ଅଛନ୍ତି, ଯାହାର ଉଦାହରଣ ଲମ୍ବିଛି ପୁରାଣ ଯୁଗରୁ ଆଜି ପର୍ଯ୍ୟନ୍ତ।

ଶାସ୍ତ୍ର କହେ ସଂସାର ରୂପକ ଏ ଭବସାଗର ଭିତରେ ଜୀବନ ହେଉଛି ଏକ ଡଙ୍ଗା। ସେ ଡଙ୍ଗାର ନାଉରି ହେଉଛନ୍ତି ଗୁରୁ। ନାଉରି ବିନା ଜୀବନଡଙ୍ଗା କୂଳରେ ପହଞ୍ଚିବ କେମିତି ? ଭାଗବତରେ କୁହାଯାଇଛି-''ସୁଲଭ ନାବ ରୂପେ ଘଟେ, ବନ୍ଧନ ଭବସିନ୍ଧୁ ତଟେ। ଏ ନାବେ ଗୁରୁ କର୍ଣ୍ଣଧାର, ମୁହିଁ ଅନୁକୂଳ ସମୀର। ଏମନ୍ତ ନାବ ଥାଇ କୂଳେ, ଯେବା ନ ତରେ ଭବ ଜଳେ। ସେ ନର ହୀନ ମୂଢ଼ମତି, ଜାଣ ତାହାକୁ ଆତ୍ମଘାତୀ।'' ଅର୍ଥାତ୍ ଜୀବନ ଡଙ୍ଗା ଚଳେଇ ନେବା ପାଇଁ ଗୁରୁଙ୍କ ସହାୟତା ଏକାନ୍ତ ଜରୁରୀ। ସେଥିପାଇଁ ଜଣେ ଆଦର୍ଶ ଗୁରୁ ଖୋଜି ପାଇବା ଭାଗ୍ୟର କଥା। ମାତ୍ର ସ୍ଥଳ ବିଶେଷରେ ଗୁରୁ ଆପଣା ଛାଏଁ ଆସି ଆମ ଜୀବନ ଡଙ୍ଗାକୁ ବାହି ନେବାର ଦୃଷ୍ଟାନ୍ତ ବି ଅନେକ। ଏହା ହିଁ ଭାରତୀୟ ଗୁରୁ ପରମ୍ପରାର ଏକ ବିଶେଷତ୍ୱ। ନିଛାଟିଆ ଜଙ୍ଗଲ ରାସ୍ତାରେ ପଥିକଙ୍କ ଧନ ଲୁଟୁଥିବା ଦସ୍ୟୁ ରତ୍ନାକର ଭିତରେ ସଦ୍‌ବୁଦ୍ଧି ଭରି ଦେବା ପାଇଁ ଆବଶ୍ୟକ ଥିଲା ନୈତିକ ଶିକ୍ଷା। ମାତ୍ର ସେ ଦୁର୍ଗମ ଅରଣ୍ୟ ଅଞ୍ଚଳରେ ରତ୍ନାକରକୁ ନୈତିକ ଶିକ୍ଷା ଦେବ କିଏ ? ପରିସ୍ଥିତିରେ ଏହି ଜଟିଳତାକୁ ଅନୁଭବ କଲେ ମହାନ୍ ଗୁରୁ ଦେବର୍ଷି ନାରଦ। ନିଜେ ସେଠାରେ ପହଞ୍ଚିଗଲେ ଦସ୍ୟୁ ହୃଦୟରୁ ଅଜ୍ଞାନତା ଅନ୍ଧାର ଦୂର କରିବା ପାଇଁ। ଜଣେ ଦିବ୍ୟ ଗୁରୁ ଭାବରେ ପଥଭ୍ରଷ୍ଟକୁ ଦେଖେଇଦେଲେ ଆଲୋକ ଓ ଅମୃତର ପଥ। ଗୁରୁଙ୍କ ଶକ୍ତି ବଳରେ ଦସ୍ୟୁ ଋଷି ବାଲ୍ମୀକିରେ ରୂପାନ୍ତରିତ ହେଲା। ଯିଏ ଦିନେ ରାମ ନାମ ଜପିପାରୁ ନ ଥିଲା, ତାଙ୍କରି ଅମୃତବର୍ଷୀ ଲେଖନୀରୁ ଜନ୍ମନେଲା ଜ୍ଞାନ ବିଜ୍ଞାନର ଅମୂଲ୍ୟ ଗ୍ରନ୍ଥ ରାମାୟଣ।

ଗୌତମ ଋଷିଙ୍କ ପତ୍ନୀ ଅହଲ୍ୟା। ବିଧିର ବିଡ଼ମ୍ବନା ଯୋଗୁ ସ୍ୱାମୀଙ୍କ ଦ୍ୱାରା ଅଭିଶପ୍ତ ହୋଇ ପାଲଟିଗଲେ ପଥର। ଶାପ ମୁକ୍ତି ପାଇଁ ଲୋଡ଼ା ଥିଲା ଜଣେ ସଦ୍‌ଗୁରୁଙ୍କ ସହଯୋଗ। ହେଲେ ପାଷାଣ ଅବସ୍ଥାରେ ଥାଇ ସେ ଗୁରୁଙ୍କ ପାଖରେ ପହଞ୍ଚି ପାରିବେ କେମିତି? ତାଙ୍କର ଏହି ଅସହାୟତାକୁ ଉପଲବ୍ଧି କଲେ ମହାନ୍ ଗୁରୁ ରାଜର୍ଷି ବିଶ୍ୱାମିତ୍ର। ତେଣୁ ଭଗବାନ ରାମଚନ୍ଦ୍ରଙ୍କୁ ସାଥିରେ ନେଇ ସେ ପହଞ୍ଚି ଗଲେ ଅହଲ୍ୟା ଉଦ୍ଧାର ପାଇଁ। ଏହା ହିଁ ତ ଜଣେ ସମର୍ଥ ଗୁରୁଙ୍କ ବଡ଼ପଣ। କେବଳ ପୁରାଣ ଶାସ୍ତ୍ରରେ ନୁହେଁ, ଇତିହାସରେ ବି ଏମିତି କେତେକ ଆଦର୍ଶ ଗୁରୁଙ୍କ ଉଦାହରଣ ଅଛି, ଯେଉଁମାନଙ୍କ ଦିଗ୍‌ଦର୍ଶନ ଯୋଗୁ ଭାଙ୍ଗିଛି ଅନେକ ଐତିହାସିକ ପୁରୁଷଙ୍କ ବୀରତ୍ୱ ଓ ବଦାନ୍ୟତାର ଅହଙ୍କାର।

ଏକଦା ନିଜ ସାମ୍ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିବାରୁ ସେଠାକାର ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଏକ ନୂତନ କିଲ୍ଲା ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ, ଯେଉଁଠି ନିୟୋଜିତ ହେଲେ ସହସ୍ରାଧିକ ଶ୍ରମିକ। ଦିନେ ରାଜା ବୁଲିବୁଲି କାର୍ଯ୍ୟ ତଦାରଖ କରିବା ଅବସରରେ ତାଙ୍କ ମନକୁ ଛୁଇଁଲା ହଜାର ହଜାର ଲୋକଙ୍କୁ ଆହାର ଯୋଗାଉ ଥିବାର ଅହଙ୍କାର। ସଂଯୋଗବଶତଃ ଗୁରୁ ରାମଦାସ ସେଠାରେ ପହଞ୍ଚିଲେ ଏବଂ ଶିବାଜୀଙ୍କ ସହ କଥାବାର୍ତ୍ତା ଭିତରେ ବୁଝିଗଲେ ଶିବାଜୀଙ୍କ ଭାବନା। ତାଙ୍କୁ ଆହୁରି ଖୁସି କରିବା ପାଇଁ ସେ ନିଜେ ବି ପ୍ରଶଂସା କଲେ, ଯେଉଁ ପ୍ରଶଂସା ଶୁଣି ଶିବାଜୀ ନିଜକୁ ଧନ୍ୟ ମଣିଲେ ଏବଂ ଆହୁରି ବଢ଼ିଗଲା ତାଙ୍କ ଅହଙ୍କାରର ମାତ୍ରା। ବୁଲି ବୁଲି କିଲ୍ଲା ଦେଖିବା ଅବସରରେ ବାଟରେ ବଡ଼ ପଥର ଖଣ୍ଡେ ପଡ଼ିଥିବା ଦେଖି ଅଟକି ଗଲେ ଗୁରୁ ରାମଦାସ। ଗୁରୁଙ୍କ ଇସାରା ପାଇବା ମାତ୍ରେ ପଥରଟାକୁ ଉଠାଇ ନେବାକୁ ଶ୍ରମିକମାନଙ୍କୁ ଆଦେଶ ଦେଲେ ରାଜା। ପଥରଟା ହଟେଇଦେବାରୁ ଦେଖାଗଲା ସେ ସ୍ଥାନରେ ଗୋଟେ ଗାତ ରହିଛି ଓ ଗାତ ଭିତରେ ଥିବା ଅଳ୍ପ ପାଣିରେ ବେଙ୍ଗଟିଏ ଚାହିଁଛି ଜୁଳୁଜୁଳୁ କରି। ଗୁରୁ ବଡ଼ ପାଟିରେ କହିଲେ ବାଃ ବାଃରେ ଶିବାଜୀ, ଜଣେ ମହାନ୍ ରାଜା ଭାବରେ ସାମାନ୍ୟ ବେଙ୍ଗଟିଏ ପାଇଁ ବି ତମେ ଯୋଗେଇ ଦେଇପାରିଛ ଖାଦ୍ୟ ଓ ପାନୀୟ। ଗୁରୁଙ୍କର ଏହି ପଦିଏ କଥାରେ ଭାଙ୍ଗି ଚୂରମାର ହୋଇଗଲା ଶିବାଜୀଙ୍କ ଅହଙ୍କାର।

ସ୍ୱାଧୀନତା ପରବର୍ତ୍ତୀ କାଳର କଥା। ଗାଁ ମୁଣ୍ଡରେ ଏକୁଟିଆ ଘର କରି ରହୁଥିଲା କୁଖ୍ୟାତ ଚୋର ପାଣ୍ଡୁ କଅଁର। ମୁହଁ ଟାଣ ସାଙ୍ଗକୁ ହୁରୁମାପଣ। ତେଣୁ ତା' ସାଙ୍ଗରେ କଥା ହେବାକୁ ଚାହାନ୍ତିନି ଲୋକେ। ମଧୁ ଗୋସେଇଁଙ୍କ କଣ୍ଠରୁ 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ଆଦି ଭାଗବତର ପଦ ପଂକ୍ତି ଶୁଣିବା ପାଇଁ ଗାଁ ମଝିରେ ଥିବା ଭାଗବତଟୁଙ୍ଗିରେ ରୁଣ୍ଡ ହୁଅନ୍ତି ଲୋକେ। ହେଲେ କେବେ ବି ସେଠାରେ ପଡ଼େନି ପାଣ୍ଡୁ କଅଁର ଛାଇ। ଏହି କାରଣରୁ ମଧୁ ଗୋସେଇଁଙ୍କ ମନରେ ଭାରି ଅବସୋସ। ମନେ ମନେ ଖୋଜି ହେଉଥାନ୍ତି ତାକୁ ଟୁଙ୍ଗିକୁ ଆଣିବାର ଉପାୟ। ବାଟରେ ଘାଟରେ ଦେଖାହେଲେ ଖୁବ୍ ଧୀର ଭାବରେ ପାଣ୍ଡୁକୁ ତା'ର ଭଲ ମନ୍ଦ କଥା ପଚାରି ବୁଝନ୍ତି ଗୋସେଇଁ। ହେଲେ ସେ ହୁରୁମାଟା ଗୋସେଇଁଙ୍କୁ ତାଚ୍ଛଲ୍ୟ କରିବା ସହିତ ଠାକୁରଙ୍କୁ ଗାଳିଦିଏ ଅଶ୍ରାବ୍ୟ ଭାଷାରେ। ଏମିତି କିଛିଦିନ ଗଲାପରେ ହଠାତ୍ ଦିନେ ପାଣ୍ଡୁ ସହ ଗୋସେଇଁଙ୍କ ଭେଟ ହୋଇଗଲା ଗାଁ ମୁଣ୍ଡ ପୋଖରୀ ପାଖରେ। ଗୋସେଇଁ କିଛି କହିବା ଆଗରୁ 'ତମ ଠାକୁର କେମିତି ଅଛନ୍ତି' ବୋଲି କହି ତାଚ୍ଛଲ୍ୟ ଆରମ୍ଭ କରିଦେଲା ପାଣ୍ଡୁ। ଟିକେ ଚିନ୍ତାକରି ଧୀର ଗଳାରେ ଗୋସେଇଁ କହିଲେ- ଠାକୁରଙ୍କର ଏବେ ବାଲ୍ୟଲୀଳା ଚାଲିଛି। ଗୋପ ଗାଁ ଏବେ ଚଳଚଞ୍ଚଳ ହୋଇଉଠିଛି ଠାକୁରଙ୍କ ଚୋରି ଧରିବା ପାଇଁ। ହେଲେ ଠାକୁରଙ୍କୁ ଚୋର ସାବ୍ୟସ୍ତ କରିବା କ'ଣ ସହଜ ? ସେ କେଉଁ ଛଟକରେ କାହା ଘରେ ଦହି ଖାଇଲେଣି ତ ଆଉ କାହାଘରେ ଖାଇଗଲେଣି ଲହୁଣି। ଯମୁନାଘାଟରୁ ବସ୍ତ୍ର ଚୋରି କରି ସେ କ'ଣ କମ୍ ହଟହଟା କଲେଣି ଗୋପୀମାନଙ୍କୁ! ଠାକୁର କ୍ଷୀର, ଦହି, ଲହୁଣି ଚୋରି କରି ଖାଉଛନ୍ତି- କଥାଟା କାହିଁକି ସହଜରେ ବିଶ୍ୱାସ କରିପାରିଲାନି ପାଣ୍ଡୁ। ରାଗରେ ଥମ ଥମ ହୋଇ କହିଲା- ମୋତେ ତମେ ଥଟ୍ଟା କରୁଛ ଗୋସେଇଁ। ଏଥର ମନରେ ସାହସ ବାନ୍ଧି ଗୋସେଇଁ କହିଲେ, ତୁ ବିଶ୍ୱାସ କର କି ନ କର ପାଣ୍ଡୁ, ମୋ କଥାରେ ଟିକେ ବି ମିଛ ନାହିଁ। ଜଗନ୍ନାଥଯେ ଷୋଳ କଳା, ତହୁଁ କଳାଏ ନନ୍ଦବଳା। ଭାଗବତଟୁଙ୍ଗିକୁ ଗଲେ ସିନା ଜାଣନ୍ତୁ ଠାକୁରଙ୍କ ଚୋରି ପଛର ରହସ୍ୟ।

ଗୋସେଇଁଙ୍କ କଥା ଶୁଣି ଦିନେ କୌତୂହଳବଶତଃ ପହଞ୍ଚିଗଲା ଭାଗବତଟୁଙ୍ଗିରେ। ପାଣ୍ଡୁକୁ ଦେଖି ଗାଁ ଲୋକେ ସିନା ନାକ ଟେକିଲେ, କିନ୍ତୁ ଗୋସେଇଁ ଅନୁଭବ କଲେ ଗୋଟେ ଗଡ଼ ଜିଣିବାର ଖୁସି। ଟୁଙ୍ଗିରେ ସେଦିନ ପଢ଼ାଗଲା ଦଶମ ସ୍କନ୍ଧ ବାଲ୍ୟଲୀଳା ପ୍ରସଙ୍ଗ। ଏତେ ସରଳ ଓ ସୁନ୍ଦର ଭାବରେ ଗୋସେଇଁ ବର୍ଣ୍ଣନା କଲେ ଯେ ପାଣ୍ଡୁ ଭିତରେ ଆପେ ଆପେ ସୃଷ୍ଟି ହେଲା ଏକ ଅପୂର୍ବ ଶିହରଣ। ତା' ପରଠାରୁ ଭାଗବତଟୁଙ୍ଗି ସହ ଗଢ଼ି ଉଠିଲା ତା'ର ଏକ ନିବିଡ଼ ଆତ୍ମୀୟତା। ପ୍ରତିଦିନ ଟୁଙ୍ଗିରେ ବସି ଭାଗବତ କଥାରେ ସେ ଯେତିକି ତନ୍ମୟ ହେଲା ତା' ଭିତରେ ସେତିକି ପ୍ରକାଶ ପାଇଲା ସମାଜର ମୁଖ୍ୟ ସ୍ରୋତକୁ ଫେରିବାର ଆଗ୍ରହ। ଏଥିରୁ ବୁଝିବାକୁ ହେବ ଯେ ବିଦ୍ୟାଳୟ ବାହାରେ ବି ମଧୁ ଗୋସେଇଁଙ୍କ ପରି ଅନେକ ମହାନ୍ ଗୁରୁ ଅଛନ୍ତି, ଯେଉଁମାନଙ୍କୁ ଜଣାଅଛି ଜୀବନ ଗଢ଼ିବାର ମହାସୂତ୍ର।

-ବିଜୁ ପଟ୍ଟନାୟକ ନଗର, ଭଦ୍ରକ , ମୋ: ୬୩୭୧୬୪୨୪୬୪




# ଗୁରୁ-ଶିଷ୍ୟ ସମ୍ପର୍କ ସବୁବେଳେ ଅତୁଟ

ଗୁରୁ ହେଉଛନ୍ତି ପ୍ରାତଃ ସ୍ମରଣୀୟ, ଯାହାଙ୍କ ଆଶୀର୍ବାଦ ଓ ପ୍ରଚେଷ୍ଟାରେ ଜୀବନର ଅନ୍ଧାର ଅପସରି ଯାଇ ଜ୍ଞାନର ଆଲୋକ ଉଦ୍ଭାସିତ ହୁଏ। ଜୀବନରେ ଭଲ ମନ୍ଦ, ପାପ ପୁଣ୍ୟର ତଫାତ୍ ଗୁରୁ ଶିଖାଇଥାନ୍ତି। ଶିଷ୍ୟର ଉନ୍ନତି, ସଫଳତା ପାଇଁ ପ୍ରାଣପଣେ ଚେଷ୍ଟା କରନ୍ତି। ସେଥିପାଇଁ ଜୀବନରେ ଗୁରୁଙ୍କ ସ୍ଥାନ ସର୍ବଦା ଉପରେ ରହିଆସିଛି। ଗୁରୁ ଶିଷ୍ୟ ପରମ୍ପରାରେ କିଛିଟା ପରିବର୍ତ୍ତନ ଭିତରେ କେବଳ ଏବେ ନୁହେଁ, ସବୁବେଳେ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ସେହି ଅତୁଟ ସମ୍ପର୍କ ଅକ୍ଷୁଣ୍ଣ ହୋଇ ରହିଛି। ଗୁରୁ ଦିବସ ଅବସରରେ ଗୁରୁଙ୍କୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

## ଶିଷ୍ୟଙ୍କ ମନରେ ରହିବା ଗୁରୁଙ୍କ ପ୍ରକୃତ ପାଉଣା



ପୂର୍ବର ଗୁରୁଶିଷ୍ୟ ସମ୍ପର୍କ ଏବେ ବି ରହିଛି। ତେବେ ଆଜିର ଦିନରେ ଶିକ୍ଷକଙ୍କୁ ପାଠପଢ଼ା ସହିତ ପିଲାର ମନସ୍ତାତ୍ତ୍ୱିକ ବିକାଶକୁ ବିଚାର କରିବାକୁ ପଡିବ। ଯଦି ଶିକ୍ଷକ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଚେଷ୍ଟା କରିବେ, ତେବେ ସେ ପିଲା ନିଶ୍ଚିତ ଭାବେ ତାଙ୍କୁ ସବୁ କ୍ଷେତ୍ରରେ ମନେପକାଇବ। ମୋର ବହୁତ ଛାତ୍ରୀଛାତ୍ର ବାହାରେ ରହୁଛନ୍ତି, ଚାକିରି କରୁଛନ୍ତି। ସେମାନେ ନିଜ ଖୁସିକୁ ମୋ ସହିତ ବାଣ୍ଟୁଛନ୍ତି। ସେମାନଙ୍କ ମନରେ ମୁଁ ରହି ପାରିଛି, ଏହାହିଁ ମୋର ପାଉଣା।

- ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଉତ୍କଳ ବିଶ୍ୱବିଦ୍ୟାଳୟ

## ଗୁରୁ ହେଉଛନ୍ତି ମା'ବାପାଙ୍କ ସମିଶ୍ରଣ



ଗୁରୁ ହେଉଛନ୍ତି ମା' ଓ ବାପାଙ୍କ ସମିଶ୍ରଣ। ଆମ ସମୟରେ ଆମେ ଗୁରୁଙ୍କୁ ଏହିଭଳି ଭାବେ ଦେଖୁଥିଲୁ। ରେଭେନ୍‌ଶା କଲିଜିଏଟ ସ୍କୁଲରେ ପଢ଼ିବାବେଳେ ମୋଟ ଟ୍ୟୁଶନ ହେବା ସମ୍ଭବ ନ ଥିଲା। ପ୍ରଧାନ ଶିକ୍ଷକ ନନ୍ଦ କିଶୋର ରଥ ମୋତେ ସ୍କୁଲ ଛୁଟି ପରେ ଗଣିତ ଓ ବିଜ୍ଞାନ ପଢ଼ାନ୍ତି। ତାଙ୍କର ଅବଦାନ ମୁଁ କେବେ ବି ଭୁଲିପାରିବିନି। କିନ୍ତୁ ଆମ ଦେଶରେ ଶିକ୍ଷକଙ୍କୁ ସମ୍ମାନ ମିଳେନାହିଁ। ତେଣୁ ଆଜିର ଯୁବପିଢ଼ି ନିଜ ଶିକ୍ଷକଙ୍କୁ ସମ୍ମାନ ଦିଅନ୍ତୁ, ତାଙ୍କ ପାଖରୁ ବହୁତ କିଛି ଶିକ୍ଷା କରନ୍ତୁ।

- ପ୍ରଫେସର ଅଶୋକ ଦାସ, ପୂର୍ବତନ କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

## ଶିକ୍ଷକମାନେ ମଣିଷ ଗଢ଼ିବାକୁ ସଂକଳ୍ପ ନିଅନ୍ତୁ



ଆଦ୍ୟଗୁରୁ ଭାବେ ମା' ଓ ବାପାଙ୍କୁ ଶ୍ରେୟ ଦେବି। ମୁଁ ପ୍ରାଥମିକ ସ୍କୁଲରେ ପଢୁଥିବାବେଳେ ପ୍ରଧାନଶିକ୍ଷକ ଥିବା ବାପାଙ୍କଠାରୁ ବହୁତ କିଛି ଶିଖିଛି। ମୁଁ ଶିକ୍ଷକତା କରିବାବେଳେ ବାପା କହିଥିଲେ, ଯଦି ଶିକ୍ଷକତା କରିବ, ମୁଣ୍ଡ ଓ ତୁଣ୍ଡକୁ ଧାର ଦେଇ ରଖିଥିବ। ଅର୍ଥ ହେଲା, ଜ୍ଞାନରେ ମୁଣ୍ଡକୁ ଭର୍ତ୍ତି କରିଥିବ ଏବଂ ତୁଣ୍ଡରେ ସବୁବେଳେ ଶିକ୍ଷଣୀୟ କଥା କହୁଥିବ। ବାଣୀବିହାରରେ ପଢୁଥିବାବେଳେ ପ୍ରଫେସର ଅଭୟ କୁମାରଙ୍କଠାରୁ ବହୁତ କିଛି ଶିଖିଥିଲି। ବର୍ତ୍ତମାନର ଶିକ୍ଷକ ନିଜକୁ ଚାକିରିଆ ନ ଭାବି ମଣିଷ ଗଢ଼ିବାକୁ ସଂକଳ୍ପ ନିଅନ୍ତୁ। ତାଙ୍କ ଆଦର୍ଶରେ ଭଲ ମଣିଷ ସୃଷ୍ଟି ହେବେ।

- ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳପତି, ଫକୀର ମୋହନ ବିଶ୍ୱବିଦ୍ୟାଳୟ

## ଭାରତୀୟ ପରମ୍ପରାରେ ଗୁରୁ ଦିବସର ମହତ୍ତ୍ୱ ରହିଛି



ଭାରତୀୟ ପରମ୍ପରାରେ ଗୁରୁ ଦିବସର ମହତ୍ତ୍ୱ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଗୌରବମୟ ଐତିହ୍ୟ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ। ବର୍ତ୍ତମାନ ଛାତ୍ରବତ୍ସଳ ଗୁରୁ ଓ ଗୁରୁଙ୍କୁ ଭକ୍ତି କରି ବିଦ୍ୟା ପାଇବାର ମନୋବୃତ୍ତି ଧିରେ ଧୀରେ ଧିଥିଳ ହୋଇ ଯାଉଛି। ସମଗ୍ର ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ଏବେ ଗୌଣ ମନେ ହେଉଛି। ତେଣୁ ସାମାଜିକ ପରିବର୍ତ୍ତନରେ ଗୁରୁମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଅନ୍ତୁ।

- ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ















# ଦ୍ରୁତତମ ଓ ପଞ୍ଚମ ବୃହତ୍ତମ: ନିରନ୍ତର ପ୍ରଗତି ପଥେ ଭାରତୀୟ ଅର୍ଥବ୍ୟବସ୍ଥା



ଅନୁରାଗ ସିଂ ଠାକୁର

ହୁଏତ ଏହା ସଂଯୋଗବଶତଃ ହୋଇ ଥାଇପାରେ, କିନ୍ତୁ ବ୍ରିଟିଶ ସାମ୍ରାଜ୍ୟ ଠାରୁ ସ୍ୱାଧୀନତା ପାଇବାର ୭୫ତମ ବର୍ଷରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିଶ୍ଚିତ ଭାବେ ପରମ ସନ୍ତୋଷର ବିଷୟ। ଏହି ଉପଲବ୍ଧି ଏପରି ଏକ ସମୟରେ ଆସିଛି ଯେତେବେଳେ ବ୍ରିଟେନ ନିଜ ଆର୍ଥିକ ଅଧୋଗତି ଏବଂ ବର୍ଦ୍ଧିତ ମୁଦ୍ରାସ୍ଫୀତିର ମୁକାବିଲା କରିବା ଲାଗି ସଂଘର୍ଷ କରୁଛି। ବ୍ରିଟେନ୍, ୟୁରୋପ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଜନସାଧାରଣଙ୍କ ଜୀବନଧାରଣ କଳ୍ପନାତୀତ ଭାବେ ଅତ୍ୟନ୍ତ ମହଙ୍ଗା ହୋଇପଡ଼ିଛି। ଯେଉଁ ତଥାକଥିତ ଅର୍ଥ ବିଶାରଦମାନେ ଲଗାତର ଭାରତୀୟ ଅର୍ଥବ୍ୟବସ୍ଥାକୁ ସମାଲୋଚନା କରିଆସୁଥିଲେ ସେମାନେ ବ୍ରିଟେନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସଙ୍କଟକୁ ଆକଳନ କରିବାରେ ବିଫଳ ହୋଇଥିବା କାରଣରୁ ହତପ୍ରଭ ହୋଇ ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ଉକ୍ତି ବାସ୍ତବରେ ପ୍ରଣିଧାନଯୋଗ୍ୟ– ‘‘ସେମାନଙ୍କ ପାଇଁ ପ୍ରାଚୁର୍ଯ୍ୟର ଦିନ ପ୍ରକୃତରେ ଶେଷ ହୋଇଯାଇଛି। ଆଉ ଏହି ସମୟ ହୁଏତ ଆମ ପାଇଁ ଆରମ୍ଭ ହେଉଛି।’’

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବାର ଖବର ପ୍ରଥମେ ବ୍ଲୁମ୍‌ବର୍ଗରେ ପ୍ରକାଶ ପାଇଥିଲା। ଏହି ଖବରକୁ ଏକ ଔପନିବେଶିକ ରଙ୍ଗ ଦେଇ ବ୍ଲୁମବର୍ଗ ଲେଖିଥିଲା ଯେ, ଏକ ସାମ୍ରାଜ୍ୟବାଦୀକୁ ଏହାର ପୂର୍ବତନ ସାମ୍ରାଜ୍ୟ ପଛରେ ପକାଇ ଦେଇଛି। ବହୁପୂର୍ବରୁ ସମ୍ରାଟଙ୍କଠାରୁ ସାମ୍ରାଜ୍ୟ ଓ ବୈଭବ, ଉଭୟ ହାତଛଡ଼ା ହୋଇଯାଇଥିଲା। କାଳକ୍ରମେ ଗ୍ରେଟ୍ ବ୍ରିଟେନ ସଙ୍କୁଚିତ ହୋଇ ଏକ ଛୋଟ ଇଂଲଣ୍ଡରେ ପରିଣତ ହୋଇଥିଲା; କିନ୍ତୁ ଏହାର ଅର୍ଥବ୍ୟବସ୍ଥା ସୁଦୃଢ଼ ରହିଥିଲା ଏବଂ ୟୁକେ (ୟୁନାଇଟେଡ କିଙ୍ଗଡମ୍) ବିଶ୍ୱର ଶୀର୍ଷ ପାଞ୍ଚଟି ଅର୍ଥବ୍ୟବସ୍ଥା ତାଲିକାରେ ନିଜର ସ୍ଥାନ ବଜାୟ ରଖିପାରିଥିଲା। ଏହା ନିଃସନ୍ଦେହ ଯେ ବ୍ଲୁମବର୍ଗର ରିପୋର୍ଟରେ ଔପନିବେଶିକ ସନ୍ଦର୍ଭ ଉଲ୍ଲେଖ କରାଯିବା ଆପତ୍ତିଜନକ। ତା’ଛଡ଼ା ୧୯୪୭ରେ ବ୍ରିଟିଶ ଶାସକମାନେ ଅସହାୟ, କ୍ଷତାକ୍ତ ଓ ଲହୁଲୁହାଣ କରି ଛାଡ଼ି ଚାଲି ଯାଇଥିବା ଏକ ରାଷ୍ଟ୍ର କ୍ରମାଗତ ଉନ୍ନତି କରିବା ସହିତ ଆର୍ଥିକ ସମୃଦ୍ଧି ଓ ଶକ୍ତି ହାସଲ କରିବାର ଦିଗକୁ ଏଥିରେ ଅଣଦେଖା କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତକୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରିବା ଏବଂ ଏ ଦେଶରୁ ବ୍ରିଟେନକୁ ସମ୍ପତ୍ତି ବୋହିନେବା ଲାଗି ବ୍ରିଟିଶରମାନେ ଭାରତରେ ସାମ୍ରାଜ୍ୟବାଦ ସ୍ଥାପନ କରିଥିଲେ। ୧୭୦୦ ଖ୍ରୀଷ୍ଟାବ୍ଦରେ ବିଶ୍ୱ ଜିଡିପିରେ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ଥିଲା ୨୪.୪ ପ୍ରତିଶତ; କିନ୍ତୁ ୭୫ ବର୍ଷ ପୂର୍ବେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ, ବ୍ରିଟିଶ ସାମ୍ରାଜ୍ୟର ପତାକା ବଦଳରେ ତ୍ରିରଙ୍ଗା ପତାକା ସ୍ଥାନ ପାଇବା ବେଳକୁ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ମାତ୍ର ୩ ପ୍ରତିଶତକୁ ଖସି ଆସିଥିଲା। ବ୍ରିଟେନ ସମୃଦ୍ଧି ହାସଲ କରିଥିବା ବେଳେ ଭାରତ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିଲା। ବିଗତ ଆଠ ବର୍ଷ ମଧ୍ୟରେ ଭାରତର ଅଭୂତପୂର୍ବ ଉଦୟକୁ ବୁଝିବା ଲାଗି ଏସବୁ ତଥ୍ୟର ବିଶ୍ଳେଷଣ କରିବା ଜରୁରୀ, କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥବ୍ୟବସ୍ଥାକୁ ଶୀର୍ଷକୁ ନେବା ଲାଗି ପ୍ରମୁଖ ନୀତିଗତ ପରିବର୍ତ୍ତନ ଆଣିଛନ୍ତି। ବିଗତ ଦଶନ୍ଧିରେ ହୋଇଥିବା ତ୍ରୁଟିକୁ ସେ ସୁଧାରିବାକୁ ପ୍ରୟାସ କରିଛନ୍ତି। ଏହାର ବିପରୀତ ପୂର୍ବ ସରକାରମାନେ କେବଳ ସୋଭିଏତ୍ ଯୁଗ ଶୈଳୀରେ ରାଷ୍ଟ୍ର ଉପରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଭାରତୀୟ ଉଦ୍ୟୋଗ ଜଗତର କ୍ଷମତାକୁ ନ୍ୟୂନ କରି ଆକଳନ କରିଥିଲେ ଏବଂ ପ୍ରତିବନ୍ଧକ ମାଧ୍ୟମରେ ଆକାଂକ୍ଷାକୁ ଅଣଦେଖା କରିଥିଲେ।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଅତୀତକୁ ସମାଧି ଦେଇ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନୂତନ ଆରମ୍ଭ କରିଥିଲେ, ଯାହାକି ଅଧିକାଂଶ ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା, ସେମାନଙ୍କର ସମ୍ଭାବନାକୁ ଉଜାଗର କରିବା ଏବଂ ଏହି ମହାନ ରାଷ୍ଟ୍ରକୁ ପ୍ରଗତି ପଥକୁ ଆଣିବା ଲାଗି ଉଦ୍ଦିଷ୍ଟ ଥିଲା। ସମୃଦ୍ଧ ଓ ସଶକ୍ତ ଭାରତର ଅନ୍ତିମ ପଂକ୍ତିରେ ଛିଡ଼ା ହୋଇଥିବା ଅନ୍ତିମ ବ୍ୟକ୍ତିକୁ ସୁବିଧା ପ୍ରଦାନ କରାଯିବା ସୁନିଶ୍ଚିତ କରାଗଲା। ପ୍ରଧାନମନ୍ତ୍ରୀ ମୋଦି ଆଣିଥିବା ସ୍ଥିର ପରିବର୍ତ୍ତନର ପ୍ରଭାବ ଏହି ଆଠ ବର୍ଷ ମଧ୍ୟରେ ଦେଖିବାକୁ ମିଳିଛି। ଭାରତର କାହାଣୀ ସାରା ବିଶ୍ୱରେ ସବୁଠୁ ପ୍ରାସଙ୍ଗିକ ପାଲଟିଛି। ପରିସଂଖ୍ୟାନରୁ କେବଳ ଆଂଶିକ ତଥ୍ୟ ମିଳିଥାଏ। ୨୦୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପିର ସାଙ୍କେତିକ ଅଭିବୃଦ୍ଧି ସ୍ତର ୧୩.୫ ପ୍ରତିଶତ ହେବା କ୍ଷେତ୍ରରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ବୋଲି କୁହାଯାଉଛି। କ୍ରୟ ଶକ୍ତି ଆଧାରରେ ଆକଳନ କଲେ, ଆମେରିକା ଓ ଚୀନ ପରେ ଭାରତର ଜିଡିପି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ମାନ୍ୟତା ପାଇବ। ବର୍ତ୍ତମାନ ଉପଲବ୍ଧ ସବୁ ସଙ୍କେତ ଓ ଆକଳନରୁ ସୂଚନା ମିଳୁଛି ଯେ, ଅନ୍ୟ ସବୁ ରାଷ୍ଟ୍ରର ଜିଡିପି ସ୍ଥିର କିମ୍ବା ନିମ୍ନଗାମୀ ଥିବା ବେଳେ ଭାରତର ଅର୍ଥବ୍ୟବସ୍ଥା କ୍ରମାଗତ ଭାବେ ପ୍ରଗତି ହାସଲ କରୁଛି। ଏହାର ଅର୍ଥ ହେଉଛି ଭାରତ କ୍ରମାଗତ ଭାବେ ଅଗ୍ରଣୀ ସ୍ଥାନ ବଜାୟ ରଖିବା ସହିତ ଦ୍ରୁତ ଗତିରେ ବର୍ତ୍ତମାନର ଶୂନ୍ୟସ୍ଥାନଗୁଡ଼ିକ ଦୂର କରୁଛି।

ଲଗାତର ଦୁଇ ବର୍ଷ ଧରି କୋଭିଡ–୧୯ ମହାମାରୀ ଭାରତ ସମେତ ସାରା ବିଶ୍ୱର ଅର୍ଥବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ହେଲେ ପ୍ରତିକୂଳ ପରିସ୍ଥିତିର ଏହି ବର୍ଷଗୁଡ଼ିକୁ ପ୍ରଧାନମନ୍ତ୍ରୀ ଅବସରରେ ପରିଣତ କରିଥିଲେ। ତାଙ୍କର ଦୂରଦୃଷ୍ଟି କାରଣରୁ ଭାରତ ଅନ୍ୟମାନଙ୍କ ଭଳି ସମ୍ପତ୍ତି ଓ ସମ୍ବଳ ବରବାଦ କରିବାର ରାସ୍ତାରେ ଯାଇନଥିଲା। ଏହା ପରିବର୍ତ୍ତେ ସେ ଏକ ସତର୍କ ଏବଂ ବିବେକପୂର୍ଣ୍ଣ ଦୃଷ୍ଟିକୋଣ ଆପଣାଇଥିଲେ, ନିଯୁକ୍ତି ଆଧାରିତ ଭିତ୍ତିଭୂମି ଉପରେ ବ୍ୟୟ କରିବା ନେଇ ଗୁରୁତ୍ୱ ଦେଇଥିଲେ ଏବଂ ପୁନଃସୁଧାର ପାଇଁ ସେ ଉଦ୍ୟୋଗ ଜଗତ ଲାଗି ଆର୍ଥିକ ପ୍ରୋତ୍ସାହନ ଆଧାରିତ ଯୋଜନା କାର୍ଯ୍ୟକାରୀ କରିଥିଲେ। ୨ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାର ସୁଫଳ ଏବେ ମିଳିବା ଆରମ୍ଭ କରିଛି। ଏସବୁ ପଦକ୍ଷେପ ସହିତ ପ୍ରଧାନମନ୍ତ୍ରୀ ମୋଦି ବ୍ୟବସାୟିକ ସୁଗମତାରେ ବ୍ୟାପକ ସୁଧାର ସୁନିଶ୍ଚିତ କରିଛନ୍ତି। ନୀତିଗତ ସ୍ଥିରତା, ଶ୍ରମ ଆଇନରେ ସଂସ୍କାର ଭଳି ପଦକ୍ଷେପ ସହିତ ବିଶ୍ୱର ସବୁଠୁ ଲୋକପ୍ରିୟ ଓ ବୃହତ୍ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି। ଭାରତର ପ୍ରଯୁକ୍ତି ଭଣ୍ଡାରକୁ ସୁବିନିଯୋଗ କରିବା ସହିତ ଷ୍ଟାର୍ଟଅପ ଓ ୟୁନିକର୍ଣ୍ଣଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି। ବିଶ୍ୱ ନିବେଶକ ଓ ଉଦ୍ୟୋଗ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଛନ୍ତି। ଲକଡାଉନ ସମୟରେ ପ୍ରଭାବିତ ହୋଇଥିବା ଅର୍ଥବ୍ୟବସ୍ଥାକୁ ସୁଧାର ମାର୍ଗକୁ ଫେରାଇ ଆଣିବା ଏବଂ ଜିଡିପିରେ ଉନ୍ନତି ଆଣିବା ଉପରେ ନିଶ୍ଚିତ ଭାବେ ଗୁରୁତ୍ୱ ଦିଆଯାଇଛି। ତେବେ ମହାମାରୀ ଯୋଗୁ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଗରିବ ଓ ବଞ୍ଚିତମାନଙ୍କ କଲ୍ୟାଣ ପ୍ରତି ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱ ଦେଇଛନ୍ତି। ଭାରତରେ ବିଶ୍ୱର ସବୁଠୁ ବଡ଼ ମାଗଣା ଖାଦ୍ୟଶସ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଦେଶର ପ୍ରାୟ ଦୁଇ ତୃତୀୟାଂଶ ଲୋକଙ୍କୁ ମାଗଣା ରାଶନ ମିଳୁଛି। ବିଶ୍ୱର ସବୁଠୁ ବଡ଼ କୋଭିଡ–୧୯ ଟିକାକରଣ କାର୍ଯ୍ୟକ୍ରମ ଭାରତରେ କାର୍ଯ୍ୟକାରୀ ହେଉଛି। ଏହା ଭାରତୀୟ ଅର୍ଥବ୍ୟବସ୍ଥାକୁ ମହାମାରୀ ସଙ୍କଟରୁ ଉଦ୍ଧାର କରି ଦ୍ରୁତ ଏବଂ ବ୍ୟାପକ ପ୍ରଗତି ଦିଗରେ ଆଗେଇ ନେଇଛି।

୧୯୪୭ରେ ଭାରତ ଏକ ପ୍ରକାର ସର୍ବସ୍ୱାନ୍ତ ସ୍ଥିତିରେ ଥିଲା। ଏବେ ଆମେ ଦେଶର ଅମୃତ କାଳ ଅର୍ଥାତ୍ ସ୍ୱାଧୀନତାର ୧୦୦ତମ ବର୍ଷ ପୂର୍ତ୍ତି ଆଡ଼କୁ ୨୫ ବର୍ଷର ଯାତ୍ରାରେ ପାଦ ଥାପିଛୁ। ବର୍ତ୍ତମାନ ଆମେ ଅଧିକ ସଶକ୍ତ ଓ ସମୃଦ୍ଧ ହୋଇ ଛିଡ଼ା ହୋଇଛୁ। ଆଜି ବିଶ୍ୱର ସବୁଠୁ ଅଧିକ ସ୍ମାର୍ଟଫୋନ ଡେଟା ବ୍ୟବହାରକାରୀ ଭାରତରେ ଅଛନ୍ତି। ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ବିଶ୍ୱର ତୃତୀୟ ସର୍ବବୃହତ ଉପଭୋକ୍ତା ବଜାର ଭାରତରେ ରହିଛି। ବିଶ୍ୱ ଖୁଚୁରା ସୂଚକାଙ୍କରେ ଭାରତ ଦ୍ୱିତୀୟ ସ୍ଥାନ ହାସଲ କରିଛି। ତୃତୀୟ ସର୍ବବୃହତ ଇନ୍ଧନ ଉପଯୋଗକାରୀ ରାଷ୍ଟ୍ର ଭାବେ ଭାରତ ନିଜ ସୁଦୃଢ଼ ଅର୍ଥବ୍ୟବସ୍ଥାର ଆଉ ଏକ ପ୍ରମାଣ ଦେଉଛି। ୭୫ ବର୍ଷ ପୂର୍ବରୁ ଭାରତ ଲାଙ୍କାଶାୟର ଉତ୍ପାଦ ଆମଦାନୀ କରୁଥିଲା, ଆଜି ଭାରତୀୟ ପୋଷାକ ରପ୍ତାନିରେ ଅଭୂତପୂର୍ବ ଉତ୍ଥାନ ଦେଖିବାକୁ ମିଳିଛି। ବିଶ୍ୱ ବାଣିଜ୍ୟରେ ଆମେ ଏବେ ଦୃଢ଼ ସହଭାଗୀ ହୋଇପାରିଛୁ। ରପ୍ତାନି ପରିମାଣ ପୂର୍ବ ବର୍ଷର ରେକର୍ଡକୁ ଅତିକ୍ରମ କରି ଚଳିତ ବର୍ଷ ୫୦ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି। ଆମର ବାଣିଜ୍ୟିକ ରପ୍ତାନି ୩୧ ଲକ୍ଷ କୋଟି ଟଙ୍କା ଟପିଛି। ଏକଦା ପିଏଲ ୪୮୦ର ଦୟାରେ ବଞ୍ଚୁଥିବା ରାଷ୍ଟ୍ର ଆଜି ସାରା ବିଶ୍ୱକୁ ଖାଦ୍ୟ ସାମଗ୍ରୀ ରପ୍ତାନି କରୁଛି।

ମୋଦି ସରକାରଙ୍କ ସଫଳତାର କାହାଣୀ ଯେତେ ବଖାଣିଲେ ବି କମ୍ ହେବ। ଏଠାରେ କହି ରଖିବା ଉଚିତ ହେବ ଯେ, ଦେଶରେ ୧୦୦ରୁ ଅଧିକ ବିଲିୟନ ଡଲାର କମ୍ପାନୀ ସୃଷ୍ଟି ହୋଇଛନ୍ତି ଏବଂ ପ୍ରତି ମାସରେ ନୂଆ ନୂଆ କମ୍ପାନୀ ଗଢ଼ା ହେଉଛନ୍ତି। ବିଗତ ଆଠ ବର୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ୟୁନିକର୍ଣ୍ଣଗୁଡ଼ିକର ମୂଲ୍ୟାଙ୍କନ ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅବିଶ୍ରାନ୍ତ ନେତୃତ୍ୱ ବଳରେ, ଭାରତରେ ଷ୍ଟାର୍ଟଅପ୍‌ଗଡ଼ିକର ସଂଖ୍ୟା ମାତ୍ର କେତେ ଶହରୁ ଆଜି ୭୦,୦୦୦ ଅତିକ୍ରମ କରିଛି। ଅଭିବୃଦ୍ଧି ଓ ସମୃଦ୍ଧିରେ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରୟାସ କରାଯାଇଛି। ୫୦ ପ୍ରତିଶତ ଷ୍ଟାର୍ଟଅପ୍ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ମୁଣ୍ଡ ଟେକିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଡିଜିଟାଲ ଇଣ୍ଡିଆ ବିପ୍ଳବ ମାଧ୍ୟମରେ ଏସବୁ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ୨୦୧୪ରେ ଭାରତରେ ମାତ୍ର ୬.୫ କୋଟି ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ଥିଲେ; ଆଜି ୭୮ କୋଟିରୁ ଅଧିକ ଉପଭୋକ୍ତା ରହିଛନ୍ତି। ଜିଏସଟି ପ୍ରଚଳନ ହେବା ଦ୍ୱାରା ଉଦ୍ୟୋଗୀମାନେ ଲାଭବାନ ହେବା ସହିତ ଟିକସ ସଂଗ୍ରହରେ ଦୁର୍ନୀତି ଦୂର ହୋଇଛି।

କେବଳ କ୍ରୋମ୍ ଓ କାଚ ମଲ୍‌ଗୁଡ଼ିକ ଭାରତର ଅଭିବୃଦ୍ଧିଶୀଳ ସମୃଦ୍ଧିକୁ ପ୍ରଦର୍ଶନ କରୁନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ ଏହାକୁ କେହି ବାସ୍ତବରେ ବୁଝିପାରିବେ ନାହିଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଙ୍କ ପ୍ରୟାସ ଆଜି ସଫଳ ହୋଇଛି। ଦେଶରୁ ଉତ୍କଟ ଦାରିଦ୍ର୍ୟ ଏବଂ ଉପଭୋଗ ଅସମାନତା ଦୂର ହୋଇଥିବା ନିକଟରେ ଆଇଏମ୍ଏଫ୍‌ର ଏକ ଅଧ୍ୟୟନରୁ ଜଣାପଡ଼ିଛି। ଗରିବଙ୍କ ପାଇଁ ଆବାସ ଓ ସ୍ୱାସ୍ଥ୍ୟସେବା ସାମାଜିକ ବିକାଶ ସୂଚକାଙ୍କ ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି। ଗରିବ ଲୋକମାନଙ୍କୁ ରିହାତି ଦରରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାଠାରୁ ଆରମ୍ଭ କରି ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ପାଣି ଯୋଗାଇବା ଭଳି ଯୋଜନା ସମାବେଶୀ ବିକାଶ ସୁନିଶ୍ଚିତ କରିଛି। ମୁଦ୍ରା ଋଣ ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବା ସହିତ ଲଘୁ ଉଦ୍ୟୋଗ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ବିଶ୍ୱରେ ଇନ୍ଧନ ମୂଲ୍ୟ ବୃଦ୍ଧି ସହ ତୁଳନା କଲେ ଭାରତ ଭଲ ସ୍ଥିତିରେ ରହିଛି ଏବଂ ଦେଶବାସୀଙ୍କ ଉପରେ ମହାମାରୀ ପରବର୍ତ୍ତୀ ସଙ୍କଟର ଖୁବ କମ ପ୍ରଭାବ ଅନୁଭୂତ ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ଏକ ଭାରତ, ଶ୍ରେଷ୍ଠ ଭାରତ’ ସଂକଳ୍ପ ଧୀରେ ଧୀରେ ରୂପ ଓ ସ୍ୱରୂପ ହାସଲ କରୁଛି। ଏଥିରେ ଉଭୟ ସରକାର ଓ ନାଗରିକଙ୍କ ମିଳିତ ପ୍ରୟାସ ବା ‘ସବ୍‌କା ପ୍ରୟାସ’ର ଗୁରୁତ୍ୱ ରହିଛି। ଏ ଭାରତ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭରଶୀଳ। ସବୁ ଆହ୍ୱାନ ଏବଂ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଲାଗି ସର୍ବଦା ପ୍ରସ୍ତୁତ। ଏକ ସଙ୍ଗେ ବିଶ୍ୱର ପଞ୍ଚମ ସର୍ବବୃହତ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ହେବା ସାରା ଭାରତ ଓ ଭାରତୀୟଙ୍କ ପାଇଁ ଏକ ଚମତ୍କାର ଉପଲବ୍ଧି। ଏହି ସ୍ଥାନରୁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାର ସଂକଳ୍ପକୁ ସାକାର କରିବା ଦିଗରେ ଯାତ୍ରା ଆରମ୍ଭ କରିବୁ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଭାରତ ଏହି ମାଇଲଖୁଣ୍ଟ ମଧ୍ୟ ହାସଲ କରିପାରିବ ବୋଲି ଯେ କେହି ଆତ୍ମବିଶ୍ୱାସର ସହ କହିପାରିବେ। ଏହା ହେଉଛି ମଧ୍ୟ।

(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ)

# ଝିଅପୁଅ ପରେ ମା’ ଆଖିବୁଜିଲେ

## ବଡ଼ମ୍ବା ଖାଦ୍ୟ ବିଷାକ୍ତ ଘଟଣା

ବଡ଼ମ୍ବା,୪।୯(ଡି.ଏନ୍.ଏ)

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଅଭିମାନପୁର ପଞ୍ଚାୟତସ୍ଥିତ ବୀରବରପୁର ଗ୍ରାମରେ ଘରେ ତିଆରି ଚାଟ୍ ଖାଇ ଗୋବିନ୍ଦ ପାତ୍ରଙ୍କ ପରିବାରର ୪ ସଦସ୍ୟଙ୍କ ମଧ୍ୟରୁ ଝିଅ ରୁଚିକା ଓ ପୁଅ ରୁଦ୍ରଙ୍କ ଶନିବାର ଭୋର ସମୟରେ ମୃତ୍ୟୁ ହୋଇଥିବା ବେଳେ ରାତିରେ ସ୍ତ୍ରୀ ରୁନୁବାଳାଙ୍କ ଜଗତ୍‌ପୁରସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ଗୋବିନ୍ଦ ମଧ୍ୟ ଉକ୍ତ ଚିକିତ୍ସାଳୟରେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରବିବାର କଟକ ଖାଦ୍ୟ ଯାଞ୍ଚ ଅଧିକାରୀ ଦିଲୀପ ତରାଇଙ୍କ ସମେତ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱନାଥ ଆଧେକ, ଜନସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ରତ୍ନାପ୍ରଭା ଆଚାର୍ଯ୍ୟ, ଆଇସିୟୁ ଡାକ୍ତର ଉଦୟ ରଞ୍ଜନ ଦାଶ ଓ କର୍ମଚାରୀ ନୀଳମଣି ସାହୁ ପ୍ରମୁଖ ବୀରବରପୁର ଗ୍ରାମରେ ପହଞ୍ଚି ଗୋବିନ୍ଦଙ୍କ ଘରୁ ଖାଦ୍ୟ ନମୁନା ସଂଗ୍ରହ କରିବା ସହ ପାରିପାର୍ଶ୍ୱିକସ୍ଥିତି ଯାଞ୍ଚ କରିଛନ୍ତି। ଏହି ସମୟରେ ଘଟଣାସ୍ଥଳରେ ବଡ଼ମ୍ବା ଥାନା ଓ ମାଣିଆବନ୍ଧ ଫାଣ୍ଡି ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ ଅପରାହ୍ନରେ କଟକରୁ ରୁନୁବାଳାଙ୍କ ମୃତଦେହ ଗାଁକୁ ଅଣାଯିବା ପରେ ଗ୍ରାମବାସୀଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝିଅ ଓ ପୁଅଙ୍କ ଜୁଇରୁ ନିଆଁ ଲିଭି ନ ଥିବା ବେଳେ ମା’ର ଜୁଇ ଜଳିବା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାଥାଉ କି, ଗୋବିନ୍ଦଙ୍କ ପରିବାର ଲୋକେ ଗୁରୁବାର ରାତିରେ ଘରେ ତିଆରି କରିଥିବା ଚାଟ୍ ସହ ଆଉ କିଛି ଖାଦ୍ୟ ମଧ୍ୟ ଖାଇଥିଲେ। ଏହା ବିଷାକ୍ତ ହୋଇଯିବା ଯୋଗୁ ପ୍ରଥମେ ପୁଅ, ଝିଅ ଏବଂ ପରେ ମା’ବାପାଙ୍କୁ ଝାଡ଼ାବାନ୍ତି ହୋଇଥିଲା। ଏନେଇ ସେମାନେ ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ରୁନୁବାଳା ଓ ଗୋବିନ୍ଦ କଟକ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ୨ ପିଲାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଉଭୟ ପିଲାଙ୍କ ମୃତ୍ୟୁ ପରେ ଗୁରୁତର ଥିବା ମା’ ବାପାଙ୍କୁ ସିଟି ହସ୍ପିଟାଲରୁ ଜଗତ୍‌ପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ସମୁଦ୍ରରେ ସ୍ନାନବେଳେ ଚାଲିଗଲା ପ୍ରାଣ

## ସ୍ତ୍ରୀ, ଝିଅ ସହ ଶ୍ରୀକ୍ଷେତ୍ର ବୁଲିବାକୁ ଆସିଥିଲେ

ପୁରୀ ସହର,୪।୯

ଖୁସିରେ ଶ୍ରୀକ୍ଷେତ୍ର ବୁଲିବାକୁ ଆସିଥିଲେ। ସମୁଦ୍ରରେ ଗାଧୋଇ ସାରି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତେ। ସ୍ତ୍ରୀ ଓ ଝିଅକୁ ଧରି ଗାଧୋଉଥିଲେ। ହେଲେ ସବୁ ଅଧାରେ ରହିଗଲା। ସ୍ନାନ କରିବାବେଳେ କୁନିଝିଅ ଆଗରେ ବାପାଙ୍କ ପ୍ରାଣ ଚାଲିଗଲା। ରବିବାର ସକାଳେ ପୁରୀ ବେଳାଭୂମିରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ବରଗଡ଼ ଜିଲାର ରାକେଶ କୁମାର ସାହୁ (୪୦)। ସେ ସମୁଦ୍ରରେ ଗାଧୋଉଥିବାବେଳେ ହଠାତ୍ ଅଚେତ ହୋଇ ପଡ଼ିଯାଇଥିଲେ ଓ ସଙ୍ଗେସଙ୍ଗେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ଜଣାପଡ଼ିଛି। ଏନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ହାର୍ଟ ଆଟାକ୍ କାରଣରୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ରାକେଶ ତାଙ୍କ ସ୍ତ୍ରୀ ଓ ୫ବର୍ଷୀୟା କୁନିଝିଅଙ୍କୁ ନେଇ ପୁରୀ ଆସିଥିଲେ। ରାକେଶଙ୍କ ସହିତ ତାଙ୍କର ବନ୍ଧୁ ମଧ୍ୟ ପରିବାରକୁ ଧରି ଆସିଥିଲେ। ଉଭୟ ପରିବାର ଶନିବାର ରାତିରେ ପୁରୀରେ ପହଞ୍ଚିବା ପରେ ସମୁଦ୍ରକୂଳସ୍ଥିତ ଏକ ହୋଟେଲରେ ରହିଥିଲେ। ରବିବାର ସକାଳେ ଗାଧୋଇବା ପାଇଁ ସମସ୍ତେ ସମୁଦ୍ରକୁ ଯାଇଥିଲେ। ସମୁଦ୍ରରେ ଗାଧୋଇବା ବେଳେ ରାକେଶ ଅଚେତ ହୋଇ ପଡ଼ିଯାଇଥିଲେ। ତୁରନ୍ତ ଅନ୍ୟମାନେ ଦୌଡ଼ିଯାଇ ତାଙ୍କୁ ଡାକିବା ସହ ଉଠାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେ ଆଉ ଉଠି ନ ଥିଲେ। ଶେଷରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମେଡିକାଲ ପରିସରରେ ଶୋକର ଛାୟା ଖେଳିଯାଇଥିଲା। କୁନି ଝିଅଟି କିଛି ବୁଝି ନ ପାରି ବାପାଙ୍କ ମୃତଦେହ ପାଖେ ବସି ଲୁହ ଝରାଉଥିବାବେଳେ ସ୍ୱାମୀଙ୍କୁ ହରାଇ ମହିଳା ଜଣକ ବାହୁନି ବାହୁନି କାନ୍ଦୁଥିଲେ। ଏହି ଦୃଶ୍ୟ ହୃଦୟ ବିଦାରକ ଥିଲା। ପରେ ପୋଲିସ ପହଞ୍ଚି ରାକେଶଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

# ୬ରୁ ବର୍ଷିବ, ତାତିରୁ ଆଶ୍ୱସ୍ତି ମିଳିବ

- ୩୫ ଡିଗ୍ରୀ ଉପରେ ୧୧ ସହର
- ବାତ୍ୟା ଆଶଙ୍କା ନାହିଁ, ଆଉ ଦୁଇଦିନ ଗୁଳୁଗୁଳି

ଭୁବନେଶ୍ୱର, ୪।୯(ବ୍ୟୁରୋ)

ରାଜ୍ୟରେ ପ୍ରବଳ ଗରମ ଅନୁଭୂତ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଅଧିକାଂଶ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ରବିବାର ୧୧ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ଥିବାବେଳେ ଚାନ୍ଦବାଲିରେ ସର୍ବାଧିକ ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ୬ ତାରିଖରୁ ପ୍ରବଳ ବର୍ଷା ହେବ ଓ ତାତିରୁ ଆଶ୍ୱସ୍ତି ମିଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

କେନ୍ଦ୍ରର ସୂଚନାନୁସାରେ, ଦୁଇ ସପ୍ତାହରେ ଦୁଇଟି ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ରବିବାରଠାରୁ କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ୫୬.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ଼ରେ ୨୧, ହୀରାକୁଦରେ ୧୬.୮ ମିମି ବର୍ଷା ହୋଇଛି। ଏହାଛଡ଼ା ଭବାନୀପାଟଣା, ବଲାଙ୍ଗୀର, ଦାରିଙ୍ଗବାଡ଼ି, ନୟାଗଡ଼, ଯାଜପୁର ଓ ଢେଙ୍କାନାଳରେ ମଧ୍ୟ ବର୍ଷା ହୋଇଛି। ସୋମବାର ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ସେହିଭଳି ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ବୁଧବାର ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଏବଂ ଗୁରୁବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେପଟେ ବାତ୍ୟାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏନେଇ ସ୍ପଷ୍ଟ କରିଛି ପାଣିପାଗ ବିଭାଗ। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ବାତ୍ୟା ନେଇ କୌଣସି ସୂଚନା ନାହିଁ। ଏ ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ କୌଣସି ସୂଚନା ଜାରି କରିନାହିଁ। ତେବେ ୮ ତାରିଖ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ତେବେ ମୌସୁମୀ ସକ୍ରିୟ ଥିବାବେଳେ ବାତ୍ୟା କେବେ ଆସେ ନାହିଁ। ମୌସୁମୀର ନିମ୍ନଚାପ ରେଖା ଉତ୍ତରରେ ରହୁଛି। ଫଳରେ ପାରଦ ୩ରୁ ୪ ଡିଗ୍ରୀ ଅଧିକ ରହୁଛି। ଫଳରେ ଏବେ ଗୁଳୁଗୁଳି ଲାଗି ରହିଛି। ଏଭଳି ସ୍ଥିତି ଆହୁରି ୨ଦିନ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାରଠାରୁ ବର୍ଷା ହେବା ସହ ୬ ତାରିଖରୁ ବର୍ଷାର ପରିମାଣ ବଢ଼ିବ। ପ୍ରଥମ ସପ୍ତାହ ଶେଷ ବେଳକୁ ଗୋଟିଏ ଘୂର୍ଣ୍ଣିବଳୟ ଏବଂ ୯ରୁ ୧୫ ତାରିଖ ମଧ୍ୟରେ ଆଉଏକ ଘୂର୍ଣ୍ଣିବଳୟ ଆସିବ। ଫଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ ସୂଚନା ଦେଇଛନ୍ତି।

## ରାଜଧାନୀରେ ବର୍ଷା

**ଭୁବନେଶ୍ୱର, ୪।୯ (ବ୍ୟୁରୋ):** ଦିନ ତମାମ ପ୍ରବଳ ଖରା ହେବା ପରେ ସନ୍ଧ୍ୟା ବେଳକୁ ରାଜଧାନୀବାସୀ କିଛି ମାତ୍ରାରେ ଆଶ୍ୱସ୍ତି ଲାଭ କରିଛନ୍ତି। ରବିବାର ସକାଳୁ ସୂର୍ଯ୍ୟଙ୍କର ପ୍ରଭାବ ବେଶ୍ ପ୍ରଖର ରହିଥିଲା। ଅପରାହ୍ନରେ ଆକାଶରେ ବାଦଲ ଖଣ୍ଡ ଭାସିବା ଆରମ୍ଭ ହୋଇଥିଲା। ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ପବନ ବହିବା ସହିତ ବର୍ଷା ଆରମ୍ଭ ହୋଇଥିଲା। ପ୍ରାୟ ୧ ଘଣ୍ଟା ଧରି ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିଲା। ଏପରିକି ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସୋମବାର ଠାରୁ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ରବିବାର ବର୍ଷା ଯୋଗୁ ପ୍ରବଳ ଖରାରେ ଅସ୍ତବ୍ୟସ୍ତ ହେଉଥିବା ସହରବାସୀ କିଛି ମାତ୍ରାରେ ଆଶ୍ୱସ୍ତି ଲାଭ କରିଛନ୍ତି।

### ଗଣେଶ ମୂର୍ତ୍ତି ଭସାଣି ବେଳେ ଗଣ୍ଡଗୋଳ

# ଛୁରାମାଡ଼ରେ ୨ ଭାଇ ଗୁରୁତର

ହିଞ୍ଜିଳିକାଟୁ, ୪।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ତଥା ପୁରୁଷୋତ୍ତମପୁର ଥାନା ପୁଟିଆପଦର ଗାଁରେ ରବିବାର ରାତିରେ ଗଣେଶ ମୂର୍ତ୍ତି ଭସାଣି ବେଳେ ଗଣ୍ଡଗୋଳ ଘଟିଛି। ଦୋକାନରେ ଜିନିଷ କିଣାବିକାକୁ କେନ୍ଦ୍ର କରି ୨ ଭାଇଙ୍କୁ ଛୁରିରେ ଆକ୍ରମଣ ହୋଇଛି। ଏଥିରେ ନନ୍ଦିକ ଗ୍ରାମ ଦାସସାହିର ରମେଶ ଦାସ ଓ ତାଙ୍କ ଭାଇ ରାଜେଶ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରମେଶଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ନନ୍ଦିକ ଦାସ ସାହିରୁ ଗଣେଶ ମୂର୍ତ୍ତି ଭସାଣି ପାଇଁ ଅନ୍ୟମାନଙ୍କ ସହ ରମେଶ ଓ ରାଜେଶ ପୁଟିଆପଦର ନିକଟ ଋଷିକୁଲ୍ୟା ନଦୀକୁ ଆସିଥିଲେ। ସେଠାରୁ ୨ ଭାଇ ପୁଟିଆପଦର ଗାଁ ଦୋକାନରୁ କିଛି ଜିନିଷ କିଣିବାକୁ ଆସିଥିବା ବେଳେ ଗଣ୍ଡଗୋଳ ହୋଇଥିଲା। ପରେ ସେମାନଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା। ଖବରପାଇ ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



ପୁରୀ ଶ୍ରୀରାଧାବଲ୍ଲଭ ମଠ ପରିସରରେ ରବିବାର ଶ୍ରୀରାଧାଙ୍କ ଜନ୍ମ ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

**ସଂକ୍ଷେପରେ**

## କୁଷ୍ଠ ଆକ୍ରାନ୍ତ ମା'ଙ୍କୁ ଘରୁ ତଡ଼ିଦେଲେ

ବାରିପଦା ଅଫିସ,୪।୯: ସାମାଜିକ ବାସନ୍ଦ ଭୟରେ କୁଷ୍ଠ ଆକ୍ରାନ୍ତ ବୃଦ୍ଧାଙ୍କୁ ପରିବାର ଲୋକେ ଘରୁ ତଡ଼ି ଦେଇଥିଲେ। ସେମାନଙ୍କ ନିଷ୍ପତ୍ତିକୁ ନ ମାନିଲେ ପରିବାର ଲୋକଙ୍କୁ ଗ୍ରାମର କୌଣସି ସାମାଜିକ କାର୍ଯ୍ୟରେ ସାମିଲ କରାଯିବ ନାହିଁ। ନିଆଁ ପାଣି ବନ୍ଦ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଧମକ ଦିଆଯାଇଥିଲା। ନିରୁପାୟ ହୋଇ ତାଙ୍କୁ ପୁଅ ଘରୁ ବାହାର କରିଦେଲେ। ଅସହାୟ ହୋଇ ମହିଳା ଜଣଙ୍କ ରାସ୍ତାକଡ଼ରେ ଜୀବନ ବିତାଇବା ଭଳି ଘଟଣା ମୟୂରଭଞ୍ଜ ଜିଲା କରଞ୍ଜିଆ ଉପକଣ୍ଠ କୁଲୁପୋଷି ଅଞ୍ଚଳରେ ଦେଖିବାକୁ ମିଳିଛି। ମହିଳା ଜଣଙ୍କ ୫/୬ ବର୍ଷ ହେଲା କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ପରିବାର ସହ ରହୁଥିଲେ। ପୁଅ ମା'ଙ୍କ ଏଭଳି ଅବସ୍ଥା ଦେଖି କୌଣସି ଚିକିତ୍ସା କରାଇ ନ ଥିଲେ। କାଳକ୍ରମେ ମହିଳାଙ୍କର ରୋଗ ବଢ଼ିବା ପରେ ହାତ ଓ ଗୋଡ଼ର ଆଙ୍ଗୁଠି ଛିଣ୍ଡିବାକୁ ଲାଗିଲା। ଏହା ଦେଖି ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କୁ ଗାଁରୁ ଅଲଗା କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ପୁଅଙ୍କୁ ଡାକି ଗ୍ରାମବାସୀ ନିଷ୍ପତ୍ତି ଶୁଣାଇଥିଲେ। ଏହା ଶୁଣି ତାଙ୍କ ପୁଅ ବାଧହୋଇ ୧୦ ଦିନ ତଳେ ଘରୁ ବାହାର କରି ଦେଇଥିଲେ। ଫଳରେ ସେ ଖୋଲା ଆକାଶ ତଳେ, ଗଛମୂଳେ ଓ ନିଛାଟିଆ ସ୍ଥାନରେ ଭୋକ ଉପାସରେ ପଡ଼ି ରହିଥିଲେ। ଏହା ଦେଖି ସ୍ଥାନୀୟ ସରପଞ୍ଚ ତାଙ୍କ ପୁଅଙ୍କୁ ଡାକି ଚିକିତ୍ସା ପରାମର୍ଶ ଦେବା ପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବହୁ ବୁଝାଶୁଝା କରିବା ପରେ ତାଙ୍କ ପୁଅ ରାଜି ହୋଇ ରବିବାର ଅପରାହ୍ନରେ ଏକ ଅଟୋରେ ମା'ଙ୍କୁ ଘରକୁ ନେଇଛନ୍ତି। ସରକାରଙ୍କ ପକ୍ଷରୁ କୁଷ୍ଠ ରୋଗୀଙ୍କ ପାଇଁ ମାଗଣା ଔଷଧ ଓ ଚିକିତ୍ସାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏପରିକି ଏନେଇ ସଚେତନତା ସୃଷ୍ଟି କରାଯାଉଛି। ତଥାପି ଏହି ମହିଳାଙ୍କ ଭଳି ଅନେକେ ରୋଗର ବଶବର୍ତ୍ତୀ ହୋଇ ସମାଜ ଆଗରେ ନିନ୍ଦିତ ହେଉଛନ୍ତି। ତେବେ ଉକ୍ତ ମହିଳାଙ୍କୁ ସୁସ୍ଥ କରିବା ପାଇଁ ସରକାରୀ ସ୍ତରରେ କିମ୍ବା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହଯୋଗର ହାତ ବଢ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭସାଣିରେ ଡିଜେ ବଜାଇବାକୁ ନେଇ ପୋଲିସ ସହ ହାତାହାତି: ୩ ଅଟକ

ବାରିପଦା ଅଫିସ,୪।୯- ଗଣେଶଙ୍କ ଭସାଣି ଶୋଭାଯାତ୍ରାରେ ଡିଜେ ବଜାଇବାକୁ ନେଇ ପୋଲିସ ସହ ହାତାହାତି ହୋଇଛି। ଏହି ଘଟଣାରେ ପୋଲିସ ୩ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ସୂଚନାଯୋଗ୍ୟ, ବାରିପଦା ବଡ଼ବଜାର ପୂଜା କମିଟି ପକ୍ଷରୁ ରବିବାର ରାତିରେ ଏକ ଶୋଭାଯାତ୍ରାରେ ଯୁବକମାନେ ଗଣେଶଙ୍କୁ ନେଇ ଡିଜେ ବଜାଇ ନାଚଗୀତରେ ମସଗୁଲ ଥିଲେ। ରାତି ୧୦ଟା ପରେ ଡିଜେ ବଜାଇବା ବାରଣ କରାଯାଇଥିଲେ ହେଁ ସେମାନେ ମାନି ନ ଥିଲେ। ଏହା ଦେଖି ପିସିଆର ଦାୟିତ୍ୱରେ ଥିବା କର୍ମଚାରୀମାନେ ଅମାନିଆଙ୍କୁ ଡିଜେ ବଜାଇବାକୁ ବାରଣ କରିଥିଲେ। ମାତ୍ର ଥାନା ପାର ହେବା ପରେ ଯୁବକମାନେ ପୁନର୍ବାର ଡିଜେ ବଜାଇ ନାଚ ଆରମ୍ଭ କରିଥିଲେ। ଏ ନେଇ ପୋଲିସ ପୁଣି ବାରଣ କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଯୁବକମାନେ ପୋଲିସ କର୍ମଚାରୀଙ୍କୁ ଠେଲାପେଲା କରିଥିଲେ। ପରେ ଟାଉନ ପୋଲିସ ପହଞ୍ଚି ୩ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛି।

# ପାଠାଗାରରେ ଚାଲିଛି ୫୨ ବର୍ଷର ଏନ୍‌ଏସି

- ଜୁନାଗଡ଼ ଏନ୍‌ଏସି ଅଫିସ୍‌ର ନିଜସ୍ୱ ଗୃହ ନାହିଁ
- ପାଠାଗାର ସୁବିଧାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ
- ଲଗାତର ୪ ବର୍ଷ ପାଇଛି ଶ୍ରେଷ୍ଠ ଏନ୍‌ଏସି ପୁରସ୍କାର
- ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ଉଦ୍ୟମ ଜାରି ରହିଛି: ଅଧକ୍ଷ

***ନିକଟରେ ସ୍ୱାୟତ୍ତ ଶାସନ ଦିବସ ଶେଷ ହୋଇଛି। ସହରାଞ୍ଚଳର ବିକାଶ ଉପରେ ଜୋର ଦିଆଯାଉଥିବା କୁହାଯାଉଛି। ଏପରି ସମୟରେ କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଗତ ୫୨ବର୍ଷ ଧରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଓ ପାଠାଗାର କୋଠାରେ ଚାଲିଛି। ନିଜସ୍ୱ କୋଠା ନିର୍ମାଣ ଦିଗରେ କୌଣସି ଉଦ୍ୟମ ହେଲା ଭଳି ଅନୁଭୂତ ହେଉନାହିଁ।***




ପାଠାଗାର କୋଠାରେ ଚାଲିଥିବା ଜୁନାଗଡ ଏନ୍‌ଏସି ଅଫିସ।

**ଜୁନାଗଡ, ୪।୯(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ସ୍ଥାପନର ୫୨ବର୍ଷ ପୂରଣ କରିଛି। ୧୯୯୫ରୁ ୧୯୯୯ ମସିହା ପର୍ଯ୍ୟନ୍ତ ଲଗାତର ୪ବର୍ଷ ଧରି ଶ୍ରେଷ୍ଠ ଏନ୍‌ଏସି ଭାବେ ପୁରସ୍କୃତ ହୋଇଛି। ହେଲେ ଅଦ୍ୟାବଧି ଏହି ଏନ୍‌ଏସିର ନିଜସ୍ୱ କୋଠା ନିର୍ମାଣ ହୋଇ ପାରିନାହିଁ। ସମୟ ବିତି ଚାଲିଥିଲେ ହେଁ ଏହି ସମସ୍ୟା ପ୍ରତି ଯଥୋଚିତ ଦୃଷ୍ଟି ଦିଆଯାଇନାହିଁ। ପଞ୍ଚାୟତ କାର୍ଯ୍ୟାଳୟ କୋଠାରେ ଦୀର୍ଘ ବର୍ଷ ଧରି ଏନ୍‌ଏସି କାର୍ଯ୍ୟାଳୟ ଚାଲିଲା। ସେହି କୋଠା ବିପଦସଙ୍କୁଳ ହୋଇ ଯିବାରୁ ଗତ ୪ ବର୍ଷ ହେଲା ସ୍ଥାନୀୟ ପାଠାଗାରରେ କାର୍ଯ୍ୟାଳୟ ଚାଲିଛି। ଏହି କାରଣରୁ ପାଠାଗାର ଖୋଲି ପାରୁନାହିଁ। ଅଞ୍ଚଳବାସୀ ବିଭିନ୍ନ ପତ୍ର ପତ୍ରିକା ଓ ପୁସ୍ତକ ପଢିବାରୁ ବଞ୍ଚିତ ହେଉଛନ୍ତି। ଏସବୁ ସମସ୍ୟା ସତ୍ତ୍ୱେ ଏନ୍‌ଏସିର ନିଜସ୍ୱ କୋଠା ନିର୍ମାଣ ହେଉନାହିଁ କିମ୍ବା ପାଠାଗାର ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ ନାହିଁ। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି।

୧୯୭୦ ମାର୍ଚ୍ଚ ୧୮ ତାରିଖରେ ଜୁନାଗଡ ଏନ୍‌ଏସି କାର୍ଯ୍ୟାଳୟ ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହୋଇଥିଲା। ନିଜସ୍ୱ କୋଠା ନିର୍ମାଣ ନ ହେବା ଯାଏ ଜୁନାଗଡ ପଞ୍ଚାୟତ କାର୍ଯ୍ୟାଳୟରେ ଏନ୍‌ଏସି ଅଫିସ ଖୋଲିଥିଲା। ତେବେ ପଞ୍ଚାୟତ କୋଠା ଛାତରୁ ସିମେଣ୍ଟ କଙ୍କ୍ରିଟ ଖସିଥିଲା। ବର୍ଷା ହେଲେ ଛାତରୁ ପାଣି ଗଳୁଥିଲା। କର୍ମଚାରୀମାନେ ନାନା ସମସ୍ୟା ମଧ୍ୟରେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ପରିସରରେ ଥିବା ପାଠାଗାରକୁ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇଥିଲା। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଏନ୍‌ଏସିର କଳେବର ବୃଦ୍ଧି ପାଇ ଚାଲିଥିବାରୁ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ଦାବି ଜୋର ହୋଇ ଚାଲିଛି। ତେବେ ପରିଷଦ ପରେ ପରିଷଦ ଗଠନ ହୋଇଛି ସତ, ସ୍ଥାୟୀ ଓ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ଦିଗରେ କୌଣସି ସୁଫଳ ମିଳି ପାରିନାହିଁ। ଏପଟେ ନୂତନ କାର୍ଯ୍ୟାଳୟ ପାଇଁ ଏନ୍‌ଏସିରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା କୁହାଯାଉଛି। ହେଲେ ଅବସ୍ଥା ଯଥା ପୂର୍ବଂ ତଥା ପର ହୋଇ ରହିଛି। ଏ ନେଇ ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲଙ୍କୁ ପଚାରିବାରୁ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ଉଦ୍ୟମ ଜାରି ରହିଛି। ଅପରପକ୍ଷେ ପାଠାଗାରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ ଚାଲିଥିବା ସେ କହିଛନ୍ତି।

## ଖାଇବାକୁ ନ ଦେଇ ଷଣ୍ଢକୁ ୨୦ ଦିନ ବାନ୍ଧି ରଖିଲେ

**ଫସଲ ଖାଇଦେବାରୁ ଦଣ୍ଡଦେଲେ ଜମି ମାଲିକ**

**ଉମରକୋଟ,୪।୯(ସ୍ୱ.ପ୍ର.)**

ଜମିରେ ଧାନ ଫସଲ ଦେଖି ଭୋକିଲା ଷଣ୍ଢଟି ଖାଇ ଦେଇଥିଲା। ଦିନେ ନୁହେଁ ଏକାଧିକ ଥର ଜମିରେ ପଶି ଫସଲ ଖାଇଥିଲା। ହେଲେ ଏହାର ପରିଣାମ ଯେ ଭୟଙ୍କର ହେବ ତାହା ସେ ଜାଣି ନ ଥିଲା। ଚାରିଗୋଡ଼ିଆ ପ୍ରାଣୀଟିକୁ ଦଣ୍ଡଦେବାକୁ ଯାଇ ଜମି ମାଲିକ ନିଷ୍ଠୁରତାର ସବୁ ସୀମା ପାର କରିଛନ୍ତି। ଖାଇବାକୁ ଏବଂ ପିଇବାକୁ ନ ଦେଇ ଷଣ୍ଢଟିକୁ ୨୦ ଦିନ ବାନ୍ଧି ରଖିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ସହରରୁ ଏଭଳି ଅମାନବୀୟ ଚିତ୍ର ସାମ୍ନାକୁ ଆସିଛି। ବଙ୍ଗୀୟ ଗ୍ରାମ(୫୨ ନମ୍ବର) ସ୍ଥିତ ପରିମଳ ମିସ୍ତ୍ରି ଧାନ ଚାଷ କରିଥିବାବେଳେ ଉକ୍ତ ଷଣ୍ଢଟି ବାରମ୍ବାର ତାଙ୍କ କ୍ଷେତରୁ ଫସଲ ଖାଉଥିବା ସେ ଜାଣିବାକୁ ପାଇଥିଲେ। ଏଥିରେ ରାଗିଯାଇ ପରିମଳ ଷଣ୍ଢର ଖାଦ୍ୟ ଓ ପାନୀୟ ବନ୍ଦ କରି ନିକଟସ୍ଥ ସରକାରୀ ଫାର୍ମରେ ୨୦ ଦିନ ହେଲା ବାନ୍ଧି ରଖିଥିଲେ। ଖବର ପାଇ ଉମରକୋଟ ବଜରଙ୍ଗ ଦଳର କର୍ମୀମାନେ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିଛନ୍ତି। ଦୀର୍ଘଦିନ ଧରି ଖାଦ୍ୟ ଏବଂ ପାନୀୟ ନ ପାଇ ଷଣ୍ଢର ଅବସ୍ଥା ଗୁରୁତର ରହିଛି। ଷଣ୍ଢ ମୁକୁଳିବା ପରେ ସ୍ଥାନୀୟ ଲୋକେ ତାକୁ ଘାସ ଏବଂ ପାଳ ଦେବାରୁ ଅତି ଆତୁର ହୋଇ ଖାଇବା ଦେଖିବାକୁ ମିଳିଥିଲା। ପରେ ବଜରଙ୍ଗ ଦଳର ସଦସ୍ୟମାନେ ପ୍ରାଣୀ ଚିକିତ୍ସାଳୟ କର୍ମଚାରୀଙ୍କୁ ଡାକି ତା'ର ଚିକିତ୍ସା କରାଇଛନ୍ତି। ଅନ୍ୟପକ୍ଷରେ ଘଟଣା ବିଷୟରେ ପରିମଳଙ୍କୁ ପଚାରିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ୨୦ ଦିନ ନୁହେଁ ମାତ୍ର ୫ ରୁ ୬ ଦିନ ବାନ୍ଧି ରଖିଥଲି ଏବଂ ଖାଇବାକୁ ଦେଇ ରଖିଥିଲି ବୋଲି କହିଛନ୍ତି। ଆଗକୁ ଏପରି ଭୁଲ ହେବନାହିଁ ବୋଲି ମଧ ସେ କହିଛନ୍ତି।



ଫାର୍ମହାଉସରେ ଷଣ୍ଢକୁ ବାନ୍ଧି ରଖାଯାଇଛି।

## ପୁଣି ବନ୍ଧାହେଲେ ନିଶା ନିବାରଣ କେନ୍ଦ୍ର ମାଲିକ

- ଜିଲାପାଳଙ୍କ ନିର୍ଦ୍ଦେଶ ନ ମାନି କେନ୍ଦ୍ର ଖୋଲିଥିଲେ
- ନିର୍ଯାତନା ଭିଡିଓ ଭାଇରାଲ ପରେ ପୂର୍ବରୁ ଯାଇଥିଲେ ଜେଲ

**ବାରିପଦା ଅଫିସ,୪।୯**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ମୁଖ୍ୟ ଅବନୀ ପତିଙ୍କୁ ଟାଉନ ପୋଲିସ ପୁଣି ଥରେ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ପୂର୍ବଭଳି ଉକ୍ତ କେନ୍ଦ୍ର ଖୋଲିବାରୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା(ନଂ.୭୫୦/୨୨)ରୁଜୁ ହୋଇଛି। ଅନ୍ୟପକ୍ଷେ ଅନ୍ତେବାସୀଙ୍କୁ ଖୁଣ୍ଟରେ ବାନ୍ଧି ଗୋଇଠା ମାଡ଼ ମାରିବା ସହ ପିନ୍‌କଣ୍ଟା ବାଡ଼େଇ ଲହୁଲୁହାଣ କରିବା ଭଳି ଏକ ଅମାନବୀୟ ଭିଡିଓ ଭାଇରାଲ ହେବା ଘଟଣାକୁ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଜଣେ ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ କେନ୍ଦ୍ରର ମୁଖ୍ୟ ପତି ମ୍ୟୁଜିକର ତାଳେ ତାଳେ ନୃତ୍ୟ କରି ଏକ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିବା ସହ ପାଦ ଚଟାଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କେନ୍ଦ୍ରର ମୁଖ୍ୟ ପତି ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛି ଦିନ ପରେ ବିଚାରବିଭାଗୀୟ ହାଜତରୁ ଜାମିନରେ ଫେରିବା ପରେ ପୁନର୍ବାର ସେ ଏହି କେନ୍ଦ୍ରକୁ ଚାଲୁ କରିଥିଲେ। ତେବେ ଏହି ଘଟଣାକୁ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ପୋଲିସ ମିଳିତ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ଜିଲାପାଳ ବିନୀତ ଭରଦ୍ୱାଜ ଉକ୍ତ କେନ୍ଦ୍ରକୁ ବନ୍ଦ କରିବା ସହ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଶା ନିବାରଣ କେନ୍ଦ୍ର ପାଇଁ କୌଣସି ସରକାରୀ ଅନୁମତି ନ ଥିବା ବେଳେ କେବଳ ଏକ ଟ୍ରଷ୍ଟ ରହିଥିବା ଥାନାଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

## ସ୍ତ୍ରୀଙ୍କୁ ମାରି ପାଇଖାନା ଟାଙ୍କିରେ ପୋତି ଦେଇଥିଲେ

**ଅଭିଯୋଗ ପରେ ମୃତଦେହ ଜବତ: ସ୍ୱାମୀ ଗିରଫ**

**କୋରାପୁଟ/ଲକ୍ଷ୍ମୀପୁର,୪।୯(ସ୍ୱ.ପ୍ର./ଡି.ଏନ.ଏ.)**

କୋରାପୁଟ ଜିଲାର କାକିରିଗୁମ୍ମାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାର ଦୀର୍ଘ ୪ ମାସ ହେଲା ପାଇଖାନା ଟାଙ୍କିରେ ପକାଇ ମୃତଦେହ ଲୁଚାଇ ରଖିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ଖୋଳତାଡ କରି ରବିବାର ପାଇଖାନା ଟାଙ୍କିରୁ ତାଙ୍କ ମୃତଦେହ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଦଶରଥ ସାହୁ। ଖବରରୁ ଜଣାପଡିଛି, କାକିରିଗୁମ୍ମା ଥାନା ଅନ୍ତର୍ଗତ ଦାମନଯୋଡି ରାସ୍ତାରେ ଥିବା ଗୌଡଗୁଡା ଗ୍ରାମରେ ଦଶରଥଙ୍କ ପରିବାର ରହୁଥିଲେ। ପ୍ରତ୍ୟହ ଦଶରଥ ଓ ତାଙ୍କ ସ୍ତ୍ରୀ ଗୌରୀ(୪୦)ଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏହି କଳହ ଉଗ୍ରରୂପ ନେବାରୁ ୪ ମାସ ତଳେ ଦଶରଥ ଗୌରୀଙ୍କୁ ମାରି ତାଙ୍କ ମୃତଦେହ ପାଇଖାନା ଟାଙ୍କିରେ ପୋତି ଦେଇଥିଲେ। ବହୁ ଦିନ ଧରି ସାହିପଡ଼ିଶା ଓ ବନ୍ଧୁବାନ୍ଧବ ଗୌରୀଙ୍କୁ ଦେଖିବାକୁ ପାଇ ନ ଥିଲେ। ଗୌରୀଙ୍କ ବିଷୟରେ ଦଶରଥଙ୍କୁ ପଚାରିବାରୁ ସେ ବିଭିନ୍ନ ବାହାନା କରି ଏଡାଇ ଯାଉଥିଲେ। କିଛି ଦିନ ତଳେ ଦଶରଥଙ୍କ ଶ୍ୱଶୁର ଡମ୍ବରୁଧର ସାହୁ ତାଙ୍କୁ ଫୋନ କରି ଝିଅ ବିଷୟରେ ପଚାରିବାରୁ ରାୟଗଡାରେ ପଢୁଥିବା ପୁଅ ପାଖରେ ଗୌରୀ ରହୁଥିବା କହିଥିଲେ। ଏଥିରେ ସନ୍ଦେହ ହେବାରୁ ରାୟଗଡାରେ ରହୁଥିବା ନାତିକୁ ଡମ୍ବରୁଧର ଫୋନ କରି ପଚାରିଥିଲେ। ମାତ୍ର ମା' ବହୁ ଦିନ ହେବ ମୋ ପାଖକୁ ଆସିନି ବୋଲି ନାତି କହିଥିଲେ। ଡମ୍ବରୁଧରଙ୍କ ମନରେ ସନ୍ଦେହ ହେବାରୁ ଝିଅ ନିଖୋଜ ହୋଇଥିବା ନେଇ ଶନିବାର କାକିରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଥାନା ଅଧିକାରୀ ୯୬/୨୨ରେ ଏକ ମାମଲା ରୁଜୁ କରି ଦଶରଥଙ୍କୁ ଥାନାକୁ ଡ଼ାକି ପଚରାଉଚରା କରିଥିଲେ। ଏହି ସମୟରେ ଦଶରଥ ସବୁ ସତକଥା ମାନିଯାଇଥିଲେ। ମେ ୧୮ରେ ସେ ନିଜେ ସ୍ତ୍ରୀଙ୍କୁ ହତ୍ୟା କରି ପ୍ରମାଣ ଲୁଚାଇବାକୁ ପାଇଖାନା ଟାଙ୍କିରେ ପୋତି ଦେଇଥିବା କହିଥିଲେ। ପରେ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ ନାୟକ, କାକିରିଗୁମ୍ମା ଥାନା ଅଧିକାରୀ ଉଲ୍ଲାସ ରାଉତ, ଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ର, ତହସିଲଦାର ବନବିହାରୀ ଦିଣ୍ଡା, ମାଜିଷ୍ଟ୍ରେଟ, ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ଜେସିବି ଲଗାଇ ପାଇଖାନା ଟାଙ୍କି ଖୋଲା ଯାଇଥିଲା। ଟାଙ୍କିରୁ ଗୌରୀଙ୍କ ମୃତଦେହ ମିଳିଥିଲା। ମୃତଦେହ ଜବତ ପରେ ସାଇଣ୍ଟିଫିକ୍ ଟିମ୍ ପରୀକ୍ଷା ପାଇଁ ଏହାର କିଛି ଅଂଶକୁ ଲାବକୁ ପଠାଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୬ ତାରିଖରେ ଦଶରଥ ସ୍ତ୍ରୀ ନିଖୋଜ ନେଇ ଥାନାରେ ଏକ ଅଭିଯୋଗ କରିଥିଲେ।



ଦଶରଥ ସାହୁ

## ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମକୁ ନୀତି ଆୟୋଗଙ୍କ ପ୍ରଶଂସା

**ସୁନ୍ଦରଗଡ଼, ୪।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ ସାନ ପିଲାଙ୍କ ପୋଷଣ ପାଇଁ ସରକାରଙ୍କ ପକ୍ଷରୁ ଚାଲିଥିବା ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମକୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି। ପିଲାଙ୍କ ପୋଷଣ ସହ ଏହା ସ୍ଥାନୀୟ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଜୀବିକାକୁ ସୁନିଶ୍ଚିତ କରୁଥିବା ବିଷୟ ଆୟୋଗ ଏହାର ଏକ ସର୍ବଭାରତୀୟ ରିପୋର୍ଟରେ ଦର୍ଶାଇଛନ୍ତି। କେନ୍ଦ୍ର ସରକାରଙ୍କ ନୀତି ଆୟୋଗଙ୍କ ପକ୍ଷରୁ ନିକଟରେ ପ୍ରକାଶିତ 'ଟେକ ହୋମ ରାଶନ –ଗୁଡ ପ୍ରାକ୍ଟିସେସ ଆକ୍ରସ ଦ ଷ୍ଟେଟସ/ୟୁନିୟନ ଟେରିଟୋରିଜ' ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୋଭିଡ୍ ସମୟରେ ସୁନ୍ଦରଗଡ଼ ଜିଲାରେ ଅଙ୍ଗନୱାଡ଼ି ମାଧ୍ୟମରେ ପିଲାଙ୍କ ଘରେ ଘରେ 'ମାଣ୍ଡିଆ ଲଡୁ ମିକ୍ସ' ଦିଆଯିବା ବିଷୟ ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟକୁ ସ୍ୱାଗତ କରି ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି କହିଛନ୍ତି, 'ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ କ୍ଷେତ୍ରରେ ପୋଷଣ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେଣୁ ଜିଲାରେ ଅଙ୍ଗନୱାଡ଼ି ମାଧ୍ୟମରେ ପିଲାଙ୍କୁ ନିୟମିତ ମାଣ୍ଡିଆ ଲଡୁ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟର ମୂଳଦୁଆକୁ ସଶକ୍ତ କରିବା ଲାଗି ଏହି କାର୍ଯ୍ୟକ୍ରମ ଚାଲିଛି। ଜିଲାରେ ମାଣ୍ଡିଆ ଉତ୍ପାଦନ ବଢ଼ାଇ ଚାଷୀମାନଙ୍କୁ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଜୀବିକା ବିକାଶ ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ସୁନ୍ଦରଗଡ଼ ଜିଲାରେ ଅଙ୍ଗନୱାଡ଼ି ଶିଶୁଙ୍କ ଅତିରିକ୍ତ ପୋଷଣ ଲାଗି ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି। ଜିଲାରେ ମିଶନ ଶକ୍ତିର ମହିଳାମାନେ ଏହି ମାଣ୍ଡିଆ ଲଡୁ ମିକ୍ସ ତିଆରି କରୁଛନ୍ତି। ତେଣୁ ଏହି କାର୍ଯ୍ୟକ୍ରମ ଜିଲାରେ ପିଲାଙ୍କ ପୋଷଣ ସହ ଚାଷୀମାନଙ୍କର ଆୟ ବଢ଼ାଇବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଜୀବିକା ପାଇଁ ଏକ ନୂଆ ବାଟ ଖୋଲିଦେଇଛି। ବର୍ତ୍ତମାନ ୩୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଣ୍ଡିଆ ଲଡୁ ମିକ୍ସ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି। ଏହି ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମରୁ ୩,୮୦୯ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ୬୩ ହଜାର ଶିଶୁ ଉପକୃତ ହେଉଛନ୍ତି।



ସୁନ୍ଦରଗଡ଼ରେ ଜଣେ ଶିଶୁ ମାଣ୍ଡିଆ ଲଡୁ ଖାଉଛନ୍ତି।

## ମୁକ୍ତା ଯୋଜନାରେ ତ୍ରୁଟି ହେଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୪।୯(ବ୍ୟୁରୋ):** ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଜୀବିକା ସୁରକ୍ଷା ଯୋଗାଇଦେବା ସହ ଗୋଷ୍ଠୀ ନେତୃତ୍ୱରେ ସଞ୍ଚାଳିତ ସାମୂହିକ ଭିତ୍ତି ନିର୍ମାଣ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କର୍ମତତ୍ପର ଅଭିଯାନ ବା 'ମୁକ୍ତା' ଯୋଜନା ୨୦୨୦ରେ ଶୁଭାରମ୍ଭ କରିଥିଲେ। ଆରମ୍ଭରୁ ହିଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱ ଜରିଆରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗୋଷ୍ଠୀ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଆସୁଛି। ମାତ୍ର 'ମୁକ୍ତା' ଯୋଜନାର କାର୍ଯ୍ୟକାରିତାରେ ସାମାନ୍ୟତମ ଦୁର୍ନୀତି ବିରୋଧରେ ମଧ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିର ଅନୁପାଳନ କରାଯିବ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିକଟରେ ନୟାଗଡ଼ ପୌରପାଳିକାର କେତେକ ଅଞ୍ଚଳରେ ମୁକ୍ତା ଯୋଜନାର କାର୍ଯ୍ୟକାରିତା ସନ୍ଦେହଘେରକୁ ଆସିବା ପରେ ଇମ୍ପ୍ଲିମେଣ୍ଟେଶନ୍ ଏକ୍ସପର୍ଟ ଗୁରୁଚରଣଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନିଆଯାଇଛି। ପୌରପାଳିକାର ୭ ନମ୍ବର ୱାର୍ଡ଼ସ୍ଥିତ ତାରକେଇ ମନ୍ଦିର ତଥା ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ ଉପର ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରା ନ ଯାଇ ଜାଲ୍ ବିଲ୍ ପଇଠ କରି ଅର୍ଥ ହଡ଼ପ କରାଯିବାର ଅଭିଯୋଗ ମିଳିବା ପରେ କ୍ଷେତ୍ରସ୍ତରୀୟ ତଦନ୍ତ ହୋଇଥିଲା। ତଦନ୍ତ ସମୟରେ ନକଲି ଫଟୋ ତଥା ଜାଲ୍ ବିଲ୍ ପଇଠ କରି ଯୋଜନା ଅର୍ଥ ବାଟମାରଣା କରାଯାଇଥିବା ଜଣାପଡିବା ପରେ ନୟାଗଡ ପୌରପାଳିକା ପକ୍ଷରୁ ବେହେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଟାଉନ୍ ଥାନାରେ ଏତଲା ଦାଏର କରାଯାଇଛି। ସରକାରଙ୍କ ୫–ଟି ଯୋଜନା ଅନୁପାଳନରେ ସହରାଞ୍ଚଳରେ ସ୍ୱଚ୍ଛତା ଆଧାରରେ ପ୍ରବର୍ତ୍ତିତ ମୁକ୍ତା ଯୋଜନାର କାର୍ଯ୍ୟକାରିତାକୁ ସରକାର ଅଗ୍ରାଧିକାର ଦେଉଥିବାରୁ ଏ କ୍ଷେତ୍ରରେ କୌଣସି ଖିଲାଫ ବରଦାସ୍ତ କରାଯିବନାହିଁ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


**ୟୂନିୟନ ବୈଂକ ଑ଫ ଇଂଡିୟା Union Bank of India**
भारत सरकार का उपक्रम A Government of India undertaking
आन्ध्रा Andhra | कार्पोरेशन Corporation

**ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank**

**ବିକ୍ରୟ ନୋଟିସ**
**ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ**

ସିକ୍ୟୁରିଟାଇଜେସନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର / ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.)<br>ଇଏମ୍‌ଡି<br>ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| **ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ**<br>ଠିକଣା– ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍‌ସନ୍, ନୂଆଦିଲ୍ଲୀ–୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଟାୱର ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ – ୧୧୦୦୦୫, ଆହୁରି ମଧ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ– ଘରବାରି–୨, ଖାତା ନଂ. ୮୩୮ ।<br>ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ,<br>୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର<br>୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ<br>ମୌଜା / ଖାତା ନଂ. / ପ୍ଲଟ୍ ନଂ. / କ୍ଷେତ୍ର / ଖାତା ନଂ. / ପ୍ଲଟ୍ ନଂ. / କ୍ଷେତ୍ର<br>ଗୋଡ଼ିପୁଟ ୧୨୮୦/୮୯୦ ୨୯୨ ଏ.୦.୦୩୦ଡେସି. ୧୨୮୦/୮୯୨ ୩୨୮ ଏ.୦.୨୨୦ଡେସି.<br>ମାଟିଆପଡ଼ା ୧୨୮୦/୮୯୦ ୨୯୨/୫୧୧୬ ଏ.୦.୧୦୦ଡେସି. ୬୬୯ ୨୯୦/୪୩୨୮ ଏ.୦.୦୩୦ଡେସି.<br>୧୨୮୦/୮୯୦ ୨୯୨/୫୧୧୫ ଏ.୦.୦୯୦ଡେସି. ୧୨୮୦/୮୮୨ ୨୯୩ ଏ.୦.୬୫୦ଡେସି.<br>୧୨୮୦/୮୫୦ ୨୯୦ ଏ.୦.୦୮୦ଡେସି. ୧୨୮୦/୮୮୩ ୩୨୭ ଏ.୦.୧୨୦ଡେସି.<br>୧୨୮୦/୮୯୩ ୩୧୯ ଏ.୦.୩୪୦ଡେସି. ୧୨୮୦/୮୯୪ ୨୯୧ ଏ.୦.୨୪୦ଡେସି.<br>୧୨୮୦/୮୯୪ ୩୨୯ ଏ.୦.୩୭୦ଡେସି. ମୋଟ ଏ.୨.୮୪୭ଡେସି.<br>୧୨୮୦/୮୯୧ ୨୮୮/୫୧୧୭ ଏ.୦.୫୭୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗ ଫୁଟ<br>(ପ୍ଲାଣ୍ଟ ଓ ମେଶିନାରୀ ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩,୮୫,୩୫,୦୦୦/-<br>ଟ.୩୮,୬୦,୦୦୦/-<br>ଟ.୫୦,୦୦୦/- | ୨୧।୦୯।୨୦୨୨ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ଜଣାନାହିଁ |
| | ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜଙ୍କ ନାମରେ ୧୨୫୦ ବର୍ଗଫୁଟ ପରିମାପର ଫ୍ଲାଟ୍ ନଂ. ଏଫ୍-୧୦୨, ପ୍ରଥମ ମହଲା, ଟାୱାର ନଂ. ଏଫ୍ ''ଗ୍ରାଣ୍ଡ ସାଭାନା'' ରାଜ ନଗର ଏକ୍ସଟେନ୍‌ସନ୍, ଏନ୍‌ଏଚ୍-୫୮, ଗ୍ରାମ- ନୁର ନଗର, ପରଗଣା ଲୋନୀ, ତହସିଲ ଓ ଜିଲ୍ଲା - ଗାଜିଆବାଦ, ୟୁପି। ଚଉହଦୀ: ପୂର୍ବ – ଫ୍ଲାଟ୍‌ର ପ୍ରବେଶ ପଥ/ସାଧାରଣ କରିଡର, ପଶ୍ଚିମ– ଅନ୍ୟ ଫ୍ଲାଟ୍, ଉତ୍ତର – ଖୋଲା ଜାଗା/ରାସ୍ତା ଆଗକୁ ପାର୍କ, ଦକ୍ଷିଣ– ଫ୍ଲାଟ୍ ନଂ. ଏଫ୍–୧୦୧ | ସାଙ୍କେତିକ ଦଖଲ | | ଟ.୩୬.୦୦ ଲକ୍ଷ<br>ଟ.୩.୬୦ ଲକ୍ଷ<br>ଟ.୫୦,୦୦୦/– | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
– ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspx ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

**ତାରିଖ: ୦୩।୦୯।୨୦୨୨, ସ୍ଥାନ: ନୂଆଦିଲ୍ଲୀ** **ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ଆତ୍ମହତ୍ୟା ଏଡ଼ାଇବାକୁ ସାମଗ୍ରିକ ରଣନୀତି ଆବଶ୍ୟକ




କର୍ମଶାଳାରେ ମାନସିକ ରୋଗ ବିଶେଷଜ୍ଞ ଡା. ସୌମିତ୍ର ପଠାରେ, ଡିଜିପି ସୁନୀଲ ବଂଶଲ ଓ ଅନ୍ୟମାନେ।

ଭୁବନେଶ୍ୱର,୪।୯ (ବ୍ୟୁରୋ)

ବର୍ତ୍ତମାନ ଆତ୍ମହତ୍ୟା ପ୍ରବଣତା ଦିନକୁ ଦିନ ବଢ଼ିବାରେ ଲାଗିଛି। ପାରିବାରିକ କଳହ, ପ୍ରେମ ପ୍ରତାରଣା, ଅର୍ଥନୈତିକ ସମସ୍ୟା ଭଳି ଅନ୍ୟାନ୍ୟ କାରଣ ପାଇଁ ସେଲିବ୍ରିଟି ହୁଅନ୍ତୁ ବା ସାଧାରଣ ଲୋକ ଜୀବନ ହାରିଦେଉଛନ୍ତି। ୨୦୨୧ ଏନ୍‌ସିଆର୍‌ବି ରିପୋର୍ଟ ମୁତାବକ, ଆତ୍ମହତ୍ୟା ମାମଲା ଦେଶରେ ୧୨ ପ୍ରତିଶତ ରହିଥିବାବେଳେ ଓଡିଶାରେ ୧୨.୫ ପ୍ରତିଶତ ରହିଛି। ଜାତୀୟ ହାରଠାରୁ ଓଡ଼ିଶାରେ ଆତ୍ମହତ୍ୟା ହାର ଅଧିକ ଥିବାରୁ ଅଧିକ ସଚେତନତା ଆବଶ୍ୟକ ରହିଛି। ଏଥିସହ ଆତ୍ମହତ୍ୟା ପ୍ରବଣତା ପଛର କାରଣ ବୁଝାଇଛନ୍ତି ମାନସିକ ରୋଗ ବିଶେଷଜ୍ଞ ଡା. ସୌମିତ୍ର ପଠାରେ। ପୋଲିସ ସେବା ଭବନରେ ରବିବାର ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ପକ୍ଷରୁ 'ସୁଇସାଇଡ୍ ଆଣ୍ଡ୍ ଲ' ଏନ୍‌ଫୋର୍ସମେଣ୍ଟ' ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. ପଠାରେ ଯୋଗଦେଇ କହିଛନ୍ତି, କ୍ରମାଗତ ଭାବେ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବା ଜନସାଧାରଣଙ୍କ ମନରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ତେଣୁ ଆତ୍ମହତ୍ୟାର କାରଣ, ନିରାକରଣ, ତଦନ୍ତର ଦିଗ ଉପରେ ସେ ତର୍ଜମା କରି ବିଶ୍ଳେଷଣାତ୍ମକ ତଥ୍ୟ ରଖିଥିଲେ। ସେହିଭଳି ଆତ୍ମହତ୍ୟା କ୍ଷେତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ବହୁ ଯତ୍ନଶୀଳ ହୋଇ ଖବର

### ଆତ୍ମହତ୍ୟା-ଆଇନ ପ୍ରଣୟନ ସଂକ୍ରାନ୍ତ କର୍ମଶାଳା

- ଓଡ଼ିଶାର ଆତ୍ମହତ୍ୟା ମାମଲା ଜାତୀୟ ହାରଠାରୁ ଅଧିକ
- ଗଣମାଧ୍ୟମ ଯତ୍ନଶୀଳ ହୋଇ ଖବର ପରିବେଷଣ କରୁ

ପରିବେଷଣ କରିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଏଥିସହ ଆତ୍ମହତ୍ୟା ତଥ୍ୟକୁ ଠିକ ଭାବରେ ସଂଗ୍ରହ କରିବାକୁ ପୋଲିସ ଅଧିକାରୀଙ୍କୁ ଡ. ପଠାରେ ପରାମର୍ଶ ଦେବା ସହ ରାଜ୍ୟରେ ବୃଦ୍ଧି ପାଉଥିବା ଆତ୍ମହତ୍ୟାର ମୁକାବିଲା ପାଇଁ ସାମଗ୍ରିକ ରଣନୀତି ପ୍ରସ୍ତୁତ କରିବାକୁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ କହିଲେ, ସମାଜରେ ଆତ୍ମହତ୍ୟାକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ ନାହିଁ। କିଛି ଲୋକଙ୍କ ପାଖରେ ଜନ୍ମରୁ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ। ଆଉ ଯେଉଁମାନେ ଆତ୍ମହତ୍ୟା କରୁଛନ୍ତି ତାହା ଭୁଲ୍ ଧାରଣା। ଏଭଳି କ୍ଷେତ୍ରରେ କମିଶନରେଟ ପୋଲିସର ଏହି କର୍ମଶାଳା ନିଆର ପଦକ୍ଷେପ ବୋଲି ସେ କହିଥିଲେ। ଏହି କର୍ମଶାଳାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସହ ବହୁ ପୋଲିସ ଅଧିକାରୀ, ମନସ୍ତତ୍ତ୍ୱବିତ୍ ଓ ବିଶେଷଜ୍ଞ ଉପସ୍ଥିତ ଥିଲେ।

## ଏପଟେ ଆଲୋଚନା, ସେପଟେ ଆତ୍ମହତ୍ୟା

ଭୁବନେଶ୍ୱର,୪।୯(ବ୍ୟୁରୋ)

### ଜୀବନ ହାରିଲେ ନର୍ସିଂ ଛାତ୍ରୀ

କରୋନା ପରଠାରୁ ଲୋକଙ୍କ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। ଉନ୍ନତ ଜୀବନ ଶୈଳୀ ଭିତରେ ମଣିଷ ଜୀବନକୁ ମୂଲ୍ୟହୀନ ମନେ କରୁଛି। ବିଶେଷକରି ଓଡ଼ିଶାରେ ଆତ୍ମହତ୍ୟା ହାର ଜାତୀୟ ହାରଠାରୁ ଅଧିକ ରହିବା ଉଦ୍‌ବେଗ ସୃଷ୍ଟି କରିଛି। ଏପରିସ୍ଥିତିରେ କମିଶନରେଟ ପୋଲିସ ପକ୍ଷରୁ ଆତ୍ମହତ୍ୟା ରୋକିବାକୁ ତର୍ଜମା ଓ ପର୍ଯ୍ୟାଲୋଚନା ଚାଲିଥିବାବେଳେ ରାଜଧାନୀରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବରକୁଦା ଅଞ୍ଚଳରେ ଥିବା ଏକ ନର୍ସିଂ କଲେଜରେ ଏହି ଘଟଣା ଘଟିଛି। କଲେଜ ପରିସର ହଷ୍ଟେଲରେ ଛାତ୍ରୀ ଜଣକ ଓଢଣୀ ଲଗାଇ ଝୁଲି ପଡିଛନ୍ତି। ମୃତ ଛାତ୍ରୀ ଜଣକ ହେଲେ ବଲାଙ୍ଗୀରର କୁନି କହଁର। ସେ ପ୍ରଥମ ବର୍ଷର ନର୍ସିଂ ଛାତ୍ରୀ ବୋଲି ଜଣାପଡିଛି। ଖବର ପାଇ ଏୟାରଫିଲ୍ଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରି ଆତ୍ମହତ୍ୟାର କାରଣ ଜାଣିବା ଲାଗି ତଦନ୍ତ ଚଳାଇଛି। ସେହିପରି ପରିବାର ଲୋକ ପହଞ୍ଚିବା ପରେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ଲାଗି ପଠାଯିବ ବୋଲି ଏୟାରଫିଲ୍ଡ ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଲାଇଫ୍ ଇନ୍‌ସ୍ୟୁରାନ୍ସ ଏଜେଣ୍ଟ୍‌ସ ଫେଡେରେଶନ ଅଫ୍ ଇଣ୍ଡିଆର ଆନ୍ଦୋଳନ କାର୍ଯ୍ୟକ୍ରମ, ସିଏବି ବ୍ରାଞ୍ଚ ୟୁନିଟ୍ ସମ୍ମାନ, ପୂର୍ବାହ୍ନ ୧୦ଟା।
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ୨୮ତମ ବାର୍ଷିକ ସମ୍ମିଳନୀ ଓ ଗୁରୁ ପ୍ରଣାମ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ, କଟକ, ଭୁବନେଶ୍ୱର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୁରୁପୂଜନ ସମାରୋହ, ରେଡକ୍ରସ ଭବନ, ଅପରାହ୍ନ ୫ଟା ୩୦।
- ମା' କୋଚିଲେଇ ହାଟ ଗଣେଶ ପୂଜା ଅବସରରେ ବାଦିପାଲା, ହାଟ ପୂଜା ମଣ୍ଡପ ପରିସର, ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟା ଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ମିଳିତ ସହଯୋଗରେ ଲୁପ୍ତପ୍ରାୟ ଲୋକନୃତ୍ୟ ସାଂସ୍କୃତିକ ସନ୍ଧ୍ୟା, ଭାରତୀୟ ବିଦ୍ୟାଭବନ କେନ୍ଦ୍ର, ମୁନ୍‌ସିହଲ୍, ଖାରବେଳ ନଗର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ, ସନ୍ଧ୍ୟା ୬ଟା ୪୫।
- ଗୁରୁ କେଳୁଚରଣ ମହାପାତ୍ରଙ୍କ ସମ୍ମାନ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

ଖୋର୍ଦ୍ଧା
- ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ, ବିଦ୍ୟାଳୟ ପରିସର, ସଂପୁର, ପୂର୍ବାହ୍ନ ୧୧ଟା।
- ପରମାନନ୍ଦ ମହାବିଦ୍ୟାଳୟ ୪୨ତମ ପ୍ରତିଷ୍ଠା ଦିବସ, ମହାବିଦ୍ୟାଳୟ ପରିସର, ବୋଲଗଡ, ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗୁରବେ ନମଃ..ସମ୍ବର୍ଦ୍ଧନା ଉତ୍ସବ, ସଂଘ ପରିସର, ଅବସରପ୍ରାପ୍ତ କର୍ମଚାରୀ ଭବନ, ଅପରାହ୍ନ ୨ଟା।

# ଓଡ଼ିଆ ସାକ୍ଷରତା ବୃଦ୍ଧିରେ ଭାଗବତର ଭୂମିକା ଗୁରୁତ୍ୱପୂର୍ଣ୍ଣ



ସାତଲହଡ଼ି ମଠରେ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ ଉତ୍ସବରେ ଅତିଥିମାନେ।

ପୁରୀ ଅଫିସ, ୪।୯

ଓଡ଼ିଆ ସାକ୍ଷରତା ବୃଦ୍ଧିରେ ଭାଗବତର ଭୂମିକା ଗୁରୁତପୂର୍ଣ୍ଣ ବୋଲି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ସାତଲହଡ଼ି ମଠ ପରିସରରେ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ ଉତ୍ସବରେ ମତ ପ୍ରକାଶ ପାଇଛି। ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପୀଠ ପରିସରରେ ଥିବା ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା।ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଥିଲେ। ଏହି ଅବସରରେ ଦାସବର୍ମା କହିଲେ, ୨୦୧୮ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପୁରୀରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ୧୨ହଜାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯାଇଛି। ତେବେ ଭାଗବତକୁ ଲୋକାଭିମୁଖୀ କରାଇବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଉଦ୍ୟମ କରିବାକୁ ଦାସବର୍ମା ଅନୁରୋଧ କରିଥିଲେ। ଏକାଡେମୀ ସଭାପତି ଡ. ମଲ୍ଲିକ କହିଥିଲେ, ଭାଗବତର ଡିଜିଟାଲ ସମ୍ପ୍ରସାରଣ ପାଇଁ ଏକାଡେମୀ ଉଦ୍ୟମ ଆରମ୍ଭ କରିଛି। ଥିସହିତ ରାଜ୍ୟର ସ୍କୁଲ ଓ କଲେଜଗୁଡ଼ିକୁ ଭାଗବତ ସେଟ୍ ଯୋଗାଇ ଦେବାକୁ ସମ୍ପୃକ୍ତ ବିଭାଗର ସହାୟତା ଲୋଡ଼ାଯାଇଛି। ଏହି ଆଲୋଚନାଚକ୍ରରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଶଙ୍କର୍ଷଣ ମଙ୍ଗରାଜ, ଡ. ମଥୁରେନ୍ଦ୍ର ପୃଷ୍ଟି, ଡ. ଦୁର୍ଗାମାଧବ ନନ୍ଦ ଏବଂ ଡ. ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଭାଗବତର ବିଭିନ୍ନ ବିଭାଗ ଉପରେ ଲିଖିତ ପ୍ରବନ୍ଧ ପାଠ କରିଥିଲେ। ଦୂରଦର୍ଶନର ଉପସ୍ଥାପିକା ଓ କଣ୍ଠଶିଳ୍ପୀ କଳ୍ପନା ମିଶ୍ର ଧନ୍ୟବାଦ ଦେଇଥିଲେ।

## ଛାତ୍ରଙ୍କଠାରୁ ୭୮ ହଜାର ନେଇଗଲେ ସାଇବର ଠକ

ଭୁବନେଶ୍ୱର,୪।୯ (ବ୍ୟୁରୋ)

ରାଜଧାନୀରେ ପ୍ରତିଦିନ କେହି ନା କେହି ସାଇବର ଠକେଇର ଶିକାର ହେଉଛନ୍ତି। ଏଠାରେ ରହି ସିଭିଲ୍ ସର୍ଭିସ ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଛାତ୍ର ସ୍ମାର୍ଟ ୱାଚ୍ କିଣିବାକୁ ଯାଇ ସାଇବର ଠକଙ୍କ ଜାଲରେ ପଡିଛନ୍ତି। ସାଇବର ଠକମାନେ ତାଙ୍କଠାରୁ ୭୮ ହଜାର ଟଙ୍କା ଚଳୁ କରିଦେଇଛନ୍ତି। ଠକେଇର ଶିକାର ଛାତ୍ର ଜଣକ ହେଲେ ଭୁବନେଶ୍ୱର ଶାସ୍ତ୍ରୀନଗରରେ ରହୁଥିବା ନୟାଗଡ ଜିଲାର ପ୍ରଭାସ ମହାପାତ୍ର। ସାଇବର ଠକମାନେ ନିଜକୁ ସେନା କର୍ମଚାରୀ ପରିଚୟ ଦେଇ ନକଲି ଆଇକାର୍ଡ଼, ଆଧାର କାର୍ଡ ଦେଖାଇ କ୍ୟାଣ୍ଟିନରୁ ଛାତ୍ରଙ୍କୁ ଅତ୍ୟାଧୁନିକ ସ୍ମାର୍ଟ ୱାଚ୍ ଦେବାକୁ କହିଥିଲେ। ଠକଙ୍କ କହିବାନୁସାରେ ପ୍ରଭାସ ଫୋନ ପେ'ରେ ଟଙ୍କା ପଠାଇଥିଲେ ମଧ୍ୟ ସ୍ମାର୍ଟୱାଚ୍ ପାଇ ନ ଥିଲେ। ଏହାପରେ ପ୍ରଭାସ ଭୁବନେଶ୍ୱର ସାଇବର ଥାନାରେ ଏତଲା ଦେଇଛନ୍ତି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପୀୟୂଷ



@ ଯଜ୍ଞେଶ୍ୱର



@ ଆଦିତ୍ୟ



@ ସିଦ୍ଧାନ୍ତ




@ ଯଶନ୍

# ବିଜେବିରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଫି' ବଢ଼ିଲା

ଭୁବନେଶ୍ୱର, ୪।୯(ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷରୁ ଭୁବନେଶ୍ୱରସ୍ଥିତ ବିଜେବି କଲେଜରେ ସେଲ୍ଫ ଫାଇନାନ୍ସିଂରେ ପାଠପଢ଼ା ମହଙ୍ଗା ହେବ। ସିଟ୍ ସହ କୋର୍ସ ଫି'କୁ ମଧ୍ୟ ବଢ଼ାଇ ଦିଆଯାଇଛି। ପିପିପି ମୋଡ୍‌ରେ ଚାଲୁଥିବା ୫ବର୍ଷିଆ ଇଣ୍ଟିଗ୍ରେଟେଡ ଏମ୍‌ବିଏ, ଆଇଏମ୍‌ଏସ୍‌ସି-ଇଟିସି, ଆଇଏମ୍‌ଏସ୍‌ସି ବିଆଇ, ୨ବର୍ଷିଆ ଏମ୍‌ଜେଏମ୍‌ସିର ଫି' ଓ ସିଟ୍ ସଂଖ୍ୟା ବୃଦ୍ଧି ପାଇଛି। ୫ବର୍ଷିଆ ଇଣ୍ଟିଗ୍ରେଟେଡ ଏମ୍‌ବିଏ ପାଇଁ ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ମୋଟ ୧ଲକ୍ଷ ୪୫ହଜାର ଟଙ୍କା ଦେବାକୁ ପଡୁଥିବାବେଳେ ଏହାକୁ ୧ଲକ୍ଷ ୭୫ ହଜାରକୁ ବୃଦ୍ଧି କରାଯାଇଛି। ପ୍ରଥମ ତିନିବର୍ଷ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୨୫ହଜାର ଲେଖାଏ ଟଙ୍କା ଏବଂ ଶେଷ ଦୁଇବର୍ଷ ବାର୍ଷିକ ୫୦ହଜାର ଲେଖାଏ ଟଙ୍କା ଦେବାକୁ ପଡ଼ିବ। ଏହାର ସିଟ୍ ସଂଖ୍ୟା ମଧ୍ୟ ୬୦ରୁ ୯୦କୁ ବୃଦ୍ଧି କରାଯାଇଛି। ସେହିଭଳି ୫ବର୍ଷିଆ ଆଇଏମ୍‌ଏସ୍‌ସି-ଇଟିସି ପାଠ୍ୟକ୍ରମ ପାଇଁ ୧ଲକ୍ଷ ୧୫ ହଜାର ଟଙ୍କା ବଦଳରେ ୧ଲକ୍ଷ ୪୫ ହଜାର ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏଥିରେ ୪୮ ସିଟ୍ ଥିବାବେଳେ ଏହା ଏବେ ୬୦କୁ ବୃଦ୍ଧି କରାଯାଇଛି। ଆଇଏମ୍‌ଏସ୍‌ସି ବିଆଇ କୋର୍ସ ଫି' ୧ଲକ୍ଷ ଟଙ୍କାରୁ ୧ଲକ୍ଷ ୪୫ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଏହାର ସିଟ୍ କ୍ଷମତା ୪୮ରୁ ୬୦କୁ ବୃଦ୍ଧି କରାଯାଇଛି। ଏହାଛଡ଼ା ଏମ୍‌ଜେଏମ୍‌ସି ପାଠ୍ୟକ୍ରମ ପାଇଁ ପୂର୍ବରୁ ୪୦ହଜାର କୋର୍ସ ଫି' ଥିବାବେଳେ ଏବେ ତାହାକୁ ୬୦ହଜାରକୁ ବୃଦ୍ଧି କରାଯାଇଛି। ଏଥିସହ ଏହାର ସିଟ୍ ସଂଖ୍ୟା ୪୮ ରୁ ୬୦କୁ ବଢ଼ାଯାଇଛି। ଏହି ପାଠ୍ୟକ୍ରମଗୁଡ଼ିକ ନିର୍ଦ୍ଦିଷ୍ଟ କିଛି ସର୍ତ୍ତାବଳୀ ସହିତ କାର୍ଯ୍ୟକାରୀ ହେବ। ହେରିଟେଜ୍ ଭିଜନ ଏଜୁକେଶନ ଟ୍ରଷ୍ଟର ସହଭାଗିତାରେ ଏହି ପାଠ୍ୟକ୍ରମ ଜାରି ରଖିବାକୁ ବିଜେବି କଲେଜ ଅଧ୍ୟକ୍ଷଙ୍କୁ ଅନୁମତି ଦିଆଯାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜେବି କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ପାଠ୍ୟକ୍ରମ ପାଇଁ କଲେଜ ପକ୍ଷରୁ ଜାଗା ଦିଆଯିବ। ତେବେ ଏଥିପାଇଁ ସମସ୍ତ ଖର୍ଚ୍ଚ ସହଯୋଗୀ ସଂସ୍ଥା ବହନ କରିବ। ଏହି ପାଠ୍ୟକ୍ରମଗୁଡ଼ିକ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପାଣ୍ଠି କିମ୍ବା କର୍ମଚାରୀ ଦିଆଯିବ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ ପାଠ୍ୟକ୍ରମ ପାଇଁ କଲେଜର ସାଧାରଣ ପାଠପଢ଼ାରେ ଯେପରି ବ୍ୟାଘାତ ନ ହୁଏ ସେଥିପ୍ରତି ଅଧ୍ୟକ୍ଷ ଗୁରୁତ୍ୱ ଦେବାକୁ କୁହାଯାଇଛି।

## ଓଡ଼ିଆ ଡାକ୍ତର ସମ୍ମାନିତ

ଭୁବନେଶ୍ୱର , ୪।୯(ବ୍ୟୁରୋ)

ପୁରୀ ଜିଲାର ପିପିଲି ନିକଟ ନୂଆଶାସନର ସ୍ୱର୍ଗତ ଜଗବନ୍ଧୁ ଦାସଙ୍କ କନିଷ୍ଠ ପୁତ୍ର ଡା. ଜୟଚନ୍ଦ୍ର ଦାସଙ୍କୁ ତାଙ୍କର କର୍ତ୍ତବ୍ୟ ନିଷ୍ଠା ଏବଂ ଚକ୍ଷୁ ରୋଗ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ରବିବାର ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଡା. ଦାସ ଦୀର୍ଘ ୫୦ ବର୍ଷ ହେବ ଦିଲ୍ଲୀରେ ଅବସ୍ଥାପିତ ଅଛନ୍ତି। ସେ ଦିଲ୍ଲୀ ଏମ୍ସ ଓ ମୌଲାନା ଆଜାଦ ମେଡିକାଲ କଲେଜରେ ଚକ୍ଷୁରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଛନ୍ତି। ଡା. ଦାସ ହେଉଛନ୍ତି ଭୁବନେଶ୍ୱରସ୍ଥିତ ବିଜେବି କଲେଜର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ରାମଚନ୍ଦ୍ର ମହାନ୍ତିଙ୍କ ବଡ ଜ୍ୱାଇଁ। କ୍ୟାପିଟାଲ ଫାଉଣ୍ଡେଶନ ନ୍ୟାଶନାଲ ଆୱାର୍ଡ ପାଇଥିବାରୁ ଡାକ୍ତର ଦାସଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



ଭୁବନେଶ୍ୱର ନୟାପଲ୍ଲୀ ଗଡ଼ସାହିରେ ରବିବାର ଶେଷ ପାଳିରେ ଯୁବତୀ ଓ ମହିଳାମାନେ ଖୁଦୁରୁକୁଣୀ ପୂଜା କରୁଛନ୍ତି।



ଭୁବନେଶ୍ୱର କଟକରୋଡ଼ସ୍ଥିତ ତେରାପନ୍ଥ ଭବନରେ ରବିବାର ଶାନ୍ତିପ୍ରିୟ ପଟ୍ଟନାୟକଙ୍କ ପ୍ରଥମ ସ୍ମୃତି ଦିବସରେ ଅତିଥିମାନେ 'ସ୍ମୃତିରେ ଶାନ୍ତି' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।



କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ରବିବାର ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡାକ୍ତର ଜେ.ସି. ଦାସଙ୍କୁ ସମ୍ମାନିତ କରୁଛନ୍ତି।

**ଭଲ ପଢୁଥିବାରୁ ଝିଅର ସହପାଠୀଙ୍କୁ ହତ୍ୟା କଲେ ମା'**

ପଣ୍ଡିଚେରୀର କରାଇକଲରେ ଜଣେ ୧୩ ବର୍ଷର ଛାତ୍ରଙ୍କୁ ତାଙ୍କ ସହପାଠୀଙ୍କ ମାଆ ହତ୍ୟା କରିଛନ୍ତି। ନିଜ ଝିଅଠାରୁ ଛାତ୍ର ଜଣକ ସ୍କୁଲ୍‌ରେ ଭଲ ପଢୁଥିବାରୁ ମହିଳା ପ୍ରତିହିଂସା ପରାୟଣ ହୋଇଉଠିଥିଲେ। ଶୁକ୍ରବାର ସ୍କୁଲ୍‌ରେ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ମହିଳା ସେଠାକୁ ଯାଇ ଛାତ୍ରଙ୍କୁ ବିଷ ମିଶାଯାଇଥିବା ପାନୀୟ ପିଇବାକୁ ଦେଇଥିଲେ। ଶନିବାର ରାତିରେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ଜେ. ସହାୟରାଣୀ ଭିକ୍ଟୋରିଆ (୪୨)ଙ୍କୁ ହତ୍ୟା ମାମଲାରେ ଗିରଫ କରାଯାଇଛି।

## ଓବାମାଙ୍କୁ ଏମି ପୁରସ୍କାର



ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ନେଟ୍‌ଫ୍ଲିକ୍ସ ପ୍ରାମାଣିକ ଚିତ୍ର ସିରିଜ୍ 'ଆୱାର ଗ୍ରେଟ୍ ନ୍ୟାଶନାଲ ପାର୍କ୍ସ' ପାଇଁ ଶ୍ରେଷ୍ଠ ବ୍ୟାଖ୍ୟାକାର ଭାବେ ଏମି ଆୱାର୍ଡ ପାଇଛନ୍ତି। ତାଙ୍କ ପ୍ରଯୋଜନା କମ୍ପାନୀ ହାୟର ଗ୍ରାଉଣ୍ଡ ଉକ୍ତ ଡକୁମେଣ୍ଟାରି ପ୍ରସ୍ତୁତ କରିଛି। ଏମି ପାଇବାରେ ସେ ଆମେରିକାର ଦ୍ୱିତୀୟ ରାଷ୍ଟ୍ରପତି। ସେହିପରି ସୃଜନଶୀଳ କଳା ପାଇଁ ବ୍ଲାକ୍ ପାନ୍ଥର ଅଭିନେତା ଚାଡ୍‌ୱିକ ବୋସ୍‌ମ୍ୟାନଙ୍କୁ ମରଣୋତ୍ତର ଭାବେ ଏମି ପୁରସ୍କାର ମିଳିଛି। ଡିସ୍‌ନି ପ୍ଲସ୍ ସିରିଜ୍ 'ହ୍ୱାଟ୍ ଇଫ୍... ?'ରେ ବୋସ୍‌ମ୍ୟାନ୍‌ଙ୍କ ଭଏସ୍ ପ୍ରଦର୍ଶନ ଲାଗି ତାଙ୍କୁ ଏହି ପୁରସ୍କାର ନିମନ୍ତେ ମନୋନୀତ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ହେଲେ ସପ୍ତାହକରେ ଶକ୍ତି ସଙ୍କଟର ସମାଧାନ

ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ଆଗୁଆ ଥିବା ୪୭ ବର୍ଷୀୟା ଲିଜ୍ ଟ୍ରସ୍ ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ସପ୍ତାହକ ମଧ୍ୟରେ ଶକ୍ତିସଙ୍କଟର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ୧୯୭୫ରେ ଅକ୍ସଫୋର୍ଡରେ ଜନ୍ମିତ ମେରି ଏଲିଜାବେଥ୍ ଟ୍ରସ୍‌ଙ୍କ ପ୍ରତିଦ୍ୱନ୍ଦ୍ୱିତା ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କ ସହ ହେଉଛି। ଶୁକ୍ରବାର ବ୍ରିଟେନ ପ୍ରଧାନମନ୍ତ୍ରୀ ପଦ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଶେଷ



ହୋଇଥିବାବେଳେ ମଙ୍ଗଳବାର ଫଳାଫଳ ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ଏହା ପୂର୍ବରୁ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଦେଶରେ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟର ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏକ ସାକ୍ଷାତ୍‌କାରରେ ବହିର୍ବ୍ୟାପାର ମନ୍ତ୍ରୀ ଟ୍ରସ୍ କହିଛନ୍ତି, ବ୍ରିଟେନ୍ ଅର୍ଥନୀତି ଓ ଲୋକଙ୍କ ପାଇଁ ଏନର୍ଜୀ ବିଲ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଜୟୀ ଘୋଷଣା ହେବାର ସପ୍ତାହେ ଭିତରେ ଏହାର ସମାଧାନ ଲାଗି ତାଙ୍କ ପାଖରେ ବ୍ଲୁ ପ୍ରିଣ୍ଟ ରହିଛି।

## ଆଜି ଆସୁଛନ୍ତି ଶେଖ ହାସିନା

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ସୋମବାର ୪ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନକର୍‌ଙ୍କୁ ସାକ୍ଷାତ କରିବେ। ଏହି ଅବସରରେ ହାସିନା ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହାବାଦ୍ ରାଜସ୍ଥାନର ଅଜମେର୍ ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ରହିଛି। ୨୦୧୯ ଅକ୍ଟୋବର ପରେ



ଏହା ହେଉଛି ତାଙ୍କର ଦ୍ୱିତୀୟ ଭାରତ ଗସ୍ତ। ଏହି ଗସ୍ତ ପୂର୍ବରୁ ହାସିନା ଭାରତକୁ ବିଶ୍ୱସ୍ତ ବନ୍ଧୁ ଭାବେ ଅଭିହିତ କରିଛନ୍ତି।

## ସଡ଼କ ଦୁର୍ଘଟଣା: ବର୍ଷକରେ ୧.୫୫ ଲକ୍ଷ ମୃତ୍ୟୁ

### ଆତ୍ମହତ୍ୟା କରିଛନ୍ତି ୧.୬୪ ଲକ୍ଷ

ନୂଆଦିଲ୍ଲୀ,୪।୯(ପି.ଟି.)

୨୦୨୧ ବର୍ଷରେ ଭାରତରେ ସଡ଼କ ଦୁର୍ଘଟଣାରେ ୧.୫୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି, ଯାହା କୌଣସି କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ। ଅର୍ଥାତ୍ ଦୁର୍ଘଟଣାରେ ଦୈନିକ ୪୨୬ ଜଣ ଜୀବନ ହରାଇଥିବାବେଳେ ଘଣ୍ଟା ପ୍ରତି ମୃତ୍ୟୁସଂଖ୍ୟା ୧୮ ରହିଛି। ଗତବର୍ଷ ସାରା ଦେଶରେ ୪.୦୩ ଲକ୍ଷ ଦୁର୍ଘଟଣା ଘଟିଥିଲା। ମୃତକଙ୍କୁ ବାଦ୍ ଦେଲେ ଏହି ଦୁର୍ଘଟଣାରେ ୩.୭୧ ଲକ୍ଷ ଲୋକ ଆହତ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ିଛି। ଗତବର୍ଷ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ଥିବାବେଳେ ଦୁର୍ଘଟଣା ଓ ଆହତ ସଂଖ୍ୟା ପୂର୍ବ ବର୍ଷ ଅପେକ୍ଷା କମ୍ ରହିଛି। ଗତବର୍ଷ ପ୍ରତି ହଜାରେ ଗାଡ଼ିରେ ମୃତ୍ୟୁସଂଖ୍ୟା ୦.୫୩ ରହିଛି। ୨୦୨୦ରେ ଏହି ସଂଖ୍ୟା ୦.୪୫ ଥିବାବେଳେ ୨୦୧୯ରେ ୦.୫୨, ୨୦୧୮ରେ ୦.୫୬ ଏବଂ ୨୦୧୭ରେ ୦.୫୯ ଥିଲା। ୨୦୨୦ରେ କୋଭିଡ୍ ଜନିତ ଲକ୍‌ଡାଉନ ଯୋଗୁ ଗାଡ଼ି ଚଳାଚଳ ହ୍ରାସ ପାଇଥିଲା। ଏହା ସତ୍ତ୍ୱେ ସେହିବର୍ଷ ୩.୫୬ ଲକ୍ଷ ସଡ଼କ ଦୁର୍ଘଟଣାରେ ୧.୩୩ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା ଓ ୩.୩୫ ଲକ୍ଷ ଆହତ ହୋଇଥିଲେ। ୨୦୧୯ରେ ୪.୩୭ ଲକ୍ଷ ଦୁର୍ଘଟଣାରେ ୧.୫୪ ଲକ୍ଷ ଲୋକଙ୍କ ମୃତ୍ୟୁ ହେବା ସହ ୪.୩୯ ଲକ୍ଷ ଆହତ ହୋଇଥିଲେ। ସେହିପରି ଗତବର୍ଷ ଆତ୍ମହତ୍ୟାରେ ୧.୬୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି, ଯାହା ପୂର୍ବ ବର୍ଷଗୁଡ଼ିକଠାରୁ ଅଧିକ। ଗତବର୍ଷ ଦୈନିକ ହାରାହାରି ୪୫୦ ଜଣ ଏବଂ ଘଣ୍ଟା ପ୍ରତି ୧୮ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୧ରେ ୧.୧୯ଲକ୍ଷ ପୁରୁଷ, ୪୫,୦୨୬ ମହିଳା ଏବଂ ୨୮ ଜଣ କିନ୍ନର ଆତ୍ମହତ୍ୟା କରିଥିବା ଏନ୍‌ସିଆର୍‌ବି ତଥ୍ୟରୁ ଜଣାପଡ଼ିଛି। ୨୦୨୦ରେ ଦେଶରେ ୧.୫୩ ଲକ୍ଷ ଆତ୍ମହତ୍ୟା କରିଥିଲେ। ୨୦୧୯ରେ ଏହି ସଂଖ୍ୟା ୧.୩୯ ଲକ୍ଷ, ୨୦୧୮ରେ ୧.୩୪ଲକ୍ଷ, ୨୦୧୭ରେ ୧.୨୯ଲକ୍ଷ ଥିଲା।

# ରେଡିଏଶନ୍‌କୁ ଭିଜା ଲୋଡ଼ା ନାହିଁ

### ୟୁରୋପକୁ ରୁଷିଆର ବିକିରଣ ବିସ୍ଫୋରଣ ଧମକ

ମସ୍କୋ/କିଭ୍ , ୪।୯

ୟୁକ୍ରେନ୍ ଉପରେ ୬ ମାସରୁ ଅଧିକ ସମୟ ହେଲା ରୁଷିଆ ଆକ୍ରମଣ ଜାରି ରଖିଛି। ଯୁଦ୍ଧ ଆରମ୍ଭ ହେବାଦିନରୁ ଆମେରିକା ସମେତ ୟୁରୋପୀୟ ସଂଘ (ଇୟୁ) ରୁଷିଆ ଉପରେ ଚାପ ପକାଇବା ପାଇଁ କଟକଣା ଲଗାଇବାରେ ଲାଗିଥିବାବେଳେ ଏବେ ମସ୍କୋ ସହ ଟ୍ରାଭେଲ ଭିଜା ଏଗ୍ରିମେଣ୍ଟ ବାତିଲ କରିବାକୁ ଯୋଜନା କରୁଛି। ଏହା ହେଲେ ୟୁରୋପୀୟ ଦେଶଗୁଡ଼ିକୁ ରୁଷୀୟ ନାଗରିକ ଯାତ୍ରା କରିବା କଷ୍ଟକର ହୋଇପଡ଼ିବ। ଏହାକୁ ନେଇ କ୍ରେମଲିନ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରୁଷିଆ ୟୁରୋପକୁ ବିକିରଣ ବିସ୍ଫୋରଣର ଧମକ ଦେଇଛି। ରେଡିଏଶନ ପାଇଁ କୌଣସି ଭିଜା ଦରକାର ପଡ଼ିବ ନାହିଁ ବୋଲି ମସ୍କୋ କହିଛି। ଏସବୁ ଭିତରେ ରୁଷିଆ କବ୍‌ଜାରେ ଥିବା ୟୁକ୍ରେନ୍ ସ୍ଥିତ ୟୁରୋପର ସର୍ବବୃହତ୍ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟକୁ ଏହାର ଶେଷ ବାହ୍ୟ ପାୱାରଲାଇନ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଏହି ପ୍ଲାଣ୍ଟ ନିକଟରେ ବିସ୍ଫୋରଣ ପାଇଁ ରୁଷିଆ ଏବଂ ୟୁକ୍ରେନ୍ ପରସ୍ପରକୁ ଦାୟୀ କରୁଛନ୍ତି। ମସ୍କୋ ନ୍ୟୁକ୍ଲିୟର ବିକିରଣର ଧମକ ଦେଇ ୟୁରୋପକୁ ବ୍ଲାକମେଲ କରିବାକୁ ଚାହୁଁଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେଠାରେ କୌଣସି ମୁହୂର୍ତ୍ତରେ ଆଣବିକ ବିପର୍ଯ୍ୟୟ ଘଟିପାରେ ବୋଲି ଜାତିସଂଘର ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜୀ ଏଜେନ୍ସି (ଆଇଏଇଏ) ଆଶଙ୍କା ବ୍ୟକ୍ତ କରିଛି।

ଇୟୁ ରୁଷିଆ ଉପରେ ଭିଜା କଟକଣା ଲଗାଇବା ନିଷ୍ପତ୍ତିକୁ ନେଇ ୟୁରୋପ ଦୁଇ ଭାଗ ହୋଇଛି। ରୁଷିଆ ଟୁରିଷ୍ଟଙ୍କ ପାଇଁ ଭିଜା ଚୁକ୍ତି ବାତିଲ କରିବା ସପକ୍ଷରେ ଜର୍ମାନୀ ନାହିଁ। ୟୁକ୍ରେନ୍‌କୁ ସମର୍ଥନ ନ କରିବା ଦାବିରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ଜର୍ମାନୀରେ ଆନ୍ଦୋଳନ କରିବା ଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ରୁଷୀୟ ଭାଷୀ ଆନ୍ଦୋଳନକାରୀ ରହିଛନ୍ତି। ଜର୍ମାନୀରେ ରହୁଥିବା ରୁଷିଆ ନାଗରିକ ସମୁଦାୟଙ୍କ ପକ୍ଷରୁ ଏପରି କରାଯାଇଛି। ଅନ୍ୟପକ୍ଷରେ ରୁଷିଆ ତେଲ ଉପରେ ପ୍ରାଇସ୍ କ୍ୟାପ୍ ଲଗାଇବା ପାଇଁ ଜି-୭ ରାଷ୍ଟ୍ରଗୁଡ଼ିକ ରାଜି ହେବା ପରେ ମସ୍କୋ ଜର୍ମାନୀକୁ ଯାଇଥିବା ସବୁଠାରୁ ବଡ଼ ଗ୍ୟାସ୍ ପାଇପଲାଇନ ନର୍ଡ ଷ୍ଟ୍ରିମ୍-୧କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେଇଛି। ଏହି ପାଇପ୍‌ରେ ବର୍ଷକୁ ୫୫ କ୍ୟୁବିକ୍ ମିଟର ଗ୍ୟାସ୍ ପ୍ରତିବର୍ଷ ରୁଷିଆରୁ ୟୁରୋପକୁ ଆସିଥାଏ। ତେଲ ଲିକ୍ ଯୋଗୁ ରୁଷିଆ ଏପରି କରିଥିବା କହୁଥିଲେ ହେଁ ଏଥିଯୋଗୁ ଜର୍ମାନୀ ସମେତ ୟୁରୋପରେ ମଧ୍ୟ ପ୍ରାକୃତିକ ଗ୍ୟାସ୍ ସଙ୍କଟ ଗମ୍ଭୀର ହେବ। ଆଗକୁ ଶୀତଦିନ ଆସୁଥିବାରୁ ଥଣ୍ଡାରୁ ରକ୍ଷା ପାଇବା ପାଇଁ ପ୍ରାକୃତିକ ଗ୍ୟାସ୍‌ର ଅଭାବ ଦେଖାଯାଇପାରେ। ୟୁରୋପର ଏକାଧିକ ଦେଶରେ ବ୍ଲାକ୍‌ଆଉଟ୍ ସମସ୍ୟା ମଧ୍ୟ ହୋଇପାରେ ବୋଲି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସୁଇଡେନ୍, ଫିନ୍‌ଲାଣ୍ଡ ଏନର୍ଜୀ କମ୍ପାନୀଗୁଡ଼ିକୁ ଲିକ୍ୱିଡିଟି ଗ୍ୟାରେଣ୍ଟି (ନଗଦ ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା) ପ୍ରଦାନ କରିଛି। ଅପରପକ୍ଷେ ୟୁରୋପର ସର୍ବବୃହତ ନ୍ୟୁକ୍ଲିୟର ପ୍ଲାଣ୍ଟ ଥିବା ଜାପୋରିଜିଆ ରୁଷିଆ ପାଇଁ ରଣନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମସ୍କୋ କବ୍‌ଜାରେ ଥିବା କ୍ରିମିଆଠାରୁ ଏହା ପ୍ରାୟ ୨୦୦ କି.ମି. ଦୂରରେ ଅବସ୍ଥିତ। ୨୦୨୧ରେ ୟୁକ୍ରେନ୍ ଆବଶ୍ୟକ କରୁଥିବା ଏନର୍ଜୀର ୫୫.୫% ଏହି ପ୍ଲାଣ୍ଟରୁ ଆସୁଥିଲା।



ୟୁକ୍ରେନ୍‌ର ଜାପୋରିଜିଆସ୍ଥିତ ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ର।

## ମାଗାସେସେ ପୁରସ୍କାର ପ୍ରତ୍ୟାଖ୍ୟାନ କଲେ ଶୈଳଜା

ଥିରୁଭାନନ୍ତପୁରମ୍,୪।୯

ବରିଷ୍ଠ ସିପିଏମ୍ ନେତ୍ରୀ ତଥା କେରଳର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା ମର୍ଯ୍ୟାଦାଜନକ ରମନ ମାଗାସେସେ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଫିଲିପାଇନ୍ସର ଦିବଂଗତ ରାଷ୍ଟ୍ରପତି ରମନ ମାଗାସେସେ କମ୍ୟୁନିଷ୍ଟମାନଙ୍କ ପ୍ରତି ନିଷ୍ଠୁର ଥିଲେ। ସେଥିପାଇଁ ସେ ବ୍ୟକ୍ତିଗତ ଭାବେ ଏହି ପୁରସ୍କାର ଗ୍ରହଣ କରିବାକୁ ଚାହାନ୍ତି ନାହିଁ ବୋଲି ଶୈଳଜା ଖବରଦାତାମାନଙ୍କୁ କହିଛନ୍ତି। ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ଫିଲିପାଇନ୍ସରେ କମ୍ୟୁନିଷ୍ଟମାନଙ୍କ ଉପରେ ରମଣ ମାଗାସେସେ ବର୍ବର



ଅତ୍ୟାଚାର କରୁଥିବାର ଇତିହାସ ରହିଛି। ସିପିଏମ୍‌ର କେନ୍ଦ୍ରୀୟ କମିଟି ସଦସ୍ୟ ଥିବା ଶୈଳଜା ଦଳର ଜାତୀୟ ନେତୃତ୍ୱଙ୍କ ସହ ପରାମର୍ଶ କରି ପୁରସ୍କାର ପ୍ରତ୍ୟାଖ୍ୟାନ କରିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

## ୧୧୦.୮୩ କୋଟିର ଦୁର୍ନୀତି ଧରିଲେ ଏଜି

### ମଧ୍ୟପ୍ରଦେଶରେ ମହିଳା ଓ ଶିଶୁଙ୍କୁ ମାଗଣା ଖାଦ୍ୟ ଯୋଜନା

ଭୋପାଳ,୪।୯

ମଧ୍ୟପ୍ରଦେଶରେ ମହିଳା ଓ ଶିଶୁଙ୍କ ପୋଷଣ ଯୋଜନାରେ ବ୍ୟାପକ ଦୁର୍ନୀତି ପଦାକୁ ଆସିଛି। ୧୧୦.୮୩ କୋଟି ଟଙ୍କାର ଖାଦ୍ୟଶସ୍ୟ ବଣ୍ଟନ ସମ୍ପର୍କରେ ଭୁଲ୍ ତଥ୍ୟ ଦିଆଯାଇଥିବା ରାଜ୍ୟ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) ଅଡିଟ୍‌ରୁ ଧରାପଡ଼ିଛି। ୨୦୨୦ରୁ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଅଧୀନରେ ମହିଳା ଓ ଶିଶୁ ବିକାଶ ବିଭାଗ ରହିଥିବାରୁ ଏହି ଦୁର୍ନୀତି ପାଇଁ ତାଙ୍କ ଉପରକୁ ଅଙ୍ଗୁଳି ଉଠିଛି। ଏଜି ଦାଖଲ କରିଥିବା ୩୬ ପୃଷ୍ଠାର ରିପୋର୍ଟରେ ହିତାଧିକାରୀ ଚୟନ, ଖାଦ୍ୟ ସାମଗ୍ରୀ ଉତ୍ପାଦନ, ବଣ୍ଟନ ଓ ମାନ ନିର୍ଦ୍ଧାରଣରେ ବ୍ୟାପକ ଜାଲିଆତି ହୋଇଥିବା ଦର୍ଶାଯାଇଛି। ୨୦୨୧ରେ ଟେକ୍ ହୋମ୍ ରାଶନ ଯୋଜନାରେ ୨୪% ହିତାଧିକାରୀଙ୍କ ଯାଞ୍ଚ ପରେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୪୯.୫୮ ଲକ୍ଷ ପଞ୍ଜୀକୃତ ଶିଶୁ ଓ ମହିଳାଙ୍କୁ ପୌଷ୍ଟିକ ଖାଦ୍ୟ ଯୋଗାଇବା ପାଇଁ ଏହି ଯୋଜନା ଆରମ୍ଭ ହୋଇଥିଲା। ସେଥିରେ ୬ ମାସରୁ ୩ ବର୍ଷ ବୟସର ୩୪.୬୯ ଲକ୍ଷ ଶିଶୁ ଥିବାବେଳେ ୧୪.୨୫ ଲକ୍ଷ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା ଏବଂ ୦.୬୪ ଲକ୍ଷ କିଶୋରୀ ଥିଲେ। ତେବେ ପ୍ରାୟ ୧୨ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ଦର୍ଶାଯାଇଥିବା ଅଡିଟର ଜାଣିବାକୁ ପାଇଛନ୍ତି। ଖାଦ୍ୟଶସ୍ୟ ଯୋଗାଉଥିବା ୬ଟି ଉତ୍ପାଦନ ଶିଳ୍ପ ଟ୍ରକ୍ ଜରିଆରେ ୧,୧୨୫.୬୪ ମେଟ୍ରିକ ଟନ୍ ରାଶନ ପରିବହନ କରିଛନ୍ତି ଓ ଏଥିରେ ୬.୯୪ କୋଟି ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି। କିନ୍ତୁ ପଞ୍ଜୀକୃତ ନମ୍ବର ଟ୍ରକ୍ ପରିବର୍ତ୍ତେ ମୋଟରସାଇକେଲ, କାର, ଅଟୋ ଏବଂ ଟ୍ୟାଙ୍କରର ବୋଲି ପରିବହନ ବିଭାଗରେ ଯାଞ୍ଚରୁ ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମହିଳା ଓ ଶିଶୁ ବିକାଶ ବିଭାଗ ରାଶନ ପାଇଁ ଯୋଗ୍ୟ ସ୍କୁଲ୍ ଛାତ୍ରୀଙ୍କ ସର୍ଭେ ୨୦୨୧ ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ କରିନାହିଁ। ୨୦୧୮-୧୯ରେ ୯,୦୦୦ ଛାତ୍ରୀ ଅଧାରୁ ପାଠ ଛାଡ଼ିଥିବା ସ୍କୁଲ ଶିକ୍ଷା ବିଭାଗ ଆକଳନ କରିଥିବାବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ବିନା ସର୍ଭେରେ ଏହାକୁ ୩୬.୦୮ ଲକ୍ଷ ଦର୍ଶାଇଛି।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କୁକୁରର ଶେଷକୃତ୍ୟ

ବେଙ୍ଗାଲୁରୁ, ୪।୯

କର୍ଣ୍ଣାଟକର ମାଙ୍ଗାଲୁରୁରେ ରବିବାର ପୋଲିସ କୁକୁର ଗୀତାର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ୧୧ ବର୍ଷ ବୟସରେ ଶନିବାର ଲାବ୍ରେଡର ପ୍ରଜାତିର ଏହି କୁକୁର ଆଖିବୁଜିଥିଲା। ୨୦୧୧ ମେ ୨୧ରେ ଜନ୍ମିତ ଗୀତା ପୋଲିସ ବାହିନୀରେ ସେହିବର୍ଷ ଅଗଷ୍ଟ ୧୯ରେ ସାମିଲ ହୋଇଥିଲା। ଭିଭିଆଇପିଙ୍କ ଗସ୍ତବେଳେ ସୁରକ୍ଷା ଓ ବିସ୍ଫୋରକ ଠାବ କାର୍ଯ୍ୟରେ ଏହାକୁ ନିୟୋଜିତ କରାଯାଉଥିଲା। ମାଙ୍ଗାଲୁରୁର ଡିଏଆର୍ ଗ୍ରାଉଣ୍ଡରେ ରବିବାର ପୂର୍ବାହ୍ନ ୮ଟାରେ ଗୀତାକୁ ରାଷ୍ଟ୍ରୀୟ ସମ୍ମାନ ସହ ସମାଧି ଦିଆଯାଇଥିବା ପୋଲିସ କମିଶନର ଏମ୍. ଶଶିକୁମାର କହିଛନ୍ତି।



୭୯ତମ ଭେନିସ୍ ଫିଲ୍ମ ଫେଷ୍ଟିଭାଲ ରେଡ୍ କାର୍ପେଟରେ ଆମେରିକୀୟ ଅଭିନେତା ଟିମୋଥି ଚାଲାମେଟ୍ ପ୍ରଶଂସକମାନଙ୍କୁ ଅଭିବାଦନ ଜଣାଉଛନ୍ତି। ଇଟାଲୀର ଭେନିସ୍ ସହରରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଫିଲ୍ମ ପ୍ରଡ୍ୟୁସର୍ସ ଆସୋସିଏଶନ (ଏଏଫ୍‌ଆଇଏପିଏଫ୍) ପକ୍ଷରୁ ଏହାର ଆୟୋଜନ କରାଯାଉଛି।

## ଗଣେଶ ପେଣ୍ଡାଲରେ ହନୁମାନଙ୍କ ମୃତ୍ୟୁ

**ଲକ୍ଷ୍ନୌ,୪।୯:** ଗଣେଶ ଚତୁର୍ଥୀ ଅବସରରେ ଉତ୍ତରପ୍ରଦେଶର ମୈନପୁରରେ ଶନିବାର ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଉଥିଲା। ଭଜନ ଦଳ ସହ ରବି ଶର୍ମା (୩୫) ନାମକ ବ୍ୟକ୍ତି ଆସିଥିଲେ। ଭଜନ ପରିବେଷଣ ବେଳେ ସେ ଗଣେଶ ପେଣ୍ଡାଲରେ ହନୁମାନ ବେଶ ଧାରଣ କରି ନୃତ୍ୟ ପ୍ରଦର୍ଶନ କରୁଥିଲେ। ନୃତ୍ୟ କରୁଥିବାବେଳେ ସେ ହଠାତ୍ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ।



ତାଙ୍କୁ ହସ୍ପିଟାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବିଶ୍ୱ ଐତିହ୍ୟ ତାଲିକାରୁ ହଟିପାରେ ମହେଞ୍ଜୋଦାରୋ

**ଲର୍କାନା, ୪।୯:** ବିଶ୍ୱର ଐତିହ୍ୟ ତାଲିକାରୁ ମହେଞ୍ଜୋଦାରୋ ହଟିବା ନେଇ ପାକିସ୍ତାନର ପ୍ରତ୍ନତତ୍ତ୍ୱ ବିଭାଗ ଆଶଙ୍କା ବ୍ୟକ୍ତ କରିଛି। ଏଥିସହ ଏହି ପ୍ରାଚୀନ ସଭ୍ୟତାର ତ୍ୱରିତ ସଂରକ୍ଷଣ ତଥା ମରାମତି ପାଇଁ ଦୃଷ୍ଟି ଆକର୍ଷଣ କରିଛି। ଅଗଷ୍ଟ ୧୬ରୁ ୨୬ ତାରିଖ ମଧ୍ୟରେ ମହେଞ୍ଜୋଦାରୋର ଭଗ୍ନାବଶେଷକୁ ୭୭୯.୫ ମିଲିମିଟର ବର୍ଷାଜଳ ପ୍ରବେଶ କରିଛି। ଏଥିଯୋଗୁ ଏହାର କେତେକ ଅଂଶ କ୍ଷତିଗ୍ରସ୍ତ ହୋଇଛି। ସୁରକ୍ଷା ପ୍ରାଚୀର ଓ ସ୍ତୂପଗୁଡ଼ିକ ଧସିଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କରା ନ ଗଲେ ମହେଞ୍ଜୋଦାରୋ ବିଶ୍ୱ ଐତିହ୍ୟ ମାନ୍ୟତା ହରାଇପାରେ ବୋଲି ଡନ୍ ଖବରକାଗଜରେ ଏକ ରିପୋର୍ଟ ପ୍ରକାଶ ପାଇଛି।



## ଟାଟା ସନ୍ସ-ସାଇରସ୍ ବିବାଦ

**୨୦୧୬ ଅକ୍ଟୋବର ୨୪:** ସାଇରସ୍ ମିସ୍ତ୍ରୀଙ୍କୁ ଟାଟା ସନ୍ସ ଚେୟାରମ୍ୟାନ୍ ପଦରୁ ହଟାଇ ରତନ ଟାଟାଙ୍କୁ ଅନ୍ତରୀଣ ଅଧକ୍ଷ କରାଯାଇଥିଲା।

**୨୦୧୬ ଡିସେମ୍ବର ୨୦:** ସାଇରସ୍ ମିସ୍ତ୍ରୀଙ୍କ ସାଇରସ୍ ଇନ୍‌ଭେଷ୍ଟମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଷ୍ଟର୍ଲିଂ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ୍ ଲିମିଟେଡ୍ ମୁମ୍ବାଇ ସ୍ଥିତ ଏନ୍‌ସିଏଲ୍‌ଟିଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ବହିଷ୍କାରକୁ ଚ୍ୟାଲେଞ୍ଜ କରିଥିଲା। ଏଥିସହ ସାଇରସ୍‌ଙ୍କ ସଂସ୍ଥା ସଂଖ୍ୟାଲଘୁ ଅଂଶୀଦାରଙ୍କ ପ୍ରତି ଦମନଲୀଳା ଓ ଟାଟା ଗ୍ରୁପ୍‌ର କୁପରିଚାଳନା ଅଭିଯୋଗ ଆଣିଥିଲା।

**୨୦୧୭ ଜାନୁୟାରୀ ୧୨:** ଟାଟା ସନ୍ସ ଏନ୍. ଚନ୍ଦ୍ରଶେଖରନ୍‌ଙ୍କୁ ଚେୟାରମ୍ୟାନ୍ ନିଯୁକ୍ତ କରିଥିଲା।

**୨୦୧୭ ଫେବୃୟାରୀ ୬:** ସାଇରସ୍‌ଙ୍କୁ ଟାଟା ସନ୍ସ ବୋର୍ଡରୁ ହଟାଇ ଦିଆଯାଇଥିଲା।

**୨୦୧୭ ମାର୍ଚ୍ଚ ୬:** ମିସ୍ତ୍ରୀ ପରିବାରର ଦୁଇଟି ନିବେଶ ସଂସ୍ଥା ମାମଲା ଦାଏର ପାଇଁ ଟାଟା କମ୍ପାନୀରେ ୧୦% ପାର୍ଟନରଶିପ୍ କ୍ରାଏଟେରିଆ ପୂରଣ କରୁ ନ ଥିବା ଦର୍ଶାଇ ଏନ୍‌ସିଏଲ୍‌ଟି ମୁମ୍ବାଇ ଆବେଦନକୁ ରଦ୍ଦ କରିଦେଇଥିଲେ।

**୨୦୧୭ ଏପ୍ରିଲ ୨୭:** ମିସ୍ତ୍ରୀ ପରିବାରର ଦୁଇ ଇନ୍‌ଭେଷ୍ଟମେଣ୍ଟ ଫାର୍ମ ପକ୍ଷରୁ ଏନ୍‌ସିଏଲ୍‌ଟି ମୁମ୍ବାଇ ରାୟକୁ ଏନ୍‌ସିଏଲ୍ଏଟିରେ ଚ୍ୟାଲେଞ୍ଜ କରାଯାଇଥିଲା।

**୨୦୧୭ ସେପ୍ଟେମ୍ବର ୨୧:** ଟାଟା ସନ୍ସ ବିରୋଧରେ ଦୁଇ ସଂସ୍ଥାର ଆବେଦନକୁ ଏନ୍‌ସିଏଲ୍‌ଏଟି ଖଣ୍ଡପୀଠ ଗ୍ରହଣ କରିଥିଲେ।

**୨୦୧୭ ଅକ୍ଟୋବର ୫:** ଏହି ମାମଲାକୁ ମୁମ୍ବାଇରୁ ଦିଲ୍ଲୀକୁ ସ୍ଥାନାନ୍ତର ଦାବିରେ ଦୁଇ ନିବେଶକାରୀ ସଂସ୍ଥା ଜାତୀୟ ରାଜଧାନୀ ସ୍ଥିତ ଏନ୍‌ସିଏଲ୍‌ଟି ପ୍ରଧାନ ଖଣ୍ଡପୀଠରେ ଆବେଦନ କରିଥିଲା।

**୨୦୧୭ ଅକ୍ଟୋବର ୬:** ଏନ୍‌ସିଏଲ୍‌ଟି ପ୍ରିନ୍ସିପାଲ ବେଞ୍ଚ ଆବେଦନକୁ ଖାରଜ କରିଦେଇଥିଲେ।





**୨୦୧୮ ଜୁଲାଇ ୯:** ମୁମ୍ବାଇର ଏନ୍‌ସିଏଲ୍‌ଟି ଖଣ୍ଡପୀଠ ସାଇରସ୍‌ଙ୍କ ଆବେଦନକୁ ଖାରଜ କରିଥିଲେ।

**୨୦୧୮ ଅଗଷ୍ଟ ୩:** ଏନ୍‌ସିଏଲ୍‌ଟି ମୁମ୍ବାଇ ଅର୍ଡରକୁ ନିବେଶକାରୀ ଦୁଇ କମ୍ପାନୀ ଏନ୍‌ସିଏଲ୍‌ଏଟିରେ ଚ୍ୟାଲେଞ୍ଜ କରିଥିଲା।

**୨୦୧୮ ଅଗଷ୍ଟ ୨୯:** ଏନ୍‌ସିଏଲ୍‌ଏଟି ସାଇରସ୍‌ଙ୍କ ଆବଦେନକୁ ଗ୍ରହଣ କରି ଶୁଣାଣି ପାଇଁ ସହମତି ପ୍ରକାଶ କରିଥିଲେ।

**୨୦୧୯ ମେ' ୨୩:** ଏନ୍‌ସିଏଲ୍‌ଏଟି ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

**୨୦୧୯ ଡିସେମ୍ବର ୧୮:** ଏନ୍‌ସିଏଲ୍‌ଏଟି ସାଇରସ୍‌ଙ୍କୁ ଟାଟା ସନ୍ସ ଏକ୍ଜିକ୍ୟୁଟିଭ୍ ଚେୟାରମ୍ୟାନ୍ ଭାବେ ପୁନଃ ଅବସ୍ଥାପିତ କରିଥିଲେ। ଏଥିସହ ଅପିଲ ପାଇଁ ଟାଟା କମ୍ପାନୀକୁ ୪ ସପ୍ତାହ ସମୟ ଦେଇଥିଲେ।

**୨୦୨୦ ଜାନୁୟାରୀ ୨:** ଟାଟା ସନ୍ସ ଏନ୍‌ସିଏଲ୍‌ଏଟି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

**୨୦୨୦ ଜାନୁୟାରୀ ୧୦:** ଏନ୍‌ସିଏଲ୍‌ଏଟି ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ।

**୨୦୨୦ ସେପ୍ଟେମ୍ବର ୨୨:** ସୁପ୍ରିମକୋର୍ଟ ସାଇରସ୍‌ଙ୍କ ଶପୁରଜୀ ପାଲ୍ଲୋନଜୀ ଗ୍ରୁପ୍‌କୁ ଟାଟା ସନ୍ସରେ ୧୮% ଶେୟାର ଉପରେ ଋଣ ନେବା ପାଇଁ ବାରଣ କରିଥିଲେ।

**୨୦୨୦ ଡିସେମ୍ବର ୮:** ସୁପ୍ରିମକୋର୍ଟରେ ଚୂଡ଼ାନ୍ତ ଶୁଣାଣି ଆରମ୍ଭ।

**୨୦୨୦ ଡିସେମ୍ବର ୧୭:** ସର୍ବୋଚ୍ଚ ଅଦାଲତ ଏହି ଦୀର୍ଘ ବିବାଦର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

**୨୦୨୧ ମାର୍ଚ୍ଚ ୨୬:** ସୁପ୍ରିମକୋର୍ଟ ଏନ୍‌ସିଏଲ୍‌ଏଟି ରାୟକୁ ରଦ୍ଦ କରିବା ସହ ଟାଟା ଗ୍ରୁପ୍ ପକ୍ଷରୁ କରାଯାଇଥିବା ଆବେଦନକୁ ଗ୍ରହଣ କରିଥିଲେ।

**ନୂଆ କେଏଫ୍‌ସି ପେରିଫେରି ଚିକେନ-କ୍ରିସ୍ପିର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ଜୁସି କେଏଫ୍‌ସି ଚିକେନ୍ ସହ ସ୍ୱାଦଯୁକ୍ତ ପେରିପେରି ସ୍ପ୍ରିଙ୍କଲ୍‌ରେ ଟପ୍ ହୋଇଥିବା ନୂଆ କେଏଫ୍‌ସି ପେରିପେରି ଚିକେନ-କ୍ରିସ୍ପିର ଶୁଭାରମ୍ଭ କରାଯାଇଛି। ଏହି ଫ୍ଲେଭର୍ ଫୁଲ ଟ୍ୱିଷ୍ଟ ହଟ୍ ଆଣ୍ଡ ସ୍ପାଇସି ଚିକେନ୍ ଓ ଚିକେନ୍ ଷ୍ଟ୍ରିପ୍‌ର ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଏଥିରେ ରାଗର ଠିକ୍ ସ୍ୱାଦକୁ ବଜାୟ ରଖାଯାଇଛି। କେଏଫ୍‌ସିର ଏହି ନୂଆ ଉତ୍ପାଦକୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ୍ ଶୁଭାରମ୍ଭ କରିଛନ୍ତି। ଏହାର କ୍ୟାମ୍ପେନ୍ ଫିଲ୍ମରେ କୋଲୋନେଲ୍ ସ୍ୟାଣ୍ଡର୍ସଙ୍କ ସହ ନୃତ୍ୟ ମଧ କରିଛନ୍ତି। କେଏଫ୍‌ସିର ଏହି ସାମିତ ସମୟର ଉତ୍ପାଦ ଦେଶବ୍ୟାପୀ ଏହାର ସମସ୍ତ ରେଷ୍ଟୁରାଣ୍ଟରେ ଉପଲବ୍ଧ ରହିଛି ଏବଂ କେଏଫ୍‌ସି ଆପ୍ ଓ ୱେବ୍‌ସାଇଟ୍ ମାଧମରେ ମଧ ଡେଲିଭରି ହେଉଛି।

# ୩୫% ହ୍ରାସ ପାଇଛି ଚାଇନାକୁ ଭାରତର ରପ୍ତାନି

ନୂଆଦିଲ୍ଲୀ,୪।୯



ଗତ କିଛିମାସ ହେବ ଚାଇନାର ଅର୍ଥନୈତିକ କାର୍ଯ୍ୟକଳାପରେ ମନ୍ଥରତା ଦେଖାଦେଇଛି। ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଭାରତର ଉତ୍ତର ପଡ଼ୋଶୀ ଦେଶକୁ ରପ୍ତାନି ପ୍ରାୟ ୩୫% ହ୍ରାସ ପାଇ ୬.୮ ବିଲିୟନ ଡଲାରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଚାଇନା ଭାରତର ୪ର୍ଥ ବୃହତ୍ତମ ରପ୍ତାନି ସ୍ଥଳ ପାଲଟିଥିଲା ଏବଂ ଏକ ବର୍ଷ ପୂର୍ବେ ସମାନ ଅବଧିରେ ଦ୍ୱିତୀୟ ସ୍ଥାନରୁ ଏହା ଖସି ଆସିଥିଲା। ଏପରି କି ଶୂନ-କୋଭିଡ୍ ନୀତିର ବ୍ୟବହାର ଉପରେ ଡ୍ରାଗ୍ ସମ୍ପତ୍ତି କ୍ଷେତ୍ରର ଦୀର୍ଘଦିନର ପ୍ରଭାବ ଏବଂ ରପ୍ତାନି ଚାହିଦା ହ୍ରାସ ସହ ଚାଇନାର ଅର୍ଥନୀତିରେ ଏକାଧିକ ଧକ୍କା ଲାଗିଛି, ଯାହା ଅର୍ଥନୈତିକ କାର୍ଯ୍ୟକଳାପକୁ ମନ୍ଥର କରିଦେଇଛି। ବିଶେଷକରି ଅଶୋଧିତ ତୈଳମୂଲ୍ୟ ବୃଦ୍ଧି ସହ ନାପଟା ଭଳି ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ଏପ୍ରିଲରୁ ଜୁଲାଇ ମଧ୍ୟରେ ୮୧% ବୃଦ୍ଧି ହୋଇ ୧.୨ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଜୈବିକ ରାସାୟନିକ ପଦାର୍ଥ ୩୮.୩%, ଲୁହାପଥର ୭୮.୫% ଏବଂ ଆଲୁମିନିୟମ ଉତ୍ପାଦ ୮୪.୨% ହ୍ରାସ ଘଟିଥିବା ବାଣିଜ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟରେ ଦର୍ଶାଇଛି। ତେବେ ଚାଇନା ଏହି ସମୟ ମଧ୍ୟରେ ଅଣବାସମତି ଚାଉଳ ୧୪୧.୧% ଏବଂ ସାମୁଦ୍ରିକ ଦ୍ରବ୍ୟ ୧୮.୭% ଆମଦାନୀ ବୃଦ୍ଧି କରିଛି। ଚାଇନାରେ ଇସ୍ପାତ ଉତ୍ପାଦନରେ ହ୍ରାସ ଯୋଗୁ ଭାରତରୁ ଲୁହାପଥର ରପ୍ତାନିରେ ତୀବ୍ର ହ୍ରାସ ଘଟିଛି। ଅପରପକ୍ଷେ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଚାଇନାରୁ ଆମଦାନୀ ୨୮% ବୃଦ୍ଧି ପାଇଥିଲା, ଯେଉଁ ସମୟରେ ଭାରତର ସାମଗ୍ରିକ ଆମଦାନୀ ୪୫.୬% ଥିଲା। ଫଳରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ୩୭.୧ ବିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟ ଦେଖାଦେଇଥିଲା ବେଳେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଉଭୟ ଦେଶର ବଜାର ପ୍ରବେଶ ସମସ୍ୟାର ସମାଧାନ ପାଇଁ ଆମେ ଚାଇନା ସହ ଯୋଗାଯୋଗରେ ରହିଛୁ ବୋଲି ଚାଇନାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି।

## ମେଟା ପକ୍ଷରୁ ନୋ-କଷ୍ଟ ଇଏମ୍‌ଆଇର ଶୁଭାରମ୍ଭ

ନୂଆଦିଲ୍ଲୀ,୪।୯

ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ସାଇଟ୍ ମେଟାର 'ଗ୍ରୋ ୟୋର୍ ବିଜ୍‌ନେସ୍' ସମ୍ମିଳନୀର ୨ୟ ସଂସ୍କରଣ ନିକଟରେ ଆୟୋଜିତ ହୋଇଯାଇଛି। ବିଶେଷ କରି ୱର୍କିଙ୍ଗ କ୍ୟାପିଟାଲ ବା ପୁଞ୍ଜିର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ମେଟା ପକ୍ଷରୁ ଭାରତରେ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ପାଇଁ ନଗଦ ପ୍ରବାହକୁ ସହଜ କରିବା ଲାଗି ଏକ ନୂଆ ଫାଇନାନ୍ସିଆଲ ସପୋର୍ଟ- ନୋ କଷ୍ଟ ଇଏମ୍‌ଆଇ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତ ହେଉଛି ପ୍ରଥମ ଦେଶ, ଯେଉଁଠାରେ ନୋ କଷ୍ଟ ଇଏମ୍‌ଆଇକୁ ମେଟା ପକ୍ଷରୁ ଶୁଭାରମ୍ଭ କରାଯାଇଛି ବୋଲି ମେଟାର ଭିପି ଓ ଏମ୍‌ଡି (ଫେସ୍‌ବୁକ୍ ଇଣ୍ଡିଆ) ଅଜିତ୍ ମୋହନ ମତବ୍ୟକ୍ତ କରିଛନ୍ତି।

## ଟିପିସିଓଡିଏଲ୍ ପକ୍ଷରୁ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ



ଭୁବନେଶ୍ୱର,୪।୯

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଟିପିସିଓଡିଏଲ୍-ଦକ୍ଷତା ବିକାଶ କେନ୍ଦ୍ର (ଏସ୍‌ଡିସି)ର ସ୍ଥାପନ କରାଯାଇଛି। ଏପରିକି ସ୍ଥାନୀୟ ଗଜପତିନଗର ନିକଟସ୍ଥ ସୈନିକ ସ୍କୁଲଠାରେ ଏହାର ପ୍ରଥମ ତାଲିମ କେନ୍ଦ୍ରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅବସରରେ ଟାଟା ପାୱାରର ଏମ୍‌ଡି ଓ ସିଇଓ ଡ. ପ୍ରବୀର ସିହ୍ନା ଏବଂ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ଟାଟା ପାୱାର ଓ ଟିପିସିଓଡିଏଲର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ କମ୍ପାନୀର ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରବୀର ସିହ୍ନା କହିଥିଲେ, ଆମ ସଂସ୍ଥାର ସଂସ୍କୃତି ହେଉଛି ପ୍ରଯୁକ୍ତି ଜରିଆରେ ଆଗକୁ ବଢ଼ିବା ଏବଂ ଉକ୍ତ ସଂସ୍କୃତି ପାଇଁ କର୍ମଚାରୀଙ୍କ ଦକ୍ଷତାରେ ଉନ୍ନତି ଅପରିହାର୍ଯ୍ୟ ହୋଇପଡ଼ିଛି। ସେହିଭଳି ଏକ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଓ ଉତ୍ତମ ଗ୍ରାହକ ସେବାକୁ ନିଶ୍ଚିତ କରିବା ଲାଗି ଆମର ଦକ୍ଷତାଗୁଡ଼ିକରେ ନିୟମିତ ବ୍ୟବଧାନରେ ଉନ୍ନତି ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତି ଭୂମିକାରେ ଉଚ୍ଚ ଦକ୍ଷତା ହାସଲ କରିବା ଲାଗି ଆମ କର୍ମଚାରୀମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ ବୋଲି ସେନବାଗମ୍ କହିଛନ୍ତି।

## ଫିମି ପକ୍ଷରୁ ଟାଟା ଷ୍ଟିଲ ମାଇନିଂ ସମ୍ମାନିତ

ଭୁବନେଶ୍ୱର,୪।୯

ଫେଡରେଶନ୍ ଅଫ୍ ଇଣ୍ଡିଆନ୍ ମାଇନିଂ ଇଣ୍ଡଷ୍ଟ୍ରିଜ (ଫିମି) ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମାଇନିଂର ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଅଭିରାଜ ବାଲଡୋଟା ପରିବେଶ ପୁରସ୍କାରରେ ସମ୍ମାନିତ କରାଯାଇଛି। ବିଶେଷକରି ପରିବେଶ ଓ ପ୍ରାକୃତିକ ସଂସାଧନର ସଂରକ୍ଷଣ ମାଧ୍ୟମରେ ଦୀର୍ଘସ୍ଥାୟୀ ବିକାଶର ଜାତୀୟ ଲକ୍ଷ୍ୟରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଅଭିରାଜ ବାଲଡୋଟା ପରିବେଶ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲର କର୍ପୋରେଟ୍ ଆଫେୟାର୍ସ ବିଭାଗୀୟ ମୁଖ୍ୟ ମନୀଷ ମିଶ୍ର ଓ ରେଗୁଲେଟୋରି ଆଫେୟାର୍ସ ବିଭାଗୀୟ ମୁଖ୍ୟ ଅଙ୍କନ ମିତ୍ର ଉପରୋକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଟାଟା ଷ୍ଟିଲ ମାଇନିଂରେ ଆମେ ଶକ୍ତି ସଞ୍ଚୟ, ଜଳ ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା, ସାଂସ୍କୃତିକ ପରମ୍ପରା ଏବଂ ଦୀର୍ଘସ୍ଥାୟିତ୍ୱର ଅନ୍ୟ ଦିଗରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିଥାଉ। ଆମର କର୍ମଚାରୀମାନେ ଏହି ପ୍ରକ୍ରିୟାର ମୁଖ୍ୟ ଧାରାରେ ଥିବାବେଳେ ଆମ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନେ ଏହି ଲକ୍ଷ୍ୟ ହାସଲ ପାଇଁ ଆମକୁ ସହାୟତା କରିଥାନ୍ତି।



## ରେନୋ ଇଣ୍ଡିଆର ଲିମିଟେଡ୍ ଏଡିଶନର ଶୁଭାରମ୍ଭ




ନୂଆଦିଲ୍ଲୀ,୪।୯

ଭାରତର ଏକ ନମ୍ବର ୟୁରୋପିଆନ୍ ବ୍ରାଣ୍ଡ 'ରେନୋ ଇଣ୍ଡିଆ' ପକ୍ଷରୁ ଚଳିତ ପାର୍ବଣ ଉପଲକ୍ଷେ ରେନୋର ଲିମିଟେଡ୍ ଏଡିଶନର ଶୁଭାରମ୍ଭ କରାଯାଇଛି। ଏହାର ସମଗ୍ର ରେଞ୍ଜ ତଥା ଉତ୍ପାଦ ପୋର୍ଟଫୋଲିଓ ଉପରେ ପାର୍ବଣ ଲିମିଟେଡ୍ ଏଡିଶନ(ଏଲଇ)ରେ ମଧ ଅଫର ପ୍ରଦାନ କରାଯାଉଛି। ଯେଉଁଥିରେ କାଇଗର, ଟ୍ରାଇବର ଓ କ୍ୱିଡ୍ ଭଳି ଯାନ ଅନ୍ତର୍ଭୁକ୍ତ ରହିଛି। ବିଶେଷ କରି ନୂତନତା ଉପରେ ଧ୍ୟାନ ପ୍ରଦାନ କରିବା ସହ ଏହି ଲିମିଟେଡ୍ ଏଡିଶନକୁ ଗ୍ରାହକମାନଙ୍କର ପରିବର୍ତ୍ତିତ ଚାହିଦାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଏହି ପାର୍ବଣ ଲିମିଟେଡ୍ ଏଡିଶନ ରେଞ୍ଜଗୁଡ଼ିକ ରେନୋ କାଇଗର ଓ ଟ୍ରାଇବରର ସମସ୍ତ ଆରଏକ୍ସଜେଡ୍ ଭାରିଆଣ୍ଟରେ ଉପଲବ୍ଧ ହେବ ଓ ରେନୋ କ୍ୱିଡର କ୍ଲାଇମ୍ବର ଭାରିଆଣ୍ଟରେ ଉପଲବ୍ଧ ହେବ, ଯେଉଁଥିରେ ରହିଛି ଧଳା କଲର ଓ ମାଷ୍ଟେରି ବ୍ଲାକ ରୁଫରେ ଡୁଆଲ୍ ଟୋନ୍ କମ୍ବିନେଶନ ଓ ଏହା ସମସ୍ତ ଟ୍ରାନ୍‌ସମିସନରେ ମଧ ଉପଲବ୍ଧ ରହିଛି। ଉପରୋକ୍ତ କାରର ଆକର୍ଷଣୀୟତାକୁ ବୃଦ୍ଧି କରିବା ସହ ଏହି ଲିମିଟେଡ୍ ଏଡିଶନ ରେଞ୍ଜ ଏକ ଉତ୍କୃଷ୍ଟ ବାହ୍ୟ କଲର ପ୍ରଦାନ କରେ, ଯେଉଁଥିରେ ରହିଛି ଫ୍ରଣ୍ଟ ଗ୍ରିଲ୍ ସହ ଚାରି ପାଖରେ ସ୍ପୋର୍ଟି ରେଡ୍ ଆକ୍‌ସେଣ୍ଟସ, ଡିଆରଏଲ୍-ହେଡ ଲ୍ୟାମ୍ପ ଓ ସାଇଡ୍ ଡୋର ଡେକାଲ୍‌ସ ଇତ୍ୟାଦି। ଏପରିକି ରେନୋର ଟପ୍ ୫ଟି ଗ୍ଲୋବାଲ୍ ମାର୍କେଟ ଏହାକୁ ଆଗକୁ ନେବାରେ ରେନୋ କାଇଗର ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଏହି ପାର୍ବଣ ଲିମିଟେଡ୍ ଏଡଶନ ଅତୁଳନୀୟ ମୂଲ୍ୟ ପ୍ରଦାନ କରିଥାଏ। ଯେଉଁଥିରେ ରହିଛି ଅତିରିକ୍ତ ଡିଜାଇନ୍ ଉପାଦାନ, ଯାହାକୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଏହାର ଫେଷ୍ଟିଭ୍ ଲିମିଟେଡ୍ ରେଞ୍ଜର ବୁକିଂ ଚଳିତ ମାସ ୨ ତାରିଖଠାରୁ ରେନୋର ପ୍ରାଧୀକୃତ ଡିଲରଶିପରେ ଆରମ୍ଭ ହୋଇଯାଇଛି।

## ଜିଓ ସେବାର ୬ଷ୍ଠ ପୂର୍ତ୍ତି ଉତ୍ସବ

ମୁମ୍ବାଇ,୪।୯




ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ରବିବାର ୬ବର୍ଷ ପୂରଣ କରି ୭ମ ବର୍ଷରେ ପାଦ ଦେଇଛି। ଏପରିକି ୨୦୧୬ ସେପ୍ଟେମ୍ବର ୫ରେ ଜିଓ ସାରା ଦେଶରେ ତା'ର ବ୍ୟବସାୟିକ ଶୁଭାରମ୍ଭ କରିଥିଲା। ବିଗତ ୬ବର୍ଷ ମଧ୍ୟରେ ଦୂରସଞ୍ଚାର ଶିଳ୍ପ ପ୍ରତି ବ୍ୟକ୍ତି ହାରାହାରି ପ୍ରତି ମାସରେ ଡାଟା ବ୍ୟବହାର କ୍ଷେତ୍ରରେ ୧୦୦ଗୁଣରୁ ଅଧିକ ବୃଦ୍ଧି ହାସଲ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଜିଓ ସେବା ଆରମ୍ଭ ପୂର୍ବରୁ ପ୍ରତ୍ୟେକ ଭାରତୀୟ ଗ୍ରାହକ ଗୋଟିଏ ମାସରେ ହାରାହାରି ମାତ୍ର ୧୫୪ ଏମ୍‌ବି ଡାଟା ବ୍ୟବହାର କରୁଥିଲେ। ସମ୍ପ୍ରତି ଡାଟା ବ୍ୟବହାର ପରିମାଣ ୧୦୦ ଗୁଣ ବୃଦ୍ଧିପାଇ ପ୍ରତି ମାସରେ ପ୍ରତ୍ୟେକ ଗ୍ରାହକଙ୍କ ପିଛା ହାରାହାରି ୧୫.୮ ଜିବି ସ୍ତରରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ମୁକେଶ ଅମ୍ବାନୀ ୬ ବର୍ଷ ପୂର୍ବରୁ ଯେତେବେଳେ ଜିଓର ଶୁଭାରମ୍ଭ କରିଥିଲେ, ସେତେବେଳେ କାହା ମନ ଭିତରେ ନଥିଲା ଯେ ଶୁଭାରମ୍ଭର ମାତ୍ର କିଛି ବର୍ଷ ମଧ୍ୟରେ ଜିଓ କେବଳ ଦେଶର ନୁହେଁ, ଦୁନିଆର ସବୁଠାରୁ ବଡ ଦୂରସଞ୍ଚାର କମ୍ପାନୀରେ ପରିଗଣିତ ହେବ। ସମ୍ପ୍ରତି ଜିଓ ଭାରତରେ ୪୧ କୋଟି ୩୦ ଲକ୍ଷ ମୋବାଇଲ ଏବଂ ପ୍ରାୟ ୭୦ ଲକ୍ଷ ଜିଓ ଫାଇବର ଗ୍ରାହକ ସହ ୩୬% ବଜାର ଅଂଶ ହାସଲ କରିଛି। ରାଜସ୍ୱ ଦୃଷ୍ଟିରୁ ଏହାର ବଜାର ଅଂଶ ୪୦.୩% ରହିଛି।

ଫୁର୍‌ସତ୍

# ଫାଶୀ ପାଇଁ କ୍ଷମା ମାଗିଲା ପୋଲିସ

## ୭୦ ବର୍ଷ ତଳେ ଭୁଲ୍‌ରେ ହୋଇଥିଲା ମୃତ୍ୟୁଦଣ୍ଡ







**ଲଣ୍ଡନ:** ଏକ ହତ୍ୟାକାଣ୍ଡରେ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇବା ଏବଂ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀରେ ଝୁଲାଯିବା ପରେ ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଦୋଷ ଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଘଟଣାର ୭୦ ବର୍ଷ ପରେ ପୋଲିସ ଏବେ ତାଙ୍କ ପରିବାରକୁ କ୍ଷମା ମାଗିଛି। ବ୍ରିଟେନ୍‌ରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ବ୍ରିଟେନ୍ ପୋଲିସ ପରିବାର ଲୋକଙ୍କୁ ଏକ ଚିଠି ଲେଖି ଭୁଲ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ଜଣାଇଛି।

୧୯୫୨ରେ ଜଣେ ମହିଳା ପୋଷାକ ବ୍ୟବସାୟୀ ଲିଲି ଭୋଲପର୍ଟଙ୍କୁ ହତ୍ୟା ମାମଲାରେ ୨୮ ବର୍ଷୀୟ ମହମ୍ମଦ ମାଟନ୍‌ଙ୍କୁ ଗିରଫ କରାଯାଇଥିଲା। ଏଥିରେ ମହମ୍ମଦ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ବ୍ରିଟିଶ ଜେଲରେ ଫାଶୀ ଦିଆଯାଇଥିଲା। ହେଲେ ମହମ୍ମଦ ନିର୍ଦ୍ଦୋଷ ଥିଲେ ବୋଲି ପରିବାର ଲୋକେ ବାରମ୍ବାର ଦାବି କରିଆସୁଥିଲେ। ଏପରିକି ଫାଶୀ ପରେ ମଧ ସେମାନେ କୋର୍ଟରେ ଏହାର ପୁନର୍ବିଚାର ପାଇଁ ଆବେଦନ କରିଥିଲେ। ୧୯୯୮ରେ କ୍ରିମିନାଲ କେସ୍ ରିଭ୍ୟୁ କମିଶନ ଆବେଦନକୁ ଗ୍ରହଣ କରି ଦଣ୍ଡାଦେଶର ସମୀକ୍ଷା କରିଥିଲେ। ତଦନ୍ତ ପରେ ମହମ୍ମଦ ନିର୍ଦ୍ଦୋଷ ଥିଲେ ବୋଲି ଜଣାପଡ଼ିଛି। ଘଟଣାର ୭୦ ବର୍ଷ ପରେ ପୋଲିସ ତାଙ୍କ ପରିବାରକୁ କ୍ଷମା ମାଗିଛି। ବର୍ଣ୍ଣବୈଷମ୍ୟ ଭେଦଭାବ ସେତେବେଳେ ଅତିମାତ୍ରାରେ ସାମାଜିକ ନ୍ୟାୟ ବ୍ୟବସ୍ଥାକୁ କବଳିତ କରିଥିଲା। ସେଥିପାଇଁ ମହମ୍ମଦଙ୍କୁ ଏପରି ଦଣ୍ଡ ଦିଆଯାଇଥିବ ବୋଲି ସାଉଥ୍ ୱେଲ୍ସ ପୋଲିସ ଅଧିକାରୀ ଜେରେମି ବହୁଗନ୍ କହିଛନ୍ତି। ମହମ୍ମଦଙ୍କ ସ୍ତ୍ରୀ ଲୌରା ଏବଂ ସେମାନଙ୍କ ୩ ସନ୍ତାନ ଡେଭିଡ୍, ଓମାର ଏବଂ ମେରଭିନ୍ ତାଙ୍କ ପାଇଁ ୪୬ ବର୍ଷ କାଳ ଲଢ଼ିଥିଲେ। ହେଲେ ଏବେ ସତ ସମସ୍ତଙ୍କ ସାମ୍ନାକୁ ଆସିଥିଲେ ହେଁ ମହମ୍ମଦଙ୍କ ସ୍ତ୍ରୀ ଓ ପିଲାମାନଙ୍କ ଦେହାନ୍ତ ହୋଇସାରିଛି। ନ୍ୟାୟ ବହୁତ ବିଳମ୍ବ ହୋଇଗଲା ବୋଲି ମହମ୍ମଦଙ୍କ ନାତୁଣୀ ତନୟା ମାଟନ୍ କହିଛନ୍ତି।

## 'ଲାଇଗର' ନିର୍ମାତାଙ୍କୁ ୬ କୋଟି ଫେରାଇବେ ବିଜୟ

**ମୁମ୍ବାଇ:** ବକ୍ସ ଅଫିସ୍‌ରେ 'ଲାଇଗର' ଫିଲ୍ମ ଫ୍ଲପ୍ ହେବା ପରେ ଏହାର ନିର୍ମାତା ଏବଂ କଳାକାରମାନେ ନିରାଶ ହୋଇଛନ୍ତି। ମୁଖ୍ୟ ଭୂମିକାରେ ଥିବା ସାଉଥ୍ ଅଭିନେତା ବିଜୟ ଦେବରକୋଣ୍ଡା କ୍ଷତିପୂରଣ ପାଇଁ ଫିଲ୍ମ ନିର୍ମାତାଙ୍କୁ ୬ କୋଟି ଟଙ୍କା ଫେରାଇଲେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଅଗଷ୍ଟ ୨୫ରେ 'ଲାଇଗର' ରିଲିଜ ହେବା ପରେ ଏହା ଭଲ ବ୍ୟବସାୟ କରିବ ବୋଲି ବିଜୟ ଦୃଢ଼ୋକ୍ତି ବାଢ଼ିଥିଲେ। ଏପରିକି 'ବଏକଟ୍ ବଲିଉଡ୍' ଟ୍ରେଣ୍ଡ୍‌କୁ ମଧ ସେ ଚାଲେଞ୍ଜ କରିଥିଲେ। ଫିଲ୍ମରେ ୧୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଥିବାବେଳେ ମୁକ୍ତିଲାଭ ପରେ ଏହାର ଅଧା ଅର୍ଥ ବି ଆୟ କରିପାରିନାହିଁ। ତେଣୁ ବିଜୟ ନିର୍ମାତାଙ୍କୁ ୬ କୋଟି ଟଙ୍କା ଫେରାଇବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଦେଶକ ଜଗନ୍ନାଥ ପୁରୀ ମଧ ଡିଷ୍ଟ୍ରିବ୍ୟୁଟରଙ୍କୁ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। 'ଲାଇଗର' ଜରିଆରେ ବିଜୟ ଦେବରକୋଣ୍ଡା ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିରେ ତାଙ୍କ ବିପକ୍ଷରେ ଅନନ୍ୟା ପାଣ୍ଡେ ରହିଛନ୍ତି। ବିଜୟଙ୍କୁ ପରବର୍ତ୍ତୀ ରୋମାଣ୍ଟିକ୍ କମେଡି ଫିଲ୍ମ 'କୁଶୀ'ରେ ଦେଖିବାକୁ ମିଳିବ। ତାଙ୍କ ବିପକ୍ଷରେ ସାମନ୍ଥା ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ଡିସେମ୍ବର ୨୩ରେ ମୁକ୍ତିଲାଭ କରିବାକୁ ଯାଉଛି।



ବିଜୟ ଦେବରକୋଣ୍ଡା

# ମହେଶଙ୍କ ଅସଲି ନାଁ ଅସ୍‌ଲାମ

### ପୁଣି ଟାର୍ଗେଟ୍ କଲେ କଙ୍ଗନା

**ମୁମ୍ବାଇ:** ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କୁ ପୁଣି ଟାର୍ଗେଟ୍ କରିଛନ୍ତି କଣ୍ଟ୍ରୋଭର୍ସି କୁଇନ୍ କଙ୍ଗନା ରାଣାଓ୍ୱତ୍। ଇନ୍‌ଷ୍ଟାଗ୍ରାମରେ ପୁରୁଣା ଭିଡିଓ ଶେୟାର କରି କଙ୍ଗନା କହିଛନ୍ତି, ମହେଶ ଭଟ୍ଟଙ୍କ ଅସଲି ନା ହେଉଛି ଅସ୍‌ଲାମ। ଏପରି ସୁନ୍ଦର ନାଁକୁ ସେ କାହିଁକି ଲୁଚାଇ ରଖିଛନ୍ତି। ସେ ତାଙ୍କ ପ୍ରକୃତ ନାଁରେ ପରିଚିତ ହେବା କଥା କୌଣସି ଧର୍ମର ପ୍ରତିନିଧିତ୍ୱ କରିବା କଥା ନୁହେଁ। ମହେଶ ଭଟ୍ଟ ସୋନି ରାଜଦାନ୍‌ଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ ନିଜ ଧର୍ମ ପରିବର୍ତ୍ତନ କରିଥିଲେ ବୋଲି କଙ୍ଗନା କହିଛନ୍ତି। ମହେଶ ଦାୟିତ୍ୱହୀନ ଭାବେ ଲୋକଙ୍କୁ ହିଂସା ପାଇଁ ଉସୁକାଉଛନ୍ତି ବୋଲି ତାଙ୍କର ଏକ ପୁରୁଣା ଭିଡିଓ ଜାରି କରି କଙ୍ଗନା ଅଭିଯୋଗ ଆଣିଛନ୍ତି। କଙ୍ଗନା ୨୦୦୬ରେ ମହେଶ ଭଟ୍ଟଙ୍କ 'ଗ୍ୟାଙ୍ଗଷ୍ଟର' ଫିଲ୍ମ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଫିଲ୍ମ 'ଧୋକା' ପାଇଁ କଙ୍ଗନା ମନା କରିବାରୁ ମହେଶ ତାଙ୍କୁ ମାରପିଟ କରିଥିଲେ ବୋଲି ୨୦୨୦ରେ ଅଭିନେତ୍ରୀ ଜଣକ ଅଭିଯୋଗ ଆଣିଥିଲେ। ଏଥିସହ ମହେଶଙ୍କୁ କଙ୍ଗନା ମୁଭି ମାଫିଆ ବୋଲି ମଧ କହିଥିଲେ।



ମହେଶ ଭଟ୍ଟ



କଙ୍ଗନା ରାଣାଓ୍ୱତ୍

## ଲଣ୍ଡନରୁ ଚୋରି ୨ କୋଟିର କାର୍ ପାକିସ୍ତାନରୁ ମିଳିଲା





**କରାଚୀ:** କିଛି ସପ୍ତାହ ତଳେ ଲଣ୍ଡନରୁ ଚୋରି ହୋଇଥିବା ପ୍ରାୟ ୨ କୋଟି ଟଙ୍କାର ବିଳାସପୂର୍ଣ୍ଣ ବେଣ୍ଟ୍ଲି କାର୍ ପାକିସ୍ତାନରୁ ମିଳିଛି। ବ୍ରିଟେନ ଜାତୀୟ ଅପରାଧ ଏଜେନ୍ସିଠାରୁ ସୂଚନା ପାଇ କଲେକ୍ଟରେଟ୍ ଅଫ୍ କଷ୍ଟମ୍‌ସ ଏନ୍‌ଫୋର୍ସମେଣ୍ଟ (ସିସିଇ) କରାଚୀରେ ଥିବା ଏକ ବଙ୍ଗଳାରେ ଚଢ଼ାଉ କରିଥିଲା। ସେଠାରେ କାର୍‌ଟି ପାର୍କିଂ ହୋଇଥିବା ସିସିଇ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ରିପୋର୍ଟ ଅନୁସାରେ, କାର୍ ଚୋରି କରିଥିବା ଅଭିଯୁକ୍ତମାନେ ବେଣ୍ଟ୍ଲିରେ ଲାଗିଥିବା ଟ୍ରେସିଂ ଟ୍ରାକର୍‌କୁ କାଢ଼ିପାରି ନ ଥିଲେ। ଫଳରେ ବ୍ରିଟେନ୍ ଅଧିକାରୀମାନେ ଏହାକୁ ଟ୍ରାକ୍ କରିବାରେ ସଫଳ ହୋଇଥିଲେ। କରାଚୀରେ ବେଣ୍ଟ୍ଲି କାର୍ ଦେଖିବା ପରେ ସେଥିରେ ପାକିସ୍ତାନ ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ଲାଗିଥିଲା। କିନ୍ତୁ ଏହାର ଚେସିସ୍ ନମ୍ବର ଚୋରି କାର୍ ସହ ମ୍ୟାଚ୍ ହୋଇଯାଇଥିଲା। ଏଥିସହ କାର୍ ରଖିଥିବା ବ୍ୟକ୍ତି ଏହାର ସମସ୍ତ ଡକ୍ୟୁମେଣ୍ଟ ଦେବାରେ ମଧ ବିଫଳ ହୋଇଥିଲେ। କାର୍ ଚୋରି ରାକେଟ୍‌ର ସଦସ୍ୟ ଜାଲ୍ ଦସ୍ତାବିଜ୍ ଦେଇ ପାକିସ୍ତାନକୁ ଆଣିଥିଲେ ବୋଲି ଜଣାପଡ଼ିଛି। ଏହାର ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ସର୍ଚ୍ଚ ଜାରି ଥିବା ସିସିଇ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ମହାନଦୀରୁ ମହିଳାଙ୍କ ମୃତଦେହ ଠାବ

ବାଙ୍କୀ,୪।୯(ସ୍ୱ.ପ୍ର.)-ବାଙ୍କୀ ଏନଏସି ଅନ୍ତର୍ଗତ ମହାନଦୀର ରଣପୁର ତୁଠରେ ଜଣେ ମହିଳାଙ୍କ ଭାସମାନ ମୃତଦେହ ଠାବ ହୋଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ବାଙ୍କୀ ଦମକଳ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝା ସଦଳବଳେ ସେଠାରେ ପହଞ୍ଚି ନଦୀରୁ ମୃତଦେହ ବାହାର କରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ମହାନଦୀର ଉପରମୁଣ୍ଡରୁ ଏହି ମୃତଦେହ ଭାସିଆସିଥିବା ସନ୍ଦେହ କରାଯାଉଛି।

### ସାପ କାମୁଡ଼ାରେ ମହିଳା ମୃତ

ନିମାପଡ଼ା,୪।୯(ଡି.ଏନ୍.ଏ.): ସାପ କାମୁଡାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ଶିରିପାରି ଗ୍ରାମର ଶାନ୍ତିଲତା ଦଳେଇ(୬୭)। ଏନେଇ ନିମାପଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶାନ୍ତିଲତା ତାଙ୍କ ବାଡିରେ ଥିବା କୁଟାଗଦାରୁ କୁଟା ଆଣୁଥିଲେ। ସେହି ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡିବାରୁ ସେ ସେଠାରେ ଅଚେତ ହୋଇ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଦେଖି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶାନ୍ତିଲତାଙ୍କ ମୃତ୍ୟୁ ହୋଇଛି। ଚାରିଛକ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ଶାନ୍ତିଲତାଙ୍କ ପୁଅ ସୁରଥ ଚନ୍ଦ୍ର ଦଳେଇ ଚାରିଛକ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

### ମାଙ୍କଡ଼ ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଆହତ

ଗୋପ,୪।୯(ଡି.ଏନ୍.ଏ.): ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ଓ ଏରବଙ୍ଗ ପଞ୍ଚାୟତରେ ଏକ ପାଗଳା ହନୁମାଙ୍କଡ଼କୁ ନେଇ ଏବେ ଆତଙ୍କ ଦେଖାଦେଇଛି। ହନୁ ମାଙ୍କଡ଼ ଆକ୍ରମଣରେ ୩ ଗୋଟି ଗାଁର ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ସାଉରିଆ ଗ୍ରାମର କୈଳାସ ଚନ୍ଦ୍ର ରାଉତ, ପଦିନିପଦା ଗ୍ରାମର ଚନ୍ଦନ ମଲ୍ଲିକ, ଏରବଙ୍ଗ ଗ୍ରାମର ସଞ୍ଜୟ ଭୋଇଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ଲୋକ। ୩/୪ ଦିନ ହେବ ଏରବଙ୍ଗ ଗ୍ରାମର ଏରବଙ୍ଗ, ସାଉରିଆ, ପଦିନିପଦା ସହ ଆଖପାଖ ଗାଁରେ ଏକ ପାଗଳା ହନୁମାଙ୍କଡ଼ ଘରେ ପଶି ଲୋକଙ୍କୁ ଆକ୍ରମଣ କରୁଛି। ହନୁମାଙ୍କଡ଼ ଭୟରେ ଦିନ ଓ ରାତିରେ ଗ୍ରାମବାସୀ ଦୁଆର ଦେଇ ଘରେ ରହୁଥିବା ଦେଖିବାକୁ ମିଳିଛି। ୨ ଦିନ ତଳେ ସ୍ୱେଚ୍ଛାସେବୀ ସଂଗଠନ 'ଦି ସେବକ' ପକ୍ଷରୁ ଗୋପ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ।

### ଓଡ଼ିଶା ଲେଖିକା ସଂସଦର ୨୯ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୪।୯(ବ୍ୟୁରୋ)- ଓଡ଼ିଶା ଲେଖିକା ସଂସଦର ୨୯ତମ ପ୍ରତିଷ୍ଠା ଦିବସ ରବିବାର ରାଜଧାନୀ କଳାସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ରୂପେ ଡ. ବିଷ୍ଣୁପ୍ରିୟା ଓତା, ଡ. ସଂଘମିତ୍ରା ଭଞ୍ଜ, ସିନ୍ଧୁ ସେନ, ସଂଯୁକ୍ତା ମହାପାତ୍ର, ରୁମଝୁମ ନାୟକ, ସୁବାସିନୀ ଦଳ ପ୍ରମୁଖ ଉପସ୍ଥିତ ଥିଲେ। ଡ. ସୁଚେତା ରାଉତ, ଗୋଲାପ ମଞ୍ଜରୀ କର, ଶକ୍ତିପ୍ରଭା ମିଶ୍ର, ଆରତି ମହାନ୍ତି, କବିତା ମିଶ୍ର ପ୍ରମୁଖ ସଭା ପରିଚାଳନା ଓ ଆୟୋଜନରେ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶକ୍ତିପ୍ରଭାଙ୍କ ଲାଲି ପାଇଁ ଗୀତ, ଡ. ବିନୋଦିନୀ ପାତ୍ରଙ୍କ ମହାରାଣୀ କବିତା ପୁସ୍ତକ ଓ ଶକୁନ୍ତଳା ବଳିଆରସିଂଙ୍କ ଅନୁବାଦବିମର୍ଶ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସଂସଦର ସଭାପତି ପ୍ରଭା ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ଶକୁନ୍ତଳା ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦିକା ବୀଣାପାଣି ସାହୁ ଧନ୍ୟବାଦ ଦେଇଥିଲେ।

# ନକଲି ସୁନାବତି ଦେଇ ୧୦ ଲକ୍ଷ ଠକିନେଲେ

କଟକ ଅଫିସ,୪।୯


ଜବତ ନକଲି ସୁନାବତୀ, ଟଙ୍କା ଓ ମୋବାଇଲ।



- ବାଇକ୍, ୫୦ ହଜାର ଟଙ୍କା, ନକଲି ସୁନାବତି, ୩ ମୋବାଇଲ ଫୋନ୍ ଜବତ
- ଅଭିଯୁକ୍ତ କୋର୍ଟ ଚାଲାଣ

ଏକ କିଲୋ ଓଜନର ନକଲି ସୁନାବତି ଦେଇ ୧୦ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ କ୍ୟାଣ୍ଟନ୍‌ମେଣ୍ଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ କେନ୍ଦୁଆଡିଅ ଗ୍ରାମର ସନ୍ନ୍ୟାସୀ ଜେନା(୨୭)। ତାଙ୍କଠାରୁ ଏକ ବାଇକ୍(ଓଡି ୦୧ ଏକେ-୫୪୩୬), ୫୦ ହଜାର ଟଙ୍କା, ୧ କେଜି ଓଜନର ନକଲି ସୁନାବତି, ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏଥିସହ ସନ୍ନ୍ୟାସୀ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଦୁଇଟି ପୃଥକ୍ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି, ଯେଉଁଥିରେ ୨,୯୭,୦୦୦ ଟଙ୍କା ଜମା ଅଛି।

ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଆମ୍ବସାଲ ଗ୍ରାମର ଯତୀନ୍ଦ୍ର ଦଳାଇ(୪୯)ଙ୍କର କଟକ ବିଡ଼ାନାସୀ ଥାନା ଅଧୀନ କନିକା ଛକରେ ଏକ ପାଥୋଲାବ୍ ରହିଛି। ସନ୍ନ୍ୟାସୀ ଜଳେଶ୍ୱର ଅଞ୍ଚଳରୁ ଆସୁଥିବା ରୋଗୀମାନଙ୍କ ସହ ନିୟମିତ ତାଙ୍କ ପାଥୋଲାବ୍‌କୁ ଆସି ଯତୀନ୍ଦ୍ରଙ୍କ ସହ ଭଲ ସମ୍ପର୍କ ସୃଷ୍ଟି କରିଥିଲେ। କିଛିଦିନ ପରେ ସନ୍ନ୍ୟାସୀ ଯତୀନ୍ଦ୍ରଙ୍କୁ କହିଥିଲେ, ମୋ ପାଖରେ ଏକ କିଲୋ ଓଜନର ଏକ ସୁନାବତି ରହିଛି। ତାହାକୁ ବିକ୍ରି କରିବାକୁ ଚାହୁଁଛି। ସନ୍ନ୍ୟାସୀଙ୍କ କହିବା ମୁତାବକ ଯତୀନ୍ଦ୍ର ଗତ ଜୁନ୍ ୫ରେ ବାଲେଶ୍ୱର ଯାଇ ଉକ୍ତ ସୁନାବତି ଦେଖିବା ସହ ସେଥିରୁ ସାମାନ୍ୟ ଅଂଶ ଭାଙ୍ଗି ପରୀକ୍ଷା ପାଇଁ କଟକ ଆଣିଥିଲେ। ପରୀକ୍ଷା ପରେ ଉକ୍ତ ସୁନାବତି ଅଂଶ ଅସଲି ବୋଲି ଯତୀନ୍ଦ୍ର ଜାଣିବାକୁ ପାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ସୁନାବତି ବିକ୍ରିକୁ ନେଇ ୧୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ଜୁନ୍ ୨୨ ଅପରାହ୍ନରେ ସନ୍ନ୍ୟାସୀ ସୁନାବତିକୁ ଧରି କଟକ ଇନ୍‌ଡୋର୍ ଷ୍ଟାଡିୟମ ନିକଟରେ ପହଞ୍ଚିଲେ। ସେହିପରି ଯତୀନ୍ଦ୍ର ନିଜ ଶାଳକଙ୍କୁ ନେଇ ସେଠାରେ ପହଞ୍ଚିବା ସହ ସନ୍ନ୍ୟାସୀଙ୍କୁ ୧୦ ଲକ୍ଷ ଟଙ୍କା ଦେଇ ଉକ୍ତ ସୁନାବତିକୁ ନେଇଆସିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ସୁନାବତିର ପୂରା ଅଂଶକୁ ପରୀକ୍ଷା କରିବା ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ଫଳରେ ଯତୀନ୍ଦ୍ର ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସନ୍ନ୍ୟାସୀଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରି ବିଫଳ ହୋଇଥିଲେ। ଏ ସମ୍ପର୍କରେ ସେ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୯/୨୨) ରୁଜୁ କରିଥିଲା। ତଦନ୍ତ ସମୟରେ ସନ୍ନ୍ୟାସୀ ଓ ତାଙ୍କ ସ୍ତ୍ରୀ ନକଲି ସୁନାବତି ବିକ୍ରି ଜରିଆରେ ୧୦ ଲକ୍ଷ ଟଙ୍କା ଠକେଇ ପାଇଁ ଯୋଜନା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ଉକ୍ତ ୧୦ ଲକ୍ଷ ଟଙ୍କାରୁ କିଛି ଟଙ୍କା ବାଲିଆପାଳ ଷ୍ଟେଟବ୍ୟାଙ୍କ ଶାଖାରେ ସନ୍ନ୍ୟାସୀ ନିଜ ନାମରେ ଥିବା ଆକାଉଣ୍ଟରେ ଜମା କରିଥିଲେ। ସେହିପରି ଆଉ କିଛି ଟଙ୍କାକୁ ବାଲିଆପାଳ ୟୁକୋ ବ୍ୟାଙ୍କ ଶାଖାରେ ତାଙ୍କ ସ୍ତ୍ରୀଙ୍କ ନାମରେ ଜମା କରିଥିଲେ। ଏଥିସହ ଆଉ କିଛି ଟଙ୍କାକୁ ମଧ ବାଲିଆପାଳ ବିବିସିସି ବ୍ୟାଙ୍କରେ ସନ୍ନ୍ୟାସୀ ତାଙ୍କ ସ୍ତ୍ରୀଙ୍କ ନାଁରେ ଏକ ନୂଆ ଆକାଉଣ୍ଟ ଖୋଲି ଜମା କରିଥିଲେ। ସନ୍ନ୍ୟାସୀଙ୍କ ସ୍ତ୍ରୀ ଉକ୍ତ ଆକାଉଣ୍ଟରୁ ସାଢ଼େ ୬ ଲକ୍ଷ ଟଙ୍କା ସେପ୍ଟେମ୍ବର ୨ ତାରିଖରେ ଉଠାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

# ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର,୪।୯

ଦେଶର ପ୍ରମୁଖ ଗବେଷଣାତ୍ମକ ସଂସ୍ଥା 'ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ' ଭୁବନେଶ୍ୱରର ୪୮ତମ ପ୍ରତିଷ୍ଠା ଉତ୍ସବ ରବିବାର ସ୍ଥାନୀୟ ଗଜପତି ନଗରସ୍ଥିତ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଭାବା ପରମାଣୁ ଅନୁସନ୍ଧାନ କେନ୍ଦ୍ର (ବାରକ) ମୁମ୍ବାଇର ନିର୍ଦ୍ଦେଶକ ପ୍ରଫେସର ଅଜିତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରିଥିଲା। ସେହିଭଳି ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କେ.କେ. ନନ୍ଦଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠା ଦିବସ ସମାରୋହ କମିଟିର ଅଧ୍ୟକ୍ଷ ଫାଉଣ୍ଡେସନ୍ ଡେ ସେଲିବ୍ରେସନର ଚେୟାରମ୍ୟାନ୍ ପ୍ରଫେସର ଟି.ସମ, ପ୍ରତିଷ୍ଠାନର ରେଜିଷ୍ଟ୍ରାର୍ ପ୍ରଫେସର ପି.କେ.ସାହୁଙ୍କ ସମେତ ଅନୁଷ୍ଠାନର ଅଡିଟୋରିୟମ୍ ଡ. ବାସୁଦେବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ରେଜିଷ୍ଟ୍ରାର୍ ପ୍ରଫେସର ସାହୁ ଉପସ୍ଥିତ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ ହୋଇଥିଲା।

# ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୪।୯(ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ୍ ସାହିତ୍ୟ ପୁରସ୍କାର ବିଜେତା ଘୋଷିତ ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କୁ ରବିବାର ଓଡ଼ିଶା ଶିଶୁ କିଶୋର ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ କାନନବିହାରସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର ସଭାମଣ୍ଡପରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଦାଶ ବେନେହୁର ପୌରାହିତ୍ୟ କରି କହିଥିଲେ, କୃତୀ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦର୍ଶନ କରିବା ହେଉଛି ମହାନ୍ ଭାରତୀୟ ସଂସ୍କୃତି, ଯାହାକି ଯୁଗେଯୁଗେ ରହିଆସିଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ସାହିତ୍ୟିକ ଶଶିଭୂଷଣ ବିଶ୍ୱାଳ ଡ. ଦାସଙ୍କର ଶିଶୁ ସାହିତ୍ୟିକ ଜୀବନ ଓ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଦାସ କହିଛନ୍ତି ଏହି ସମ୍ବର୍ଦ୍ଧନା ତାଙ୍କୁ ଆହୁରି ଆଗକୁ ନେଇଯିବ। ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ଶରତ କୁମାର ନାୟକ ଡ. ଦାସଙ୍କ ପୁସ୍ତକ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପାଣି ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ମାଝୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବୀରେନ୍ଦ୍ର ମହାନ୍ତି ଏକାଡେମୀ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖି ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ୟାବିପନ୍ନଙ୍କୁ କ୍ଷତିପୂରଣ ଦାବିରେ ଉପଜିଲାପାଳଙ୍କୁ ସ୍ମାରକପତ୍ର

ବାଙ୍କୀ,୪।୯(ସ୍ୱ.ପ୍ର.)

ଚଳିତ ବନ୍ୟାରେ ବାଙ୍କୀ ନିର୍ବାଚନ ମଣ୍ଡଳୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ମିଳି ନ ଥିବା ଅଭିଯୋଗ କରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଉପଜିଲାପାଳଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତି ଏହାର ନେତୃତ୍ୱ ନେଇଥିଲେ। ସ୍ମାରକ ପତ୍ରରେ ଦର୍ଶାଯାଇଛି ଯେ, ବନ୍ୟା ଯୋଗୁ ବାଙ୍କୀରେ ୧୨ ହଜାର ହେକ୍ଟର ଧାନ ଫସଲ ଓ ୬ ହଜାର ହେକ୍ଟର ପରିବା ଫସଲ ନଷ୍ଟ ହୋଇଛି।

ସେହିପରି କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଫିସ ଛାଡ କରିବାକୁ ଦାବି କରାଯାଇଛି। ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଭାଜପା ନେତା ସରୋଜ କୁମାର ମତଗଜ ସିଂହ, ଦେବାଶିଷ ମାନସିଂହ, ମହେଶ ସାହୁ, ଅମୂଲ୍ୟ ପ୍ରଧାନ, ଭୂପତି ପାଣି, ଜଗନ୍ନାଥ ପରିଡା ଓ ସଞ୍ଜୟ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟ ପତ୍ରିକା ଉନ୍ମୋଚନ ଓ କବିତା ଆସର

ବାଙ୍କୀ,୪।୯(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ-ବାଣିଆସ୍ଥିତ ଦେବଗିରି ଜଗନ୍ନାଥ ମନ୍ଦିର ପୀଠରେ ଦେବଗିରି ସାହିତ୍ୟ ସଂସଦ ଆନୁକୁଲ୍ୟରେ ଦେବଗିରି ପତ୍ରିକା ଉନ୍ମୋଚନ, କବିତା ଆସର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରତ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସଭାପତି ରବିନାରାୟଣ ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦାନନ୍ଦ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ଦୁର୍ଯ୍ୟୋଧନ ବରାଳ, ମୁଖ୍ୟବକ୍ତାଭାବ ଅଧ୍ୟାପକ ଶାରଦାନନ୍ଦ ଦାଶ, ସମ୍ମାନିତ ଅତିଥି ଭାବେ ରାଜକିଶୋର ପାଣିଗ୍ରାହୀ ଓ ନାରାୟଣ ପାତ୍ର ଯୋଗଦେଇ ଦେବଗିରି ପୀଠର ମହିମା କହିବା ସହ ପତ୍ରିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାକ୍ତର ସୁନୀଲ କୁମାର ମାନ୍ଧାତାଙ୍କୁ ସତୀର୍ଥ ଦେବଦତ୍ତ ସମ୍ମାନ ଓ ଗାୟକ ଲକ୍ଷ୍ମୀଧର ପଣ୍ଡାଙ୍କୁ ଧୀମନ୍ତ ଦେବଦତ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବି ଅଖିଳେଶ ମହାପାତ୍ର ଓ ବଂଶୀଧର ମହାପାତ୍ର କବିତାଗୁଡିକ ସଂଯୋଜନା କରିଥିବା ବେଳେ ଦୀପ କୁମାର ପାଣିଗ୍ରାହୀ , ପ୍ରସନ୍ନ ମଣ୍ଡଳ ଓ ସୁକାନ୍ତ ପଣ୍ଡା ଭଜନ ପରିବେଷଣ କରିଥିଲେ । ଏଥିରେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କମଳାକାନ୍ତ ପ୍ରହରାଜ, ନରୋତ୍ତମ ବେହେରା, ରାଧାରାଣୀ ମହାପାତ୍ର, ବଂଶୀଧର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତାମାନ ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।


ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

# କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଦ୍ୟାଳୟ ସମ୍ମାନ

କଟକ ଅଫିସ, ୪।୯

ଦେଶର ପ୍ରଥମ ସ୍ମାର୍ଟ ଭିଲେଜ ଭାବେ ପ୍ରସିଦ୍ଧି ଲାଭ କରିଥିବା କଟକ ଜିଲା କଲରାବାଙ୍କଠାରେ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା କରାଯାଇଥିବା କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲ ସଫଳତା ହାସଲ କରିଛି। ଇଣ୍ଟରନ୍ୟାଶନାଲ ଏକ୍ସଲେନ୍ସ ଅନୁଷ୍ଠାନ ପକ୍ଷରୁ ବିଶ୍ୱର ଅନେକ ପ୍ରତିଷ୍ଠିତ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢୀକରଣ, ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ପାଠ୍ୟକ୍ରମରେ ନୂତନ ଜ୍ଞାନକୌଶଳ ପ୍ରଣୟନ ଇତ୍ୟାଦି ମାପଦଣ୍ଡକୁ ବିଚାରକୁ ନିଆଯାଇ ଜୁରୀମାନଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ଶ୍ରେଷ୍ଠ ବିଦ୍ୟାଳୟକୁ ଚୟନ କରାଯାଇଥିଲା। ଏହି ମର୍ମରେ କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲକୁ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଦ୍ୟାଳୟ ହିସାବରେ ସମ୍ମାନିତ କରାଯାଇଛି। ଉପାନ୍ତ ଅଞ୍ଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟ ନେଇ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ପରିଚାଳନା ଦାୟିତ୍ୱ ଡ. ଇତି ସାମନ୍ତ ତୁଲାଇ ଆସୁଛନ୍ତି। ଏହି ସମ୍ମାନ ନିଶ୍ଚିତଭାବେ ଆଗାମୀ ଦିନରେ ଆମ୍ଭମାନଙ୍କୁ ଉତ୍ସାହିତ କରିବ ବୋଲି ସ୍କୁଲର ପ୍ରିନ୍ସିପାଲ ଆଶୁତୋଷ ମହାନ୍ତି କହିଛନ୍ତି। ଅନୁଷ୍ଠାନ ପକ୍ଷରୁ କୋରିଆରୁ ପଠାଯାଇଥିବା ଏହି ଆୱାର୍ଡକୁ ରବିବାର ଇତି ସାମନ୍ତ ଗ୍ରହଣ କରିଛନ୍ତି।


ରାଜଧାନୀ କଳାସଂସଦଠାରେ ରବିବାର ଓଡ଼ିଶା ଲେଖିକା ସଂସଦର ୨୯ତମ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ଏକ ଦୌଡ ଦେଶ କା ନାମ'

**ଆଇଏନ୍‌ଡବ୍ଲ୍ୟୁଇସି ପକ୍ଷରୁ ୫୦ମହିଳା ପୋଲିସ ଅଧିକାରୀ ସମ୍ମାନିତ**


ଗଣଦୌଡ଼କୁ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଓ ଅନ୍ୟମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୪।୯ (ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ପାହାଳଠାରେ 'ଏକ ଦୌଡ ଦେଶ କା ନାମ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏପରିକି ଭାରତୀୟ ଜାତୀୟ ମହିଳା ଉଦ୍ୟୋଗୀ ସଂଗଠନ (ଆଇଏନଡବ୍ଲୁଇସି)ର ଓଡ଼ିଶା ଶାଖା, କେନ୍ଦ୍ର ସରକାରଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ (ଏମଏସଏମଇ) ମନ୍ତ୍ରଣାଳୟ ଏବଂ ୱାରିୟର କ୍ରେଡ ଡିଫେନ୍ସ କ୍ୟାରିୟର ଏକାଡେମୀର ମିଳିତ ଆନୁକୂଲ୍ୟରେ ୫ କି.ମିର ଏକ ଗଣଦୌଡ଼ ମଧ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଦୈତ୍ୟ ନଗରୀ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, କେନ୍ଦ୍ର ଏମଏସଏମଇ-ଡିଏଫଓ ଯୁଗ୍ମ ଅଧ୍ୟକ୍ଷ କଟକ, ପି.କେ. ଗୁପ୍ତା, ଆଇଏନଡବ୍ଲ୍ୟୁଇସିର ଜାତୀୟ ଆବାହକ ସୁକୀର୍ତ୍ତି ପଟ୍ଟନାୟକ ଏବଂ ରାଜ୍ୟ ଆବାହକ ତନୟା ପଟ୍ଟନାୟକ ଓ ଆର୍ମି ଭେଟେରାନ କ୍ୟାପଟେନ ଚିନ୍ମୟ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଭଳି ଏକ ଅଭିନବ ପ୍ରୟାସକୁ ଉପସ୍ଥିତ ଅତିଥିମାନେ ସାଧୁବାଦ ଜଣାଇବା ସହ ପତାକା ଦେଖାଇ ଉକ୍ତ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ସୁକିର୍ତ୍ତୀ ପଟ୍ଟନାୟକ କହିଥିଲେ ନୂଆ ଚିନ୍ତାଧାରାରେ ଗଠିତ ହୋଇଥିବା ୱାରିୟର କ୍ରେଡ ଡିଫେନ୍ସ କ୍ୟାରିୟର ଏକାଡେମୀକୁ ଭବିଷ୍ୟତ ସେନାଧିକାରୀ ସୃଷ୍ଟି କ୍ଷେତ୍ରରେ ପ୍ରଚେଷ୍ଟା ନିମନ୍ତେ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଆଇସିସି ଓ ମହିଳା ଉଦ୍ୟୋଗୀଙ୍କ ପକ୍ଷରୁ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କୁ 'ଭିଜନାରୀ ଲିଡରଶିପ'ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ୫୦ଜଣ ମହିଳା ପୋଲିସ ଅଧିକାରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୱାରିୟର କ୍ରେଡ ଡିଫେନ୍ସ କ୍ୟାରିୟର ଏକାଡେମୀକୁ ଅତିଥିମାନେ ସାଧୁବାଦ ଜଣାଇଥିଲେ।

# ଶେଷ କ୍ଷଣରେ ବାଜି ମାରିଲା ଓଡ଼ିଶା ଜଗରନଟ୍ସ




ମ୍ୟାଚ ଜିତିବାପରେ ଖେଳାଳିଙ୍କ ଆନନ୍ଦ ଉଲ୍ଲାସ। ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳ।

**ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି)**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଅଲ୍ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇଛି। ପୂରା ଟୁର୍ନାମେଣ୍ଟରେ ଆଟାକିଂ, ଡିଫେଣ୍ଡିଂ ଓ ଅଲ୍‌ରାଉଣ୍ଡ ସବୁକ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଆସିଥିବା ଓଡ଼ିଶା ଦଳ ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ତେଲ୍‌ଗୁ ଯୋଦ୍ଧାସ୍‌କୁ ମାତ୍ର ୧ ପଏଣ୍ଟରେ ହରାଇ ଚମକପ୍ରଦ ବିଜୟ ହାସଲ କରିଛି। ବିଭିନ୍ନ ସମୟରେ ନାଟକୀୟ ମୋଡ଼ ନେଇଥିବା ମ୍ୟାଚ୍‌ର ଶେଷକ୍ଷଣରେ ଓଡ଼ିଶା ଜଗରନଟ୍ସ ଚମକପ୍ରଦ ପ୍ରଦର୍ଶନ ସହ ବାଜି ମାରିଥିଲା। ଓଡ଼ିଶା ଦଳ ୪୬ ଓ ତେଲ୍‌ଗୁ ଯୋଦ୍ଧାସ୍ ୪୫ ପଏଣ୍ଟ ହାସଲ କରିଥିଲା। ଉତ୍କଣ୍ଠାପୂର୍ଣ୍ଣ ଭାବେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ରେଫରିଙ୍କ ଶେଷ ହୁଇସିଲ ବାଜିବା ମାତ୍ରେ ଜଗରନଟ୍ସ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ପ୍ରକାଶଯୋଗ୍ୟ, ଗୋଟିଏ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ତ୍ତା ମାଧ୍ୟମରେ ଖେଳାଳିଙ୍କ ମନୋବଳ ବଢ଼ାଇଥିଲେ। କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ ଭୁବନେଶ୍ୱରରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ମଧ୍ୟ ପୁଣେ ଯାଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏସବୁ ଶେଷରେ କାମ ଦେଇଥିଲା ଏବଂ ପ୍ରଥମ ସଂସ୍କରଣରେ ବିଜୟ ମୁକୁଟ ପିନ୍ଧିଥିଲା ଓଡ଼ିଶା ଜଗରନଟ୍ସ। ଅନ୍ୟପକ୍ଷରେ ଅଳ୍ପକେ ଟାଇଟଲ ହାତଛଡ଼ା କରି ତେଲ୍‌ଗୁ ଯୋଦ୍ଧାସ୍ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ୬ ଦଳବିଶିଷ୍ଟ ଫ୍ରାଞ୍ଚାଇଜ୍‌ଭିତ୍ତିକ ଏହି ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ ୩ୟ ଓ ଚେନ୍ନାଇ କୁଇକ୍ ଗନ୍ସ ୪ର୍ଥ ସ୍ଥାନରେ ରହିଛି। ଅନ୍ୟ ୨ ଦଳ ମୁମ୍ବାଇ ଖିଲାଡିଜ୍ ଓ ରାଜସ୍ଥାନ ୱାରିୟର୍ସ ଶେଷ ଦୁଇ ସ୍ଥାନରେ ରହିଛନ୍ତି।

**ମ୍ୟାଚ୍ ଶେଷ ହେବା ପାଇଁ ୧.୨୪ ସେକେଣ୍ଡ ଥିବାବେଳେ ତେଲ୍‌ଗୁ ଯୋଦ୍ଧାସ ୪୫-୪୩ ପଏଣ୍ଟରେ ଆଗୁଆ ରହି ମ୍ୟାଚ୍ ଫିନିଶ୍ ଦ୍ୱାରରେ ପହଞ୍ଚିଥିଲା। ତେବେ ଶେଷ ହୁଇସିଲ ବାଜିବାର ମାତ୍ର ୧୪ ସେକେଣ୍ଡ ପୂର୍ବରୁ ସୂରଜ ଲାନ୍‌ଡେ ସ୍କାଏ ଡାଇଭ୍ ମାରି ବିପକ୍ଷ ଦଳର ଅଭଦୂତ ପାଟିଲଙ୍କୁ ଆଉଟ କରି ମୂଲ୍ୟବାନ୍ ୩ ପଏଣ୍ଟ ହାସଲ କରିବା ସହ ଓଡ଼ିଶା ଜଗରନଟ୍ସଙ୍କୁ ଚାମ୍ପିୟନ କରାଇଥିଲେ।**

## ମନମୋହିଲା 'ଦି ଲାୟନ୍ସ କ୍ରୁ'

ଲୋକପ୍ରିୟ ବଲିଉଡ୍ ଗାୟକ ମୋହିତ ଚୌହାନ ଜାତୀୟ ସଙ୍ଗୀତ ଗାନ କରିବା ପରେ ମେଗା ଫାଇନାଲ ଆରମ୍ଭ ହୋଇଥିଲା। ୨୦୨୧ ୱାର୍ଲ୍ଡ ହିପ୍ ହପ୍ ଡ୍ୟାନ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା 'ଦି ଲାୟନ୍ସ କ୍ରୁ'ର ନୃତ୍ୟ କାର୍ଯ୍ୟକ୍ରମ ମନ ମୋହିଥିଲା। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ମିଶି ଅମିତ ବର୍ମନ ଅଲ୍ଟିମେଟ ଖୋ ଖୋକୁ ପ୍ରମୋଟ କରିଥିଲେ। ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଟ୍ରଫି ସହ ପୁରସ୍କାର ଆକାରରେ ୧ କୋଟି ଟଙ୍କା ପାଇଥିଲା। ରନର୍ସଅପ୍ ତେଲ୍‌ଗୁ ଯୋଦ୍ଧାସ୍‌କୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

ଓଡ଼ିଶା ଜଗରନଟ୍ସ ଅଗଷ୍ଟ ୧୫ରେ ଏହାର ଅଭିଯାନ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଏହି ଦଳ ଚେନ୍ନାଇ କୁଇକ୍ ଗନ୍ସକୁ ୮ (୫୧-୪୩) ପଏଣ୍ଟରେ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଦଳ ଯଦିଓ ଗୁଜରାଟ ଜାଏଣ୍ଟ୍ସଠାରୁ ୫ (୪୯-୫୪) ପଏଣ୍ଟରେ ହାରିଥିଲା ତେବେ ରାଜସ୍ଥାନ ୱାରିୟର୍ସକୁ ୧୯ (୬୫-୪୬) ପଏଣ୍ଟରେ ହରାଇବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲା। ଉତ୍ତମ କମ୍ବିନେଶନ ଯୋଗୁ ଦଳ ଏହାପରେ ଗୁଜରାଟ ଜାଏଣ୍ଟ୍ସକୁ ୩ (୫୦-୪୭), ଚେନ୍ନାଇ କୁଇକ୍ ଗନ୍ସକୁ ୧୦ (୫୧-୪୧), ରାଜସ୍ଥାନ ୱାରିୟର୍ସକୁ ୬ (୫୧-୪୫), ମୁମ୍ବାଇ ଖିଲାଡିଜ୍‌କୁ ୨୩ (୬୦-୩୭) ଓ ତେଲ୍‌ଗୁ ଯୋଦ୍ଧାସ୍‌କୁ ୯ (୪୮-୩୯) ପଏଣ୍ଟରେ ହରାଇ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଥିଲା। ଏଥିସହ ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଦଳ ପାଇଁ ଅନ୍ତିମ ୨ ମ୍ୟାଚ୍‌ର ଗୁରୁତ୍ୱ ନ ଥିବାରୁ କୋଚ୍ ଅଶ୍ୱିନ କୁମାର ଶର୍ମା ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇଥିଲେ। ଯୁବ ରିଜର୍ଭ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରି ନ ପାରିବାରୁ ଏ ୨ଟିଯାକ ମ୍ୟାଚ୍‌ରେ ଜଗରନଟ୍ସ ଯଥାକ୍ରମେ ମୁମ୍ବାଇ ଖିଲାଡିଜ୍‌ଠାରୁ ୪୮ (୩୧-୭୯) ଓ ତେଲ୍‌ଗୁ ଯୋଦ୍ଧାସ୍‌ଠାରୁ ୨୯ (୩୬-୬୫) ପଏଣ୍ଟରେ ପରାଜିତ ହୋଇଥିଲା। ଫଳରେ ୧୦ ମ୍ୟାଚ୍‌ରୁ ୨୧ ପଏଣ୍ଟ ସହିତ ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବେ ଓଡ଼ିଶା କ୍ୱାଲିଫାୟର-୧ ଖେଳିଥିଲା। ଏହି ପର୍ଯ୍ୟାୟରେ ଦଳକୁ ସିନିୟର ଖେଳାଳିମାନେ ଫେରିଆସିଥିଲେ। ଫଳରେ ପୂର୍ବ ପରାଜୟର କୌଣସି ପ୍ରଭାବ ପଡ଼ି ନ ଥିଲା। ଜଗରନଟ୍ସ ୧୪ (୫୭-୪୩) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସକୁ ହରାଇ ସିଧାସଳଖ ଫାଇନାଲରେ ପ୍ରବେଶ କରିଥିଲା। ଆଟାକର ସୂରଜ ଲାନ୍‌ଡେ ଓ ମହେଶ ପି., ଡିଫେଣ୍ଡର ଗୋଥାମ ଏମ୍.କେ. ଏବଂ ଅଲ୍‌ରାଉଣ୍ଡର ଦିଲୀପ ଖଣ୍ଡ୍‌ଭି, ନିଲେଶ ଯାଦବ, ଶୁଭାଶିଷ ସାନ୍ତ୍ରା, ମିଲିନ୍ଦ ଚଭ୍ରେକର ଓ ଜଗନ୍ନାଥ ମୁର୍ମୁଙ୍କ ପ୍ରଦର୍ଶନ ଅତ୍ୟନ୍ତ ପ୍ରଭାବୀ ରହିଥିଲା।

# କୋଚ୍ କହିଥିଲେ, କାମରେ ଦେଖାଇଲେ




**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ଅଲ୍ଟିମେଟ ଖୋ ଖୋ ଲିଗ୍‌ର ସର୍ବପ୍ରଥମ ସଂସ୍କରଣରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇଛି। ସୂରଜ ଲାଣ୍ଡେଙ୍କ ଶେଷ ମୁହୂର୍ତ୍ତ ସ୍କାଏ ଡାଇଭ୍ ବଳରେ ଓଡ଼ିଶା ଦଳ ମାତ୍ର ୧ ପଏଣ୍ଟରେ ତେଲ୍‌ଗୁ ଯୋଦ୍ଧାସକୁ ପରାସ୍ତ କରିଛି। କିଛିଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ପ୍ରତିଯୋଗିତାର ଭେନ୍ୟୁସ୍ଥଳ ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଯାତ୍ରା କରିଥିଲା । ସେଠାରେ ଅଗଷ୍ଟ ୩୦ ଓ ୩୧ରେ ଜଗରନଟ୍ସର ୨ଟି ଶେଷ ଲିଗ୍ ମ୍ୟାଚ କଭରେଜର ସୁଯୋଗ ମିଳିଥିଲା। ଦୁର୍ଭାଗ୍ୟ ବଶତଃ ଏହି ଦୁଇଟି ମ୍ୟାଚରେ ଓଡ଼ିଶା ଦଳ ଯଥାକ୍ରମେ ମୁମ୍ବାଇ ଖିଲାଡିଜ୍ ଓ ତେଲ୍‌ଗୁ ଯୋଦ୍ଧାସଠାରୁ ହାରି ଯାଇଥିଲା। ମ୍ୟାଚ ପରବର୍ତ୍ତୀ ଖବରଦାତା ସମ୍ମିଳନୀପରେ ଏହି ପ୍ରତିନିଧି ସହ କଥା ହେବାବେଳେ ଦୁଃଖ ପ୍ରକାଶ କରିଥିଲେ ମୁଖ୍ୟ କୋଚ୍ ଅଶ୍ୱିନ କୁମାର ଶର୍ମା। "ଆପଣ ଯେଉଁ ୨ଟି ମ୍ୟାଚ ପାଇଁ ଏଠାକୁ ଆସିଲେ ସେଥିରେ ମୁଁ ଶ୍ରେଷ୍ଠ ଦଳକୁ ଖେଳାଇ ପାରିଲି ନାହିଁ। ଆମେ ପଏଣ୍ଟ ଟେବୁଲର ଶୀର୍ଷ ୨ ଦଳରେ ମଧ୍ୟରେ ରହି ପ୍ଲେ-ଅଫ୍ ଖେଳିବା ସ୍ପଷ୍ଟ ହୋଇଯାଇଥିବାରୁ ରିଜର୍ଭ ଖେଳାଳିଙ୍କୁ ପରୀକ୍ଷା ନିରୀକ୍ଷା କରିବା ଜରୁରୀ ଥିଲା। ଫଳରେ ଆପଣମାନେ ୨ଟି ହାରିବା ମ୍ୟାଚ ଦେଖି ଫେରିଲେ। ଏଥିପାଇଁ ମୋତେ ମଧ୍ୟ ଦୁଃଖ ଲାଗୁଛି। ଆଉ ଗୋଟିଏ ମ୍ୟାଚ ପାଇଁ ଅପେକ୍ଷା କରନ୍ତୁ, ଓଡ଼ିଶା ଦଳ କିପରି ଖେଳୁଛି ଦେଖିବେ। ଆମେ ନିଶ୍ଚିତ ପରବର୍ତ୍ତୀ ମ୍ୟାଚ ଗୁଡ଼ିକ ଜିତି ଚାମ୍ପିୟନ ହୋଇଫେରିବୁ" ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଦୂରଦ୍ରଷ୍ଟା କୋଚ୍ ଅଶ୍ୱିନ। ଏବେ ସେ ତାହାକୁ କାମରେ କରି ଦେଖାଇଛନ୍ତି। ମ୍ୟାଚ ଶେଷ ହେବାପାଇଁ ୧୪ ସେକେଣ୍ଡ ବାକି ଥିବାବେଳେ ଓଡ଼ିଶା ଦଳ ପଛରେ ରହିଥିଲେ ହେଁ ଲାନ୍‌ଡେଙ୍କ ସ୍କାଏ ଡାଇଭ୍‌ରୁ ୩ ପଏଣ୍ଟ ତେଲ୍‌ଗୁ ଯୋଦ୍ଧାସ ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲା ଏବଂ ଓଡ଼ିଶା ଜଗରନଟ୍ସ ପିନ୍ଧିଥିଲା ବିଜୟ ମୁକୁଟ।

# ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ, ୧ କୋଟି ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୪।୯ (ସ୍ପୋର୍ଟ୍ସ ବ୍ୟୁରୋ):** ଉଦ୍‌ଘାଟନୀ ଅଲ୍ଟିମେଟ୍ ଖୋ ଖୋ ଲିଗ୍ ଜିତି ଇତିହାସ ସୃଷ୍ଟି କରିଥିବା ଓଡ଼ିଶା ଜଗରନଟ୍ସ ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ସଫଳତା ହାସଲ କରିଥିବାରୁ ବିଜୟୀ ଦଳ ପାଇଁ ସେ ୧ କୋଟି ଟଙ୍କା ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ଜଗରନଟ୍ସ ଆଗକୁ ଭଲ ପ୍ରଦର୍ଶନ ଜାରି ରଖି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଭିଡିଓ କନଫରେନ୍ସ ଜରିଆରେ କୋଚ୍ ଓ ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ଶନିବାର ବାର୍ତ୍ତାଳାପ କରିଥିଲେ। ରବିବାର ଫାଇନାଲରେ ଦଳର ଭଲ ପ୍ରଦର୍ଶନ ନେଇ ସେ ଶୁଭକାମନା କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ କୋଚ୍ ଅଶ୍ୱିନ କୁମାର ଶର୍ମା, ସହ ଅଧିନାୟକ ଦୀପେଶ ବିଜୟ ମୋରେ ଓ ଖେଳାଳି ଜଗନ୍ନାଥ ମୁର୍ମୁଙ୍କ ସହ କଥା ହୋଇଥିଲେ। ରବିବାର ପ୍ରଭାବୀ ପ୍ରଦର୍ଶନ କରି ଲୋଭନୀୟ ଟ୍ରଫି ସହ ଦଳ ଭୁବନେଶ୍ୱର ଫେରିବ ବୋଲି ସେମାନେ ଦମ୍ଭୋକ୍ତି ପ୍ରକାଶ କରିଥିଲେ।

# ଚତୁର୍ଥ ରାଉଣ୍ଡରେ ନାଡାଲ, କ୍ୱିଟୋଭା

**ନ୍ୟୁୟର୍କ,୪।୯(ପି.ଟି.)**

**ୟୁଏସ୍ ଓପନ**

ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ୟୁଏସ୍ ଓପନ୍‌ର ଚତୁର୍ଥ ରାଉଣ୍ଡ(ପ୍ରି କ୍ୱାର୍ଟର)ରେ ପ୍ରବେଶ କରିଛନ୍ତି ରାଫାଲ ନାଡାଲ, ଜେସିକା ପେଗୁଲା, ଡାନିଏଲ କଲିନ୍ସ ଓ ପେଟ୍ରା କ୍ୱିଟୋଭା। ୟୁଏସ୍ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ନାଡାଲ ୬-୦, ୬-୧ ଓ ୭-୫ରେ ରିଚାର୍ଡ ଗାସକ୍ୱେଟଙ୍କୁ ପରାସ୍ତ କରିଛନ୍ତି। ଏଥି ସହିତ ଗାସକ୍ୱେଟଙ୍କ ବିପକ୍ଷରେ ବିଜୟ ରେକର୍ଡକୁ ନାଡାଲ ୧୮-୦ରେ ପହଞ୍ଚାଇଛନ୍ତି। ନାଡାଲ ପରବର୍ତ୍ତୀ ମ୍ୟାଚ୍‌ରେ ଫ୍ରାନ୍ସେସ ଟିଆଫୋଙ୍କୁ ଭେଟିବେ। ଡିଏଭୋ ସ୍ୱାର୍ଜମ୍ୟାନଙ୍କୁ ଟିଆଫୋ ୭-୬(୭), ୬-୪, ଓ ୬-୪ରେ ପରାସ୍ତ କରିଥିଲେ। ସେହିପରି ମହିଳା ସିଙ୍ଗଲ୍ସ ବର୍ଗରେ ତୃତୀୟ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇଛନ୍ତି ପେଗୁଲା ଓ କ୍ୱିଟୋଭା। ଉଭୟ ନିଜ ନିଜ ବିଜୟର ଶ୍ରେୟ ସେରେନା ୱିଲିୟମ୍ସଙ୍କୁ ଦେଇଛନ୍ତି। ୨୮ ବର୍ଷୀୟା ଆମେରିକୀୟ ଖେଳାଳି ଜେସିକା ପେଗୁଲା ୬-୨, ୬-୬(୬) ଓ ୬-୦ରେ ୟୁଆନ୍ ୟୁଏଙ୍କୁ ପରାସ୍ତ କରିଥିଲେ। ଗାର୍ବିଏନ୍ ମୁଗୁରଜାଙ୍କ ବିପକ୍ଷ ଏହି ମ୍ୟାଚ୍‌କୁ ୫-୭, ୬-୩ ଓ ୭-୬(୧୨-୧୦)ରେ ଜିତି ନେଇଥିଲେ କ୍ୱିଟୋଭା।


ମ୍ୟାଚ ଜିତିବାପରେ ଡାନିଏଲ କଲିନ୍ସ।

ସେହିପରି ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାରେ ଏକ ନମ୍ବର ସ୍ଥାନରେ ଥିବା ଇଗା ସ୍ୱିଟେକ୍ ୬-୩, ୬-୪ରେ ଲୌରେନ୍ ଡେଭିସ୍‌ଙ୍କୁ, ଆରିନା ସାବାଲେଙ୍କା ୬-୦ ଓ ୬-୨ରେ କ୍ଲାରା ବୁରେଲଙ୍କୁ, ଅଷ୍ଟ୍ରେଲିଆନ ଓପନ୍ ରନର୍ସଅପ୍ ଡାନିଏଲ କଲିନ୍ସ ୬-୪, ୭-୬ (୧୧-୯)ରେ ଆଲିଜ କର୍ନେଟ୍‌ଙ୍କୁ ପରାସ୍ତ କରିଛନ୍ତି। ଦୁଇଥର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ଭିକ୍ଟୋରିଆ ଆଜାରେଙ୍କା ୬-୩, ୬-୦ରେ ପେଟ୍ରା ମାର୍ଟିକଙ୍କୁ ହରାଇଥିବାବେଳେ ଦୁଇଥର ଗ୍ରାଣ୍ଡସ୍ଲାମ ରନର୍ସଅପ୍ କାରୋଲିନା ପ୍ଲିସ୍‌କୋଭା ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ବେଲିଣ୍ଡା ବେନ୍ସିକଙ୍କୁ ବିଦାୟ ପଥ ଦେଖାଇଛନ୍ତି। ୩ ନମ୍ବର ସିଡ୍ କାର୍ଲୋସ ଆଲକାରେଜ ଅଣସିଡେଡ୍ ଜେନସନ୍ ବ୍ରୁକସବିଙ୍କୁ ୬-୩, ୬-୩ ଓ ୬-୩ ସେଟ୍‌ରେ, ୭ମ ସିଡ୍ କାମ୍ ନୋରି ୭-୫, ୬-୪, ୬-୧ରେ ହୋଲଗର ରୁନଙ୍କୁ ହରାଇଥିବାବେଳେ ଡେନିସ୍ ଶାପୋଭାଲୋଭ୍‌ଙ୍କୁ ୬-୪, ୨-୬, ୭-୬ (୩), ୬-୪, ୭-୬ (୧୦)ସେଟ୍‌ରେ ପରାସ୍ତ କରିଛନ୍ତି ୯ ନମ୍ବର ସିଡ୍ ଆଣ୍ଡି ରୁବଲେଭ୍।

# ଭର୍ଷ୍ଟାପେନ୍ ଜିତିଲେ ଡଚ୍ ଗ୍ରାଁ ପ୍ରି

**କାଣ୍ଡଭୁର୍ଟ (ନେଦରଲାଣ୍ଡ୍ସ), ୪।୯**

ମାକ୍ସ ଭର୍ଷ୍ଟାପେନ୍ ରବିବାର ଘଟଣାବହୁଳ ଡଚ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ସହଜରେ ଜିତିଛନ୍ତି। ଏହି ବିଜୟ ସହ ଦ୍ୱିତୀୟ ଟାଇଟଲ ପାଇଁ ସେ ତାଙ୍କ ଅଭିଯାନ ଜାରି ରଖିଛନ୍ତି। ଏକ ଲେଟ୍ ସେଫ୍ଟି-କାର୍ ପିରିୟଡ୍ ପରେ ରେଡ୍‌ବୁଲ୍ ଡ୍ରାଇଭର ମର୍ସିଡିଜ୍‌ର ଲୁଇସ୍ ହାମିଲଟନ୍‌ଙ୍କୁ ଅତିକ୍ରମ କରିଯାଇଥିଲେ। ସେ ତାଙ୍କ ଫର୍ମୁଲା ୱାନ୍ କ୍ୟାରିୟରରେ ପ୍ରଥମଥର କ୍ରମାଗତ ୪ଟି ରେସ୍‌ରେ ବିଜୟ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଅନୁଷ୍ଠିତ ହୋଇଯାଇଥିବା ୧୫ଟି ରେସ୍ ମଧ୍ୟରୁ ସେ ୧୦ଟିରେ ବିଜୟ ହାସଲ କରିଛନ୍ତି। ଆଉ ୭ଟି ରେସ୍ ବାକିଥିବା ବେଳେ ଚାମ୍ପିୟନଶିପ ଷ୍ଟାଣ୍ଡିଂରେ ତାଙ୍କ ଅଗ୍ରଣୀ ୧୦୯ ପଏଣ୍ଟକୁ ବୃଦ୍ଧିପାଇଛି। ସତର୍କତା ପରିୟଡରେ ମର୍ସିଡିଜ୍ ତାଙ୍କ ଟାୟାର ପରିବର୍ତ୍ତନ କରି ନ ପାରିବାରୁ ହାମିଲଟନ ଅଡୁଆରେ ପଡ଼ିଯାଇଥିଲେ। ରିଷ୍ଟାର୍ଟ ପରେ ତାଙ୍କ ଟିମ୍‌ମେଟ୍ ଜର୍ଜ ରସେଲ ଓ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତାଙ୍କୁ ଅତିକ୍ରମ କରିବା ସୁଯୋଗ ପାଇଥିଲେ ଏବଂ ପୋଡିୟମର ଅନ୍ୟ ଦୁଇଟି ସ୍ଥାନ ଦଖଲ କରିନେଇଥିଲେ। ଆଉ ୨୦ଟି ଲାପ୍ ବାକିଥିବା ବେଳେ ହାମିଲଟନଙ୍କ ଆଶା ମଉଳି ଯାଇଥିଲା। ଗତ ବର୍ଷ ଆବୁଧାବିରେ ଏହି ଭଳି ପରିସ୍ଥିତିରେ ସେ ତାଙ୍କ ଅଷ୍ଟମ ବିଶ୍ୱ ଟାଇଟଲ ହରାଇ ବସିଥିଲେ। ଏଠାରେ ସେ ରେଡ୍‌ବୁଲର ସର୍ଗିଓ ପେରେଜ, ଅଲ୍‌ପାଇନ୍‌ର ଫର୍ନାଣ୍ଡୋ ଆଲୋଁସୋ ଏବଂ ମ୍ୟାକଲରେନର ଲାଣ୍ଡୋ ନୋରିସଙ୍କ ଆଗରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଫେରାରିର କାର୍ଲୋସ ସେଞ୍ଜ ୫ମ ସ୍ଥାନ ଅଧିକାର କରିଥିଲେ।



ମାକ୍ସ ଭର୍ଷ୍ଟାପେନ୍

# ପାକିସ୍ତାନ ୫ ଉଇକେଟରେ ବିଜୟୀ

**ଦୁବାଇ,୪।୯**

ମହମ୍ମଦ ରିଜୱାନଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ପାକିସ୍ତାନ ରବିବାର ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର ଫୋର ମ୍ୟାଚରେ ଭାରତକୁ ୫ ଉଇକେଟରେ ପରାସ୍ତ କରିଛି। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୧ ରନ କରିଥିବାବେଳେ ପାକିସ୍ତାନ ୧୯.୫ ଓଭରରେ ୫ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଥିଲା। ଶେଷ ୨ ଓଭରରୁ ବିଜୟ ପାଇଁ ପାକିସ୍ତାନକୁ ୨୬ ରନ ଆବଶ୍ୟକ ହେଉଥିଲା। ୧୯ତମ ଓଭରରେ ଭୁବନେଶ୍ୱର କୁମାର ୧୯ ରନ ଦେବାରୁ ଭାରତ ହାତରୁ ମ୍ୟାଚ ଖସି ଯାଇଥିଲା। ରିଜୱାନ ୫୧ ବଲ୍‌ରୁ ସର୍ବାଧିକ ୭୧ (୬ ଚୌକା, ୨ ଛକା), ମହମ୍ମଦ ନୱାଜ ୨୦ ବଲ୍‌ରୁ ୪୨ (୬ ଚୌକା, ୨ ଛକା) ରନକରି ପାକିସ୍ତାନ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଲିଗ୍ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତଠାରୁ ହାରିଥିବା ପାକିସ୍ତାନ ଏଠାରେ ବିଜୟୀ ହେବା ସହ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ଲୋକେଶ ରାହୁଲ (୨୮) ଓ ରୋହିତ ଶର୍ମା(୨୮) ଭଲ ଆରମ୍ଭ କରିଥିଲେ। ୫ ଓଭରରେ ଉଭୟ ଖେଳାଳି ୫୪ ରନ ଯୋଡିଥିଲେ। ପ୍ରଥମ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିଥିବା ନଶିମ ଶାହଙ୍କୁ ଉଭୟ ଆରମ୍ଭରୁ ଟାର୍ଗେଟ କରିଥିଲେ। ଫର୍ମକୁ ଫେରିଥିବା ବିରାଟ କୋହଲି ଗୋଟିଏ ପଟୁ ଦୃଢ ବ୍ୟାଟିଂ କରିଥିବା ବେଳେ ମଧ୍ୟକ୍ରମରେ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। କୋହଲି ନିଜ ଟି୨୦ କ୍ୟାରିୟରର ୩୩ ତମ ଅର୍ଦ୍ଧଶତକ ହାସଲ କରିବା ସହିତ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ୪୪ ବଲ ଖେଳି ସେ ୪ ଚୌକା ଓ ୧ ଛକା ସହ ୬୦ ରନ କରିଥିଲେ।



ମହମ୍ମଦ ରିଜୱାନ

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୭/୧୮୧ (ବିରାଟ କୋହଲି-୬୦, ରୋହିତ ଶର୍ମା-୨୮, ଲୋକେଶ ରାହୁଲ-୨୮, ଶଦାବ ଖାନ୍-୨/୩୧, ମହମ୍ମଦ ନୱାଜ-୧/୨୫)। ପାକିସ୍ତାନ ୧୯.୫ ଓଭରରେ ୧୮୨/୫ (ମହମ୍ମଦ ରିଜୱାନ-୭୧, ମହମ୍ମଦ ନୱାଜ-୪୨, ଭୁବନେଶ୍ୱର କୁମାର-୧/୪୦, ଅର୍ଶଦୀପ ସିଂ-୧/୨୭, ରବି ବିଷ୍ଣୋଇ-୧/୨୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୪, ଯୁଜବେନ୍ଦ୍ର ଚହଲ-୧/୪୩)।

## ଗାଁ ଦାଣ୍ଡରୁ ଅଜଗର ଉଦ୍ଧାର

ବାରଙ୍ଗ,(ଡି.ଏନ୍.ଏ.): ବିଦ୍ୟାଧରପୁର ଗ୍ରାମର ମଝିସାହି ରାସ୍ତାରୁ ରବିବାର ୧୦ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରାଯାଇଛି। ଗ୍ରାମ ଛକରେ କେତେଜଣ ପିଲା ବସିଥିବା ବେଳେ ହଠାତ୍ ଅଜଗର ସାପଟି କାଠଯୋଡ଼ି ନଦୀ ପଟୁ ଗାଁକୁ ପଶି ଆସିଥିଲା। ଏହାଦେଖି ବସିଥିବା ପିଲାମାନେ ଭୟରେ ଦୌଡ଼ିବା ସହ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ସାପଧରାଳି ସୁମନ ରାଉତ ପହଞ୍ଚି ସାପଟିକୁ ଧରିବା ସହ ସୋମବାର ଚନ୍ଦକା ଜଙ୍ଗଲରେ ଛାଡିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୪।୯(ବ୍ୟୁରୋ): ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ୧୮ତମ ଦ୍ୱିବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ଉତ୍କଳ ଦୃଷ୍ଟିହୀନ ଅନ୍ଧମୂକ ସଂଘର ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଶାନ୍ତ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାର ଆଗାମୀ ଦିନରେ ନିଯୁକ୍ତି ସୃଷ୍ଟି ନେଇ କୌଣସି ବ୍ୟବସ୍ଥା କରିବା ଆବଶ୍ୟକ। ନ ହେଲେ ବେସରକାରୀ ସଂସ୍ଥାଗୁଡ଼ିକ ହାତକୁ ସବୁକିଛି ଚାଲିଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଉପସ୍ଥିତ ରହି କହିଛନ୍ତି, ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇକରଣ କରାଗଲେ ମଧ ସେଥିରେ କାର୍ଯ୍ୟ କରୁଥିବା ୨୪ ହଜାରରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀଙ୍କ ଇପିଏଫ୍ ଓ ଏଏସ୍‌ଆଇ କିଭଳି ଠିକ୍ ଭାବେ ଡିପୋଜିଟ କରାଯିବା ସହ ସେମାନଙ୍କ ସୁରକ୍ଷା ସାମଗ୍ରୀ ଟାଟା କମ୍ପାନୀ ଯୋଗାଇଦେବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍‌ର ମାନବ ସମ୍ବଳ ଅଧିକାରୀ ଶ୍ରୀବୁଦ୍ଧିଷ୍ଟ ବେହେରା, ଲୋକଶକ୍ତିର ସମ୍ପାଦକ ରମେଶଚନ୍ଦ୍ର ଶତପଥୀ, ରାଷ୍ଟ୍ରୀୟ ମଜଦୁର ସଂଘର ଉପସଭାପତି ମଦନ ମୋହନ ଧଳ, ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘର ଆସନ୍ତା ୨ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲା।

### ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୪।୯(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅନ୍ତର୍ଗତ କଳାଝାରି ଗ୍ରାମ ନିକଟ ପଦ୍ଦରଫୁଙ୍କା ରେଳବ୍ରିଜ ତଳୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୨/୨୨) ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ। ତାଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଛି ନା, ଟ୍ରେନରୁ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଛି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି।

### ତୂଳୀରେ ତସ୍ମୈଶ୍ରୀ ଗୁରବେ ନମଃ



ପୁରୁଣା ଭୁବନେଶ୍ୱର,୪।୯(ଡି.ଏନ୍.ଏ.): ଗୁରୁଙ୍କୁ ସ୍ମରଣ ସହ ଗୁରୁ ପୂଜନର ଧାରାକୁ ଅବ୍ୟାହତ ରଖିବା ଲାଗି ସେପ୍ଟେମ୍ବର ୫କୁ ଗୁରୁ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସରେ ପ୍ରିୟ ଗୁରୁଙ୍କୁ କିଏ କେଉଁଭଳି ସ୍ମୃତିଚାରଣ କରି ସମ୍ବର୍ଦ୍ଧନା ଦିଗରେ ନିଜସ୍ୱ କୌଶଳ ବାଛୁଥିବା ବେଳେ ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ର ତଥା ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ, ତୂଳୀରେ ଭକ୍ତିପୂତ ଶ୍ରଦ୍ଧା ସମ୍ମାନର ସହ ଗୁରୁପୂଜା କରିଛନ୍ତି। ଗୁରୁକୁଳର ପରମ୍ପରା, ଆଦର୍ଶ ଓ ମହାନତାକୁ ନିଖୁଣ ଭାବେ ଚିତ୍ରରେ ମନେ ପକାଇଛନ୍ତି। ଚିତ୍ରର ଶୀର୍ଷରେ 'ତସ୍ମୈଶ୍ରୀ ଗୁରବେ ନମଃ' ଲେଖି ଗୁରୁଙ୍କ ଉଦ୍ଦେଶ୍ୟରେ ସେ ଉକ୍ତ ବାର୍ତ୍ତାକୁ ଉତ୍ସର୍ଗ କରିଛନ୍ତି। ଶାନ୍ତନୁଙ୍କ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଭୁବନେଶ୍ୱରବାସୀଙ୍କୁ ଡେଙ୍ଗୁ ଡର

ଭୁବନେଶ୍ୱର, ୪।୯ (ବ୍ୟୁରୋ)

## ଚିହ୍ନଟ ହେଲେଣି ୧୦୧୬ ରୋଗୀ

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁର ପ୍ରାଦୁର୍ଭାବ ବଢି ଚାଲିଛି। ଡେଙ୍ଗୁ ନାଁ ଶୁଣିଲେ ଡର ଲାଗୁଛି। ରାଜ୍ୟରୁ ଚିହ୍ନଟ ହେଉଥିବା ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ସର୍ବାଧିକ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହେଉଥିବାବେଳେ ଭୁବନେଶ୍ୱର ଆଗରେ ରହିଛି। ୩ ତାରିଖ ସୁଦ୍ଧା ରାଜ୍ୟରେ ୨୨ ହଜାର ୬୮ ଜଣଙ୍କ ନମୁନା ପରୀକ୍ଷା ହୋଇଥିବା ବେଳେ ୨ହଜାର ୩୦୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ସର୍ବାଧିକ ୧୧ଶହ ୨୫ଜଣ ଡେଙ୍ଗୁ ଆକ୍ରାନ୍ତ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହୋଇଥିବା ଶୁକ୍ରବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଥିଲେ। ତେବେ ଏହି ସଂକ୍ରମିତଙ୍କ ମଧ୍ୟରୁ ୨ ତାରିଖ ସୁଦ୍ଧା କେବଳ ଭୁବନେଶ୍ୱରରୁ ୧୦୧୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜାନୁୟାରୀରୁ ସେପ୍ଟେମ୍ବର ୮ମାସ ମଧ୍ୟରେ ରୋଗୀଙ୍କ ସଂଖ୍ୟା ୧ହଜାର ପାର୍ କରିଛି। ଏହାବାଦ୍ ୫୭ଟି ଅଜ୍ଞାତ କେସ ନଜରକୁ ଆସିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ୧୯ ସୁଦ୍ଧା ରାଜ୍ୟରୁ ୧୨୨ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସହରରେ ଏହି ସଂଖ୍ୟା ୨୦ପାର୍ କରିଥିଲା। ଅପରପକ୍ଷେ ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବିଏମ୍‌ସିର ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ବିଏମ୍‌ସି ପକ୍ଷରୁ ସହରରେ ଡେଙ୍ଗୁ ସଚେତନତା ସୃଷ୍ଟି କରିବା ପାଇଁ ସପ୍ତାହର ପ୍ରତି ଗୁରୁବାର ଏବଂ ରବିବାର ଡ୍ରାଏ ଡେ' ପାଳନ କରାଯାଉଛି। ମାତ୍ର ନିୟମିତ ଭାବେ ମଶାଧୂଆଁ ଛଡାଯାଉ ନ ଥିବାବେଳେ ମଶା ତେଲ ମଧ ପକାଯାଉ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେବଳ ଲୋକ ଦେଖାଣିଆ ଭାବେ କାମ ଚଳେଇବା ପାଇଁ ଡ୍ରାଏ ଡେ' ପାଳନ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସହରର ବିଭିନ୍ନ ୱାର୍ଡରେ ଏବେ ବି ଅଳିଆ ଆବର୍ଜନା ପଡି ରହିଛି। ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ୱାର୍ଡ ନଂ.୧୧ରେ ଡ୍ରାଏ ଡେ'



ପାଣି ଜମୁଥିବା ସ୍ଥାନରେ ମଶାତେଲ ପକାଯାଉଛି।

ବିଏମ୍‌ସି ପକ୍ଷରୁ ବିଭିନ୍ନ ୱାର୍ଡରେ ଡେଙ୍ଗୁ ନିରାକରଣ କାର୍ଯ୍ୟ ଜାରି ରଖିଛି। ୱାର୍ଡ ନଂ.୧୧ ଅନ୍ତର୍ଗତ ଧିରିକୂଟୀ ବସ୍ତି ଅଞ୍ଚଳରେ କର୍ପୋରେଟର ପ୍ରଭାସିନୀ ମହାନ୍ତିଙ୍କ ନେତୃତ୍ୱରେ ରବିବାର ଡ୍ରାଏ ଡେ' ପାଳନ କରାଯାଇଛି। ଏହି ଅବସରରେ ସଚେତନତା ର୍‍ୟାଲି ସହ ସ୍ୱେଚ୍ଛାସେବୀ ଏବଂ ପରିମଳ କର୍ମଚାରୀଙ୍କ ଦ୍ୱାରା ଗୃହ ପରିଦର୍ଶନ, ମଶାମରା ତେଲ ସ୍ପ୍ରେ କରିବା ଆଦି ବିଭିନ୍ନ କାର୍ଯ୍ୟ କରାଯାଇଥିଲା। ଖାଲି ପାତ୍ରରେ ପାଣି ଜମିବାକୁ ନ ଦେବା, ପରିବେଶ ସଫା ରଖିବା ଭଳି ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଲୋକମାନେ ସଚେତନ ହେବା ସହିତ ନିଜ ଆଖପାଖ ଅଞ୍ଚଳ ପରିଷ୍କାର ରଖିବେ। ଡେଙ୍ଗୁ ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ବିଏମସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

# ନାଲି ପିମ୍ପୁଡ଼ି ଭୟରେ ଗାଁ ଛାଡ଼ିଲେ ୩ ପରିବାର

ପିପିଲି,୪।୯(ଡି.ଏନ୍.ଏ.)



ଲୋକେ ପାଦରେ ପଲିଥିନ ଗୁଡ଼ାଇଛନ୍ତି।

ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ବ୍ରାହ୍ମଣ ଶାସନ ଗ୍ରାମରେ ନାଲି ପିମ୍ପୁଡ଼ି ଆତଙ୍କରେ ୩ ପରିବାର ଗାଁ ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି। ସେମାନେ ହେଲେ କୁମୁଦ ଦାସ, ରେଣୁବାଳା ଦାସ, ଦେବେନ୍ଦ୍ର ଦାସ। ଗ୍ରାମରେ ପିମ୍ପୁଡ଼ିଙ୍କ ଆତଙ୍କ ଏତେ ବଢିଯାଇଥିବାରୁ ଗ୍ରାମବାସୀ ଅତିଶୟ ହୋଇପଡିଲେଣି। ଘର, ରାସ୍ତା, ରୋଷେଇ ଘର, ଶୋଇବା ଘର ସବୁଆଡେ ନାଲି ପିମ୍ପୁଡ଼ି ହେବାରୁ ଲୋକେ ଏବଂ ପିଲାମାନେ ବହୁ ହଇରାଣ ହେଉଛନ୍ତି। ଘରେ ଶୋଇବାକୁ ମଧ କଷ୍ଟକର ହୋଇପଡିଲାଣି। ଗ୍ରାମକୁ କେହି ଆସୁ ନ ଥିବାବେଳେ ଲୋକେ ଗୋଡରେ ପଲିଥିନ୍ ବାନ୍ଧି ବାହାରକୁ ବାହାରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କଣ୍ଟିଆ ଗ୍ରାମର ସ୍ୱାସ୍ଥ୍ୟକର୍ମୀ ସୁରେଶ ପ୍ରଧାନ ଏକ ଟିମ୍ ସହ ଗ୍ରାମରେ ପହଞ୍ଚି ପିମ୍ପୁଡ଼ି କାମୁଡିଥିବା ଲୋକମାନଙ୍କୁ ଅଏଣ୍ଟମେଣ୍ଟ ଦେଇ ସତର୍କ କରାଇଛନ୍ତି। ଏଥିସହ ସୋମବାର ପୁଣି ଆସି ଅଏଣ୍ଟମେଣ୍ଟ ଯୋଗାଇବେ ବୋଲି କହିଛନ୍ତି। ପ୍ରଶାସନ ଯଦି ଏହି ସମସ୍ୟାର ପ୍ରତିକାର ନ କରନ୍ତି, ତେବେ ସମୂହ ଗ୍ରାମବାସୀ ଗାଁ ଛାଡିବାକୁ ବାଧ ହେବେ ବୋଲି ୱାର୍ଡ ସଭ୍ୟ ରାଜ ପ୍ରସାଦ ଦାଶ ପ୍ରକାଶ କରିଛନ୍ତି।

# ବାଣଫୁଟାକୁ ବିରୋଧରୁ ହତ୍ୟା ଧମକ, ୪ ଜେଲ ଗଲେ

ଭୁବନେଶ୍ୱର,୪।୯ (ବ୍ୟୁରୋ)

ଭସାଣି ବେଳେ ବାଣଫୁଟାକୁ ବିରୋଧ କରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏହାକୁ ନେଇ ଗୋଟିଏ ଗୋଷ୍ଠୀର ଯୁବକ ଅନ୍ୟ ଗୋଷ୍ଠୀର ଲୋକଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଓ ଆକ୍ରମଣ କରିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ଥାନା କଳିଙ୍ଗବିହାରରେ ରହୁଥିବା ବେଗୁନିଆର ବଟକୃଷ୍ଣ ପାଣି(୪୮), ପୁରୀର ମନୁଆ ଓରଫ୍ ଚିରଞ୍ଜନ ବେହେରା(୨୬), ବେଗୁନିଆର ଅଜିତ୍ ରଞ୍ଜନ ପାତ୍ର(୩୫) ଓ ରମାକାନ୍ତ ପାତ୍ର(୪୨)। ଅଭିଯୁକ୍ତମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଶନିବାର ସନ୍ଧ୍ୟାରେ ତମାଣ୍ଡୋ ଥାନା ଅଞ୍ଚଳ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ପାଖ ରାସ୍ତାଦେଇ ଗଣେଶ ଭସାଣି ଶୋଭାଯାତ୍ରା ଯାଇଥିଲା। ଭସାଣିରେ ଯାଉଥିବା ଯୁବକମାନେ ନିକଟରେ ବାଣ ଫୁଟାଇଥିଲେ। ସଙ୍ଗୀତ କାର୍ଯ୍ୟକ୍ରମ ଉପଭୋଗ କରୁଥିବା କିଛି ଦର୍ଶକ ଆହତ ହୋଇଥିଲେ। ତେଣୁ ବାଣ ଫୁଟାଇବାରୁ ନିବୃତ ରହିବାକୁ ପୂଜା କମିଟିର ସଦସ୍ୟମାନେ କହିଥିଲେ। ଏଥିରେ ଉତ୍ତେଜିତ ହୋଇ ଭସାଣିରେ ଯାଉଥିବା ଯୁବକମାନେ ପୂଜା କମିଟିର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ସହିତ ଆକ୍ରମଣ କରିଥିଲେ। ପରେ ପୂଜା କମିଟିର ଜଣେ ସଦସ୍ୟ ସମାଧାନ କରିବା ସମୟରେ ତାଙ୍କୁ ମଧ ମାରପିଟ କରିବା ସହ ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇଯାଇଥିଲେ। ପରେ ପୂଜା କମିଟି ପକ୍ଷରୁ ତମାଣ୍ଡୋ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିଲା।





ଭାରତୀୟ ଗଣମାଧମରେ ଦକ୍ଷିଣ ଏସୀୟ ମହିଳା(ଏସ୍‌ଏଡବ୍ଲ୍ୟୁଏମ୍) ଏବଂ ୟୁନିସେଫ୍ ଓଡ଼ିଶାର ମିଳିତ ସହଯୋଗରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଯୁବ ମହିଳା ସାମ୍ବାଦିକ ମେଣ୍ଟରଶିପ୍ କାର୍ଯ୍ୟକ୍ରମ ଅବସରରେ 'କାର୍ଯ୍ୟରତ ମହିଳା ଓ ସେମାନଙ୍କ ପିଲା' ଶୀର୍ଷକ କର୍ମଶାଳାରେ ଅତିଥିଙ୍କ ଗହଣରେ ସାମ୍ବାଦିକାମାନେ।

# ସାମ୍ବାଦିକତାରେ ଆତ୍ମବିଶ୍ୱାସ ବୃଦ୍ଧି ଜରୁରୀ

ଭୁବନେଶ୍ୱର,୪।୯(ବ୍ୟୁରୋ)

## ଯୁବ ମହିଳା ସାମ୍ବାଦିକ ମେଣ୍ଟରଶିପ୍ କାର୍ଯ୍ୟକ୍ରମ

ଭାରତୀୟ ଗଣମାଧମରେ ଦକ୍ଷିଣ ଏସିୟ ମହିଳା (ଏସ୍‌ଏଡବ୍ଲ୍ୟୁଏମ୍) ଏବଂ ୟୁନିସେଫ୍ ଓଡ଼ିଶାର ମିଳିତ ସହଯୋଗରେ ଯୁବ ମହିଳା ସାମ୍ବାଦିକ ମେଣ୍ଟରଶିପ୍ କାର୍ଯ୍ୟକ୍ରମ ୨୦୨୨ର ଆରମ୍ଭ କରାଯାଇଛି। ଏହି ଅବସରରେ ଶନିବାର, ରବିବାରରେ ଭୁବନେଶ୍ୱରରେ ୨ଦିନିଆ 'କାର୍ଯ୍ୟରତ ମହିଳା ଓ ସେମାନଙ୍କ ପିଲା' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଥିଲା। ମହିଳା ଖବରଦାତାଙ୍କୁ ସଶକ୍ତ କରିବା, ଆତ୍ମବିଶ୍ୱାସ ବଢାଇବା, ରିପୋର୍ଟିଂ ଏବଂ ଲିଖନୀ କୌଶଳ ବୃଦ୍ଧି କରିବା ତଥା ମାର୍ଗଦର୍ଶନ ପାଇଁ ସେମାନଙ୍କୁ ପରାମର୍ଶଦାତାଙ୍କ ସହିତ ଯୋଡିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ରହିଥିଲା। ଏଥିରେ ଭୁବନେଶ୍ୱରର ୪ଜଣ ବରିଷ୍ଠ ଖବରଦାତା ପରାମର୍ଶଦାତା ଭାବେ ରାଜ୍ୟର ଆଦିବାସୀ, ଗ୍ରାମାଞ୍ଚଳ ତଥା ବଞ୍ଚିତ ସମ୍ପ୍ରଦାୟର ୧୬ଜଣ ମହିଳା ଖବରଦାତାଙ୍କୁ ପରାମର୍ଶ ଦେଇଥିଲେ। ଏମାନଙ୍କ ସହ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇର ମୁଖ୍ୟ ଶାସନ ସଚିବ ରଞ୍ଜନା ଚୋପ୍ରା, ସମ୍ବାଦଗ୍ରୁପର ରେଡିଓ, ଟିଭି ଓ ଡିଜିଟାଲ ୱିଙ୍ଗର ମୁଖ୍ୟ ତନୟା ପଟ୍ଟନାୟକ, ଓଟିଭିର ସହପ୍ରତିଷ୍ଠାତା ତଥା ଏମ୍‌ଡି ଜାଗିମଙ୍ଗତ ପଣ୍ଡା, ଏନ୍‌ଡିଟିଭିର ପୂର୍ବତନ ସ୍ୱାଧୀନ ଖବରଦାତା ମୋନିଦୀପା ବାନାର୍ଜୀ, ଏସ୍‌ଏଡବ୍ଲ୍ୟୁଏମ୍‌ର ସଭାପତି ସ୍ୱାତୀ ଭଟ୍ଟାଚାର୍ଯ୍ୟୀ ପରାମର୍ଶଦାତା ଭାବେ ଯୋଗଦେଇଥିଲେ। ଏଥିରେ ଚୋପ୍ରା କହିଛନ୍ତି, ୟୁନିସେଫ୍ ଏବଂ ଏସ୍‌ଏଡବ୍ଲ୍ୟୁଏମ୍ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ସାମ୍ବାଦିକତାରେ ଆତ୍ମବିଶ୍ୱାସ ବୃଦ୍ଧି ଜରୁରୀ। କାର୍ଯ୍ୟକ୍ରମରେ ଥିବା ଶ୍ରୋତାମାନେ ବରିଷ୍ଠ ଖବରଦାତାଙ୍କ ସହ ଯୋଗାଯୋଗ କରିବା, ସେମାନଙ୍କଠାରୁ ଶିଖିବା ଏବଂ ଓଡ଼ିଶା ସାମ୍ବାଦିକତାରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିବାର ଏକ ବଡ଼ ସୁଯୋଗ ପାଇବେ। ଏଥିରେ ତନୟା ପଟ୍ଟନାୟକ କହିଛନ୍ତି, ସାମ୍ବାଦିକତା ଏକ ଚାହିଦା ତଥା ଚ୍ୟାଲେଞ୍ଜପୂର୍ଣ୍ଣ କାର୍ଯ୍ୟ। ମହିଳା ଖବରଦାତାମାନେ ଶିଖିବା ପାଇଁ ଆଗକୁ ବଢିବା ସହ ବାହାରକୁ ମଧ ଯିବା ଉଚିତ୍। ଓଟିଭି ଏମ୍‌ଡି ପଣ୍ଡା କହିଛନ୍ତି, ଜଣେ ଖବରଦାତା ଭାବରେ ତୁମେ ସବୁବେଳେ କାହାଣୀର ଉଭୟପାର୍ଶ୍ୱକୁ ଦୃଢତାର ସହ ଦର୍ଶାଇବା ଉଚିତ୍। ୟୁନିସେଫ୍ ଓଡ଼ିଶାର କମ୍ୟୁନିକେଶନ ଆଡଭୋକେସି ତଥା ବିଶେଷଜ୍ଞ ରାଧିକା ଶ୍ରୀବାସ୍ତବ କହିଛନ୍ତି, ଶିଶୁଙ୍କ ବାବଦରେ ରିପୋର୍ଟିଂ କରିବାବେଳେ ପ୍ରତ୍ୟେକ ଖବରଦାତା ପିଲାଙ୍କ ସମସ୍ୟାକୁ ସମ୍ବେଦନଶୀଳତା ସହିତ ଆଚ୍ଛାଦନ କରିବା ଉଚିତ୍। ସ୍ୱାଧୀନ ଖବରଦାତା ମୋନିଦୀପା ସାମ୍ବାଦିକତାରେ ନିଜର ୪୦ ବର୍ଷର ଅଭିଜ୍ଞତା ଏବଂ ବାଧାବିଘ୍ନ ବିଷୟରେ କହିଥିଲେ। ଏଥିସହ କର୍ମଶାଳାରେ ଖବରଦାତାମାନେ ସେମାନଙ୍କ ଅଭିଜ୍ଞତା ଏବଂ ଫିଲ୍ଡରେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ବିଷୟରେ ଆଲୋଚନା କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୪।୯ (ଡି.ଏନ୍.ଏ.)

ପୁରୀ ଜିଲା ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଧୀନ ବରପଦା ପଥର ଖଣିରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ବରପଦା ଗ୍ରାମର ବିଭୂତି ଭୂଷଣ ମହାପାତ୍ର(୨୭)। ତେବେ ତାଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇ ଦେଇଛି ବୋଲି ସ୍ତ୍ରୀ ପୁଷ୍ପା ନାୟକ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

ଖୋର୍ଦ୍ଧା ଜିଲା ଜଟଣୀ ହାଟ ବଜାର ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜକ ଭାବେ ବିଭୁତି କାର୍ଯ୍ୟ କରନ୍ତି। ଗତ ୧ ତାରିଖରେ ସେ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ନ ପାଇବାରୁ ଫାଣ୍ଡିରେ ଅଭିଯୋଗ କରିଥିଲେ। ରବିବାର ପଥର ଖଣିରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ ହୋଇଥିଲା।

# ସରିଲା ୨ଦିନିଆ ପର୍ଯ୍ୟଟନ ମେଳା





ଭୁବନେଶ୍ୱର,୪।୯(ବ୍ୟୁରୋ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ବ୍ଲୁ ଆଇ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ୨ ଦିନିଆ ପର୍ଯ୍ୟଟନ ଭିତ୍ତିକ (ଟ୍ରାଭେଲ ଆଣ୍ଡ ଟୁରିଜମ ଫେୟାର) ମେଳା ରବିବାର ଉଦଯାପିତ ହୋଇଯାଇଛି। ଉଭୟ ସରକାରୀ ଓ ଘରୋଇ ସଂସ୍ଥାର ମିଳିତ ସହଯୋଗରେ ଏହି ମେଳାର ଆୟୋଜନ କରାଯାଇଥିଲା। ବିଶେଷ କରି କୋଭିଡ ମହାମାରୀ କାରଣରୁ ଗତ ୨ ବର୍ଷରୁ ଅଧିକ ସମୟ ହେବ ପୂର୍ବ ପରି (୨୦୧୯ ବର୍ଷ) ପରିଭ୍ରମଣ କରିବାର ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ସ୍ୱଦେଶୀ ଓ ବିଦେଶୀ କ୍ଷେତ୍ରଗୁଡିକୁ କିପରି ଭାପେ ଅଧିକରୁ ଅଧିକ ପର୍ଯ୍ୟଟକ ପରିଭ୍ରମଣରେ ଯିବେ ଏବଂ ସେମାନଙ୍କ ଯିବା ଆସିବାର ସୁବନ୍ଦୋବସ୍ତ କରିବାର ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଉକ୍ତ ମେଳାରେ ବିହାର, ଗୁଜରାଟ, ଝାଡଖଣ୍ଡ, ଛତିଶଗଡ ଓ ଜମ୍ମୁ ଆଣ୍ଡ କାଶ୍ମୀରର ପର୍ଯ୍ୟଟନ ବିଭାଗ ଏବଂ ଇଣ୍ଡିଆ ଟୁରିଜମ ଭଳି ସରକାରୀ ସଂସ୍ଥା ଅଂଶ ଗ୍ରହଣ କରିଥିଲା ବେଳେ ଘରୋଇ ଭାବେ ଦେଶର ପ୍ରମୁଖ ଟ୍ରାଭେଲ ସଂସ୍ଥା ଓ ସଂଗଠନଗୁଡିକ ମେଳାରେ ସେମାନଙ୍କର ଷ୍ଟଲ ପକାଇ ଆଶାୟୀ ପର୍ଯ୍ୟଟକଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଓ ସୂଚନା ପ୍ରଦାନ କରିଥିଲେ ବୋଲି ଆୟୋଜକ କମ୍ପାନୀର ମୁଖ୍ୟ ସୁବ୍ରତ ଭୌମିକ ମତବ୍ୟକ୍ତ କରିଛନ୍ତି।

# ଓଡ଼ିଶାର ରେଳସେବା ସାମାଜିକ ପ୍ରଗତି ଆଣିଦେଇଛି

ଭୁବନେଶ୍ୱର,୪।୯(ବ୍ୟୁରୋ)

## ପୁସ୍ତକ 'ଓଡ଼ିଶାଃ ଦି ରେଲୱେ ଷ୍ଟୋରି' ଉନ୍ମୋଚିତ





ଭାରତର ରେଳ ଭାରତୀୟମାନଙ୍କ ଜୀବନରେଖା। ରେଳ ସେବା କେବଳ ଗମନାଗମନ, ଯାତାୟାତ କ୍ଷେତ୍ରରେ ନିର୍ଭରଯୋଗ୍ୟ ସାଧନ ନୁହେଁ ବରଂ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଏକ ନୂତନ ପରିଭାଷା ଦେଇଛି। ଓଡ଼ିଶାର ରେଳସେବା ନଅଙ୍କ ଦୁର୍ଭିକ୍ଷ ପରଠାରୁ ସାମାଜିକ ପ୍ରଗତି ଆଣିଦେଇଛି ବୋଲି ପୂର୍ବତଟ ରେଳର ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ତଥା ଚିଫ୍ ଆକାଉଣ୍ଟସ୍ ଅଫିସର ଦିଲୀପ କୁମାର ସାମନ୍ତରାୟଙ୍କ ପୁସ୍ତକ 'ଓଡ଼ିଶାଃ ଦି ରେଲୱେ ଷ୍ଟୋରୀ'ର ଉନ୍ମୋଚନ ଅବସରରେ ମତ ଦେଇଛନ୍ତି। ରବିବାର ସ୍ଥାନୀୟ ସୂଚନା ଭବନଠାରେ ଅତିଥିମାନଙ୍କ ଦ୍ୱାରା ଏହି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପରିବହନ ଓ ଉଚ୍ଚଶିକ୍ଷା ବିଭାଗର ସଚିବ ବିଷ୍ଣୁପଦ ସେଠୀ, ଆଇଟି ଓ ଇଲେକ୍ଟ୍ରୋନିକ୍ସ ସଚିବ ମନୋଜ ମିଶ୍ର, ପୂର୍ବତଟ ରେଳର ମହାପ୍ରବନ୍ଧକ ଏସ୍‌କେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ନୂଆ ଶିକ୍ଷା ନୀତିରେ ପରିବେଶ ଶିକ୍ଷା ସାମିଲକୁ ଗୁରୁତ୍ୱ

ଭୁବନେଶ୍ୱର,୪।୯(ବ୍ୟୁରୋ)

ସାମ୍ପ୍ରତିକ ସମୟରେ ବିଶ୍ୱ ଅନେକ ପରିବେଶ ସମ୍ବନ୍ଧୀୟ ଆହ୍ୱାନର ସମ୍ମୁଖୀନ ହେଉଛି। ଏହା କେବଳ ମାନବ ଜାତି ପାଇଁ ନୁହେଁ, ବରଂ ସମଗ୍ର ଜୀବଜଗତର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ଏଥିପାଇଁ କେବଳ ମନୁଷ୍ୟ ହିଁ ଦାୟୀ। ନିଜର ସ୍ୱାର୍ଥ ସାଧନ ପାଇଁ ସେ ପ୍ରକୃତିକୁ ନଷ୍ଟ କରିଚାଲିଛି। ତେଣୁ ଯୁବପିଢିଙ୍କୁ ଏବେଠାରୁ ପରିବେଶ ଶିକ୍ଷା ପ୍ରଦାନ କରାଯିବା ଆବଶ୍ୟକ। ଏଥିପାଇଁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ଦେଶର ନୂତନ ଶିକ୍ଷା ନୀତିର ପାଠ୍ୟକ୍ରମରେ ପରିବେଶ ସମ୍ବନ୍ଧୀୟ ବିଷୟ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଓଡ଼ିଶା ପରିବେଶ ସମିତି ପକ୍ଷରୁ 'ନୂତନ ଶିକ୍ଷା ନୀତିରେ ପରିବେଶ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏକ ୱେବିନାରରେ ବିଶେଷଜ୍ଞମାନେ ଏହି ମତ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକିର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଜୀବ ପ୍ରଯୁକ୍ତିବିଦ୍ୟାର ପୂର୍ବତନ ପ୍ରଫେସର ଡ଼. ଶିବ ପ୍ରସାଦ ଆଧିକାରୀ ଯୋଗଦେଇଥିଲେ। ସମୟ କ୍ରମେ ବିଶ୍ୱର ପରିବେଶ ଦୃଶ୍ୟପଟ୍ଟ କିପରି ପରିବର୍ତ୍ତିତ ହୋଇଚାଲିଛି ଏବଂ ଏହାର ଗୁଣବତ୍ତା ଉପରେ କ୍ଷତିକାରକ ପ୍ରଭାବ ବିସ୍ତାର ହେଉଛି ତାହା ଉପରେ ବର୍ଣ୍ଣନା କରିଥିଲେ। ନିମ୍ନ ଶ୍ରେଣୀର ପିଲାଙ୍କ ଠାରୁ ଆରମ୍ଭ କରି ବୈଷୟିକ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଏ ନେଇ ଉପଯୁକ୍ତ ଶିକ୍ଷା ପ୍ରଦାନର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ସଭାପତିତ୍ୱ କରି କହିଲେ, ପରିବେଶ ଶିକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମ, ସଭାସମିତି, ଖବରକାଗଜ ଓ ଟିଭିରେ ବିଭିନ୍ନ ବାର୍ତ୍ତା ମାଧ୍ୟମରେ ସମସ୍ତଙ୍କୁ ପ୍ରଦାନ କରାଯିବା ବାଞ୍ଛନୀୟ। ସ୍ୱାଗତ ଭାଷଣ ପ୍ରଦାନ କରି ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ବିଶ୍ୱ ପରିବେଶ କିପରି ଘୋର ଆହ୍ୱାନର ସମ୍ମୁଖୀନ ହେଉଛି ତଥା ସମଗ୍ର ପୃଥିବୀରେ ଗ୍ରୀଷ୍ମ ପ୍ରବାହ, ପ୍ରବଳ ବର୍ଷା, ବନ୍ୟାର ପ୍ଲାବନ, ଭୂସ୍ଖଳନ ଏବଂ ଜଙ୍ଗଲ ଅଗ୍ନିକାଣ୍ଡ ପରି ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧିପାଉଛି ତାହା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ୟପ୍ରାଣୀ ବିଶେଷଜ୍ଞ ଡ଼. ଲାଲା ଏକେ ସିଂହ, ପୂର୍ବତନ ପିସିସିଏଫ ଡ଼. ବିଜୟ କେତନ ପଟ୍ଟନାୟକ, ଇଂ ମୁକ୍ତିପଦ ପଣ୍ଡା, ଡ. ସୁଧାକର କର, ଇଂ ବିପିନ ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।



ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ରବିବାର ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଅନୁଷ୍ଠିତ 'ମହଙ୍ଗାଇ ପର୍ ହଲ୍ଲା ବୋଲ୍' ରାଲିରେ ରାହୁଲ ଗାନ୍ଧୀ ଓ ଅନ୍ୟ ନେତାମାନେ।



ସମାବେଶରେ ଯୋଗଦେଇଥିବା ବିଭିନ୍ନ ରାଜ୍ୟର କଂଗ୍ରେସ କର୍ମୀ।

# ମୋଦି ଭୟ ଓ ଘୃଣାର ପ୍ରସାର କରୁଛନ୍ତି: ରାହୁଲ

## ମହଙ୍ଗାଇ ପର୍ ହଲ୍ଲା ବୋଲ୍ ରାଲିରେ କେନ୍ଦ୍ର ଉପରେ ବର୍ଷିଲେ

ନୂଆଦିଲ୍ଲୀ,୪।୯(ପି.ଟି.)

ଦରଦାମ୍ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଦଳ ପକ୍ଷରୁ ରବିବାର ଦିଲ୍ଲୀର ରାମଲୀଳା ମଇଦାନରେ ଅନୁଷ୍ଠିତ 'ମହଙ୍ଗାଇ ପର୍ ହଲ୍ଲା ବୋଲ୍' ରାଲିରେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ମୋଦି ଭୟ ଓ ଘୃଣାର ପ୍ରସାର କରି ଦେଶକୁ ଦୁର୍ବଳ କରିଦେଲେଣି। ଦେଶ ବିଭାଜନକାରୀ ଭାଜପା-ଆର୍‌ଏସ୍‌ଏସ୍ ନୀତିକୁ ମିଳିତ ବିରୋଧୀ ଦଳ ପରାଜିତ କରିବେ ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କହିଛନ୍ତି। ଭାଜପା ସରକାର କ୍ଷମତାକୁ ଆସିବା ଦିନଠାରୁ ଗଣମାଧ୍ୟମ, ନ୍ୟାୟପାଳିକା ଏବଂ ନିର୍ବାଚନ କମିଶନଙ୍କ ଉପରେ ଚାପ ପକାଯାଉଛି। ସରକାର ଉପରୋକ୍ତ ସଂସ୍ଥାଗୁଡ଼ିକୁ ଅଣଦେଖା କରୁଛନ୍ତି। ମୋଦି ସରକାରଙ୍କ ବିରୋଧରେ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ରାହୁଲ କହିଛନ୍ତି।

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ଆକାଶଛୁଆଁ ହୋଇଛି। ବେରୋଜଗାରୀ ଶୀର୍ଷ ଛୁଇଁଲାଣି। ମୋଦି ଭୟ ଓ ଘୃଣାର ପ୍ରସାର କରି ପଡୋଶୀ ଦେଶକୁ ଉପକୃତ କରାଇବା ସହ ଭାରତକୁ ଦୁର୍ବଳ କରାଉଛନ୍ତି। ଦୁଇଜଣ ବଡ଼ ଶିଳ୍ପପତିଙ୍କ ଫାଇଦା ପାଇଁ ସେ ୨୪ ଘଣ୍ଟା କାମ କରୁଛନ୍ତି। ସେମାନେ ଗଣମାଧ୍ୟମ ସମେତ ପ୍ରଧାନମନ୍ତ୍ରୀଙ୍କୁ ନିୟନ୍ତ୍ରଣ କରୁଛନ୍ତି। ଏହି ଦୁଇ ଶିଳ୍ପପତି ଏବଂ ଗଣମାଧ୍ୟମର ସହଯୋଗ ବିନା ମୋଦି କଦାପି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ, ଏହା ନିଶ୍ଚିତ ବୋଲି ରାହୁଲ କହିଛନ୍ତି।

ରାହୁଲ ମହଙ୍ଗାଇ ଉପରେ କହିଥିଲେ, ଅଟା ଲିଟର ୨୨ ଟଙ୍କାରେ ମିଳୁଥିଲାବେଳେ ଏବେ ତାହା ବଢ଼ି ୪୦ ଟଙ୍କାରେ ପହଞ୍ଚିଲାଣି। ସଙ୍ଗେ ସଙ୍ଗେ ସେ ନିଜର ଭୁଲ୍ ଜାଣିପାରି ତାହାକୁ ସଂଶୋଧନ କରିନେଇଥିଲେ। ତେବେ ପାଟିରୁ ଖସିଯାଇଥିବା ଏହି ଭୁଲ୍‌କୁ ନେଇ ସେ ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଛନ୍ତି। ତାଙ୍କ ଭୁଲ୍ ଉକ୍ତିର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଘୂରିବୁଲୁଛି।

# ରାଜନୀତିରେ ନୂଆ ଇନିଂସ ଆରମ୍ଭ କଲେ ଆଜାଦ

## ଦଳର ନାମ ସମ୍ପର୍କରେ ଲୋକେ ନିଷ୍ପତ୍ତି ନେବେ

ନୂଆଦିଲ୍ଲୀ,୪।୯

କଂଗ୍ରେସ ସହ ୫ ଦଶନ୍ଧିର ସମ୍ପର୍କ ଛିନ୍ନ କରିବା ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ ରବିବାର ରାଜନୀତିରେ ନୂଆ ଇନିଂସ ଆରମ୍ଭ କରିଛନ୍ତି। ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ବଜାୟ ରଖିବା, ରାଜ୍ୟର ସୁରକ୍ଷା, ରାଜ୍ୟବାସୀଙ୍କ ନିଯୁକ୍ତି ଅଧିକାର ଏବଂ କଶ୍ମୀରୀ ପଣ୍ଡିତମାନଙ୍କ ପ୍ରତ୍ୟାବର୍ତ୍ତନ ଓ ପୁନର୍ବାସନ ତାଙ୍କ ନୂଆ ଦଳର ମୁଖ୍ୟ ଏଜେଣ୍ଡା ହେବ ବୋଲି ଆଜାଦ କହିଛନ୍ତି। ଜମ୍ମୁରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ନୂଆ ଦଳର ନାମ ଏବଂ ପତାକା ସମ୍ପର୍କରେ ଜନସାଧାରଣ ନିଷ୍ପତ୍ତି ନେବେ। ଜମ୍ମୁର ସୈନିକ ଗ୍ରାଉଣ୍ଡରେ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ ୭୩ ବର୍ଷୀୟ ଆଜାଦ କହିଥିଲେ, ସେ ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ସହ ରହିଆସିଛନ୍ତି। ସେ କଂଗ୍ରେସରୁ ଇସ୍ତଫା ଦେବା ପରେ ନୂଆ ଦଳ ଗଢ଼ିବେ ବୋଲି ଗତ ସପ୍ତାହରେ ଘୋଷଣା କରିଥିଲେ। ନୂଆଦିଲ୍ଲୀରୁ ଯାଇ ଜମ୍ମୁରେ ପହଞ୍ଚିବା ପରେ ଆଜାଦଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରା ଚାନ୍ଦ ଏବଂ କଂଗ୍ରେସରୁ ଇସ୍ତଫା ଦେଇଥିବା ବହୁ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ରାଲିରେ ଯୋଗଦେଇଥିଲେ। ଏହା ବ୍ୟତୀତ ପିଡିପି ନେତା ସୟେଦ ବଶିର, ଅପ୍‌ନି ଦଳର ପୂର୍ବତନ ବିଧାୟକ ସୋଏବ ନବି ଲୋନ୍ ମଧ୍ୟ ମଞ୍ଚରେ ଆଜାଦଙ୍କ ସହ ଉପସ୍ଥିତ ଥିଲେ। ଦଳର ନାମ ମୌଲାନାଙ୍କ ଉର୍ଦ୍ଦୁ କିମ୍ବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ସଂସ୍କୃତ ଭଳି କ୍ଲିଷ୍ଟ ନ ହୋଇ, ସାଧାରଣ ଲୋକ କହିପାରିବା ଭଳି ସହଜ ହେବ। ଜମ୍ମୁ-କଶ୍ମୀରର ବିକାଶ ଓ ସମୃଦ୍ଧିକୁ ନୂଆ ଉଚ୍ଚତାକୁ ନେଇଯିବା ତାଙ୍କ ଦଳର ଲକ୍ଷ୍ୟ ହେବ ବୋଲି ଆଜାଦ କହିଛନ୍ତି। ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବା ସହ ଏଠାରୁ ଯେପରି କୌଣସି ବାହାର ଲୋକ ଜମି ନ କିଣନ୍ତି, ତାହାର ବ୍ୟବସ୍ଥା କରାଯିବ। ସେହିପରି ରାଜ୍ୟରେ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯିବ ନାହିଁ ବୋଲି ପୂର୍ବତନ କଂଗ୍ରେସ ନେତା କହିଛନ୍ତି।



ଜମ୍ମୁରେ ଅନୁଷ୍ଠିତ ରାଲିରେ ଗୁଲାମ ନବୀ ଆଜାଦ ରବିବାର ଉଦ୍‌ବୋଧନ ଦେଉଛନ୍ତି।

# ଆଜି ଆସୁଛନ୍ତି ଭାଜପା ପ୍ରଭାରୀ ବଂଶଲ

- ଦଳର ସବୁ ନେତାଙ୍କ ସହ କରିବେ ଆଲୋଚନା
- ବିମାନବନ୍ଦରରୁ ପାଛୋଟି ନେବାକୁ ଆୟୋଜନ

ଭୁବନେଶ୍ୱର,୪।୯(ବ୍ୟୁରୋ)

ଓଡ଼ିଶାର ନବନିଯୁକ୍ତ ଭାଜପା ପ୍ରଭାରୀ ସୁନୀଲ ବଂଶଲ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ଲାଗି ସୋମବାର ରାଜ୍ୟ ଗସ୍ତରେ ଆସୁଛନ୍ତି। ଦିନ ଗୋଟାଏରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏଥିଲାଗି ସମସ୍ତ ଭାଜପା ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଭାଜପା ନେତା ଓ କର୍ମୀମାନେ ବଂଶଲଙ୍କୁ ବିମାନବନ୍ଦରରେ ସ୍ୱାଗତ କରିବା ପରେ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେବେ। ସେଠାରେ ୨୦୨୪ ସାଧାରଣ ନିର୍ବାଚନ ଲାଗି ପ୍ରଥମ ରଣନୀତି ବଂଶଲ ପ୍ରସ୍ତୁତ କରିବେ। ଆସନ୍ତା ସାଧାରଣ ନିର୍ବାଚନରେ ଦଳକୁ ବିଜୟୀ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଦଳର ପଦାଧିକାରୀ, ବରିଷ୍ଠ ନେତା ଏବଂ ରାଜ୍ୟ ସଭାପତିଙ୍କଠାରୁ ଆରମ୍ଭକରି ଅନ୍ୟମାନେ ବଂଶଲଙ୍କ ସହ ପରିଚିତ ହୋଇ ରାଜ୍ୟରେ ଦଳ ଉଧେଇ ନ ପାରିବାର ପ୍ରକୃତ ସମସ୍ୟା କ'ଣ ସେ ସମ୍ପର୍କରେ ନିଜ ମତ ପ୍ରଦାନ କରିବେ। ଏହା ପରଦିନ ବିଧାୟକ, ଏମ୍‌ପି ଓ ଦଳର ବିଭିନ୍ନ ପଦାଧିକାରୀଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡା ସେ ଜିଲା ଦାୟିତ୍ୱରେ ଥିବା ଦଳର ସଭାପତି, ସମ୍ପାଦକ ଓ ବରିଷ୍ଠ ନେତାମାନଙ୍କୁ ଭେଟିବେ। ଏହି ଅବସରରେ ସେ ସେମାନଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିବେ। ଏନେଇ ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ ଯେ, ବଂଶଲ ଗୁରୁତ୍ୱପୂର୍ଣ୍ଣ ରଣନୀତି ପାଇଁ ଭାଜପା ୨୦୧୪ ଉତ୍ତରପ୍ରଦେଶ ନିର୍ବାଚନରେ ବିଜୟୀ ହୋଇଥିବା କୁହାଯାଏ। ଏହାପରଠାରୁ ଭାଜପାର କେନ୍ଦ୍ର ରାଜନୀତିରେ ସକ୍ରିୟ ଭୂମିକା ନେଉଥିବା ଚର୍ଚ୍ଚା ହେଉଛି। ତାଙ୍କୁ ଭାଜପା ଓଡ଼ିଶା ସମେତ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ଦାୟିତ୍ୱ ଦେବା କଥାକୁ ନେଇ ବହୁ ଚର୍ଚ୍ଚା ଲାଗି ରହିଛି। ତେଣୁ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଭାଜପା କେନ୍ଦ୍ରୀୟ ନେତାଙ୍କ ଓଡ଼ିଶା ପ୍ରତି ରହିଥିବା ଆଭିମୁଖ୍ୟ କଥା ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।



ସୁନୀଲ ବଂଶଲ

CLASSIFIED DISPLAY
TARIFF MORE SPACE • SAME PRICE GST 5%

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗୁଜରାଟ ଯୁବ କଂଗ୍ରେସ ଅଧ୍ୟକ୍ଷ ପଦରୁ ବଘେଲାଙ୍କ ଇସ୍ତଫା

**ନୂଆଦିଲ୍ଲୀ,୪।୯:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗୁଜରାଟ ଗସ୍ତ ପୂର୍ବରୁ ବିଶ୍ୱନାଥସିଂ ବଘେଲା ରାଜ୍ୟ ଯୁବକଂଗ୍ରେସ ଅଧ୍ୟକ୍ଷ ପଦରୁ ରବିବାର ଇସ୍ତଫା ଦେଇଛନ୍ତି। ସୋମବାର ରାହୁଲ ଅହମଦାବାଦ ଆସି 'ଭାରତ ଯୋଡୋ ଯାତ୍ରା'ରେ ଯୋଗଦେବା ସହ 'ପରିବର୍ତ୍ତନ ସଂକଳ୍ପ' ସମ୍ମିଳନୀରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ରାହୁଲ 'କଂଗ୍ରେସରେ ଯୋଗଦିଅ' ଅଭିଯାନରେ ଆସୁଥିବାବେଳେ ତାଙ୍କ ଦଳରେ କଂଗ୍ରେସ ଛାଡ଼ ଅଭିଯାନ ଚାଲିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ରୁତ୍‌ଭିଜ ପଟେଲ କହିଛନ୍ତି। ୩୫ ବର୍ଷୀୟ ବିଶ୍ୱନାଥସିଂ ଚଳିତ ବର୍ଷ ଜାନୁୟାରୀରେ ରାଜ୍ୟ ଯୁବକଂଗ୍ରେସ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ।



ବିଶ୍ୱନାଥସିଂ ବଘେଲା

# ଆଜି ଝାଡ଼ଖଣ୍ଡ ବିଧାନସଭାରେ ଆସ୍ଥାଭୋଟ

## ରାୟପୁରରୁ ଫେରିଲେ ଉପା ବିଧାୟକ

ରାଞ୍ଚି,୪।୯

ନିଜ ନାମରେ ଖଣି ନେଇଥିବା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ପାଇଁ ନିର୍ବାଚନ କମିଶନ ସୁପାରିସ କରିଥିଲେ ହେଁ ରାଜ୍ୟପାଳ ରମେଶ ବୈଶ ନିଷ୍ପତ୍ତି ଝୁଲାଇ ରଖିଥିବାରୁ ରାଜ୍ୟରେ ରାଜନୈତିକ ଅନିଶ୍ଚିତତା ଲାଗି ରହିଛି। ସରକାର ଭାଙ୍ଗିବା ଲାଗି ଭାଜପା ଘୋଡ଼ାବେପାରରେ ସମ୍ପୃକ୍ତ ହେବା ଆଶଙ୍କା କରି ଶାସକ ଉପା ମେଣ୍ଟର ୩୦ ଜଣ ବିଧାୟକ ଗତ ମାସ ୩୦ ତାରିଖରୁ ରାୟପୁରର ଏକ ରିସର୍ଟରେ ରହିଥିଲେ। ସୋମବାର ମୁଖ୍ୟମନ୍ତ୍ରୀ ସୋରେନ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଆସ୍ଥା ଭୋଟ ଲୋଡ଼ୁଥିବାରୁ ଉକ୍ତ ବିଧାୟକମାନେ ରବିବାର ଅପରାହ୍ନରେ ରାଞ୍ଚିରେ ପହଞ୍ଚିଛନ୍ତି। ଉପା ବିଧାୟକମାନଙ୍କୁ ଧରି ଏକ ଚାର୍ଟାର୍ଡ ବିମାନ ରାଞ୍ଚି ବିମାନବନ୍ଦରରେ ଓହ୍ଲାଇଛି। ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ନିର୍ବାଚନ କମିଶନଙ୍କ ସୁପାରିସ ପ୍ରଘଟ ହେବା ପରେ ରାଜ୍ୟରେ ରାଜନୈତିକ ଅସ୍ଥିରତା ସାଙ୍ଗକୁ ପ୍ରଶାସନିକ ସ୍ଥାଣୁତା ଦେଖାଦେଇଥିବାରୁ ଏଥିପାଇଁ ଜେଏମ୍‌ଏମ୍ ବିଧାୟକମାନେ ବୈଶଙ୍କୁ ଦାୟୀ କରିଥିଲେ। ରାଜ୍ୟପାଳ ଜାଣିଶୁଣି ନିଷ୍ପତ୍ତି ଗଡ଼ାଇ ଭାଜପାକୁ ଘୋଡ଼ାବେପାର ଲାଗି ସୁଯୋଗ ଦେଉଥିବା ସେମାନେ ଅଭିଯୋଗ କରିଥିଲେ। ଜେଏମ୍‌ଏମ୍-କଂଗ୍ରେସ ମେଣ୍ଟର କୌଣସି ବିଧାୟକଙ୍କୁ କିଣିବାରେ ବିରୋଧୀ ଦଳ ସଫଳ ହୋଇ ନ ଥିବା ଦର୍ଶାଇବା ଲାଗି ସୋରେନ୍ ଆସ୍ଥା ଭୋଟ ଲୋଡ଼ୁଛନ୍ତି।



# ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ୭, ୮ରେ ଭାଜପାର ସାଧାରଣ ସଭା

ଭୁବନେଶ୍ୱର,୪।୯(ବ୍ୟୁରୋ)

୨୩ ବର୍ଷର ନିରଙ୍କୁଶ ଶାସନରେ ମଧ୍ୟ ଓଡ଼ିଶାର ମହିଳାମାନେ ନ୍ୟାୟ ପାଇବା ସ୍ୱପ୍ନ ପାଲଟିଛି। ଏନ୍‌ସିଆର୍‌ବି ରିପୋର୍ଟ-୨୦୨୧ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ରାଜ୍ୟରେ ମହିଳା ବିରୋଧୀ ହିଂସା, ମହିଳା ଅପହରଣ, ମହିଳା ଅସଦାଚରଣ, ବଳାତ୍କାର, ନାବାଳିକା ଯୌନ ନିର୍ଯାତନା, ମହିଳା ଉତ୍ପୀଡନ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ରବିବାର କହିଛନ୍ତି। ସେହିପରି ସଭାନେତ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୭ ଓ ୮ ତାରିଖ ଦିନ ମହିଳା ଯାତ୍ରା ଏବଂ ସାଧାରଣ ସଭା କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ମଣ୍ଡଳସ୍ତରରେ ଦସ୍ତଖତ ଅଭିଯାନ କରିବାର ନିଷ୍ପତ୍ତି ହୋଇଥିବା ସ୍ମୃତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ନାରୀ ସଶକ୍ତୀକରଣର କଥା କହି ମିଛ ବାହୁସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଆଗାମୀ ଦିନରେ ଏହା ବିରୋଧରେ ଆନ୍ଦୋଳନ ପର୍ଯ୍ୟାୟକ୍ରମେ କରାଯିବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ପକ୍ଷପାତିତା କାରଣରୁ ଲୋକେ ଆଇନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇଲେଣି। ଓଡ଼ିଶାରେ ମହିଳା ଅସୁରକ୍ଷିତ ଥିବାରୁ ଭାଜପା ଦୁଇଦିନ ଧରି ସଭା କରି ଏନସିଆରବି ରିପୋର୍ଟ ତର୍ଜମା କବାର ନିଷ୍ପତ୍ତି ନେଇଛି।



ସ୍ମୃତି ପଟ୍ଟନାୟକ

**ଜନ୍ମବାର୍ଷିକ ଶୁଭେଚ୍ଛା**



ଆଜି ତାଳ ନବମୀ। ଶ୍ରୀମତୀ କମଳା ମିଶ୍ର (ସ୍ୱାମୀ ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର)ଙ୍କର ଜନ୍ମଦିନ। ପ୍ରଭୁଙ୍କ ପାଖରେ ମାଗୁଣି ତାଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ ପରିବାରର ସଦସ୍ୟ ବୃନ୍ଦ।
ସାରଦା ଶ୍ରୀ ୯୦୪, ଶାସ୍ତ୍ରୀ ନଗର, ୟୁନିଟ୍-୪, ଭୁବନେଶ୍ୱର
ଧ-୧୪୦୯

**୧୭ତମ ଜନ୍ମଦିବସ ଉପଲକ୍ଷେ**



ବିଶାଲ ପ୍ରିୟଦର୍ଶୀ (ଓମ୍)
ମାଆ, ବାପା, ବଡ଼ବାପା, ବଡ଼ମାଆ, ମାମୁ, ମାଈଁ, ମଉସା, ମାଉସୀ, ପିଉସା, ପିଉସୀ, ଅଜାଙ୍କର ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ୍ ଜନନୀ 'ମା' ଶାରଳାଙ୍କ ନିକଟରେ ଦୀର୍ଘାୟୁ କାମନା କରୁଅଛୁ।
ଧ-୭୩୩୪୮

**Biju Patnaik University of Technology, Odisha Rourkela**

Tender Notice No. BPUT/ CS&P/75/2022/5068 Date: 03.09.2022

**TENDER CALL NOTICE FOR SUPPLY OF GOLD MEDALS- 2022**

No.KK-136:- Sealed Tenders are invited from the reputed and experienced agencies/ Firms for Supply of Gold Medal for 10th Convocation of the University. The details of the Tender is available in the website i.e **www.bput.ac.in**. The last date and time of receiving of sealed Tender by Speed Post/ Registered Post addressing to the **"Registrar, Biju Patnaik University of Technology, Chhend, Rourkela -769015 is 24.09.2022 up to 5.00 pm.** University reserves right to reject any Tender without assigning any reason thereof.

Sd./-
REGISTRAR

OIPR-44003/11/0003/2223

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



√ହିମାଂଶୁ ମୋହନ ତ୍ରିପାଠୀ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଏରସମା ମଧ୍ୟଇଂରାଜୀ ସ୍କୁଲ
ଏରସମା, ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨
ତୁମ ଆଦର୍ଶର ପ୍ରତିଛବି
ତୁମ ଉଦାରତାର ପ୍ରତିଫଳନ
ତୁମ ନୈତିକତାର ମାର୍ଗଦର୍ଶନ
ଆଉ ହଠାତ୍ ଏ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସର୍ବଦା ଆନ୍ଦୋଳିତ କରିବ।
ତୁମ ଆତ୍ମାର ସଦ୍‌ଗତି ତଥା ତୁମ ଶୁଭାଶୀର୍ବାଦ ହିଁ କେବଳ ମାତ୍ର କାମ୍ୟ।
ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁ ପରିଜନ।
ଧ-୧୪୨୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ଚନ୍ଦ୍ରମଣି ମହାପାତ୍ର
ଟଙ୍କପାଣି ରୋଡ୍, ଜଗନ୍ନାଥ କଲୋନୀ, ଭୁବନେଶ୍ୱର
ତିରୋଧାନ: ତା୨୬।୦୮।୨୦୨୨
ଆପଣଙ୍କ ଆଶୀର୍ବାଦ, ପ୍ରେରଣା ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ଜଗନ୍ନାଥ କଲୋନୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନର ସଭ୍ୟବୃନ୍ଦ।
ଧ-୭୦୬୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ଗୀତାରାଣୀ ପଣ୍ଡା
(ଆଦର୍ଶ ଶିକ୍ଷୟିତ୍ରୀ)
ସ୍ୱାମୀ- ଅଜୟ ଶତପଥୀ (ଅଧ୍ୟାପକ)
ସା: ଶୁଳିଆଶାସନ, ପୋ: କଲଣ, ବ୍ଲକ: ରସୁଲପୁର, ଜିଲ୍ଲା: ଯାଜପୁର
ଆବିର୍ଭାବ: ତା. ୧୫।୦୫।୧୯୭୭
ତିରୋଧାନ: ତା. ୨୫।୦୮।୨୦୨୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଛାତ୍ରବତ୍ସଳତା ମନୋଭାବ ଓ କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଯେଉଁଠି ଅଛ ଶାନ୍ତିରେ ରୁହ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ, ଝିଅ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୨୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ ଇଂ. ଦେବେନ୍ଦ୍ର ସେନାପତି
ସ୍ଥାନ : କୁହା, ଭୁବନେଶ୍ୱର
ଆବିର୍ଭାବ-୧.୧୦.୧୯୩୮ | ତିରୋଧାନ-୧୬.୯.୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବନ୍ଧୁ ଓ ପରିବାରଙ୍କ ତରଫରୁ ବିନମ୍ର ପ୍ରାର୍ଥନା କରୁଅଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା ଆମ ପରିବାର ପାଇଁ ଅଭୁଲା ସ୍ମୃତି ହୋଇ ରହିଗଲା ଓ ଆପଣଙ୍କ ଶୂନ୍ୟତା ଆମ୍ଭ ସମସ୍ତଙ୍କୁ ବ୍ୟଥିତ କରୁଛି ଓ ଆପଣଙ୍କ ପ୍ରେରଣା ସଦାସର୍ବଦା ପରିବାର ନିକଟରେ ଜୀବିତ ହୋଇ ରହିବ, ଏହାହିଁ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଝିଅ-ଜ୍ୱାଇଁ, ପୁଅ-ବୋହୂ, ନାତି-ନାତୁଣୀ, ପୁତୁରା, ଝିଆରୀ ଏବଂ ବନ୍ଧୁ ଓ ପରିବାରଲୋକ
ଧ-୧୪୨୭

# ଚନ୍ଦ୍ରପୃଷ୍ଠରୁ ଦୃଶ୍ୟମାନ ପୃଥିବୀ



ଡ. ପ୍ରଶାନ୍ତ କୁମାର ମିଶ୍ର

"ଚନ୍ଦ୍ରାଭିଯାନ ଦ୍ୱାରା ବୈଜ୍ଞାନିକମାନେ କେବଳ ଯେ ଚନ୍ଦ୍ର ଉପରେ ତଥ୍ୟ ସଂଗ୍ରହ କରିଛନ୍ତି ତା' ନୁହେଁ, ଚନ୍ଦ୍ରରେ ଅବସ୍ଥାନ କରି ଚନ୍ଦ୍ରପୃଷ୍ଠରୁ ପୃଥିବୀର ଫଟୋ ମଧ ଉତ୍ତୋଳନ କରିଛନ୍ତି, ଯାହା ବିଶେଷକରି ଆଲୋଚନାର ପରିଧିକୁ ଆସି ନ ଥାଏ। ତନ୍ମଧ୍ୟରୁ ୩ଟି ଫଟୋକୁ ଶ୍ରେଷ୍ଠ ଛାୟାଚିତ୍ର ବା Iconic Image ର ମର୍ଯ୍ୟାଦା ମିଳିଥାଏ, ଯାହାକି ଏହି ନିବନ୍ଧର ଆଲୋଚ୍ୟ ବିଷୟ। ସେଗୁଡ଼ିକ ହେଲା ପୃଥିବୀର ଉଦୟ (Earth Rise), ନୀଳ ମାର୍ବଲ (Blue Marble) ଏବଂ ଈଷତ୍ ଝାପ୍ସା ନୀଳ ବିନ୍ଦୁ (The Pale Blue Dot)।"

ପୃଥିବୀ ବାହାରେ ଥିବା ପିଣ୍ଡଗୁଡ଼ିକର ସନ୍ଧାନ ପାଇଁ ପୃଥିବୀର ଆବଦ୍ଧ ଶୃଙ୍ଖଳର ବାହାରକୁ ଯାଇ ରୁଷିଆ ମାନବବିହୀନ ଯାନର ପରିକଳ୍ପନାରେ ନିୟୋଜିତ ଥିବାବେଳେ ଆମେରିକା ମାନବଯୁକ୍ତ ଯାନର ଗବେଷଣାରେ ଲିପ୍ତ ଥାଏ। ମାତ୍ର ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଜୟ ହୁଏ ବିଜ୍ଞାନର ଆଉ ସ୍ୱର୍ଗକୁ ନିଶୁଣୀ ପରି ଖ-ଗୋଳୀୟ ପିଣ୍ଡଗୁଡ଼ିକର ରହସ୍ୟ ଉନ୍ମୋଚନ କରିବାର ଦ୍ୱାର ଉନ୍ମୁକ୍ତ ହୁଏ। ୧୯୫୯ ମସିହା ସେପ୍ଟେମ୍ବର ୧୩ ତାରିଖରେ ରୁଷିଆର 'ଲୁନା-୨' ପ୍ରଥମେ ଚନ୍ଦ୍ର ପୃଷ୍ଠରେ ଅବତରଣ କରେ। ରୁଷିଆର ମାନବ ବିହୀନ ଯାନ ଚନ୍ଦ୍ରକୁ ସ୍ପର୍ଶ କରିବାର ୧୦ ବର୍ଷ ପରେ ଆମେରିକାର ଅଭିଯାନ ସଫଳ ହୁଏ, ଆଉ ନୀଲ୍ ଆର୍ମଷ୍ଟ୍ରଙ୍ଗ ୧୯୬୯ ମସିହା ଜୁଲାଇ ୨୧ରେ ଚନ୍ଦ୍ରକୁ ଛୁଇଁବାରେ ପ୍ରଥମ ସଫଳ ପୃଥିବୀବାସୀ ବନିଯାଆନ୍ତି। ୨୪,୦୦୦ ମାଇଲ ଦୂରରେ ଥାଇ ପୃଥିବୀର ଅଗଣିତ ଜନମାନସ ସକାଶେ ଆର୍ମଷ୍ଟ୍ରଙ୍ଗଙ୍କ ତୁଣ୍ଡରୁ "That's One Small Step for Man, One Giant Leap For Mankind"ର ବାର୍ତ୍ତା ଆଜି ମଧ ବହୁ ଗୁରୁତ୍ୱ ବହନ କରେ।

ଧୀରେ ଧୀରେ ଅନ୍ୟ ଦେଶଗୁଡ଼ିକ ପୃଥିବୀ ବାହାରେ ଅବସ୍ଥାନ କରୁଥିବା ଗ୍ରହ ନକ୍ଷତ୍ରର ଖୋଜ୍‌ରେ ଲାଗିପଡ଼ନ୍ତି, ଆଉ ଆମ ଦେଶ ଭାରତ ମଧ ଏଥିରୁ ବାଦ୍ ପଡ଼େନି। ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ନାମକୁ ବିଶ୍ୱ ସମୁଦାୟ ସମ୍ମୁଖରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରେ 'ଚନ୍ଦ୍ରଯାନ-୧'କୁ ଚନ୍ଦ୍ରକୁ ପ୍ରେରଣ କରି। 'ଚନ୍ଦ୍ରଯାନ-୧'ର ସଫଳତା ପରେ 'ଚନ୍ଦ୍ରଯାନ-୨'କୁ ୨୨ ଜୁଲାଇ ୨୦୧୯ ଦିନ ୨:୪୩ ମିନିଟ ସମୟରେ ଶ୍ରୀହରିକୋଟାର ସତୀଶ ଧାୱନ ଉତ୍କ୍ଷେପଣ କେନ୍ଦ୍ରରୁ ମହାକାଶକୁ ପଠାଇବାରେ ମଧ ସଫଳ ହୁଏ। ବିଭିନ୍ନ ଦେଶ ଦ୍ୱାରା ସଂଘଟିତ ଚନ୍ଦ୍ରାଭିଯାନରୁ ଚନ୍ଦ୍ର ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ଚନ୍ଦ୍ରପୃଷ୍ଠର ଗଠନ, ଭୂମିରୂପ, ଶିଳା ସମ୍ବନ୍ଧୀୟ ତଥ୍ୟ, ଆଗ୍ନେୟ ଉଦ୍‌ଗିରଣ, ଚନ୍ଦ୍ରର ଉତ୍ପତ୍ତି ଅନ୍ୟତମ।

ଚନ୍ଦ୍ରାଭିଯାନ ଦ୍ୱାରା ବୈଜ୍ଞାନିକମାନେ କେବଳ ଯେ ଚନ୍ଦ୍ର ଉପରେ ତଥ୍ୟ ସଂଗ୍ରହ କରିଛନ୍ତି ତା' ନୁହେଁ, ଚନ୍ଦ୍ରରେ ଅବସ୍ଥାନ କରି ଚନ୍ଦ୍ରପୃଷ୍ଠରୁ ପୃଥିବୀର ଫଟୋ ମଧ ଉତ୍ତୋଳନ କରିଛନ୍ତି, ଯାହା ବିଶେଷ କରି ଆଲୋଚନାର ପରିଧିକୁ ଆସି ନ ଥାଏ। ତନ୍ମଧ୍ୟରୁ ୩ଟି ଫଟୋକୁ ଶ୍ରେଷ୍ଠ ଛାୟାଚିତ୍ର ବା Iconic Image ର ମର୍ଯ୍ୟାଦା ମିଳିଥାଏ, ଯାହାକି ଏହି ନିବନ୍ଧର ଆଲୋଚ୍ୟ ବିଷୟ। ସେଗୁଡ଼ିକ ହେଲା ପୃଥିବୀର ଉଦୟ (Earth Rise), ନୀଳ ମାର୍ବଲ (Blue Marble) ଏବଂ ଈଷତ୍ ଝାପ୍ସା ନୀଳ ବିନ୍ଦୁ (The Pale Blue Dot)।

୧୯୬୮ ମସିହାରେ ଆଣ୍ଡରସଙ୍କ ନେତୃତ୍ୱରେ 'ଆପୋଲୋ-୮' ଚନ୍ଦ୍ରକୁ ପରିକ୍ରମା କରିଥିଲା। କିନ୍ତୁ ଦୁଃଖର କଥା, ଭିଏତ୍‌ନାମ ଯୁଦ୍ଧ, ମାର୍ଟିନ ଲୁଥର କିଙ୍ଗ ଜୁନିଅର ଆଉ ରବର୍ଟ କେନେଡିଙ୍କ ବର୍ବର ହତ୍ୟା ତଥା ଶୀତଳ ଯୁଦ୍ଧର ଭୟାବହ, ଆପୋଲୋ-୮ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପୂର୍ବରୁ 'ଆପୋଲୋ-୮' ମିଶନକୁ ବନ୍ଦ କରିବାକୁ ବାଧ୍ୟ ହୁଅନ୍ତି ଆଣ୍ଡରସ। ଆଉ ମିଶନ 'ଆପୋଲୋ-୮' ବନ୍ଦ ହେବାର କିଛିକ୍ଷଣ ପୂର୍ବରୁ ପୃଥିବୀର ଏକ ଫଟୋ ଉତ୍ତୋଳନ କରିଥିଲେ ଆଣ୍ଡରସ, ଯାହାକୁ ପୃଥିବୀର ଉଦୟ ନାମରେ ନାମିତ କରାଯାଇଛି। ଆଣ୍ଡରସଙ୍କ କହିବାନୁଯାୟୀ, ଚନ୍ଦ୍ରକୁ ପ୍ରଦକ୍ଷିଣ କରିବାର ଅନ୍ତିମ ସମୟରେ ସମ୍ପୂର୍ଣ୍ଣ ଅନ୍ଧକାରମୟ ବ୍ରହ୍ମାଣ୍ଡରେ ଏକ ମନୋମୁଗ୍ଧକର ଉଦ୍‌ଘୋଷିତ, ଉଜ୍ଜ୍ୱଳ ପିଣ୍ଡର ଆବିର୍ଭାବ ହେବା ପରି ପ୍ରତୀୟମାନ ହୁଏ। ଏହି ମହାର୍ଘ୍ୟ ସମୟକୁ କ୍ୟାମେରାରେ ବନ୍ଦି କରିବା ପରେ, ଜଣାପଡ଼େ ଏହା ଏକ ପୃଥିବୀର ଫଟୋଚିତ୍ର ବୋଲି। ପୃଥିବୀର ଜନମାନସ ଯୁଦ୍ଧରେ ଲିପ୍ତ ଥିବାବେଳେ, ଚନ୍ଦ୍ରପୃଷ୍ଠରୁ ଜଣାପଡ଼େ ସତେ ଅବା ସଭିଏଁ କାନ୍ଧରେ କାନ୍ଧ ମିଳାଇ ଏକ ମାନବ ଶୃଙ୍ଖଳ ଗଠନ କରିବାର ଏକ ସକ୍ରିୟ ଭୂମିକାରେ ଅବତୀର୍ଣ୍ଣ। ଯୁଦ୍ଧର ଅବସାନ ହେବ, ଆଉ ପୃଥିବୀର ଜନବାସୀମାନେ ପରସ୍ପର ମଧ୍ୟରେ ଏକ ଭ୍ରାତୃଭାବର ପରିଚୟ ନେଇ ସଂକୀର୍ଣ୍ଣ ଚିନ୍ତାଧାରାରୁ ଉପରକୁ ଉଠିବେ ବୋଲି ଆଶାବାନ୍ଧି ଏକ ନୂତନ ପୃଥିବୀର ପରିକଳ୍ପନା କରିବା ଆଶାରେ, ଆଣ୍ଡରସ ଉକ୍ତ ଚମତ୍କାର ଦୃଶ୍ୟମାନ ହେଉଥିବା ଫଟୋକୁ 'ପୃଥିବୀର ଉଦୟ' ବୋଲି ଯଥାର୍ଥ ନାମକରଣ କରିଥିଲେ।





ଯେତେବେଳେ ଶୀତଳ ଯୁଦ୍ଧ, ଭିଏତନାମ ଯୁଦ୍ଧ ଯୋଗୁଁ ରାଷ୍ଟ୍ର ରାଷ୍ଟ୍ର ବିରୋଧରେ ସଂଗ୍ରାମ ଏବଂ ଲକ୍ଷ ଲକ୍ଷ ନୀରିହ ବ୍ୟକ୍ତି ବିନା କାରଣରେ ମୃତ୍ୟୁପଥର ଯାତ୍ରୀ ହୋଇଥାନ୍ତି, ସେତେବେଳେ 'ପୃଥିବୀର ଉଦୟ' ଫଟୋଟି 'ପ୍ରାଚୁର୍ଯ୍ୟମୟ ଜୀବନର' ଏକ ପ୍ରତୀକ ରୂପେ ଦଣ୍ଡାୟମାନ ହୁଏ। ଭୂପୃଷ୍ଠରୁ ଖାଦ୍ୟ ସଙ୍କଟକୁ ଦୂରୀଭୂତ କରି, ଦେଶ ଦେଶକୁ ପ୍ରାଚୁର୍ଯ୍ୟ ତଥା ସବୁଜିମାରେ ଭରିଦେବା ସକାଶେ ଏକ ସବୁଜ ଆଉ ସୁନ୍ଦର ପୃଥିବୀର ବାର୍ତ୍ତା ପ୍ରେରଣ କରେ। ପରିଣାମ ସ୍ୱରୂପ, ପୃଥିବୀ ଉଦୟ ବାର୍ତ୍ତାକୁ ପାଥେୟକରି ଭାରତ ସମେତ ଅନ୍ୟ ରାଷ୍ଟ୍ରମାନେ ସବୁଜ ବିପ୍ଳବକୁ ଆଦରି ନିଅନ୍ତି।

ପ୍ରଥମ ଫଟୋଚିତ୍ର ଉତ୍ତୋଳନ ହେବାର ୪ ବର୍ଷର ଅବ୍ୟାହତି ପରେ ୧୯୭୨ ମସିହାର ଶେଷ ଆଡ଼କୁ ଏବଂ ଶେଷ ମାନବଯୁକ୍ତ ଯାନ 'ଆପୋଲୋ-୧୭' ଦ୍ୱାରା ଦ୍ୱିତୀୟ ଫଟୋ ଉଠାଯାଏ। ଏହାକୁ 'ନୀଳ ମାର୍ବଲ' ବା Blue Marble ନାମରେ ନାମିତ କରାଯାଇଛି। ଏହି ଫଟୋଟି ମଧ 'ପୃଥିବୀର ଉଦୟ' ପରି ଏକ ଲୋକପ୍ରିୟ ଚିତ୍ର। ନୀଳ ମାର୍ବଲ ଫଟୋଟି ଭୂମଣ୍ଡଳ ସଂପୂର୍ଣ୍ଣ ଆଲୋକିତ ଥିବାବସ୍ଥାରେ ଉଠାଯାଇଥିଲା।

ସୂର୍ଯ୍ୟ ତାପ ଓ ବାୟୁ ପ୍ରବାହର ଅସାମଞ୍ଜସ୍ୟ ହେତୁ ପ୍ରକୃତିର ପ୍ରମତ୍ତ ରୂପକୁ ଘୂର୍ଣ୍ଣିବାତ୍ୟା କୁହାଯାଏ। ଘୂର୍ଣ୍ଣିବାତ୍ୟା ମାତ୍ର କିଛି କ୍ଷଣରେ ସୃଷ୍ଟି କରେ ଧ୍ୱଂସର ମହତାଣ୍ଡବ। ମାତ୍ର କିଛି ଘଣ୍ଟାର ରଣତାଣ୍ଡବ ଉଜାଡ଼ି ଦେଇଥାଏ କେତେ କେତେ ନିରୀହ ମଣିଷର ଘର ସଂସାର ଆଉ ଧ୍ୱଂସ କରେ ଅସଂଖ୍ୟ ଅମୂଲ୍ୟ ଜୀବନ। ବାୟୁ ପ୍ରବାହର ଅସାମଞ୍ଜସ୍ୟ ହେତୁ ସମୁଦ୍ରପୃଷ୍ଠରେ ସୃଷ୍ଟି ହେଉଥିବା ତରଙ୍ଗ ଏବଂ ତରଙ୍ଗର ଗତିପଥ ଜଣା ପଡୁଥିଲା 'ନୀଳ ମାର୍ବଲ' ଫଟୋରୁ। ଠିକ୍ ସେହିପରି 'ନୀଳ ମାର୍ବଲ' ଫଟୋଟି ମଧ ବାନ୍ଧି ରଖିଥିଲା ଚେନ୍ନାଇ ଠାରେ ସଂଘଟିତ ହୋଇଥିବା ଘୂର୍ଣ୍ଣିଝଡ଼କୁ। ସେ ସମୟରେ ପାଣିପାଗ ବିଜ୍ଞାନର ପ୍ରଭୂତ ଉନ୍ନତି ଘଟି ନ ଥିବାରୁ ଆଗୁଆ ସତର୍କ ସୂଚନା ପ୍ରଦାନ କରାଯାଇ ପାରୁ ନ ଥିଲା। 'ନୀଳ ମାର୍ବଲ' ଫଟୋଟି ଥିଲା ପାଣିପାଗ ବିଜ୍ଞାନୀଙ୍କ ପାଇଁ ବରଦାନ ସଦୃଶ। ଘୂର୍ଣ୍ଣିଝଡ଼ର ରୂପରେଖକୁ ଠିକ୍ ନିର୍ଣ୍ଣୟ କରିବା ସଙ୍ଗେ ସଙ୍ଗେ ଆଗୁଆ ସୂଚନା ପ୍ରଦାନ କରିବାରେ 'ନୀଳ ମାର୍ବଲ' ଫଟୋଟି ପାଣିପାଗ ବିଜ୍ଞାନର ଭିତ୍ତିପ୍ରସ୍ତର ପକାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। (କ୍ରମଶଃ..)

- ସହକାରୀ ପ୍ରଫେସର, ଭୂତତ୍ତ୍ୱ ବିଜ୍ଞାନ ବିଭାଗ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦୁଝର
ମୋ : ୯୯୬୭୩୪୦୪୦୪

## ସ୍ମାର୍ଟ ଘଣ୍ଟା



ଘଣ୍ଟା ଆମକୁ ସମୟ ବିଷୟରେ ଅବଗତ କରାଇଥାଏ। ଆଜିକାଲି ବିଭିନ୍ନ ପ୍ରକାର ହାଇଟେକ୍ ଘଣ୍ଟା ପ୍ରସ୍ତୁତ ହେଲାଣି। ହେଲେ ଏପରି ଏକ ସ୍ମାର୍ଟ ଘଣ୍ଟା ଅଛି, ଯାହା ଆପଣଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ଦେବା ସହ ତାହାକୁ ଗ୍ରହଣ ନ କରିବା ପର୍ଯ୍ୟନ୍ତ ବନ୍ଦ ହୋଇ ନ ଥାଏ। କଥା କ'ଣ କି ଆଜିକାଲି ଭୋର୍‌ରୁ ହେଉ କିମ୍ବା କୌଣସି କାମ ପୂର୍ବରୁ କେତେକ ଘଣ୍ଟାରେ ଆଲାରାମ ସେଟ୍ କରିଥାଆନ୍ତି। ଆଲାରାମ କିଛି ସମୟ ବାଜିବା ପରେ ବନ୍ଦ ହୋଇଯାଇଥାଏ। ବିଶେଷ ଭାବରେ ଭୋର୍‌ରୁ ଉଠିବା ପାଇଁ ସେଟ୍ ହୋଇଥିବା ଆଲାରାମକୁ ନିଘୋଡ଼ ନିଦରେ ଶୋଇଥିବା କେତେକ ବ୍ୟକ୍ତି ଗ୍ରହଣ କରି ନ ଥାନ୍ତି। ହେଲେ ବିଛଣା ଛାଡ଼ିଲା ବେଳକୁ ସେମାନଙ୍କର ରୁଟିନ୍ ଲାଇଫ୍ ଓଲଟ ପାଲଟ ହୋଇଯାଇଥାଏ। ତେବେ ଏହି ସ୍ମାର୍ଟ ଘଣ୍ଟାର ଆଲାରାମ ସମ୍ପୃକ୍ତ ବ୍ୟକ୍ତି ନ ଉଠିବା ପର୍ଯ୍ୟନ୍ତ ବାଜିଥାଏ। ଏଥିରେ କୌଣସି ତାର ସଂଯୋଗ କରାଯାଇ ନ ଥାଏ। କେବଳ ବ୍ୟାଟେରି ପକାଇଲେ ତାହା ଚାଲିଥାଏ। ଯଦି ସେହି ବ୍ୟକ୍ତି ଏହାର ଆଲାରାମକୁ ଧ୍ୟାନ ନ ଦିଅନ୍ତି ତେବେ ତାହା ସେ ଉଠିବା ପର୍ଯ୍ୟନ୍ତ ବାଜି ଚାଲିଥାଏ। ବିଶେଷଭାବରେ ଅଳସୁଆ ବ୍ୟକ୍ତିଙ୍କ ପାଇଁ ଏଭଳି ସ୍ମାର୍ଟ ଘଣ୍ଟା ଅଧିକ କାମରେ ଆସିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ହୃଦ୍‌ରୋଗ ଆଶଙ୍କା କମାଏ ଉପବାସ

ଆଜିର ସମୟରେ ହୃଦ୍‌ରୋଗ ଅନ୍ୟତମ ଗମ୍ଭୀର ସମସ୍ୟା ପାଲଟି ଗଲାଣି। ହେଲେ ଏହାର ଠିକ୍ ସମୟରେ ଚିକିତ୍ସା କରାଇ ନେବା ଦରକାର। ନ ହେଲେ ତାହା ଜୀବନନାଶକ ହୋଇଥାଏ। ଶାରୀରିକ ପରିଶ୍ରମର ଅଭାବ, ନିଶା ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଆଦି ହୃଦ୍‌ରୋଗର ଅନ୍ୟତମ କାରଣ। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ଅନ୍ତତଃ ପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ। ଅଲିଭ୍ ତେଲ ହୃତ୍‌ପିଣ୍ଡଜନିତ ସମସ୍ୟା ହ୍ରାସ କରିପାରେ। ହଳଦୀରେ ଥିବା କୁର୍କୁମିନ୍ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ତେଣୁ ସବୁବେଳେ ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ୩୨ ଭାଗ ଦାୟୀ। ତେଣୁ ଶରୀରର ଗଢ଼ଣ ଓ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ରେଷ୍ଟଲେସ୍ ଲେଗ୍ ସିନ୍‌ଡ୍ରୋମ୍

କେତେକେ ଚେୟାର, ସୋଫା କିମ୍ବା କେଉଁ ସ୍ଥାନରେ ବସିବା ବେଳେ ଗୋଡ଼ ହଲାଇ ଥାଆନ୍ତି। ସମୟକ୍ରମେ ଏହା ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଏପରି ଅଭ୍ୟାସ ପାଇଁ ସେମାନେ ରାତିରେ ଶୋଇବା ସମୟରେ ଗୋଡ଼ ହଲାଇ ଥାଆନ୍ତି। ଏହାଦ୍ୱାରା ତାଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଏପରି ସମସ୍ୟାକୁ ଡାକ୍ତରୀ ଭାଷାରେ 'ରେଷ୍ଟଲେସ୍ ଲେଗ୍ ସିନ୍‌ଡ୍ରୋମ' ବୋଲି କୁହାଯାଏ। ବାରମ୍ବାର ଗୋଡ଼ କୁଣ୍ଡାଇ ହେବା, କୌଣସି ସ୍ଥାନରେ ପୋକ କାମୁଡ଼ିବା ପରି ଲାଗିବାକୁ ଏହାର ଲକ୍ଷଣ ଭାବରେ ଗ୍ରହଣ କରାଯାଇଛି। କେତେକ ବିଶେଷଜ୍ଞ ଏହାକୁ ବଂଶଗତ ରୋଗ ବୋଲି ଅଭିହିତ କରିଛନ୍ତି। ଏପରି ଅଭ୍ୟାସ ପାଇଁ ଠିକ୍ ଭାବରେ ନିଦ ନ ହେବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କର ସ୍ୱଭାବ ଚିଡ଼ିଚିଡ଼ା ହୋଇଯାଏ, ମୁଣ୍ଡ ବିନ୍ଧିଥାଏ ଏପରିକି ସେମାନେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହିପାରି ନ ଥାନ୍ତି। ଏପରି ସମସ୍ୟାରୁ ନିଜକୁ କେତେକାଂଶରେ ଦୂରେଇ ରଖିବାକୁ ଭିଟାମିନ୍ 'ବି', ଆଇରନ୍ ଏବଂ ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ କିଛି ସମୟ ଚାଲନ୍ତୁ। ସାଇକେଲିଂ ମଧ କରିପାରନ୍ତି। ତା' ସହ ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ। ପାଦକୁ ମସାଜ କରିବା ଦ୍ୱାରା ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।



## ଅବସାଦଗ୍ରସ୍ତ ହୋଇଥିଲେ..

ବର୍ତ୍ତମାନ ପ୍ରାୟ ଅନେକେ ନିଜ କାମକୁ ନେଇ ବ୍ୟସ୍ତ। ଆଉ ତା' ଭିତରେ କେତେକ ଅବସାଦଗ୍ରସ୍ତ ହୋଇଥାଆନ୍ତି। ନିକଟରେ ଏଭଳି ବିଷୟକୁ ନେଇ ବର୍ମିଂହାମ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ (ଯେଉଁମାନେ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିଲେ) ପରସ୍ପର ସହ ସକାରାତ୍ମକ ମାନସିକତାରେ କଥାବାର୍ତ୍ତା ହେବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏହାର ସୁଫଳ କେତେକଙ୍କଠାରେ ଦେଖିବାକୁ ମିଳିଥିଲା। ସେମାନେ ପରସ୍ପର ସହ କଥା ହେବା ଦ୍ୱାରା କିଛି ବ୍ୟକ୍ତି ଅବସାଦଠାରୁ ନିଜକୁ ଅନେକାଂଶରେ ଦୂରେଇ ନେବାରେ ସମର୍ଥ ହୋଇଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା' ସହ ନିୟମିତ ଯୋଗ ଏବଂ ପ୍ରାଣାୟାମ କରିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



## ଛୋଟି କଥା



►ପ୍ରତିଦିନ ସକାଳୁ ଗୋଟିଏ ସେଓ ଖାଆନ୍ତୁ। ଏହାର କିଛି ସମୟ ପରେ ପାଣି କିମ୍ବା କ୍ଷୀର ପିଇପାରନ୍ତି। ଏହାଦ୍ୱାରା ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ।

►ଘରେ ଯଦି ଔଷଧ ରଖୁଛନ୍ତି ତେବେ ଏହାର ବ୍ୟବହାର ସମ୍ପର୍କରେ ଭଲ ଭାବରେ ଅବଗତ ରୁହନ୍ତୁ। କୌଣସି ମେଡିସିନକୁ ନେଇ ମନରେ କୌଣସି ପ୍ରଶ୍ନ ଆସିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

►କମ୍ପ୍ୟୁଟର, ଲାପଟପ୍ ସାମ୍ନାରେ ବସି ଅଧିକ ସମୟ କାମ କରୁଥିଲେ ନିୟମିତ ସମୟ ଅନ୍ତରାଳରେ ଆଖିକୁ କିଛି ସମୟ ବିଶ୍ରାମ ଦିଅନ୍ତୁ।

►ଯଦି ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି ତେବେ କିପରି ବସାଉଠା କରିବେ ସେ ନେଇ ଡାକ୍ତରଙ୍କ ସହ ଭଲ ଭାବରେ ପରାମର୍ଶ କରନ୍ତୁ।

►ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। କାରଣ ଏହା ଆମ ଶରୀର ପାଇଁ ଅତି ଆବଶ୍ୟକ ହେଉଥିବା ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ମଧ୍ୟରୁ ଅନ୍ୟତମ।

►ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ୍‌ଜନିତ ସମସ୍ୟା ରହିଛି, ତେବେ ନିଜର ଖାଦ୍ୟପେୟ ପ୍ରତି ଅଧିକ ସଚେତନ ରୁହନ୍ତୁ।

## ଉପକାରୀ ଯୋଗ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ନିଜକୁ ସୁସ୍ଥ ରଖିବା ହେଉଛି ବଡ଼ କଥା। କାରଣ ଅନେକେ କାର୍ଯ୍ୟବ୍ୟସ୍ତତା ଭିତରେ ନିଜ ଶରୀର ପ୍ରତି ଆବଶ୍ୟକ ମୁତାବକ ଦୃଷ୍ଟି ଦେବାକୁ ଭୁଲି ଯାଇଥାଆନ୍ତି। ଫଳରେ ସେମାନେ କେତେକ ରୋଗର ଶିକାର ହୋଇଥାଆନ୍ତି। ତେବେ ଏ କ୍ଷେତ୍ରରେ ଯୋଗର ଭୂମିକା ମଧ ରହିଛି। ଜଣେ ବ୍ୟକ୍ତି ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲିବା ଦରକାର। ଏହାବ୍ୟତୀତ ବ୍ୟାୟାମ ଏବଂ ଯୋଗକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଯୋଗର ମଧ ଆବଶ୍ୟକତା ରହିଛି। ନିୟମିତ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ୍ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ ଠିକ୍ ଭାବେ ହୋଇଥାଏ। ତା'ସହ ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଜଭୁତ ରହିଥାଏ। ଆଉ ଏକ ଖାସ୍ କଥା ହେଲା ଯୋଗ କରିବା ଦ୍ୱାରା ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏହାକୁ ଦୂରେଇବାକୁ ହେଲେ, ଯୋଗ କରିପାରନ୍ତି। ତେବେ ଯୋଗ କରିବା ପୂର୍ବରୁ ଯୋଗ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

➤ସକାଳୁ ବିଛଣା ଛାଡ଼ିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଂ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ଶରୀର ଭିତରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ତା'ସହ ପାଚନ କ୍ରିୟା ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ।

➤ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ହେଲେ ଏଥିରୁ ରକ୍ଷା ପାଇବାର ଏକ ସହଜ ଉପାୟ ହାତ ପାଆନ୍ତାରେ ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିକଟରେ ଏକ ଗବେଷଣାରୁ ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକ୍‌ଫାଷ୍ଟ କରନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ।



➤ବ୍ୟାୟାମ କରିବା ପୂର୍ବରୁ କିଛି ହାଲୁକା ଖାଦ୍ୟ ଖାଆନ୍ତୁ। ବ୍ୟାୟାମର ଠିକ୍ ପରେ ପରେ ଆଦୌ ପାଣି ପିଅନ୍ତୁ ନାହିଁ। କିଛି ସମୟ ବିଶ୍ରାମ ନେବା ପରେ ପାଣି ପିଅନ୍ତୁ।

➤କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ଯଦି ଡାକ୍ତର କିଛି ପାଥୋଲୋଜିକାଲ ଟେଷ୍ଟ କରିବାକୁ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଛନ୍ତି, ତେବେ ତାହାକୁ ଗୋଟିଗୋଟି ଟେଷ୍ଟ କରାନ୍ତୁ। ଏହାଦ୍ୱାରା ଡାକ୍ତରଙ୍କୁ ରୋଗ ନିରୂପଣ କରିବାକୁ ସହଜ ହୋଇଥାଏ।

➤କୌଣସି ଔଷଧ ଉପରେ ଯଦି ଆପଣଙ୍କର ସବିଶେଷ ଜ୍ଞାନ ନାହିଁ, ତେବେ ଅନ୍ୟମାନଙ୍କୁ ଏହାକୁ ଖାଇବାକୁ ପରାମର୍ଶ ଦିଅନ୍ତୁ ନାହିଁ।

➤ପ୍ରତିଦିନ ସକାଳେ ଏବଂ ରାତ୍ର ଭୋଜନ ପରେ ବ୍ରଶ୍ କରିବାକୁ ଭୁଲନ୍ତୁ ନାହିଁ। ହେଲେ ଏହାର ଏକ ସମୟ ଅବଧି ରହିଛି। ପ୍ରତିଥର ଅତିକମ୍‌ରେ ଦୁଇ ମିନିଟ୍ ବ୍ରଶ୍ କରନ୍ତୁ।

**ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ଭାରୋତ୍ତୋଳନ**

# ଭୁବନେଶ୍ୱର ଏଚ୍‌ପିସି ଚାମ୍ପିୟନ

**ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି)** କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ଭାରୋତ୍ତୋଳନ ସଂଘ ଏବଂ ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟର(ଏଚ୍‌ପିସି)ର ମିଳିତ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ଭାରୋତ୍ତୋଳନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଏଚ୍‌ପିସି ଚାମ୍ପିୟନ ହୋଇଛି। ଏଚ୍‌ପିସି ପ୍ରତିଯୋଗୀମାନେ ୨୧ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସହ ମୋଟ୍ ୧୫୭ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବ୍ରହ୍ମପୁରର ବୀର ହନୁମାନ କ୍ଲବ (୬ ସ୍ୱର୍ଣ୍ଣ, ୭ ରୌପ୍ୟ, ୪ ବ୍ରୋଞ୍ଜ) ୫୯ ପଏଣ୍ଟ ସହ ଦ୍ୱିତୀୟ ଓ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ (୪-୧-୮) ୩୯ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ (୩-୩-୪) ୩୨, ଢେଙ୍କାନାଳର ଏଚ୍‌୨ଏସ୍‌୨ (୪-୩-୦) ୨୯, କିଟ୍ ଓ କିସ୍ (୩-୧-୨) ୨୨, ଉତ୍କଳ କରାଟେ ସ୍କୁଲ (୨-୩-୧) ୨୧ ପଏଣ୍ଟ ସହିତ କ୍ରମାନ୍ୱୟରେ ପରବର୍ତ୍ତୀ ସ୍ଥାନରେ ରହିଛନ୍ତି। ୟୁଥ୍ ଗର୍ଲ୍ସରେ ଜ୍ୟୋତ୍ସ୍ନା ଶବର, ୟୁଥ୍ ଓ ଜୁନିୟର ବାଳକରେ ସଦାନନ୍ଦ ବରିଆ, ଜୁନିୟର ଓ ସିନିୟର ବାଳିକାରେ ରିମା ଭୋଇ ଏବଂ ସିନିୟର ପୁରୁଷରେ କାହ୍ନୁଚରଣ ସାହୁ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି। ଏମାନେ ସମସ୍ତେ ହେଉଛନ୍ତି ଏଚ୍‌ପିସି ଭାରୋତ୍ତୋଳକ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ବୈଷୟିକ ନିର୍ଦ୍ଦେଶକ କଲୋନେଲ ଏ. ରାଜେଶ, ଅଲିମ୍ପିଆନ ଭାରୋତ୍ତୋଳକ କେ. ରବିକୁମାର, ଏଚ୍‌ପିସିର ପରିଚାଳନା ମୁଖ୍ୟ ପ୍ରବୀଣ କୁମାର, ଭାରୋତ୍ତୋଳନ ଏଚ୍‌ପିସିର ଜିଏମ୍ କଲୋନେଲ ରାଜେଶ ଶର୍ମା, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।







# କୋଚ୍‌ଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ

**ନ୍ୟୁୟର୍କ, ୪।୯(ଏପି):** ଗତବର୍ଷ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ୍ ୩୯ତମ ସ୍ଥାନରେ ପହଞ୍ଚିଥିବା ଫ୍ରେଞ୍ଚ୍ ମହିଳା ଟେନିସ୍ ଖେଳାଳି ଫିଓନା ଫେରୋ ତାଙ୍କ କୋଚ୍‌ଙ୍କ ବିରୁଦ୍ଧରେ ଯୌନଶୋଷଣ ଓ ବଳାତ୍କାର ଅଭିଯୋଗ ଆଣିଛନ୍ତି। ୨୫ ବର୍ଷୀୟା ଫିଓନା ଗତ ସପ୍ତାହରେ ଫ୍ରେଞ୍ଚ ଓପନ୍ କ୍ୱାଲିଫାଇଂରେ ପରାଜିତ ହୋଇଥିଲେ। ସେ ପୂର୍ବତନ କୋଚ୍ ପିଏରେ ବୋଟିରେଙ୍କ ବିରୁଦ୍ଧରେ ତାଙ୍କ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫ୍ରେଞ୍ଚ ଟେନିସ ଫେଡେରେଶନ ଏହି ପ୍ରସଙ୍ଗରେ ଫିଓନାଙ୍କ ପଛରେ ଛିଡ଼ାହୋଇଛି ଏବଂ ଏକ ସିଭିଲ୍ ମକଦ୍ଦମା କରିବା ଲାଗି ବିଚାର କରି ଦେଖୁଛି। ଫ୍ରେଞ୍ଚ୍ ଟେନିସ୍ ଖେଳାଳି ଜଣକ ସୋସିଆଲ ମିଡିଆରେ କହିଛନ୍ତି ଯେ, ତାଙ୍କ ଦେଶର ବିଚାର ବ୍ୟବସ୍ଥା ତାଙ୍କୁ ନ୍ୟାୟ ଦେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଆପରାଧିକ ତଦନ୍ତ ଉପରେ ସେ ଅନ୍ୟ କୌଣସି ବିବୃତି ଦେବାକୁ ଚାହାନ୍ତିନାହିଁ। ଯୌନ ଶୋଷଣକାରୀ କୋଚ୍‌ମାନଙ୍କଠାରୁ ସୁରକ୍ଷା ପ୍ରସଙ୍ଗ ନେଇ ଦୃଷ୍ଟି ଆକର୍ଷଣ କରିବାରେ ଫିଓନା ହେଉଛନ୍ତି ସଦ୍ୟତମ ଟେନିସ୍ ଖେଳାଳି।




# ଓଡ଼ିଶା ଏଫ୍‌ସି ବିଜୟୀ

**ଗୁଆହାଟୀ, ୪।୯ (ପି.ଟି.):** ସ୍ଥାନୀୟ ଇନ୍ଦିରାଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୦ଗୋଲ୍‌ରେ ଆର୍ମି ଗ୍ରୀନ୍‌କୁ ହରାଇ ଦେଇଛି। ସ୍ପାନିଶ ଫରୱାର୍ଡ ପେଡ୍ରୋ ମାର୍ଟିନ ବିଜୟସୂଚକ ଗୋଲଟିକୁ ଖେଳର ୮୩ତମ ମିନିଟ୍‌ରେ ସ୍କୋର କରିଥିଲେ। ଓଡ଼ିଶା ଏଫ୍‌ସି ସମସ୍ତ ମ୍ୟାଚରେ ବିଜୟ ସହ ଗ୍ରୁପ୍ ଡି’ରେ ଏହାର ଅଭିଯାନ ଶେଷ କରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କ୍ଷେତ୍ର ପରିଦର୍ଶନ କଲେ ବିଧାୟକ

**କୃଷ୍ଣପ୍ରସାଦ,୪।୯ (ଡି.ଏନ୍.ଏ.):** ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ରବିବାର କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିଧାୟକ ପ୍ରଥମେ କୃଷ୍ଣପ୍ରସାଦ ଏବଂ ବଡ଼ଅଁଳ ପଞ୍ଚାୟତ ଅଞ୍ଚଳର କ୍ଷେତ୍ର ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି ତହସିଲଦାର ଓ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ତିତିପ ଗ୍ରାମରେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ଉଦୟ ନାଥ ଜେନାଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ନୂଆପଡ଼ାରେ ଦଳୀୟ କର୍ମୀଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସମୟାନୁକ୍ରମେ ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେବା ସହ ପ୍ରତ୍ୟେକ ଗଠନମୂଳକ କାର୍ଯ୍ୟରେ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଏହି ଗସ୍ତ ବେଳେ ବରିଷ୍ଠ ନେତା ରବୀନ୍ଦ୍ର ନାଥ ସାହୁ, ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ଭାଜପା ବ୍ଲକ ଯୁବ ସଂଯୋଜକ ଅଶୋକ ବିଶ୍ୱାଳ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ଗୋପୀନାଥପୁର ସରପଞ୍ଚ ସରୋଜ ବେହେରା, ପିରିଜିପୁର ସରପଞ୍ଚ ମଳୟ ଜେନା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ବିଶ୍ୱ ରଞ୍ଜନ ପ୍ରଧାନ, ପ୍ରିୟବ୍ରତ ସିଂହସାମନ୍ତ, ଦେବାଶିଷ ଜଗଦ୍ଦେବ ନାୟକ, କେଲୁଚରଣ ଜେନା ପ୍ରମୁଖ ସାମିଲ ଥିଲେ।

### ମାଙ୍କଡ଼ ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଆହତ

**ଗୋପ,୪।୯(ଡି.ଏନ୍.ଏ.):** ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ଓ ଏରବଙ୍ଗ ପଞ୍ଚାୟତରେ ଏକ ପାଗଳା ହନୁମାଙ୍କଡ଼କୁ ନେଇ ଏବେ ଆତଙ୍କ ଦେଖାଦେଇଛି। ହନୁ ମାଙ୍କଡ଼ ଆକ୍ରମଣରେ ୩ ଗୋଟି ଗାଁର ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ସାଉରିଆ ଗ୍ରାମର କୈଳାସ ଚନ୍ଦ୍ର ରାଉତ, ପଦ୍ମିନିପଦା ଗ୍ରାମର ଚନ୍ଦନ ମଲ୍ଲିକ, ଏରବଙ୍ଗ ଗ୍ରାମର ସଞ୍ଜୟ ଭୋଇଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଲୋକ। ୩/୪ ଦିନ ହେବ ଏରବଙ୍ଗ ଗ୍ରାମର ଏରବଙ୍ଗ, ସାଉରିଆ, ପଦ୍ମିନିପଦା ସହ ଆଖପାଖ ଗାଁରେ ଏକ ପାଗଳା ହନୁମାଙ୍କଡ଼ ଘରେ ପଶି ଲୋକଙ୍କୁ ଆକ୍ରମଣ କରୁଛି। ହନୁମାଙ୍କଡ଼ ଭୟରେ ଦିନ ଓ ରାତିରେ ଗ୍ରାମବାସୀ ଦୁଆର ଦେଇ ଘରେ ରହୁଥିବା ଦେଖିବାକୁ ମିଳିଛି। ୨ ଦିନ ତଳେ ବୀରତୁଙ୍ଗ ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ 'ଦି ସେବକ' ପକ୍ଷରୁ ଗୋପ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଏହି ପାଗଳା ହନୁମାଙ୍କଡ଼କୁ ଧରିବା ପାଇଁ ସଂଗଠନର ସଭାପତି ଆଲୋକ ଜେନା ପ୍ରଶାସନ ପାଖରେ ଦାବି କରିଛନ୍ତି।

### ଗଣେଶ ଭସାଣି ଉତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୪।୯(ଡି.ଏନ୍.ଏ.):** ଟାଙ୍ଗୀରେ ରବିବାର ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଭସାଣି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୪୦ ମଣ୍ଡପରେ ପୂଜା ଅନୁଷ୍ଠିତ ହୋଇଥିଲା। ବ୍ଲକ ଛକ ଠାରୁ ଚିଲିକା ବଜାର ଛକ ପର୍ଯ୍ୟନ୍ତ ସମସ୍ତ ମେଢ଼ କ୍ରମାନ୍ୱୟରେ ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ମେଢ଼ ସମ୍ମୁଖରେ କମିଟିର ଯୁବ ସଦସ୍ୟମାନେ ଗୀତର ତାଳେତାଳେ ନୃତ୍ୟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଗାଁ ଛାଡ଼ିଲେ ୩ ପରିବାର ନାଲି ପିମ୍ପୁଡ଼ି ଆତଙ୍କ

**ପିପିଲି,୪।୯(ଡି.ଏନ୍.ଏ.):** ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ବ୍ରାହ୍ମଣ ଶାସନ ଗ୍ରାମରେ ନାଲି ପିମ୍ପୁଡ଼ି ଆତଙ୍କରେ ୩ ପରିବାର ଗାଁ ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି। ସେମାନେ ହେଲେ କୁମୁଦ ଦାସ, ରେଣୁବାଳା ଦାସ, ଦେବେନ୍ଦ୍ର ଦାସ। ଗ୍ରାମରେ ପିମ୍ପୁଡ଼ିଙ୍କ ଆତଙ୍କ ଏତେ ବଢ଼ିଯାଇଥିବାରୁ ଗ୍ରାମବାସୀ ଅତିଶୟ ହୋଇପଡିଲେଣି। ଘର, ରାସ୍ତା, ରୋଷେଇ ଘର, ଶୋଇବା ଘର ସବୁଆଡେ ନାଲି ପିମ୍ପୁଡ଼ି ହେବାରୁ ଲୋକେ ଏବଂ ପିଲାମାନେ ବହୁ ହଇରାଣ ହେଉଛନ୍ତି। ଘରେ ଶୋଇବାକୁ ମଧ୍ୟ କଷ୍ଟକର ହୋଇପଡିଲାଣି। ଗ୍ରାମକୁ କେହି ଆସୁ ନ ଥିବାବେଳେ ଲୋକେ ଗୋଡରେ ପଲିଥିନ୍ ବାନ୍ଧି ବାହାରକୁ ବାହାରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କଣ୍ଟିଆ ଗ୍ରାମର ସ୍ୱାସ୍ଥ୍ୟକର୍ମୀ ସୁରେଶ ପ୍ରଧାନ ଏକ ଟିମ୍ ସହ ଗ୍ରାମରେ ପହଞ୍ଚି ପିମ୍ପୁଡ଼ି କାମୁଡିଥିବା ଲୋକମାନଙ୍କୁ ଅଏଣ୍ଟମେଣ୍ଟ ଦେଇ ସତର୍କ କରାଇଛନ୍ତି। ଏଥିସହ ସୋମବାର ପୁଣି ଆସି ଅଏଣ୍ଟମେଣ୍ଟ ଯୋଗାଇବେ ବୋଲି କହିଛନ୍ତି। ପ୍ରଶାସନ ଯଦି ଏହି ସମସ୍ୟାର ପ୍ରତିକାର ନ କରନ୍ତି, ତେବେ ସମୂହ ଗ୍ରାମବାସୀ ଗାଁ ଛାଡିବାକୁ ବାଧ ହେବେ ବୋଲି ୱାର୍ଡ ସଭ୍ୟ ରାଜ ପ୍ରସାଦ ଦାଶ ପ୍ରକାଶ କରିଛନ୍ତି।

# ତଦନ୍ତ ବିଳମ୍ବ ସତ୍ତ୍ୱେ ପ୍ରଶାସନ ନୀରବ

**ରାଉତପଡ଼ା ସମବାୟ ବ୍ୟାଙ୍କରୁ ୧.୫୦କୋଟି ଆତ୍ମସାତ୍ ଘଟଣା**

- ଟଙ୍କା ଫେରିପାଇବା ଆଶଙ୍କାରେ ଜମାକାରୀ
- ଆନ୍ଦୋଳନ ଦାନା ବାନ୍ଧୁଛି

**ଖୋର୍ଦ୍ଧା ଅଫିସ,୪।୯**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେଏସ୍‌ସିବି) ଅଧୀନ ବେଗୁନିଆ ବ୍ଲକର ରାଉତପଡ଼ା ଶାଖାରେ ୧କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ ଘଟଣାକୁ ୭ମାସ ବିତିଲାଣି। ହେଲେ ଏପର୍ଯ୍ୟନ୍ତ ତଦନ୍ତ କରାଯାଉନାହିଁ। ଏହାସତ୍ତ୍ୱେ ପ୍ରଶାସନ ଚୁପ୍ ବସିଥିବାରୁ ଜମାକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅସନ୍ତୋଷ ଆଗାମୀ ଦିନରେ ଜନ ଆନ୍ଦୋଳନର ରୂପ ନେଇପାରେ। ସେହିପରି ଜମାକାରୀ ନିଜ ଟଙ୍କା ଫେରିପାଇବା ନେଇ ଆଶଙ୍କାରେ ରହିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଉତପଡ଼ା ଶାଖାର ପୂର୍ବତନ ହିସାବ ରକ୍ଷକ ବି. ଦାସ ଅବସର ଗ୍ରହଣ ପରେ ମଧ୍ୟ ଏହି ବ୍ୟାଙ୍କରେ ଅସ୍ଥାୟୀ ଭାବେ କାର୍ଯ୍ୟରତ ଥିଲେ। ବ୍ୟାଙ୍କ ସମ୍ପର୍କିତ ବିଭିନ୍ନ କାମରେ ସେ ଗ୍ରାହକଙ୍କୁ ସହଯୋଗ କରୁଥିଲେ। ତେବେ ଗ୍ରାହକଙ୍କ ବିଶ୍ୱାସ ଓ ସରଳତାର ସୁଯୋଗ ନେଇ ସେ ଜମାପ୍ରମାଣପତ୍ର ପ୍ରଭୃତି ନବୀକରଣ ଆଳରେ ବ୍ୟାଙ୍କର ଜାଲ୍ ପ୍ରମାଣପତ୍ର ଓ ସ୍ୱାକ୍ଷର ବଳରେ ପ୍ରାୟ ଦେଢ କୋଟି ଟଙ୍କା ଆତ୍ମସାତ କରିନେଇଥିଲେ। ଗତ ଫେବୃୟାରୀରେ କେତେଜଣ ଗ୍ରାହକ ଜମାପୁଞ୍ଜିର ବିବରଣୀ ଜାଣିବାକୁ ଶାଖା କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଥିଲେ। ସେମାନେ ଏନେଇ ଗତ ଫେବୃୟାରୀ ୨୨ରେ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ ସାମଲ ବ୍ୟାଙ୍କକୁ ଯାଇ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ସିଇଓଙ୍କ ପ୍ରାଥମିକ ରିପୋର୍ଟକୁ ଆଧାର କରି ତତ୍କାଳୀନ ଜିଲାପାଳ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଇଥିଲେ। ସେହିପରି ତଦନ୍ତ ଲାଗି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଶାଖା (ଇଓଡବ୍ଲ୍ୟୁ)କୁ ମଧ୍ୟ ସୁପାରିସ କରିଥିଲେ। କେଏସ୍‌ସିବି ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ବେଗୁନିଆ ଥାନାରେ ଏତଲା ଦିଆଯାଇଥିଲା। ଇତିମଧ୍ୟରେ ଘଟଣାକୁ ୭ମାସ ବିତିଲାଣି। ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ। ତଦନ୍ତରେ ବିଳମ୍ବ ହେଉଥିବାରୁ ଟଙ୍କା ଫେରିପାଇବା ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି ଜମାକାରୀ। ଇଓଡବ୍ଲ୍ୟୁର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ତଦନ୍ତ ଆଗଉନାହିଁ। ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କୁ ଖସାଇ ଦେବାକୁ ଭିତିରିଆ ଉଦ୍ୟମ ଚାଲିଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଜଣେ ଅବସରପ୍ରାପ୍ତ କର୍ମଚାରୀ କିପରି ଓ କାହା ପ୍ରୋତ୍ସାହନରେ ବ୍ୟାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ। ସେହିପରି ଆର୍ଥିକ ଅନିୟମିତତା ସମ୍ପର୍କରେ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ତାହା ବଡ଼ ପ୍ରଶ୍ନ ପାଲଟିଛି। ତୁରନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଆକର୍ଷଣୀୟ ତୋରଣ, ସାଜସଜ୍ଜାକୁ ଗୁରୁତ୍ୱ


ଟ୍ରାଫିକ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ମାଟି ଅନୁକୂଳ।

**ଦୁର୍ଗା ପୂଜା ଲାଗି ମାଟି ଉଠିଲା**

**ଖୋର୍ଦ୍ଧା ଅଫିସ,୪।୯**

ପବିତ୍ର ରାଧାଷ୍ଟମୀରେ ରବିବାର ଦୁର୍ଗାପୂଜା ପାଳନ ସକାଶେ ଖୋର୍ଦ୍ଧାର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ପାରମ୍ପରିକ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ ଛକ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରତିବର୍ଷ ଜୟୀ ରାଜଗୁରୁ ଭବନ(ଟାଉନ ହଲ) ସମ୍ମୁଖରେ ହରପାର୍ବତୀଙ୍କ ପୂଜା କରାଯାଏ। ବ୍ୟବସାୟୀ ସଂଘ ପକ୍ଷରୁ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ସକାଶେ ରୀତିନୀତି ମୁତାବକ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଛି। ପୂଜକ ସନ୍ତୋଷ କୁମାର ଦାସ ପୂଜା କାର୍ଯ୍ୟ ସମାପନ କରିଥିଲେ। ସଂଘ ସଭାପତି ରାଧାଶ୍ୟାମ ସେଠୀ, ଉପସଭାପତି ଲକ୍ଷ୍ମୀଧର ପୃଷ୍ଟି, କୋଷାଧ୍ୟକ୍ଷ କପିଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କହିଲେ ଯେ, ଦୁଇବର୍ଷ କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ ପରଦା ଟାଣି ପୂଜା କରାଯାଇଥିଲା। ଚଳିତବର୍ଷ ଆଡ଼ମ୍ବରରେ ପୂଜା ପାଳନ କରାଯିବ। ଅକ୍ଟୋବର ୧ ତାରିଖ ଷଷ୍ଠୀଠାରୁ ୪ ତାରିଖ ପର୍ଯ୍ୟନ୍ତ ପୂଜା ଏବଂ ୫ରେ ଭସାଣୀ କରାଯିବ। ଆକର୍ଷଣୀୟ ତୋରଣ ଓ ସାଜସଜ୍ଜା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ସେହିଭଳି ସହରର ଇଗଲ କ୍ଲବ, ଖୋର୍ଦ୍ଧା କ୍ଲବ, ପୁରୁଣା ଦମକଳ ଛକ, କଣ୍ଟା ଛକ, ଦୁଲଣା ଛକ, ମାଛ ମାର୍କେଟ ଏବଂ ଗୁରୁଜଙ୍ଗ ମାଳିସାହି ପକ୍ଷରୁ ଦଶହରା ପୂଜା ଆୟୋଜନ ନିମନ୍ତେ ମାଟି ଅନୁକୂଳ କରାଯାଇଛି।




**ଜଟଣୀ:** ଗୋପବନ୍ଧୁ ବଜାର, ମୋରିଆ କ୍ଲବ ଓ ପରିବା ଗଦି ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ପାଉଥିବା ଗଜାନନ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ**

**ଜଟଣୀ,୪।୯ (ଡି.ଏନ୍.ଏ.)**

ପୁରୀ ଜିଲା ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଧୀନ ବରପଦା ପଥର ଖଣିରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ବରପଦା ଗ୍ରାମର ବିଭୂତି ଭୂଷଣ ମହାପାତ୍ର(୨୭)। ତେବେ ତାଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇ ଦେଇଛି ବୋଲି ସ୍ତ୍ରୀ ପୁଷ୍ପା ନାୟକ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ଜଟଣୀ ହାଟ ବଜାର ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜକ ଭାବେ ବିଭୁତି କାର୍ଯ୍ୟ କରନ୍ତି। ଗତ ୧ ତାରିଖରେ ସେ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ନ ପାଇବାରୁ ଫାଣ୍ଡିରେ ଅଭିଯୋଗ କରିଥିଲେ। ରବିବାର ଅପରାହ୍ନରେ କେତେଜଣ ବ୍ୟକ୍ତି ପଥର ଖଣିକୁ ଯାଇଥିବା ବେଳେ ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ପହଞ୍ଚି ବିଭୁତିଙ୍କ ମୃତଦେହ ଚିହ୍ନଟ କରିବା ସହ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ବିଭୁତିଙ୍କ ମଉସା ପ୍ରତାପ ଡେଙ୍ଗ କହିଛନ୍ତି, ବିଭୁତିଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିଲା। କୌଣସି କାରଣକୁ ନେଇ ସମ୍ପୃକ୍ତ ମହିଳାଙ୍କ ପରିବାର ଲୋକେ ବିଭୁତିଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ସେମାନେ ହତ୍ୟା କରି ଗଛରେ ଝୁଲାଇ ଦେଇଛନ୍ତି ବୋଲି ସେ କହିଛନ୍ତି।

# ସଙ୍ଗଠନ ମଜଭୁତ ପାଇଁ କର୍ମୀଙ୍କୁ ଆହ୍ୱାନ

**ଏମ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**ବେଗୁନିଆ, ୪।୯ (ଡି.ଏନ୍.ଏ.)**

ଭାରତୀୟ ଜନତା ପାର୍ଟି ପକ୍ଷରୁ ରବିବାର ବେଗୁନିଆ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବେଗୁନିଆ ଓ ବୋଲଗଡ ବ୍ଲକ ଅଞ୍ଚଳର ଭାଜପାର ୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ମନମୁଖି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଓ ଦଳର ସଙ୍ଗଠନକୁ ମଜବୁତ କରିବା ଉପରେ ଆଲୋଚନା ହୋଇଥିଲା। ଅଞ୍ଚଳର ଉନ୍ନତି ଦିଗରେ କୌଣସି କାର୍ଯ୍ୟ ନ କରି ନିଜକୁ ସୁହାଇଲା ଭଳି କେତେଜଣ ମୁଷ୍ଟିମେୟ ଲୋକଙ୍କୁ ଧରି ଷଡ଼ଙ୍ଗୀ କାର୍ଯ୍ୟ କରୁଛନ୍ତି। ଏପରିକି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏମ୍‌ପି ଜିଲାପରିଷଦ ପ୍ରାର୍ଥୀଙ୍କୁ ଚୟନ କରି ଦଳୀୟ ଟିକେଟ ବାଣ୍ଟିଥିଲେ। ଫଳରେ ଉଭୟ ବେଗୁନିଆ ଓ ବୋଲଗଡ ବ୍ଲକର ୬ଟି ଜୋନରେ କେହି ବିଜୟୀ ହୋଇପାରି ନ ଥିଲେ। ଏଭଳି ମନମୁଖୀ କାର୍ଯ୍ୟ ଯୋଗୁ ଦଳୀୟ କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏମ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଓ କେନ୍ଦ୍ରରେ ଥିବା ଦଳୀୟ ହାଇକମାଣ୍ଡଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଆଗାମୀ ନିର୍ବାଚନ ଲଢିବା ପାଇଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ଟି ମଣ୍ଡଳ ପାଇଁ ୨୪ଜଣିଆ ଏକ ନୂତନ କମିଟି ଗଠନ କରାଯାଇଛି। ଏହି କମିଟି ଦଳ ମଜଭୁତ ପାଇଁ ପ୍ରୟାସ କରିବ ବୋଲି ସଭାପତି ମହାପାତ୍ର ବୈଠକରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପ୍ରସାଦ ଛୁଆଳସିଂହ, ଅଶୋକ ରାଉତ, ଯଜ୍ଞେଶ୍ୱର ସୁନ୍ଦରାୟ, ଭଗବାନ ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ମାନସ ମହାପାତ୍ର, ଶେଖ ଦୌଲତ ଅଲ୍ଲୀ, ସଞ୍ଜୟ ବେହେରା, ସୁବାସ ଚନ୍ଦ୍ର ମିଶ୍ର, ସଞ୍ଜୟ ମହାପାତ୍ର, ଏସ୍. କେ ହାଇଦର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।

## ଅଲାରନାଥ ପୀଠର ବିକାଶ ପାଇଁ ସମୀକ୍ଷା

**ବ୍ରହ୍ମଗିରି,୪।୯(ଡି.ଏନ୍.ଏ.)**

ଝଲସିବ ଅଲାରନାଥ ପୀଠ। ଏନେଇ ରବିବାର ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଲାରନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ଅଲାରନାଥ ମନ୍ଦିର ରୂପରେଖ ବଦଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୧ ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିଆନ ବ୍ରହ୍ମଗିରି ଗସ୍ତ କରିବା ପରେ ଏହାର ପ୍ରସ୍ତୁତି ଓ ସମୀକ୍ଷା ଦ୍ରୁତଗତିରେ ଚାଲିଛି। ଅଲାରନାଥ ମନ୍ଦିର ବେଢାର ବିକାଶ, ମନ୍ଦିରରୁ ଜଳ ନିଷ୍କାସନ, ସୌନ୍ଦର୍ଯ୍ୟକରଣ ଏବଂ ଅତିରିକ୍ତ ତିନୋଟି ନୂତନ ମନ୍ଦିର ଯଥା ବିମଳା ମନ୍ଦିର, ହନୁମାନ ମନ୍ଦିର, ଗଣେଶ ମନ୍ଦିର ନିର୍ମାଣ ହେବା ସହିତ ଆଗାମୀ ୧୦୦ ବର୍ଷକୁ ଲକ୍ଷ୍ୟ ରଖି ପର୍ଯ୍ୟଟକଙ୍କ ଯାତାୟାତ ପାଇଁ ଜାତୀୟ ରାଜପଥ ଠାରୁ ମନ୍ଦିର ପର୍ଯ୍ୟନ୍ତ ଥିବା ଦୁଇଟି ରାସ୍ତାକୁ ୪୦ଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ପ୍ରସ୍ତାବିତ ଏହି କାର୍ଯ୍ୟର ସମୀକ୍ଷା ପାଇଁ ଯାଦବ ମନ୍ଦିରରେ ପହଞ୍ଚି ସେବାୟତ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ।

## ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସଂଘ ବୈଠକ


ବୈଠକରେ ଯୋଗ ଦେଇଥିବା ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ।

**ଖୋର୍ଦ୍ଧା ଅଫିସ,୪।୯**

ଖୋର୍ଦ୍ଧା ଜିଲାର ସରକାରୀ ଏବଂ ଅଣଅନୁଦାନପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘର ଏକ ବୈଠକ ଶନିବାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଙ୍ଗଠନିକ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୦୮ରୁ ୨୦୧୩ ମସିହା ମଧ୍ୟରେ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦେବା ଲାଗି ଦାବି ହୋଇଥିଲା। ବୈଠକରେ ଜିଲା ସଭାପତି ଡ. ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ପାଦକ ଡ. ସୁକାନ୍ତ ବେହେରା, କୋଷାଧ୍ୟକ୍ଷ ସୁଶିଲ କୁମାର ମହାପାତ୍ର, କବିତା ସ୍ୱାଇଁ, ଶେଖ୍ ଅର୍ଶଦ୍ ଉଲ୍ ହକ୍, ପ୍ରିୟରଞ୍ଜନ ବଳିଆର୍‌ସିଂହ, ବାସୁଦେବ ସେଠୀ, ସୁଜାତା ମହାରଣା, ସୌମ୍ୟ ପ୍ରକାଶ ସାହୁଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗଣପତି ମହୋତ୍ସବ ଉଦ୍‌ଯାପିତ

**ମନ ଜିଣିଲା ସାଂସ୍କୃତିକ କାର୍ଯ୍ୟକ୍ରମ**

**ଖୋର୍ଦ୍ଧା ଅଫିସ,୪।୯**

ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ପୂଜାମଣ୍ଡପରେ ଚାଲିଥିବା ଗଣପତି ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ମୁଖ୍ୟ ଆକର୍ଷଣ ଥିଲା ଗଞ୍ଜାମ ଭଞ୍ଜନଗରର ବାଲୁଙ୍କେଶ୍ୱର ପଶୁମୁଖା ସଂସଦର ପଶୁମୁଖା ନୃତ୍ୟ। ବଉଳା ଗାଈ, ବାଘ ବଉଳା ଲଢେଇ ନୃତ୍ୟ ଦର୍ଶକଙ୍କୁ ଆକର୍ଷଣ କରିଥିଲା। ବନ୍ୟଜନ୍ତୁ ସୁରକ୍ଷାର ସଚେତନତା ବାର୍ତ୍ତା ଦେଇଥିଲେ। ପରେ ପୁରୀର ଶିଳ୍ପୀ ଏଣ୍ଟରଟେନମେଣ୍ଟ କଳାକାର ମାନେ ଦଳଗତ ଭାବେ ଆସାମର ବିହୁ, ପଞ୍ଜାବର ଭାଙ୍ଗଡ଼ା ଏବଂ ରାଧାକୃଷ୍ଣଙ୍କ ଯମୁନା ରାସ ନୃତ୍ୟ ପରିବେଷଣ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ପରେ ପୁରୀର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଚିତ୍ତାକର୍ଷକ ଗଣେଶ ବନ୍ଦନା, ସମ୍ବଲପୁରରୀ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। ଆର୍ଯ୍ୟସ୍ମିତା ସାହୁ ଗଣେଶ ବନ୍ଦନା, ଶୁଭଲକ୍ଷ୍ମୀ ସାହୁ ନୂଆଁଖାଇ ଏବଂ ସୋନାଲିକା ମହାପାତ୍ର ଓ ସ୍ମୃତିରେ ପ୍ରିୟଦର୍ଶନୀ ମିଳିତ ଭାବେ ରସରକେଲି ନୃତ୍ୟ ପରିବେଷଣ କରାଯାଇଥିଲା। ଦର୍ଶକ ମାନେ ଦୀର୍ଘ ସମୟ ଧରି ନୃତ୍ୟର ତାଳେ ତାଳେ ଝୁମିଥିଲେ। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଶିଳ୍ପପତି ଗୋବିନ୍ଦ ପଟ୍ଟନାୟକ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। କଳା, ସଂସ୍କୃତି ପରସ୍ପର ମଧ୍ୟରେ ନିବିଡ଼ତା ଆଣେ ବୋଲି କହିଥିଲେ। ଅସିତ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ଲବ ସଭାପତି ଦେବେନ୍ଦ୍ର ଶତପଥୀ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଯୋଜକ ପ୍ରିୟବ୍ରତ ବାରିକ, ଦୀନବନ୍ଧୁ ସାହୁ, କୈଳାସ ପ୍ରହରାଜ, ଲେନିନ ପାଇକରାୟ, ଶୁଭ୍ରଜିତ ପାଇକରାୟ, ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

**ବାଲୁଗାଁ,୪।୯(ଡି.ଏନ୍.ଏ.)**

ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ପାଟଣା ସାହି ନିବାସୀ ଶଶି ବେଓ୍ୱା (୬୫)। ସୂଚନା ମୁତାବକ, ଶଶି ବାରିକୁ କୌଣସି କାମରେ ଯାଇଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ଖୋର୍ଦ୍ଧା: ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ପୂଜାମଣ୍ଡପରେ ଅନୁଷ୍ଠିତ ଗଣପତି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଆଜିଠୁ ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ

କଟକ ଅଫିସ, ୪।୯- ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ ସୋମବାର ଠାରୁ ଆରମ୍ଭ ହେଉଛି। ଥଟାରି ସାହି, ସାହୁ ଲେନ୍, ମହାନ୍ତି ସାହି, ଭାଗବତ ସାହି, ବାଘମୁଣ୍ଡ ସାହି, ମଙ୍ଗଳା ସାହି, ତଳସାହି, ରାଧାକୃଷ୍ଣ ଲେନ, ଅପର୍ଣ୍ଣାନଗର, ମଠ ପାଟଣା, କୁଞ୍ଜବିହାରୀ ଲେନ୍‌ରେ ଖୁଦୁରୁକୁଣୀ ପୂଜା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୭ ତାରିଖ ଅପରାହ୍ନ ୨ଟା ସୁଦ୍ଧା ସବୁ ମେଢ଼ ଚାଉଳିଆଗଞ୍ଜ ଖେଳ ପଡିଆରେ ଏକାଠି ହେବା ପରେ ନମ୍ବର ଅନୁଯାୟୀ ଭସାଣି ଶୋଭାଯାତ୍ରାରେ ସାମିଲ ହେବେ। ଚାଉଳିଆଗଞ୍ଜ ଖେଳ ପଡିଆରୁ ମେଢ଼ ବାହାରି ମଠସାହି, ସାହିଛକ, ଥଟାରିସାହି, ଗାନ୍ଧୀଛକ, ନୀଳାଦ୍ରୀ ବିହାର, କୈବଲ୍ୟବିହାର, ଅପର୍ଣ୍ଣାନଗର ମୁଖ୍ୟ ରାସ୍ତା, ଦୁର୍ଗା ଛକ ଦେଇ ତଳସାହିରେ ପହଞ୍ଚିବ। ଭସାଣି ଶୋଭାଯାତ୍ରାରେ ରଙ୍ଗବେରଙ୍ଗର ଆଲୋକମାଳା, ବ୍ରହ୍ମପୁରର ବାଜା, ଜଗତ୍‌ସିଂହପୁରର ଘଣ୍ଟୁଆ, ଯାଜପୁର ଶଙ୍ଖୁଆଙ୍କୁ ସାମିଲ କରାଯିବ ବୋଲି ଜଣାପଡିଛି। ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ କହିଛନ୍ତି, ଦୁଇବର୍ଷ ପରେ ଆଡମ୍ବରରେ ପୂଜା କରାଯାଉଥିବାରୁ ସାହି ଲୋକେ ଉତ୍ସାହିତ ଅଛନ୍ତି। ମେଳଣ ଓ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ କରାଯିବ।

### ରାସ୍ତା ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ଚୌଦ୍ୱାର,୪।୯(ଡି.ଏନ୍.ଏ.)- ଚୌଦ୍ୱାର ବିରାଟ ବଜାରଠାରୁ ମଙ୍ଗରାଜପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିରାଟ ବଜାରରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ବିଜେଡି ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ସାହୁ, କନିଷ୍ଠ ଯନ୍ତ୍ରୀ କଳ୍ପନା ସାହୁ, ପ୍ରଦ୍ୟୁମ୍ନ ବିଶ୍ୱାଳଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

### ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସ୍ମୃତିସଭା

କଟକ ଅଫିସ,୪।୯: ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ପ୍ରଥମ କୋଭିଡ୍ ଯୋଦ୍ଧା ନୃସିଂହ ଚରଣ ଦାସଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ମେଡିକାଲର କର୍ମଚାରୀ ଦାସଙ୍କର ପ୍ରଥମ କୋଭିଡ୍ ଯୋଦ୍ଧା ଭାବେ ମୃତ୍ୟୁ ଘଟିଥିଲା। ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସଂଘ ସଭାଗୃହରେ ଆୟୋଜିତ ସଭାରେ ଉପସଭାପତି ସାକିର ଖାଁ, ସାଙ୍ଗଠନିକ ସମ୍ପାଦକ ବିଜୟ ନାୟକ, ସହ ସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଟୋପାକଙ୍କ ସମେତ ସଂଘର ସଭ୍ୟମାନେ ଯୋଗଦେଇ ନୃସିଂହଙ୍କ ସ୍ମୃତିଚାରଣ କରିଥିଲେ।

### କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଦ୍ୟାଳୟ ସମ୍ମାନ

କଟକ ଅଫିସ, ୪।୯
ଦେଶର ପ୍ରଥମ ସ୍ମାର୍ଟ ଭିଲେଜ ଭାବେ ପ୍ରସିଦ୍ଧି ଲାଭ କରିଥିବା କଟକ ଜିଲା କଳରାବାଙ୍କଠାରେ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା କରାଯାଇଥିବା କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲ ସଫଳତା ହାସଲ କରିଛି। ଇଣ୍ଟରନ୍ୟାଶନାଲ ଏକ୍ସଲେନ୍ସ ଅନୁଷ୍ଠାନ ପକ୍ଷରୁ ବିଶ୍ୱର ଅନେକ ପ୍ରତିଷ୍ଠିତ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ୀକରଣ, ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ପାଠ୍ୟକ୍ରମରେ ନୂତନ ଜ୍ଞାନକୌଶଳ ପ୍ରଣୟନ ଇତ୍ୟାଦି ମାପଦଣ୍ଡକୁ ବିଚାରକୁ ନିଆଯାଇ ଜୁରୀମାନଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ଶ୍ରେଷ୍ଠ ବିଦ୍ୟାଳୟକୁ ଚୟନ କରାଯାଇଥିଲା। ଏହି ମର୍ମରେ କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲକୁ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଦ୍ୟାଳୟ ହିସାବରେ ସମ୍ମାନିତ କରାଯାଇଛି। ଉପାନ୍ତ ଅଞ୍ଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟ ନେଇ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ପରିଚାଳନା ଦାୟିତ୍ୱ ଡ. ଇତି ସାମନ୍ତ ତୁଲାଇ ଆସୁଛନ୍ତି। ଏହି ସମ୍ମାନ ନିଶ୍ଚିତଭାବେ ଆଗାମୀ ଦିନରେ ଆମ୍ଭମାନଙ୍କୁ ଉତ୍ସାହିତ କରିବ ବୋଲି ସ୍କୁଲର ପ୍ରିନ୍ସିପାଲ ଆଶୁତୋଷ ମହାନ୍ତି କହିଛନ୍ତି। ଅନୁଷ୍ଠାନ ପକ୍ଷରୁ କୋରିଆରୁ ପଠାଯାଇଥିବା ଏହି ଆୱାର୍ଡକୁ ରବିବାର ଇତି ସାମନ୍ତ ଗ୍ରହଣ କରିଛନ୍ତି।

# ଅବହେଳିତ ଅବସ୍ଥାରେ ଦେବୀଗଡ଼ା

- ଭିତ୍ତିପ୍ରସ୍ତର ସ୍ଥାପନକୁ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଲା
- ନିର୍ମାଣ ହୋଇପାରିଲାନାହିଁ ସ୍ୱାଗତ ତୋରଣ
- ଗଦାହେଉଛି କୁଢ଼ କୁଢ଼ ଆବର୍ଜନା
- ବିଭିନ୍ନ ସ୍ଥାନର ମୂର୍ତ୍ତି ଏଠାରେ ବିସର୍ଜନ ହୁଏ





ସ୍ୱାଗତ ତୋରଣର ଶିଳାନ୍ୟାସ ଫଳକ।

କଟକ ଅଫିସ, ୪।୯

କଟକ ସହରରେ ଅନେକ ଐତିହାସିକ ସ୍ଥାନ ରହିଛି। ସେଥିମଧ୍ୟରୁ ପୁରୀଘାଟସ୍ଥିତ ଦେବୀଗଡ଼ା ଅନ୍ୟତମ। ହେଲେ ଏହି ସ୍ଥାନ ଏବେ ଅବହେଳିତ ଅବସ୍ଥାରେ ରହିଛି। କେବଳ ପର୍ବପର୍ବାଣି ସମୟ ଆସିଲେ ଏହି ସ୍ଥାନର କଥା ମନେପଡ଼େ। ହେଲେ ବର୍ଷତମାମ୍ ଏଠାରେ କୁଢ଼ କୁଢ଼ ଆବର୍ଜନା ଜମାହୋଇ ପରିବେଶକୁ ପ୍ରଦୂଷିତ କରିଥାଏ। ତୁରନ୍ତ ଏହି ସ୍ଥାନର ରକ୍ଷଣାବେକ୍ଷଣ ସହ ଏଠାରେ ଏକ ସ୍ୱାଗତ ତୋରଣ ନିର୍ମାଣ ପାଇଁ ସହରବାସୀ ଦାବି କରିଛନ୍ତି।

ବିଭିନ୍ନ ପର୍ବପର୍ବାଣି ଆସିଲେ ବାଉନ ବଜାର ତେପନ ଗଳିର ସହର କଟକ ସହର ଉତ୍ସବମୁଖର ହୋଇଉଠେ। ବିଭିନ୍ନ ମଣ୍ଡପରେ ଗଣେଶ, କାଳୀ, ଗଜଲକ୍ଷ୍ମୀ, କାର୍ତ୍ତିକେଶ୍ୱର ଓ ମା'ଦୁର୍ଗାଙ୍କ ମୂର୍ତ୍ତି ପୂଜା କରାଯାଇଥାଏ। ଏଥିପାଇଁ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିଉଠେ ମଣ୍ଡପ। ଏହାପରେ ଠାକୁରଙ୍କୁ ବିସର୍ଜନ କରାଯାଇଥାଏ। ସହରର ବିଭିନ୍ନ ସ୍ଥାନରୁ ମୂର୍ତ୍ତି ଆସି ଦେବୀଗଡ଼ାରେ ବିସର୍ଜନ କରାଯାଏ। ତେଣୁ ଏଠାରେ ଏକ ସ୍ୱାଗତ ତୋରଣ ନିର୍ମାଣ ପାଇଁ ସହରବାସୀ ଦାବି କରିଥିଲେ। ୨୦୧୩, ଡିସେମ୍ବର ୨୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦେବୀଗଡ଼ା ସ୍ୱାଗତ ତୋରଣ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଇତିମଧ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନକୁ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସ୍ୱାଗତ ତୋରଣ ନିର୍ମାଣ କରାଯାଇପାରିନାହିଁ। ଏହି ସ୍ଥାନରେ ଗଦାହେଉଛି କୁଢ଼ କୁଢ଼ ଅଳିଆ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କଟକ ମହାନଗର ନିଗମ(ସିଏମ୍‌ସି)ର ବିଜୁ ଭବନ ନିକଟରେ ଉକ୍ତ ସ୍ଥାନ ରହିଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ଏହା ଏବେ ଅବହେଳିତ ଅବସ୍ଥାରେ ରହିଛି।

## ଏମାନେ କୁହନ୍ତି...



“ ଦେବୀଗଡ଼ା ଘାଟ ସଫା କରାଯିବା ସହ ସ୍ୱାଗତ ତୋରଣ ନିର୍ମାଣ ପାଇଁ କିଛିଦିନ ତଳେ ମେୟରଙ୍କୁ ଭେଟି ପ୍ରସ୍ତାବ ଦେଇଥିଲୁ। ଆଗାମୀ ଦିନରେ ୬ ଲେନ୍ ରାସ୍ତା ନିର୍ମାଣ କରାଯିବ। ଇତିମଧ୍ୟରେ ଯେଭଳି ଐତିହ୍ୟ ହଜି ନ ଯିବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛୁ। ତୁରନ୍ତ ଉକ୍ତ ସ୍ଥାନର ରକ୍ଷଣାବେକ୍ଷଣ କରାଯିବା ଦରକାର।

**-ଦେବେନ୍ଦ୍ର ସାହୁ, ସଭାପତି, କଟକ ମହାନଗର ଶାନ୍ତି କମିଟି**



“ ଦେବୀଗଡ଼ାକୁ ପ୍ରତିଦିନ ଅନେକ ଲୋକ ଆସନ୍ତି । ଏଠାରେ ଅନେକ ଶୁଭକାର୍ଯ୍ୟ ହୋଇଥାଏ। ମୂର୍ତ୍ତି ବିସର୍ଜନ ସମୟରେ ଏହି ସ୍ଥାନକୁ ସଫା କରାଯାଇଥାଏ। ବାକି ସମୟ ଏଠାରେ ଆବର୍ଜନା ଗଦାହୋଇ ରହିଥାଏ। ସିଏମ୍‌ସି ବିଜୁ ଭବନ ନିକଟରେ ଥିବା ଏହି ସ୍ଥାନ ଅବହେଳିତ ଅବସ୍ଥାରେ ରହିଛି। ତୁରନ୍ତ ଏ ଦିଗରେ ପ୍ରଶାସନକୁ ପଦକ୍ଷେପ ନେବାକୁ ପଡ଼ିବ।

**-ସୁବାସ ମହାନ୍ତି, ସ୍ଥାନୀୟ ବାସିନ୍ଦା**



“ ମୁଁ ଏ ବିଷୟରେ ଅବଗତ ଅଛି। ମୁଖ୍ୟମନ୍ତ୍ରୀ ଯେହେତୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ତୋରଣ ନିର୍ମାଣ ପାଇଁ ଆମେ ଧ୍ୟାନ ରଖିଛୁ। ଏବେ ୬ ଲେନ୍ ରାସ୍ତା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଦେବୀଗଡ଼ା ଦେଇ ଏହି ରାସ୍ତା ଯିବ । ଉକ୍ତ କାର୍ଯ୍ୟ ଶେଷ ହେବା ପରେ ତୋରଣ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। କିଛିଦିନ ତଳେ ମୁଁ ଏହାର ଫାଇଲ କାଢ଼ି ଦେଖିଛି। ଏଥିପାଇଁ ଆମର ଯୋଜନା ମଧ୍ୟ ରହିଛି।

**-ସୁବାସ ସିଂ, ମେୟର, କଟକ ମହାନଗର ନିଗମ**

### କାର୍, ୫୦ କେଜି ଗଞ୍ଜେଇ ଜବତ: ୨ କୋର୍ଟ ଚାଲାଣ

କଟକ ଅଫିସ,୪।୯

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ରବିବାର ଟାଙ୍ଗୀ ଟୋଲଗେଟ୍ ନିକଟରେ ଚଢ଼ାଉ କରାଯାଇ ଏକ କାର୍ (ନଂ.ଡବ୍ଲ୍ୟୁବିଂ୦୨ଏଜେ-୭୯୪୫)ରୁ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବୌଦ୍ଧ ଜିଲାର ଆର୍ତ୍ତତ୍ରାଣ ପ୍ରଧାନ ଓ ଧୋବେଇ ଚରଣ ଦାଙ୍ଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଗଞ୍ଜେଇ କାର୍‌ରେ ବୌଦ୍ଧରୁ କୋଲକାତା ଚାଲାଣ ହେଉଥିଲା। ଖବରପାଇ ଅବକାରୀ ଟିମ୍ ଉକ୍ତ ଟୋଲ୍‌ଗେଟ୍ ନିକଟରୁ ତାହାକୁ ଜବତ କରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

### ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

କଟକ ଅଫିସ,୪।୯

ସିଡିଏ-ବିଡ଼ାନାସୀର ଷଷ୍ଠବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ତୁଳସୀପୁରସ୍ଥିତ ଜେ.ବି.ଏସ୍. ଗାର୍ଡେନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାତୃଭବନର ବରିଷ୍ଠ ସାଧକ ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୋହନ କୁମାର ନାୟକ ସ୍ୱାଗତ ଭାଷଣ, କୁମାରୀ ବିଜୟିନୀ ମାତୃବନ୍ଦନା ଗାନ, ବସନ୍ତ କୁମାର ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ବରଗଡ଼ର ରାଧାକାନ୍ତ ମିଶ୍ର ଧ୍ୟାନ ଓ ପ୍ରାର୍ଥନା ପୁସ୍ତକର ଉପାଦେୟତା ଆଧ୍ୟାତ୍ମିକ ସାଧନାରେ ବହୁ ଭାବେ ଉପଯୋଗୀ ବୋଲି କହିଥିଲେ। ବରିଷ୍ଠ ସାଧକ ଗଦାଧର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ବିରଞ୍ଚି ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ଓଡ଼ିଆ ଗବେଷଣା ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକଗୁଡିକୁ ଉନ୍ମୋଚନ କରୁଛନ୍ତି।

### ସଚେତନତା କାର୍ଯ୍ୟକ୍ରମ

ମଙ୍ଗୁଳି,୪।୯(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ସଫା ପଞ୍ଚାୟତର ସଫା କଲ୍ୟାଣ ମଣ୍ଡପରେ ରବିବାର କଟକ ଚାଇଲ୍ଡ ଲାଇନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ମନ୍ଦାକିନୀ ଜେନା, ସମ୍ମାନିତ ଅତିଥି କମିଟିର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି ଓ ମୁଖ୍ୟବକ୍ତା ଚାଇଲ୍ଡ ଲାଇନ୍ ସଂଯୋଜକ ନାରାୟଣ ଶୁକ୍ଳା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ନରୋତ୍ତମ ଦାସ, ସତ୍ୟ ପ୍ରକାଶ ମଲ୍ଲିକ, ପ୍ରମିଳା ଓଝା, ଗୋଲାପ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚାଇଲ୍ଡ ଲାଇନ୍‌ର ଯୁଗ୍ମ ସଂଯୋଜିକା ଚିନ୍ମୟୀ ବେହେରା ଧନ୍ୟବାଦ ଦେଇଥିଲେ।

### ଡିପିଏସ୍ କଳିଙ୍ଗରେ ସ୍କାଉଟ୍ସ, ଗାଇଡ୍ସ ଶପଥ ଗ୍ରହଣ ଉତ୍ସବ



**ଫୁଲନଖରା,୪।୯(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ଅଡ଼ାଳିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗ(ଡିପିଏସ୍) ପରିସରରେ ନୂତନ ଭାବେ ଯୋଗ ଦେଇଥିବା ସ୍କାଉଟ୍ସ ଓ ଗାଇଡ୍‌ମାନଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ପ୍ରୋ-ଭାଇସ ଚେୟାରପର୍ସନ ମାଳା ମିଶ୍ରଙ୍କ ପ୍ରେରଣାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଅନୁରାଧା ରକ୍ଷିତ ଯୋଗଦେଇ କହିଥିଲେ, ସ୍କାଉଟ୍ସ ଓ ଗାଇଡ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଓ ସ୍ୱାବଲମ୍ବନଶୀଳ କରିବା କ୍ଷେତ୍ରରେ ଏକ ବଳିଷ୍ଠ ସଙ୍ଗଠନ। ଆମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସ୍ୱାତି ନାଥ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସ୍କାଉଟ୍ସ ମାଷ୍ଟର ନୀରଦ ଚନ୍ଦ୍ର ଆର୍ଯ୍ୟ ଓ ଧୀରଜ କୁମାର ପଣ୍ଡା ଶପଥ ପାଠ କରାଇଥିଲେ। ଗାଇଡ କ୍ୟାପ୍‌ଟେନ୍ ପାର୍ବଣୀ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗତ ବର୍ଷର ରାଜ୍ୟ ପୁରସ୍କାର ପ୍ରାପ୍ତ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ**

ବାଙ୍କୀ,୪।୯(ସ୍ୱ.ପ୍ର.)

ବାଙ୍କୀ ଥାନା ସରଣ୍ଡା ରତାଗଡ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ସହଙ୍ଗାଗୋପାଳପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ନିରୁପମା ସ୍ୱାଇଁ (୫୦)। ସ୍ୱାମୀ ରମେଶ ବିଲରେ କାମ କରୁଥିବା ବେଳେ ନିରୁପମା କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଅପରପକ୍ଷେ ଝିଅକୁ ହତ୍ୟା କରାଯାଇଥିବା ନେଇ ନିରୁପମାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା ରୁଜୁ କରିଛି। ଏଥିସହ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରିରହିଛି ବୋଲି ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି।

# ସରିଲା ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି

- ମହାରାଷ୍ଟ୍ରର ପାରମ୍ପରିକ ବାଜାରେ କମ୍ପିଲା ସହର
- ୩୦ ପ୍ଲାଟୁନ ଫୋର୍ସ ମୁତୟନ

କଟକ ଅଫିସ,୪।୯

କଟକ ସହରରେ ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ରବିବାର ଅନୁଷ୍ଠିତ ହୋଇଯାଇଛି। ଭସାଣି ଶୋଭାଯାତ୍ରାରେ ବାଜାକୁ ଗୁରୁତ୍ୱ ଦିଆଯାଇଥିଲା। ସେଥିମଧ୍ୟରେ ମହାରାଷ୍ଟ୍ର ପାରମ୍ପରିକ ବାଜା ମୁଖ୍ୟ ଆକର୍ଷଣ ପାଲଟିଥିଲା । ମୂର୍ତ୍ତି ବିସର୍ଜନ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଭିନ୍ନ ସ୍ଥାନରେ ୧୧ଟି ଅସ୍ଥାୟୀ ପୋଖରୀ ଖନନ କରାଯାଇଥିଲା। ମୂର୍ତ୍ତିଗୁଡିକୁ ଶୋଭାଯାତ୍ରାରେ ନିଆଯାଇ ସେଠାରେ ବିସର୍ଜନ କରାଯାଇଥିଲା। ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ୨ ଜଣ ଅତିରିକ୍ତ ଡିସିପି ଓ କଟକର ସମସ୍ତ ଥାନାର ଅଧିକାରୀ ବିସର୍ଜନ ସମୟରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ତିନୋଟି ପର୍ଯ୍ୟାୟରେ ଏହି ଭସାଣି ଉତ୍ସବ ହେବ। ୪ ତାରିଖରେ ପ୍ରଥମ ପର୍ଯ୍ୟାୟ ଭସାଣି ସରିଥିବାବେଳେ ଆସନ୍ତା ୧୧ ତାରିଖରେ ଦ୍ୱିତିୟ ପର୍ଯ୍ୟାୟ ଓ ୧୮ରେ ତୃତୀୟ ପର୍ଯ୍ୟାୟ ଭସାଣି ହେବ।



ଭସାଣି ଶୋଭାଯାତ୍ରାରେ ମହାରାଷ୍ଟ୍ରର ପାରମ୍ପରିକ ବାଦ୍ୟ ପରିବେଷଣ କରାଯାଇଛି।







ଭସାଣି ଶୋଭାଯାତ୍ରାରେ ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୪।୯।୨୦୨୨

| | |
|---|---|
| ୬,୭୩,୪୦୨ ଟଙ୍କା | |
| ସୁନା | ୨୦.୩୦୦ ଗ୍ରାମ |
| ରୁପା | ୯୩.୫୦୦ ଗ୍ରାମ |

## ସଂକ୍ଷେପରେ

### ଘରୁ ଚୋରି : ୨ ଗିରଫ

ପୁରୀ ଅଫିସ, ୪।୮:ଘରେ ପଶି ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଗୌଡ଼ବାଡ଼ ସାହି ଅଞ୍ଚଳର ସନ୍ତୋଷ ବାରିକ୍ ଏବଂ ନୋଳିଆ ସାହି ଅଞ୍ଚଳର ରବି ସାହୁ । ପୋଲିସ ଅଭିଯୁକ୍ତ ଦ୍ୱଙ୍କ ନିକଟରୁ ଚୋରି ହୋଇଥିବା ୩ ମୋବାଇଲ ଫୋନ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୧୨/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଗୌଡ଼ବାଡ଼ ସାହି ଅଞ୍ଚଳର ଗୋବିନ୍ଦ ପ୍ରଧାନ ତାଙ୍କ ଘରୁ ୩ଟି ଫୋନ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ।

### ଆଇନ ସଚେତନତା ଶିବିର

ପୁରୀ ଅଫିସ, ୪।୯: ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶାନୁସାରେ ପ୍ରାଧିକରଣ ସଚିବ ଦେବାଶିଷ ଦାଶଙ୍କ ଅଧକ୍ଷତାରେ ବ୍ରହ୍ମଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଓ ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା) ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ସଚିବ ଦେବାଶିଷ ଦାଶ ଏହି ଶିବିରକୁ ଉଦଘାଟନ କରିଥିଲେ ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୀଡ଼ିତା କ୍ଷତିପୂରଣ ଯୋଜନା, ନ୍ୟାୟ ସଂଯୋଗ, ସମ୍ମୁଖ କାର୍ଯ୍ୟାଳୟ ଓ ମଧ୍ୟସ୍ଥତା କେନ୍ଦ୍ର ଉପରେ ଅବଗତ କରିବା ସହିତ ଆଇନ ସେବା କଣ ଆଇନ ସେବା ପାଇବା ପାଇଁ କେଉଁ ବର୍ଗର ବ୍ୟକ୍ତି ହକଦାର ଏବଂ ଆଇନ ସେବାର ଉପାଦେୟତା ତଥା ଆଇନ ସେବା ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟକାରିତା ଉପରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ପୁରୀର ସଦସ୍ୟ ଦେବପ୍ରସାଦ ଦାଶ ସ୍ଥାୟୀ ଲୋକ ଅଦାଲତ ମାଧ୍ୟମରେ ଲୋକସେବା ସମ୍ପର୍କିତ ସମସ୍ୟାର ତ୍ୱରିତ ଓ ଆପୋଷ ସମାଧାନ ହୋଇ ପାରିବ ବୋଲି କହିଥିଲେ। ବ୍ରହ୍ମଗିରି ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ସିଡିପିଓ ଉଷାରାଣୀ ମିଶ୍ର ଓ ଶିଶୁ ମଙ୍ଗଳ କମିଟି ସଦସ୍ୟ ରମାଶଙ୍କର ପାତ୍ର ଉକ୍ତ ଶିବିରରେ ଉପସ୍ଥିତ ଥିଲେ।

# ଯମେଶ୍ୱରଙ୍କଠାରୁ ହିସାବ ବୁଝିଲେ ଶ୍ରୀସୁଦର୍ଶନ

ପୁରୀ ଅଫିସ, ୪।୯:

ଚକ୍ରରାଜ ଶ୍ରୀସୁଦର୍ଶନ ରବିବାର ଚାରି ଆଶ୍ରମ ବିଜେ କରିବା ସହ ଯମେଶ୍ୱରଙ୍କଠାରୁ ହିସାବ ବୁଝିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଶ୍ରୀଲୋକନାଥ। ସେହିପରି ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଯମେଶ୍ୱର। ତେଣୁ ଯମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ ବୋଲି କୁହାଯାଏ। ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଚକ୍ରରାଜ ଶ୍ରୀସୁଦର୍ଶନ ଯମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡ଼ା ବିଜେ କରିଥାନ୍ତି।

ରବିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ପ୍ରଥମେ ରତ୍ନସିଂହାସନ ଓ ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ପରେ ଘଣ୍ଟ, ଛତା, କାହାଳି ସହ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇଥିଲେ। ପରେ ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟଶେଯରେ ଶ୍ରୀଦେବୀଙ୍କୁ ବିଜେ କରାଯାଇ ମାଜଣା କରାଯାଇଥିଲା। ନୀତି ସମ୍ପନ୍ନ ପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯାଇଥିଲା। ସେହିପରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଦଇତାପତି ସେବକଙ୍କ ଦ୍ୱାରା ଜଗମୋହନରେ ଥିବା ଚଉଦୋଳିରେ ବିଜେ ହୋଇଥିଲେ। ରୁନ୍ଧା ସରି ପାଟପଟନି ଲାଗି ପରେ ବିମାନବଡୁ ସେବକ ଚଉଦୋଳକୁ ଝୁଲଣମଣ୍ଡପ ତଳକୁ ନେଇଥିଲେ। ସେଠାରେ ଶ୍ରୀସୁଦର୍ଶନଙ୍କୁ ସୁନା ଅଳଙ୍କାର ସହ ମାଳଚୂଳ ଲାଗି କରାଯାଇଥିଲା। ଶ୍ରୀମନ୍ଦିର ପରିସରରେ ଚଉଦୋଳକୁ ଗୋଟିଏ ବେଢ଼ା ପରିକ୍ରମା କରାଯିବା ପରେ ଚକ୍ରରାଜ ସୁଦର୍ଶନଙ୍କୁ ଯମେଶ୍ୱରଙ୍କ ମନ୍ଦିରରେ ବିଜେ କରାଯାଇଥିଲା। ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ନୀତି ପରେ ଯମେଶ୍ୱରଙ୍କ ପୂଜାପଣ୍ଡା ଶ୍ରୀସୁଦର୍ଶନଙ୍କ ସମ୍ମୁଖରେ ବର୍ଷକ ଯାକର ଆୟବ୍ୟୟର ହିସାବ ଦେଇଥିଲେ। ଶ୍ରୀସୁଦର୍ଶନ ଅନ୍ୟ ତିନି ଆଶ୍ରମ ସହ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ହୋଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ରୁନ୍ଧାକାର୍ଯ୍ୟ ପରେ ସିଂହାସନ ପୋଛା ଓ ଚାରିବାଡ଼ରେ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରୁ ସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ବେଶ ବଢ଼ି ଆଳତି ଓ ସନ୍ଧ୍ୟା ଧୂପ ଅନୁଷ୍ଠିତ ହୋଇଥିଲା। ସୁଦର୍ଶନଙ୍କ ବାଡ଼ରେ ପ୍ରସାଦ ଲାଗି କରାଯାଇ ଭୋଗ ପରେ ବନ୍ଦାପନା ସମ୍ପନ୍ନ ହୋଇଥିଲା। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।



ଶ୍ରୀମନ୍ଦିରରୁ ଶ୍ରୀସୁଦର୍ଶନଙ୍କୁ ଜମ୍ୱେଶ୍ୱର ମନ୍ଦିର ଅଭିମୁଖେ ନିଆଯାଉଛି ।

# ଗାଁ ଛାଡ଼ିଲେ ୩ ପରିବାର

ପିପିଲି,୪।୯(ଡି.ଏନ୍.ଏ.):

ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ବ୍ରାହ୍ମଣ ଶାସନ ଗ୍ରାମରେ ନାଲି ପିମ୍ପୁଡ଼ି ଆତଙ୍କରେ ୩ ପରିବାର ଗାଁ ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି। ସେମାନେ ହେଲେ କୁମୁଦ ଦାସ, ରେଣୁବାଳା ଦାସ, ଦେବେନ୍ଦ୍ର ଦାସ। ଗ୍ରାମରେ ପିମ୍ପୁଡ଼ିଙ୍କ ଆତଙ୍କ ଏତେ ବଢିଯାଇଥିବାରୁ ଗ୍ରାମବାସୀ ଅତିଶୟ ହୋଇପଡିଲେଣି। ଘର, ରାସ୍ତା, ରୋଷେଇ ଘର, ଶୋଇବା ଘର ସବୁଆଡେ ନାଲି ପିମ୍ପୁଡ଼ି ହେବାରୁ ଲୋକେ ଏବଂ ପିଲାମାନେ ବହୁ ହଇରାଣ ହେଉଛନ୍ତି। ଘରେ ଶୋଇବାକୁ ମଧ କଷ୍ଟକର ହୋଇପଡିଲାଣି। ଗ୍ରାମକୁ କେହି ଆସୁ ନ ଥିବାବେଳେ ଲୋକେ ଗୋଡରେ ପଲିଥିନ୍ ବାନ୍ଧି ବାହାରକୁ ବାହାରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କଣ୍ଟିଆ ଗ୍ରାମର ସ୍ୱାସ୍ଥ୍ୟକର୍ମୀ ସୁରେଶ ପ୍ରଧାନ ଏକ ଟିମ୍ ସହ ଗ୍ରାମରେ ପହଞ୍ଚି ପିମ୍ପୁଡ଼ି କାମୁଡିଥିବା ଲୋକମାନଙ୍କୁ ଅଏଣ୍ଟମେଣ୍ଟ ଦେଇ ସତର୍କ କରାଇଛନ୍ତି। ଏଥିସହ ସୋମବାର ପୁଣି ଆସି ଅଏଣ୍ଟମେଣ୍ଟ ଯୋଗାଇବେ ବୋଲି କହିଛନ୍ତି। ପ୍ରଶାସନ ଯଦି ଏହି ସମସ୍ୟାର ପ୍ରତିକାର ନ କରନ୍ତି, ତେବେ ସମୂହ ଗ୍ରାମବାସୀ ଗାଁ ଛାଡିବାକୁ ବାଧ ହେବେ ବୋଲି ୱାର୍ଡ ସଭ୍ୟ ରାଜ ପ୍ରସାଦ ଦାଶ ପ୍ରକାଶ କରିଛନ୍ତି।

**ନାଲି ପିମ୍ପୁଡ଼ି ଆତଙ୍କ**



ଲୋକେ ପାଦରେ ପଲିଥିନ ଗୁଡ଼ାଇଛନ୍ତି ।

# ମାଙ୍କଡ଼ ଆକ୍ରମଣରେ ୧୫ରୁ ଉର୍ଦ୍ଧ୍ୱ ଆହତ

ଗୋପ,୪।୯(ଡି.ଏନ୍.ଏ.):

ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ଓ ଏରବଙ୍ଗ ପଞ୍ଚାୟତରେ ଏକ ପାଗଳା ହନୁମାଙ୍କଡ଼କୁ ନେଇ ଏବେ ଆତଙ୍କ ଦେଖାଦେଇଛି। ହନୁ ମାଙ୍କଡ଼ ଆକ୍ରମଣରେ ୩ ଗୋଟି ଗାଁର ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ସାଉରିଆ ଗ୍ରାମର କୈଳାସ ଚନ୍ଦ୍ର ରାଉତ, ପଦିନିପଦା ଗ୍ରାମର ଚନ୍ଦନ ମଲ୍ଲିକ, ଏରବଙ୍ଗ ଗ୍ରାମର ସଞ୍ଜୟ ଭୋଇଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ଲୋକ। ୩/୪ ଦିନ ହେବ ଏରବଙ୍ଗ ଗ୍ରାମର ଏରବଙ୍ଗ, ସାଉରିଆ, ପଦିନିପଦା ସହ ଆଖପାଖ ଗାଁରେ ଏକ ପାଗଳା ହନୁମାଙ୍କଡ଼ ଘରେ ପଶି ଲୋକଙ୍କୁ ଆକ୍ରମଣ କରୁଛି। ହନୁମାଙ୍କଡ଼ ଭୟରେ ଦିନ ଓ ରାତିରେ ଗ୍ରାମବାସୀ ଦୁଆର ଦେଇ ଘରେ ରହୁଥିବା ଦେଖିବାକୁ ମିଳିଛି। ୨ ଦିନ ତଳେ ବୀରତୁଙ୍ଗ ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ 'ଦି ସେବକ' ପକ୍ଷରୁ ଗୋପ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଏହି ପାଗଳା ହନୁମାଙ୍କଡ଼କୁ ଧରିବା ପାଇଁ ସଂଗଠନର ସଭାପତି ଆଲୋକ ଜେନା ପ୍ରଶାସନ ପାଖରେ ଦାବି କରିଛନ୍ତି।




ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ପକ୍ଷରୁ ରବିବାର ସ୍ୱର୍ଣ୍ଣ ମଣ୍ଡପରେ ଅନୁଷ୍ଠିତ ରାଷ୍ଟ୍ରୀୟ ସମୂହ ସଙ୍ଗୀତଗାନ ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ ।

# ରାଷ୍ଟ୍ରୀୟ ସମୂହ ସଙ୍ଗୀତ ଗାନରେ ଆଦର୍ଶ ବିଦ୍ୟାଳୟ ପ୍ରଥମ

ସାକ୍ଷୀଗୋପାଳ,୪।୯
(ଡି.ଏନ୍.ଏ./ସ୍ୱ.ପ୍ର.):

**ଭାରତ ବିକାଶ ପରିଷଦର ସତ୍ୟବାଦୀ ଶାଖାସ୍ତରୀୟ ପ୍ରତିଯୋଗିତା**

ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ପକ୍ଷରୁ ରବିବାର ସ୍ଥାନୀୟ ସ୍ୱର୍ଣ୍ଣ ମଣ୍ଡପ ପରିସରରେ ରାଷ୍ଟ୍ରୀୟ ସମୂହ ସଙ୍ଗୀତଗାନ ଓ ଭାରତ କୋ ଜାନୋ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୬ ବିଦ୍ୟାଳୟର ୨୧୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ଚିତ୍ତରଞ୍ଜନ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପୁରୀ ଆୟୁର୍ବେଦିକ ମହାବିଦ୍ୟାଳୟର ଡାକ୍ତର ସୁଦର୍ଶନ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଭାରତ ବିକାଶ ପରିଷଦ ରାଜ୍ୟ ସଭାପତି ସତ୍ୟବାଦୀ ଦାଶ, ରାଜ୍ୟ ଉପସଭାପତି ପୁର୍ନବାସୀ ଦାସ, ରାଜ୍ୟ ମହାସଚିବ ପ୍ରଦୀପ୍ତ ମହାରଣା, ରାଜ୍ୟ ଅର୍ଥ ସଚିବ ଦୁଃଖିଶ୍ୟାମ ଦାଶ, ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନବଘନ ଶତପଥୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ପୂର୍ବାହ୍ନ ୯ଟା ସମୟରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅପରାହ୍ନରେ ପ୍ରାଇଜ ବିତରଣ କରାଯାଇଥିଲା। କୁଇଜ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବରିଷ୍ଠ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ଭାଷାରେ ହୋଇଥିବା ରାଷ୍ଟ୍ରୀୟ ସମୂହ ସଙ୍ଗୀତଗାନ ପ୍ରତିଯୋଗିତାରେ ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ପରିଷଦର ସମ୍ପର୍କ ସଚିବ ବିଜୟ ପରିଡ଼ା, ଆଇନଜୀବୀ ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରେଳଷ୍ଟେଶନରୁ ମୃତଦେହ ଜବତ

ପୁରୀ ଅଫିସ, ୪।୮:

ପୁରୀ ରେଳ ଷ୍ଟେଶନ ପରିସରରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଜିଆରପି ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କର ବୟସ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୫/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ ବ୍ୟକ୍ତି ଜଣଙ୍କ ଅଚେତ ଅବସ୍ଥାରେ ଷ୍ଟେଶନ ପରିସରରେ ପଡ଼ିଥିବା ରେଲୱେ ପୋଲିସ ଦେଖିବାକୁ ପାଇଥିଲା। ଅନୁସନ୍ଧାନ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା।

# ସାପ କାମୁଡ଼ାରେ ମହିଳା ମୃତ

ନିମାପଡ଼ା,୪।୯(ଡି.ଏନ୍.ଏ.):

ସାପ କାମୁଡାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ଶିରିପାରି ଗ୍ରାମର ଶାନ୍ତିଲତା ଦଳେଇ(୬୭)। ଏନେଇ ନିମାପଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶାନ୍ତିଲତା ତାଙ୍କ ବାଡିରେ ଥିବା କୁଟାଗଦାରୁ କୁଟା ଆଣୁଥିଲେ। ସେହି ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡିବାରୁ ସେ ସେଠାରେ ଅଚେତ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶାନ୍ତିଲତାଙ୍କ ମୃତ୍ୟୁ ହୋଇଛି। ଖବରପାଇ ଚାରିଛକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ଶାନ୍ତିଲତାଙ୍କ ପୁଅ ସୁରଥ ଚନ୍ଦ୍ର ଦଳେଇ ଚାରିଛକ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତୁରନ୍ତ ଶାନ୍ତିଲତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଓ ପରିବାରବର୍ଗ ପ୍ରଶାସନ ପାଖରେ ଦାବି କରିଛନ୍ତି।

# ପରିତ୍ୟକ୍ତ ପାଇଖାନା ଟାଙ୍କିରୁ ମହିଳାଙ୍କ ମୃତଦେହ ଜବତ

ନିମାପଡ଼ା,୪।୯(ଡି.ଏନ୍.ଏ.):

ନିମାପଡ଼ା ଥାନା ଅନ୍ତର୍ଗତ ଧନୁଆଁ ପଞ୍ଚାୟତ ଅଧୀନ ଗରପଦା ଗ୍ରାମ ନିକଟରେ ବନ୍ଦ ହୋଇ ପଡିଥିବା ଏକ ଘରୋଇ ବିଦ୍ୟାଳୟର ପରିତ୍ୟକ୍ତ ପାଇଖାନା ଟାଙ୍କିରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ରବିବାର ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ଓସ୍ତପଦା ଗ୍ରାମର ରାଧାରାଣୀ ମଲ୍ଲିକ(୬୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଯିବ ବୋଲି ପୋଲିସ କହିଛି।

ସୂଚନା ମୁତାବକ, ମୃତା ରାଧାରାଣୀ ମାନସିକ ବିକୃତ ଥିଲେ। ଗତ ୨ ତାରିଖରୁ ସେ କେଉଁଆଡେ ଚାଲିଯାଇଥିବା ତାଙ୍କ ଝିଅ ବନଲତା ମଲ୍ଲିକ(୪୨) ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ. ୬୩/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ତାଙ୍କ ମୃତଦେହ ମିଳିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତୁରନ୍ତ ମୃତଦେହ ଚିହ୍ନଟ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ଫିଜିଓଥେରାପି ସ୍ୱାସ୍ଥ୍ୟ ଶିବିର

ବଲଙ୍ଗା,୪।୯(ଡି.ଏନ୍.ଏ.):

ଆସନ୍ତା ୮ତାରିଖରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହେବାକୁ ଯାଉଛି। ସେହି ଦିବସ ଉପଲକ୍ଷେ ରବିବାର ସାକ୍ଷୀଗୋପାଳ ସାଇଶ୍ରୀ ଫିଜିଓଥେରାପି ସେଣ୍ଟର ପକ୍ଷରୁ ବଲଙ୍ଗା ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ପରିସରରେ ଏକ ମାଗଣା ଫିଜିଓଥେରାପି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ସୁକାନ୍ତ ବରାଳ, ପଞ୍ଚାୟତ ବିଜେଡି ସଭାପତି କୃପାସିନ୍ଧୁ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଇଣ୍ଡିଆନ ଆସୋସିଏଶନ୍ ଅଫ୍ ଫିଜିଓଥେରାପି ଉତ୍କଳ ଶାଖାର ଯୁଗ୍ମ ସମ୍ପାଦକ ଡା. ସିଦ୍ଧାର୍ଥ ଶେଖର ପାତ୍ର ଏବଂ ତାଙ୍କ ସହଯୋଗୀଙ୍କ ସହାୟତାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ୨ ଶହରୁ ଉର୍ଦ୍ଧ୍ୱ ରୋଗୀ ଯୋଗଦେଇଥିଲେ।



ଶିବିରରେ ରୋଗୀ ଫିଜିଓଥେରାପି କରାଯାଉଛି ।

# 'ଶ୍ରୀଜଗନ୍ନାଥ କେବଳ ଭକ୍ତିଦ୍ୱାରା ପ୍ରାପ୍ତ ହୋଇଥାନ୍ତି'

ପୁରୀ ଅଫିସ, ୪।୯:

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନା ଚକ୍ର ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଡ. ଉମେଶ ଚନ୍ଦ୍ର ଚିନ୍ନରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଡ. ଉମେଶ ଚନ୍ଦ୍ର ଚିନ୍ନରାଙ୍କ ଦ୍ୱାରା ଲିଖିତ ପୁସ୍ତକ ଦ୍ୱୟ ସାହିତ୍ୟରେ ଶ୍ରୀଜଗନ୍ନାଥ ଏବଂ ଉପାସନାରେ ଶ୍ରୀଜଗନ୍ନାଥ ଉନ୍ମୋଚିତ ହୋଇଥିଲା। ଉକ୍ତ ପୁସ୍ତକ ଦ୍ୱୟର ସମୀକ୍ଷା କରିଥିଲେ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର। ଚଳିତ ମାସର ଆଲୋଚନାର ବିଷୟ ଥିଲା 'ଶ୍ରୀବଲ୍ଲଭାଚାର୍ଯ୍ୟ ଏବଂ ଶ୍ରୀ ଶ୍ରୀ ଜଗନ୍ନାଥ'। ଉକ୍ତ ବିଷୟରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଅଧ୍ୟାପିକା ବାସନ୍ତୀ ଦେବୀ। ବୈଷ୍ଣବ ଚତୁଃ ସମ୍ପ୍ରଦାୟ ମଧ୍ୟରେ ରୁଦ୍ର ସମ୍ପ୍ରଦାୟର ସମ୍ବର୍ଦ୍ଧକ ଥିଲେ ଆଚାର୍ଯ୍ୟ ବିଷ୍ଣୁ ସ୍ୱାମୀ ଯିଏ କି, ଶୁଦ୍ଧାଦ୍ୱୈତ ସମ୍ପ୍ରଦାୟର ପ୍ରବର୍ତ୍ତକ ଏବଂ ଏହି ସମ୍ପ୍ରଦାୟର ମୁଖ୍ୟ ପ୍ରଚାରକ ଏବଂ ପ୍ରସାରକ ଥିଲେ ବୈଶ୍ୱାନର ଅବତାର ଶ୍ରୀବଲ୍ଲଭାଚାର୍ଯ୍ୟ ।ଦକ୍ଷିଣ ଭାରତରୁ ଆଗତ ତୈଲଙ୍ଗ ବ୍ରାହ୍ମଣ ଦମ୍ପତି ଲକ୍ଷ୍ମଣ ଭଟ୍ଟ ଏବଂ ଇଲ୍ଲମା ଗାରୁଙ୍କ ସନ୍ତାନ ରୂପେ ସଂବତ୍ ୧୫୩୫ ଖ୍ରୀଷ୍ଟୀୟ ସନ୍ ୧୪୭୮ ବୈଶାଖ କୃଷ୍ଣ ଏକାଦଶୀ ତିଥିରେ ଶ୍ରୀବଲ୍ଲଭାଚାର୍ଯ୍ୟ ଆବିର୍ଭୂତ ହୋଇଥିଲେ। ସେ କାଶୀରେ ବିଷ୍ଣୁଚିତ ତିରୁମଲ ଏବଂ ମାଧବ ଯତୀନ୍ଦ୍ରଙ୍କ ଠାରୁ ଶିକ୍ଷାଲାଭ କରିଥିଲେ। ତାଙ୍କର ମେଧାଶକ୍ତି ଅସାଧାରଣ ଥିଲା। ସେ ବେଦ, ବେଦାଙ୍ଗ, ପୁରାଣ, ଧର୍ମଶାସ୍ତ୍ର ଆଦିରେ ୧୩ବର୍ଷ ବୟସରେ ସେ ପୂର୍ଣ୍ଣ ନିଷ୍ଣାନ୍ତ ହେଲେ । ସେ ବିଷ୍ଣୁ ସ୍ୱାମୀ ସମ୍ପ୍ରଦାୟର ଭକ୍ତି ସିଦ୍ଧାନ୍ତରେ ପ୍ରଭାବିତ ଥିଲେ । ତାଙ୍କ ମତରେ ବ୍ରହ୍ମ ମାୟା ଦ୍ୱାରା ଲିପ୍ତ ନୁହଁନ୍ତି, ଅତଏବ ସେ ନିତାନ୍ତ ଶୁଦ୍ଧ । ଏହି ମାୟା ସମ୍ବନ୍ଧରହିତ ବ୍ରହ୍ମ ହିଁ ଶୁଦ୍ଧ ଅଦ୍ୱୈତ ବ୍ରହ୍ମ। ସେ ଶୁଦ୍ଧାଦ୍ୱୈତ ମୂଳକ ପୁଷ୍ଟି ମାର୍ଗରେ ପ୍ରଚାର କରିଥିଲେ। ତାଙ୍କ ଜୀବନରେ ଅଧିକାଂଶ ସମୟ ବ୍ରଜରେ କଟିଥିଲା । ସେ ଗୋବର୍ଦ୍ଧନରେ ମନ୍ଦିର ପ୍ରତିଷ୍ଠା କରି ଶ୍ରୀନାଥଙ୍କର ଉପାସନା କରୁଥିଲେ। ସେ ବିଦ୍ୱତ ସମାଜରେ 'କୃଷ୍ଣୋ ବ୍ରହ୍ମୈବ ଶାଶ୍ୱତମ୍' ଏହି ବାଣୀ ପ୍ରତିଷ୍ଠିତ କରିଥିଲେ। ହିନ୍ଦୀ ସାହିତ୍ୟର ସୁର ଦାସ ପ୍ରମୁଖ ଅଷ୍ଟ ଭକ୍ତ କବି ତାଙ୍କର ଶିଷ୍ୟ ଥିଲେ। ଶ୍ରୀବଲ୍ଲଭାଚାର୍ଯ୍ୟ ଜଣେ ପରମ ଭକ୍ତ ହେବା ସହ ଦର୍ଶନ ଶାସ୍ତ୍ରର ପ୍ରକାଣ୍ଡ ବିଦ୍ୱାନ ଥିଲେ। ତାଙ୍କ ମତରେ ଈଶ୍ୱର ନିୟନ୍ତା ଓ ଜୀବ ନିୟମ୍ୟ ଏବଂ ଈଶ୍ୱରଙ୍କ ଅଧୀନ ତଥା ପରିମାଣରେ ଅଂଶସ୍ୱରୂପ। ଜୀବନ ଜ୍ଞାନ ସ୍ୱରୂପ ଏବଂ ଜ୍ଞାନାଶ୍ରୟ ଉଭୟ ଅଟେ। ଜୀବ ଈଶ୍ୱରଙ୍କ ଅଂଶସ୍ୱରୂପ । ସେ ସମଗ୍ର ଭାରତ ପର୍ଯ୍ୟଟନ କରି ୮୪ଟି ବୈଠକ ସ୍ଥାନ କରିଥିଲେ। ସେ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ଭଗବତ୍ ପ୍ରସାଦର ମହିମା ଗାନ କରି ଏଠାରେ ଯେଉଁ ବୈଠକ ସ୍ଥାନ କରିଥିଲେ ତାହା ଅଧୁନା ମହାପ୍ରଭୁଜୀ କୀ ବୈଠକ ନାମରେ ବିଦ୍ୟମାନ । ସେତେବେଳେ ପୁରୀରେ ରାଜାଙ୍କ ଉପସ୍ଥିତିରେ ଏକ ବିଦ୍ୱତ୍ ସଭା ଚାଲିଥିଲା। ଚାରିଟି ପ୍ରସଙ୍ଗ ଉପରେ ବୈଚାରିକ ମନ୍ଥନ ହେଉଥିଲା। ମୁଖ୍ୟଶାସ୍ତ୍ର କ'ଣ, ମୁଖ୍ୟ ଦେବ କିଏ, ମୁଖ୍ୟ ମନ୍ତ୍ର କ'ଣ, ମୁଖ୍ୟ କର୍ମ କ'ଣ? ଶ୍ରୀବଲ୍ଲଭାଚାର୍ଯ୍ୟ କହିଲେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ଶ୍ରୀମଦ୍ ଭଗବଦ୍ ଗୀତା ମୁଖ୍ୟ ଶାସ୍ତ୍ର ଅଟେ। ଦେବକୀ ନନ୍ଦନ ଶ୍ରୀକୃଷ୍ଣ ହିଁ ଏକମାତ୍ର ଦେବତା, ଶ୍ରୀକୃଷ୍ଣଙ୍କ ନାମ ହିଁ ମନ୍ତ୍ର, ଶ୍ରୀକୃଷ୍ଣ ସେବା ହିଁ ଏକମାତ୍ର କର୍ମ। ତାଙ୍କ ଦୃଷ୍ଟିରେ ଅଖିଳ ରସାତ୍ମକ ବିଗ୍ରହ ଶ୍ରୀକୃଷ୍ଣ ହିଁ ପୁରୁଷୋତ୍ତମ ଜଗନ୍ନାଥ, ଯେ କେବଳ ଭକ୍ତିଦ୍ୱାରା ପ୍ରାପ୍ତ ହୋଇଥାନ୍ତି। ଉକ୍ତ ଆଲୋଚନାଚକ୍ରରେ ପୁସ୍ତକଦ୍ୱୟର ଉନ୍ମୋଚନ କରିଥିଲେ ଡ. ବିଜୟ ନାରାୟଣ ରାମାନୁଜ ଦାସ ଏବଂ ଉତ୍ତର ପାର୍ଶ୍ୱ ମଠାଧୀଶ ନାରାୟଣ ରାମାନୁଜ ଦାସ। ଏଥିରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ନରେଶ ଚନ୍ଦ୍ର ଦାଶ, ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଗୋଚ୍ଛିକାର, ଡ. ନୃସିଂହ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ନାରାୟଣ ନନ୍ଦ, ଅଶୋକ କୁମାର ଆଢ୍ୟ, ସନ୍ଧ୍ୟାରାଣୀ ଚିନ୍ନରା, ନକୁଳ ଚରଣ ସ୍ୱାଇଁ ଓ ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ସାହିତ୍ୟରେ ଶ୍ରୀଜଗନ୍ନାଥ ଏବଂ ଉପାସନାରେ ଶ୍ରୀଜଗନ୍ନାଥ ପୁସ୍ତକ ଉନ୍ମୋଚନ କରାଯାଉଛି ।

# ସଂକ୍ଷେପରେ

## ବ୍ରାଉନସୁଗାର ବେପାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୪।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ିବାରେ ଲାଗିଛି। ରବିବାର ଏହି ଥାନା ଅଧୀନ କୁହୁଡ଼ି କଲେଜ ଛକ ନିକଟରୁ ବଜରଙ୍ଗଦଳ କର୍ମୀ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଧରି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ବେପାରୀଙ୍କ ଠାରୁ ବ୍ରାଉନସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ସେ ହେଲେ ଦୀକ୍ଷିତପଡା ଗ୍ରାମର ଶେଖ ଆଜାଦ। ବଜରଙ୍ଗଦଳ କର୍ମୀମାନଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ରାଷ୍ଟ୍ର ହୋମଯଜ୍ଞ ଆରମ୍ଭ

**କୃଷ୍ଣପ୍ରସାଦ,୪।୯(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଗଡ଼ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ରାଷ୍ଟ୍ର ହୋମଯଜ୍ଞ ଆରମ୍ଭ ହୋଇଛି। ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ନେତୃତ୍ୱରେ ରାଜ ପୁରୋହିତ ଚିତ୍ତରଞ୍ଜନ ଶତପଥୀ, ସୁରେନ୍ଦ୍ର କୁମାର ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ସୁଆର, ବିନମ୍ର ବିଶ୍ୱଜିତ ମିଶ୍ର, ସୌମ୍ୟ ରଞ୍ଜନ ରଥ, ନନ୍ଦନ ପଣ୍ଡା, ମଦନ ମୋହନ ରାଜଗୁରୁ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି। ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ୫ ମୌଜା ପରିଚାଳନା କମିଟି ପକ୍ଷରୁ ଏହି ଯଜ୍ଞ ଆୟୋଜନ କରାଯାଇଥିବା ବେଳେ ସଭାପତି ଡମ୍ବରୁଧର ଖୁଣ୍ଟିଆ, ସମ୍ପାଦକ ସୁରଥ ବେହେରା ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଯଜ୍ଞ ୩ ଦିନ ପର୍ଯ୍ୟନ୍ତ ଚାଲିବ।

## ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ,୪।୯:** ଖୋର୍ଦ୍ଧା ସହରରେ ଦିନକୁ ଦିନ ଅଘୋଷିତ ବିଦ୍ୟୁତ୍ କାଟ ବଢ଼ିବାରେ ଲାଗିଛି। ନୂଆ ଡାକ୍ତରଖାନା ଠାରୁ ଆରମ୍ଭ କରି ମଙ୍ଗଳାନଗର ଏବଂ ଟ୍ରାଫିକ ଛକ, ଶ୍ରୀରାମନଗର ଓ ମାରୱାଡି ପଟିରେ ପ୍ରତ୍ୟହ ଦିନକୁ ୪ ରୁ ୫ ଥର ବିଦ୍ୟୁତ୍ କାଟ ହେଉଛି। ବାରମ୍ବାର ବିଦ୍ୟୁତ୍ କାଟ ସମ୍ପର୍କରେ ପଚାରିଲେ ଉପରିସ୍ଥ ଅଧିକାରୀଙ୍କୁ ପଚାର କହି ଜଣେ ଅନ୍ୟ ଜଣଙ୍କ ଉପରକୁ ଦୋଷ ଲଦି ନିଜର ଉପରୁ ଦୋଷ ଖସାଉଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ପଚାରିଲେ, କୌଣସି ସନ୍ତୋଷଜନକ ଉତ୍ତର ମିଳୁନଥିବା କେତେଜଣ ଉପଭୋକ୍ତା କହିଛନ୍ତି। ଶନିବାର ମାରୱାଡି ପଟିରେ ଚାରିଥର ବିଦ୍ୟୁତ୍ କଟିଥିଲା। ଏହାର କାରଣ ବୁଝିବା ପାଇଁ ବିଭାଗ କାର୍ଯ୍ୟାଳୟକୁ ଫୋନ କରିବା ବେଳେ କାର୍ଯ୍ୟାଳୟ ଫୋନ୍ ସୁଇଚ ଅଫ। ଷ୍ଟ୍ରକ୍ଚରକୁ ଫୋନ କଲେ ସେ କହିଲେ ଆମର ଏଠି ଠିକ୍ ଅଛି, ଆପଣ ଜେଇଙ୍କୁ ପଚାରନ୍ତୁ। କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କଲେ ମଧ ଫୋନ ଉଠାଉ ନାହାନ୍ତି। ଏସଡିଓଙ୍କ ମେସେଜ୍ କରି ସମସ୍ୟା ସମ୍ପର୍କରେ କହିବାରୁ ରବିବାର ପୂର୍ବାହ୍ନରେ ଆପଣ କଣ ରାତିରେ ଆମକୁ ଶୁଆଇ ଦେବେ ନାହିଁ ବୋଲି ମେସେଜ ଆସିଥିବା ବରିଷ୍ଠ ନାଗରିକ ତଥା ଉତ୍କଳ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ଉମା ଶଙ୍କର ପ୍ରସାଦ ଗଣମାଧ୍ୟମକୁ ଜଣାଇଛନ୍ତି। ଉଚ୍ଚପଦସ୍ଥ ଅଧିକାରୀଙ୍କ ଏଭଳି ବ୍ୟବହାରକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ବେଲ୍ଟ ପରୀକ୍ଷା ଉଦ୍‌ଯାପିତ

**ବାଲୁଗାଁ,୪।୯(ଡି.ଏନ୍.ଏ.):** ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖା ପକ୍ଷରୁ ଚାଲିଥିବା ବେଲ୍ଟ ପରୀକ୍ଷା ଉଦ୍‌ଯାପିତ ହୋଇଯାଇଛି। ଏହି ପରୀକ୍ଷାକୁ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହାନସି ଡ. ହରି ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରାୟ ଓ ସନ୍ଦିପ ମହାନ୍ତି ପରିଚାଳନା କରିଥିଲେ। ପରୀକ୍ଷାରେ ୟେଲୋ ବେଲ୍ଟରେ ୮ଜଣ, ଅରେଞ୍ଜ ବେଲ୍ଟରେ ୭, ଗ୍ରୀନ ବେଲ୍ଟରେ ୭, ବ୍ଲୁ ବେଲ୍ଟରେ ୭ ଏବଂ ବ୍ରାଉନ ବେଲ୍ଟରେ ୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଜାତୀୟ ପଦକ ବିଜେତା କ୍ରିଷ୍ଣା ଶିକାରୀ ଓ ସଲୋନୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳର କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ପଟ୍ଟନାୟକ କରାଟେ ପ୍ରଶିକ୍ଷଣ ଓ ଶାରୀରିକ ସୁସ୍ଥତା ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କରାଟେ ସ୍କୁଲର ପ୍ରତାପ ଜେନା, ସଂଗ୍ରାମ ନାୟକ, ସଲୋନୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖାର ପ୍ରଶିକ୍ଷକ ସେନସେଇ ଦୀପକ କୁମାର ସାମନ୍ତରାୟ ଓ ସଦସ୍ୟ ମିର୍ ଆଜମତ ଅଲ୍ଲି ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଟେକାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ନୂଆ ପ୍ରକଳ୍ପ ଉଦ୍‌ଘାଟନ ହେଲା, ପୁରୁଣା ସରି ନାହିଁ

**ଖୋର୍ଦ୍ଧା ଅଫିସ,୪।୯**

ଖୋର୍ଦ୍ଧା ପୌର ପ୍ରଶାସନ ନିକଟରେ ୬୩ତମ ସ୍ୱାୟତ୍ତ ଶାସନ ଦିବସ ଆଡ଼ମ୍ବରରେ ପାଳନ କରିଛି। ଏହି ଅବସରରେ ୧୩ଟି ନୂତନ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ଏଥିରେ ୧୦ଟି ମିଶନ ଶକ୍ତି ଗୃହ ଏବଂ ୩ଟି ପରିସ୍ରାଗାର(ଲୁ) ରହିଛି। ଏଥିଲାଗି ପ୍ରାୟ କୋଟିଏ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ତେବେ ନୂତନ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିବା ବେଳେ ଗତ ୨ବର୍ଷ ଧରି ଚାଲିଥିବା ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିଲା ନାହିଁ। କାର୍ଯ୍ୟରେ ମନ୍ଥରତା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ବରୁଣେଇ ସ୍ମାର୍ଟ ପାର୍କ ଏବଂ ଟିଏଲସି ରୋଡ ଠାରେ ଆଦର୍ଶ ଶ୍ମଶାନ ନିର୍ମାଣ ପାଇଁ ୨୦୨୦ ଡିସେମ୍ବର ୧୬ରେ ପୌର ପ୍ରଶାସନ ପକ୍ଷରୁ ଶିଳାନ୍ୟାସ କରାଯାଇଥିଲା। ମାର୍ଚ୍ଚ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ସମୟ ଧାର୍ଯ୍ୟ ରହିଥିଲା। ତେବେ ଦେଢ଼ ବର୍ଷ ବିତଯାଇଥିଲେ ମଧ କାମ ସରିନାହିଁ।



ନିର୍ମାଣାଧୀନ ବରୁଣେଇ ସ୍ମାର୍ଟ ପାର୍କ।



ଟିଏଲ୍‌ସି ସ୍ମାର୍ଟ ଶ୍ମଶାନ।

ସେହିପରି ୨୦୨୧ ଅକ୍ଟୋବର ୨୪ରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏବଂ ଖୋର୍ଦ୍ଧା ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ ଗୌରବ ଶିବାଜୀଙ୍କ ସହ ବରୁଣେଇ ପରିଦର୍ଶନ ବେଳେ ବରୁଣେଇ ସ୍ମାର୍ଟ ପାର୍କ କାର୍ଯ୍ୟ ନଭେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ନିର୍ମାଣ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟରେ ମନ୍ଥରତା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଯୋଜନାରେ ବରୁଣେଇ ପାହାଡ଼ ପାଦଦେଶରେ ୧.୮୪ ଏକର ଜମିରେ ୧ କୋଟି ବ୍ୟୟ ଅଟକଳରେ ସ୍ମାର୍ଟ ପାର୍କ ନିର୍ମାଣ ଲାଗି ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶିଳାନ୍ୟାସ କରିଥିଲେ। ଏହି ସ୍ମାର୍ଟ ପାର୍କରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଲାଇଟ ଆଣ୍ଡ ସାଉଣ୍ଡ ସହ ମ୍ୟୁଜିକାଲ ଫାଉଣ୍ଟେନ, ପାଦଚଲା ରାସ୍ତା, ଉଦ୍ୟାନ, ଶୌଚାଳୟ, ଟିକେଟ କାଉଣ୍ଟର, ପାର୍କିଂ ବ୍ୟବସ୍ଥା କରାଯିବ। ପାର୍କ ମଧ୍ୟରେ ଗୋଟିଏ ଲେଖାଏ ପ୍ରବେଶ ଓ ପ୍ରସ୍ଥାନ ରହିବ। ଆମୋଦପ୍ରମୋଦ ସହ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରହିବାର ଯୋଜନା ରହିଛି। କୋଭିଡ କଟକଣା ହଟିବା ପରେ ବରୁଣେଇ ପୀଠକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ହେଲେ ନିର୍ମାଣ କାର୍ଯ୍ୟ ସରିନଥିବାରୁ ପର୍ଯ୍ୟଟକଙ୍କ ଆଶା ମଉଳିଛି। ସେହିପରି ଟିଏଲ୍‌ସି ଠାରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ୨.୫୩ ପରିମିତ ଜମିରେ ଆଦର୍ଶ ଶ୍ମଶାନ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ ବିଧାୟକ। ମୁଖ୍ୟ ଫାଟକ, ପାର୍କିଂ, ପାଦଚଲା ରାସ୍ତା, ପୂଜା ସାମଗ୍ରୀ ଦୋକାନ, ଉଦ୍ୟାନ, ଅପେକ୍ଷା ଗୃହ, ଶୌଚାଳୟ, ଶବଦାହ ଲାଗି ୩ଟି ପିଣ୍ଡି, କାଠ ଗଚ୍ଛିତ ରଖିବା ଲାଗି ଏକ କୋଠରୀ, ମନ୍ଦିର, ଉଦ୍ୟାନ, ପାର୍କ, ଶୌଚାଳୟ, ଆଲୋକୀକରଣ ବ୍ୟବସ୍ଥା, ସିକ୍ୟୁରିଟି ଗାର୍ଡ ଲାଗି ଏକ କୋଠରି ବ୍ୟବସ୍ଥା କରାଯିବ। ଅତ୍ୟାଧୁନିକ ଶୈଳୀରେ ଏହି ଶ୍ମଶାନ ନିର୍ମାଣ ହେବ। ଏହି ଶ୍ମଶାନ ନିର୍ମାଣ ହେଲେ ଲୋକେ ଗୋଟିଏ ସ୍ଥାନରେ ସମସ୍ତ ସୁବିଧା ସୁଯୋଗ ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଏହାର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଆଗକୁ ବର୍ଷା ଋତୁ ରହିଛି। ନିର୍ମାଣ କାର୍ଯ୍ୟ ସରିବା ନେଇ ଆଶଙ୍କା ରହିଛି। ୨୦୨୦ରେ ଆରମ୍ଭ ହୋଇଥିବା ଏହି ୨ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଥିବା ବେଳେ ୨୦୨୧-୨୨ରେ ଖୋର୍ଦ୍ଧା ପୌର ପ୍ରଶାସନର ପ୍ରସ୍ତାବକ୍ରମେ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୬ କୋଟି ୪୮ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ। ଖୋର୍ଦ୍ଧା ସହରର ଏକାଧିକ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ବୋଲି କଂଗ୍ରେସ ପିସିସି ସଭ୍ୟ ଶିଶିର ପରିଡା ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ସୁରକ୍ଷା ମଞ୍ଚ ଆବାହକ ଶୋଭନ ଘୋଷ କୁହନ୍ତି, ସହରର ବିକାଶ କଚ୍ଛପ ଗତିରେ ଚାଲିଛି। ବର୍ଷ ବର୍ଷ ଧରି ଡ୍ରେନ ସଫା ନ ହେବା ଫଳରେ ଅଳିଆ ଆବର୍ଜନା ପଡି ରାସ୍ତା ସହ ମିଶିଗଲାଣି। ଅନେକ ସ୍ଥାନରେ ଡ୍ରେନ ମୁକୁଳା ପଡିଛି। ଏହି ଡ୍ରେନରେ ପଡି ଶିଶୁ, ପଥଚାରୀ,ଗୋରୁଗାଈ ପଡି ଆହତ ହେଉଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଉଭୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ଲୋକଙ୍କ ସେବାରେ ନିୟୋଜିତ କରାଯିବ।

## ୫ରୁ ୧୬ବର୍ଷରୁ କମ୍ ଚୟନ ଶିବିର

**ଖୋର୍ଦ୍ଧା ଅଫିସ,୪।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆରମ୍ଭ ହେବାକୁ ଥିବା ଶିବିରରେ ୧୬ ବର୍ଷରୁ କମ୍ ବୟସର ଖେଳାଳି ଚୟନ କରାଯିବ। ଖୋର୍ଦ୍ଧା ଜିଲାର ଖେଳାଳି ଚୟନ ଲାଗି ୫ତାରିଖ (ସୋମବାର)ରୁ ବିଜେବି ହାଇସ୍କୁଲ ଖେଳପଡିଆରେ ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳିମାନେ ସେମାନଙ୍କ ଡିଜିଟାଲ ବୟସ ପ୍ରମାଣପତ୍ର, ଆଧାର କାର୍ଡ ଏବଂ ଆବଶ୍ୟକ କ୍ରୀଡା ସାମଗ୍ରୀ ସହ ସକାଳ ୯ଟା ରେ ଖେଳପଡିଆରେ ଉପସ୍ଥିତ ରହିବା ପାଇଁ ସଂଘ ସମ୍ପାଦକ ବିକାଶ ପ୍ରଧାନ ପ୍ରକାଶ କରିଛନ୍ତି।

## ଗାଁ ଦାଣ୍ଡରୁ ଅଜଗର ଉଦ୍ଧାର

**ବାରଙ୍ଗ,୪।୯(ଡି.ଏନ୍.ଏ.)**

ବିଦ୍ୟାଧରପୁର ଗ୍ରାମର ମଝିସାହି ରାସ୍ତାରୁ ରବିବାର ୧୦ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରାଯାଇଛି। ଛକରେ କେତେଜଣ ପିଲା ବସିଥିବା ବେଳେ ହଠାତ୍ ଅଜଗର ସାପଟି କାଠଯୋଡ଼ି ନଦୀ ପଟୁ ଗାଁ ଭିତରକୁ ପଶି ଆସିଥିଲା। ଏହାଦେଖି ବସିଥିବା ପିଲାମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ସାପଧରାଳି ସୁମନ ରାଉତ ପହଞ୍ଚି ସାପକୁ ଧରିବା ସହ ସୋମବାର ଚନ୍ଦକା ଜଙ୍ଗଲରେ ଛାଡିବେ ବୋଲି କହିଛନ୍ତି।

# ମନମୁଗ୍ଧ କଲା ଢୋଲମହୁରି ନୃତ୍ୟ



ପଲ୍ଲୀ ମହୋତ୍ସବରେ କଳାକାରମାନେ ଢୋଲମହୁରି ନୃତ୍ୟ ପରିବେଷଣ କରୁଛନ୍ତି।

**ନିରାକାରପୁର,୪।୯(ଡି.ଏନ୍.ଏ.)**

### ଜଙ୍କିଆ ପଲ୍ଲୀ ମହୋତ୍ସବର ୫ମ ସନ୍ଧ୍ୟା

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆରେ ଓଁ ଶ୍ରୀ ଗ୍ରୁପ ଆନୁକୂଲ୍ୟରେ ଚାଲିଥିବା ପଲ୍ଲୀ ମହୋତ୍ସବର ରବିବାର ଥିଲା ପଞ୍ଚମ ସନ୍ଧ୍ୟା। ଏଥିରେ ସାମାଜିକ କର୍ମୀ କାଳୁ ଚରଣ ଖଣ୍ଡଇତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଶ୍ରୀରଞ୍ଜନ ମଙ୍ଗରାଜ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଯୁବ ନେତା ଆଶିଷ ବରିଶଲ, ଆଇନଜୀବୀ ଅଜିତ୍ କୁମାର ପଟ୍ଟନାୟକ, ଆଲୋକ କୁମାର ଛୋଟରାୟ, ବିପିନ ପାଲଟାସିଂହ, କିଶୋର ବରାଳ, ବୁଲୁ ଚମ୍ପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓଁ ଶ୍ରୀ ଗ୍ରୁପ ଗଣେଶ ପୂଜା କମିଟିର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପରେ ମଞ୍ଚରେ କଟକ ଜିଲା ବାଙ୍କୀର ସିଙ୍ଗମ ଡ୍ୟାନ୍ସ ଗ୍ରୁପ, ବଲାଙ୍ଗୀରର ଢୋଲମହୁରି ସମ୍ବଲପୁରୀ କଳାକାରଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। ସଂଗ୍ରାମ ପଟ୍ଟନାୟକ ଓ ଅନ୍ୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବଲାଙ୍ଗୀର ଏବଂ ବାଙ୍କୀ କଳାକାରଙ୍କୁ ଉପସ୍ଥିତ ଅତିଥି ସମ୍ମାନିତ କରିଥିଲେ।

## ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସିକନ୍ଦରାବାଦ ଯାତ୍ରା

**ଜଟଣୀ,୪।୯(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଖୋର୍ଦ୍ଧାରୋଡ ମଣ୍ଡଳ ଓ ବିଶାଖାପାଟଣା ମଣ୍ଡଳର ସମସ୍ତ ନେତା ଓ କର୍ମୀ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶନିବାର ସିକନ୍ଦରାବାଦ ଅଭିମୁଖେ ଯାତ୍ରା କରିଛନ୍ତି। ସିକନ୍ଦରାବାଦ ରେଳ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଏନଏଫଆଇଆର୍‌ର ୩୦ତମ ଜାତୀୟ ସମ୍ମିଳନୀରେ ଆସନ୍ତା ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ। ସମ୍ମିଳନୀରେ ଭାରତର ୧୬ଟି ଜୋନର ସହବନ୍ଧିତ ଫେଡରେସନଙ୍କ କର୍ମକର୍ତ୍ତା ଯୋଗଦେଇ ରେଳବିଭାଗର ଘରୋଇକରଣ ବନ୍ଦ, ନୂତନ ପେନଶନ ରଦ୍ଦ, ବରିଷ୍ଠ କର୍ମଚାରୀଙ୍କ ରାତ୍ରିକାଳୀନ ଭତ୍ତା ପୁନଃ ଚାଲୁ କରିବା, ସମସ୍ତ ବିଭାଗରେ ଖାଲି ଥିବା ପଦବୀ ପୂରଣ ଭଳି ୧୪ଟି ମୁଖ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇ ଏକ ଦାବିପତ୍ର ରେଳମନ୍ତ୍ରୀ ଏବଂ ରେଳ ବୋର୍ଡ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ। ଖୋର୍ଦ୍ଧାରୋଡ୍ ମଣ୍ଡଳ ସଂଯୋଜକ ପ୍ରମୋଦ କୁମାର ସାହାଣୀ, ସହ ସଂଯୋଜକ ସୁନିଲ ଭଞ୍ଜ, ସଭାପତି ଶରତ ପଣ୍ଡା, ସିଓବି ଏମ ଜି କେ ରାଓ, ସୁବ୍ରତ ପଣ୍ଡା, ଆଶୁତୋଷ ବ୍ରହ୍ମା, ନରେଶ କୁମାର, ଶିବା ରେଡ୍ଡୀ, ତାରକେଶ୍ୱର ରାଓଙ୍କ ସମେତ ୪ ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଛନ୍ତି।

## ଯମେଶ୍ୱରଙ୍କଠାରୁ ହିସାବ ବୁଝିଲେ ଶ୍ରୀସୁଦର୍ଶନ



**ପୁରୀ ଅଫିସ, ୪।୯**

ଚକ୍ରରାଜ ଶ୍ରୀସୁଦର୍ଶନ ରବିବାର ଚାରି ଆଶ୍ରମ ବିଜେ କରିବା ସହ ଯମେଶ୍ୱରଙ୍କଠାରୁ ହିସାବ ବୁଝିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଶ୍ରୀଲୋକନାଥ। ସେହିପରି ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଯମେଶ୍ୱର। ତେଣୁ ଯମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ ବୋଲି କୁହାଯାଏ। ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଚକ୍ରରାଜ ଶ୍ରୀସୁଦର୍ଶନ ଯମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡ଼ା ବିଜେ କରିଥାନ୍ତି।

ରବିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢିବା ପରେ ଶ୍ରୀଦେବୀ ପ୍ରଥମେ ରତ୍ନସିଂହାସନ ଓ ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ପରେ ଘଣ୍ଟ, ଛତା, କାହାଳି ସହ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇଥିଲେ। ପରେ ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟଶେଯରେ ଶ୍ରୀଦେବୀଙ୍କୁ ବିଜେ କରାଯାଇ ମାଜଣା କରାଯାଇଥିଲା। ନୀତି ସମ୍ପନ୍ନ ପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯାଇଥିଲା। ସେହିପରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଦଇତାପତି ସେବକଙ୍କ ଦ୍ୱାରା ଜଗମୋହନରେ ଥିବା ଚଉଦୋଳିରେ ବିଜେ ହୋଇଥିଲେ। ରୁନ୍ଧା ସରି ପାଟପତନି ଲାଗି ପରେ ବିମାନବଡୁ ସେବକ ଚଉଦୋଳକୁ ଝୁଲଣମଣ୍ଡପ ତଳକୁ ନେଇଥିଲେ। ସେଠାରେ ଶ୍ରୀସୁଦର୍ଶନଙ୍କୁ ସୁନା ଅଳଙ୍କାର ସହ ମାଳଚୂଳ ଲାଗି କରାଯାଇଥିଲା। ଶ୍ରୀମନ୍ଦିର ପରିସରରେ ଚଉଦୋଳକୁ ଗୋଟିଏ ବେଢ଼ା ପରିକ୍ରମା କରାଯିବା ପରେ ଚକ୍ରରାଜ ସୁଦର୍ଶନଙ୍କୁ ଯମେଶ୍ୱରଙ୍କ ମନ୍ଦିରରେ ବିଜେ କରାଯାଇଥିଲା। ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ନୀତି ପରେ ଯମେଶ୍ୱରଙ୍କ ପୂଜାପଣ୍ଡା ଶ୍ରୀସୁଦର୍ଶନଙ୍କ ସମ୍ମୁଖରେ ବର୍ଷକ ଯାକର ଆୟବ୍ୟୟର ହିସାବ ଦେଇଥିଲେ। ଶ୍ରୀସୁଦର୍ଶନ ଅନ୍ୟ ତିନି ଆଶ୍ରମ ସହ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ହୋଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ରୁନ୍ଧାକାର୍ଯ୍ୟ ପରେ ସିଂହାସନ ପୋଛା ଓ ଚାରିବାଡ଼ରେ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରୁ ସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ବେଶ ବଢ଼ି ଆଳତି ଓ ସନ୍ଧ୍ୟା ଧୂପ ଅନୁଷ୍ଠିତ ହୋଇଥିଲା। ସୁଦର୍ଶନଙ୍କ ବାଡ଼ରେ ପ୍ରସାଦ ଲାଗି କରାଯାଇ ଭୋଗ ପରେ ବନ୍ଦାପନା ସମ୍ପନ୍ନ ହୋଇଥିଲା। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ଜାତୀୟ ପଦକ ବିଜେତା ମୂର୍ଚ୍ଛନା, ସୁସ୍ମିତା ସମ୍ବର୍ଦ୍ଧିତ

**ଖୋର୍ଦ୍ଧା ଅଫିସ,୪।୯**



ଉତ୍କଳ କରାଟେ ଖୋର୍ଦ୍ଧା ଶାଖାର କଲର ବେଲ୍ଟ ପରୀକ୍ଷା ଶନିବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖାରବେଳ ମଲ୍ଲିକ, ସେନସେଇ ଦୀପକ କୁମାର ସାମନ୍ତରା, ସନ୍ଦୀପ କୁମାର ମହାନ୍ତି ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ୟେଲୋ ବେଲ୍ଟରେ ୩, ଅରେଞ୍ଜରେ ୪, ଗ୍ରୀନରେ ୧୦, ବ୍ଲୁରେ ୯ ଏବଂ ବ୍ରାଉନ ବେଲ୍ଟରେ ୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଏହି ସ୍କୁଲର ଜାତୀୟ ପଦକ ବିଜେତା ଅଂଶିତା ସାହୁ ଓ ସୁସ୍ମିତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ବରିଷ୍ଠ ଖବରଦାତା ସନତ କୁମାର ପଟ୍ଟନାୟକ, ବଳରାମ ଲେଙ୍କା, ସୂର୍ଯ୍ୟ ନାରାୟଣ ମହାନ୍ତି ଓ ବିଶ୍ୱଜିତ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରୀକ୍ଷା ପରିଚାଳନାରେ ମୂର୍ଚ୍ଛନା ସୁବୁଦ୍ଧି, ପ୍ରଭାତ କୁମାର ସାହୁ, ମୋନାଲି ମହାପାତ୍ର, ରଞ୍ଜିତ ଭୂୟାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଖୋର୍ଦ୍ଧା ଶାଖାର ପ୍ରଶିକ୍ଷକ ସେନସେଇ ଦୀପକ କୁମାର ସାମନ୍ତରା ଉତ୍ତୀର୍ଣ୍ଣ ହୋଇଥିବା କରାଟେକାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଟାର୍ଜନ କ୍ଲବ, ଉତ୍କଳ କେଶରୀ ବିଜୟୀ

### ମଦନପୁର ଫୁଟବଲ ଲିଗ୍ ଟୁର୍ନାମେଣ୍ଟ

**ଝାଁଳା, ୪।୯(ଡି.ଏନ୍.ଏ.)**

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟରେ ରବିବାର ମା'ରାମଚଣ୍ଡୀ କାଶୀପୁର ଓ ଟାର୍ଜନ କ୍ଲବ ଜାଗସର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମା ରାମଚଣ୍ଡୀ ଟିମ୍ କୌଣସି ଗୋଲ ଦେଇ ନ ପାରିଥିବା ବେଳେ ଟାର୍ଜନ କ୍ଲବ ୬ଟି ଗୋଲ ଦେଇଥିଲା। ଟାର୍ଜନ କ୍ଲବ ପକ୍ଷରୁ ସାମଲ ମାରାଣ୍ଡି ୧୫ ମିନିଟରେ, ମନୋଜ ସ୍ୱାଇଁ ୨୬ ଓ ୩୧, ରଜନୀ ଦେହୁରୀ ୨୮ ଓ ୨୯, ମହେଶ୍ୱର ନାୟକ ୩୫ ମିନିଟରେ ୬ଟି ଗୋଲ ଦେଇଥିଲେ। ଏଥିସହ ଟାର୍ଜନ କ୍ଲବ ୨ ପଏଣ୍ଟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଡାଇମଣ୍ଡ କ୍ଲବ ଶରଧାପୁର ଓ ଉତ୍କଳ କେଶରୀ ଗ୍ରାମଡିହ ମଧ୍ୟରେ ହୋଇଥିଲା। ମ୍ୟାଚର ୨୯ ମିନିଟରେ ଉତ୍କଳ କେଶରୀ ଟିମର ସାନୁ ପ୍ରଧାନ ଗୋଟିଏ ଗୋଲ ଦେବାରୁ ଦଳ ବିଜୟୀ ହୋଇଥିଲା। ମନୋରଞ୍ଜନ ଖୁଣ୍ଟିଆ, ଲଳିତ ମୋହନ ବଳିୟାରସିଂ, ଆନନ୍ଦ ନାୟକ ଓ ଅଶୋକ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ।

# ବ୍ୟାଡ୍‌ମିଣ୍ଟନ କ୍ୱାଲିଫାୟର ପ୍ରତିଯୋଗିତା ଉଦ୍‌ଯାପିତ

**ଜଟଣୀ,୪।୯(ଡି.ଏନ୍.ଏ.)**




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଜଟଣୀସ୍ଥିତ ଆଶ୍ରୟ କ୍ଲବ ଆନୁକୂଲ୍ୟରେ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ହଲରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ କ୍ୱାଲିଫାୟର ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରବିବାର ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବାଳକ ଏବଂ ବାଳିକାଙ୍କ ୧୫ ବର୍ଷ ଏବଂ ୧୭ ବର୍ଷ ବିଭାଗର ୫ଟି ବର୍ଗରେ ମ୍ୟାଚ ଖେଳାଯାଇଥିଲା। ଏହାକୁ ଓଡିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ମ୍ୟାଚ ରେଫରି ସ୍ୱାଧୀନ ମିଶ୍ର, ବିଜୟ କୁମାର ବାଗ, ସମିର ସାହୁ, ହେମନ୍ତ ପ୍ରଧାନ ଏବଂ ଅନ୍ୟ ଅଧିକାରୀ ପରିଚାଳନା କରିଥିଲେ। ୧୭ ବର୍ଷ ବାଳକ ସିଙ୍ଗଲ୍ସର ଏକ ମ୍ୟାଚରେ ମୟଙ୍କ ଭରଦ୍ୱାଜ ୨୧-୧୫ ଓ ୨୧-୧୮ ସେଟରେ ବିଜୟୀ ହୋଇଥିଲେ। ୧୭ ବର୍ଷ ମିକ୍ସଡ ଡବଲ ପ୍ରତିଯୋଗିତାରେ ସାଇ କେଶବ ଓ ଅନୁଷ୍କା ଦାସ ବିଜୟୀ ହୋଇଥିଲେ। ୧୫ ବର୍ଷ ବାଳିକା ସିଙ୍ଗଲରେ ଖୋର୍ଦ୍ଧାର ଆଦିଆ ପାଢୀ ଜିତିଥିଲେ। ଅତିଥିଭାବେ ଜଟଣୀ ଆଇଆଇସି ସୌମ୍ୟକାନ୍ତ ବଳିଆରସିଂହ, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ.ଶ୍ରୀନିବାସ ରାମାନୁଜନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ଏବଂ ସିଲ୍ଡ ପ୍ରଦାନ କରିଥିଲେ। ଆଶ୍ରୟ କ୍ଲବ ସଭ୍ୟ ସୁନୀଲ ପାଢି, ଜିତେନ୍ଦ୍ର କୁମାର ସାହୁ, ବସନ୍ତ କୁମାର ବେହେରା, ସୌଭାଗ୍ୟ ଜଗଦେବ, ଦେବାଶିଷ ଦାସ, ଅବଦୁଲ ହାକିମ ପ୍ରମୁଖ ସହଯୋଗ କରିଥିଲେ।

## ଉପଖଣ୍ଡ ଚିକିତ୍ସାଳୟରେ ମିଳିଲା ଜନ୍ମ, ମୃତ୍ୟୁ ପ୍ରମାଣପତ୍ର

ବାଙ୍କୀ,(ସ୍ୱ.ପ୍ର.)- ବାଙ୍କୀ ଏନ୍ଏସିରେ ପୂର୍ବରୁ ଜନସାଧାରଣଙ୍କୁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଦିଆଯାଉଥିଲା। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଣିକି ଲୋକମାନେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରୁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇପାରିବେ। ଏନେଇ ଉପଖଣ୍ଡ ଚିକିତ୍ସାଳର କାର୍ଯ୍ୟାଳୟରେ ପ୍ରଥମ କରି ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର ଚର୍ଚ୍ଚିକା ମାଣିକ ପାଟଣାର ବିଜୟ ଲକ୍ଷ୍ମୀ ମହାପାତ୍ରଙ୍କୁ ତାଙ୍କ ମା'ଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

**ସଂକ୍ଷେପରେ**

## ମହାନଦୀରୁ ମହିଳାଙ୍କ ମୃତଦେହ ଠାବ

ବାଙ୍କୀ,୪।୯(ସ୍ୱ.ପ୍ର.)-ବାଙ୍କୀ ଏନଏସି ଅନ୍ତର୍ଗତ ମହାନଦୀର ରଣପୁର ତୁଠରେ ଜଣେ ମହିଳାଙ୍କ ଭାସମାନ ମୃତଦେହ ଠାବ ହୋଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ବାଙ୍କୀ ଦମକଳ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝା ସଦଳବଳେ ସେଠାରେ ପହଞ୍ଚି ନଦୀରୁ ମୃତଦେହ ବାହାର କରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ମହାନଦୀର ଉପରମୁଣ୍ଡରୁ ଏହି ମୃତଦେହ ଭାସିଆସିଥିବା ସନ୍ଦେହ କରାଯାଉଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାରାରୋପଣ କାର୍ଯ୍ୟକ୍ରମ

ବାଙ୍କୀ,୪।୯(ସ୍ୱ.ପ୍ର.)- ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୁସୁନ୍ଦା ହାଇସ୍କୁଲ ପ୍ରାଙ୍ଗଣରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ବିଡିଓ ଶ୍ୟାମଳ ରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଔଷଧୀୟ ଚାରା ରୋପଣ କରିଥିଲେ। କଟକ ଜିଲା ଅବୈତନିକ ବନସଂରକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ମନ୍ତ୍ର ଉଚ୍ଚାରଣ କରି ବୃକ୍ଷକୁ ପୂଜାର୍ଚ୍ଚନା କରିଥିଲେ । ବୃକ୍ଷ ଦ୍ୱାରା ପରିବେଶରେ କିପରି ସୁସ୍ଥତା ହୋଇଥାଏ ସେ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ପୂର୍ବତନ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକ ରଜତ କୁମାର ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ ।

## ନାଲି ପିମ୍ପୁଡ଼ି ଭୟରେ ଗାଁ ଛାଡ଼ିଲେ ୩ ପରିବାର

ପିପିଲି,୪।୯(ଡି.ଏନ୍.ଏ.) ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ବ୍ରାହ୍ମଣ ଶାସନ ଗ୍ରାମରେ ନାଲି ପିମ୍ପୁଡ଼ି ଆତଙ୍କରେ ୩ ପରିବାର ଗାଁ ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି। ସେମାନେ ହେଲେ କୁମୁଦ ଦାସ, ରେଣୁବାଳା ଦାସ, ଦେବେନ୍ଦ୍ର ଦାସ। ଗ୍ରାମରେ ପିମ୍ପୁଡ଼ିଙ୍କ ଆତଙ୍କ ଏତେ ବଢିଯାଇଥିବାରୁ ଗ୍ରାମବାସୀ ଅତିଶୟ ହୋଇପଡିଲେଣି। ଘର, ରାସ୍ତା, ରୋଷେଇ ଘର, ଶୋଇବା ଘର ସବୁଆଡେ ନାଲି ପିମ୍ପୁଡ଼ି ହେବାରୁ ଲୋକେ ଏବଂ ପିଲାମାନେ ବହୁ ହଇରାଣ ହେଉଛନ୍ତି। ଘରେ ଶୋଇବାକୁ ମଧ କଷ୍ଟକର ହୋଇପଡିଲାଣି। ଗ୍ରାମକୁ କେହି ଆସୁ ନ ଥିବାବେଳେ ଲୋକେ ଗୋଡରେ ପଲିଥିନ୍ ବାନ୍ଧି ବାହାରକୁ ବାହାରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କଣ୍ଟିଆ ଗ୍ରାମର ସ୍ୱାସ୍ଥ୍ୟକର୍ମୀ ସୁରେଶ ପ୍ରଧାନ ଏକ ଟିମ୍ ସହ ଗ୍ରାମରେ ପହଞ୍ଚି ପିମ୍ପୁଡ଼ି କାମୁଡିଥିବା ଲୋକମାନଙ୍କୁ ଅଏଣ୍ଟମେଣ୍ଟ ଦେଇ ସତର୍କ କରାଇଛନ୍ତି। ଏଥିସହ ସୋମବାର ପୁଣି ଆସି ଅଏଣ୍ଟମେଣ୍ଟ ଯୋଗାଇବେ ବୋଲି କହିଛନ୍ତି। ପ୍ରଶାସନ ଯଦି ଏହି ସମସ୍ୟାର ପ୍ରତିକାର ନ କରନ୍ତି, ତେବେ ସମୂହ ଗ୍ରାମବାସୀ ଗାଁ ଛାଡିବାକୁ ବାଧ ହେବେ ବୋଲି ୱାର୍ଡ ସଭ୍ୟ ରାଜ ପ୍ରସାଦ ଦାଶ ପ୍ରକାଶ କରିଛନ୍ତି।

# ନକଲି ସୁନାବଟି ଦେଇ ୧୦ ଲକ୍ଷ ଠକିନେଲେ

- ବାଇକ୍, ୫୦ ହଜାର ଟଙ୍କା, ନକଲି ସୁନାବଟି, ୩ ମୋବାଇଲ ଫୋନ୍ ଜବତ
- ଅଭିଯୁକ୍ତ କୋର୍ଟ ଚାଲାଣ

କଟକ ଅଫିସ,୪।୯

ଏକ କିଲୋ ଓଜନର ନକଲି ସୁନାବଟି ଦେଇ ୧୦ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ କ୍ୟାଣ୍ଟନ୍‌ମେଣ୍ଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ କେନ୍ଦୁଆଡିଅ ଗ୍ରାମର ସନ୍ୟାସୀ ଜେନା(୨୭)। ତାଙ୍କଠାରୁ ଏକ ବାଇକ୍(ଓଡି ୦୧ ଏକେ-୫୪୩୬), ୫୦ ହଜାର ଟଙ୍କା, ୧ କେଜି ଓଜନର ନକଲି ସୁନାବଟି, ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏଥିସହ ସନ୍ୟାସୀ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଦୁଇଟି ପୃଥକ୍ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି, ଯେଉଁଥିରେ ୨,୯୭,୦୦୦ ଟଙ୍କା ଜମା ଅଛି।

ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଆମ୍ବାସାଲ ଗ୍ରାମର ଯତୀନ୍ଦ୍ର ଦଳାଇ(୪୯)ଙ୍କର କଟକ ବିଡ଼ାନାସୀ ଥାନା ଅଧୀନ କନିକା ଛକରେ ଏକ ପାଥୋଲାବ୍ ରହିଛି। ସନ୍ୟାସୀ ଜଳେଶ୍ୱର ଅଞ୍ଚଳରୁ ଆସୁଥିବା ରୋଗୀମାନଙ୍କ ସହ ନିୟମିତ ତାଙ୍କ ପାଥୋଲାବ୍‌କୁ ଆସି ଯତୀନ୍ଦ୍ରଙ୍କ ସହ ଭଲ ସମ୍ପର୍କ ସୃଷ୍ଟି କରିଥିଲେ। କିଛିଦିନ ପରେ ସନ୍ୟାସୀ ଯତୀନ୍ଦ୍ରଙ୍କୁ କହିଥିଲେ, ମୋ ପାଖରେ ଏକ କିଲୋ ଓଜନର ଏକ ସୁନାବଟି ରହିଛି। ତାହାକୁ ବିକ୍ରି କରିବାକୁ ଚାହୁଁଛି। ସନ୍ୟାସୀଙ୍କ କହିବା ମୁତାବକ ଯତୀନ୍ଦ୍ର ଗତ ଜୁନ୍ ୫ରେ ବାଲେଶ୍ୱର ଯାଇ ଉକ୍ତ ସୁନାବଟି ଦେଖିବା ସହ ସେଥିରୁ ସାମାନ୍ୟ ଅଂଶ ଭାଙ୍ଗି ପରୀକ୍ଷା ପାଇଁ କଟକ ଆଣିଥିଲେ। ପରୀକ୍ଷା ପରେ ଉକ୍ତ ସୁନାବଟି ଅଂଶ ଅସଲି ବୋଲି ଯତୀନ୍ଦ୍ର ଜାଣିବାକୁ ପାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ସୁନାବଟି ବିକ୍ରିକୁ ନେଇ ୧୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ଜୁନ୍ ୨୨ ଅପରାହ୍ନରେ ସନ୍ୟାସୀ ସୁନାବଟିକୁ ଧରି କଟକ ଇନ୍‌ଡୋର୍ ଷ୍ଟାଡିୟମ ନିକଟରେ ପହଞ୍ଚିଲେ। ସେହିପରି ଯତୀନ୍ଦ୍ର ନିଜ ଶାଳକଙ୍କୁ ନେଇ ସେଠାରେ ପହଞ୍ଚିବା ସହ ସନ୍ୟାସୀଙ୍କୁ ୧୦ ଲକ୍ଷ ଟଙ୍କା ଦେଇ ଉକ୍ତ ସୁନାବଟିକୁ ନେଇଆସିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ସୁନାବଟିର ପୂରା ଅଂଶକୁ ପରୀକ୍ଷା କରିବା ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ଫଳରେ ଯତୀନ୍ଦ୍ର ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସନ୍ୟାସୀଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରି ବିଫଳ ହୋଇଥିଲେ। ଏ ସମ୍ପର୍କରେ ସେ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୯/୨୨) ରୁଜୁ କରିଥିଲା। ତଦନ୍ତ ସମୟରେ ସନ୍ୟାସୀ ଓ ତାଙ୍କ ସ୍ତ୍ରୀ ନକଲି ସୁନାବଟି ବିକ୍ରି ଜରିଆରେ ୧୦ ଲକ୍ଷ ଟଙ୍କା ଠକେଇ ପାଇଁ ଯୋଜନା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ଉକ୍ତ ୧୦ ଲକ୍ଷ ଟଙ୍କାରୁ କିଛି ଟଙ୍କା ବାଲିଆପାଳ ଷ୍ଟେଟବ୍ୟାଙ୍କ ଶାଖାରେ ସନ୍ୟାସୀ ନିଜ ନାମରେ ଥିବା ଆକାଉଣ୍ଟରେ ଜମା କରିଥିଲେ। ସେହିପରି ଆଉ କିଛି ଟଙ୍କାକୁ ବାଲିଆପାଳ ୟୁକୋ ବ୍ୟାଙ୍କ ଶାଖାରେ ତାଙ୍କ ସ୍ତ୍ରୀଙ୍କ ନାମରେ ଜମା କରିଥିଲେ। ଏଥିସହ ଆଉ କିଛି ଟଙ୍କାକୁ ମଧ ବାଲିଆପାଳ ବିବିସିସି ବ୍ୟାଙ୍କରେ ସନ୍ୟାସୀ ତାଙ୍କ ସ୍ତ୍ରୀଙ୍କ ନାଁରେ ଏକ ନୂଆ ଆକାଉଣ୍ଟ ଖୋଲି ଜମା କରିଥିଲେ। ସନ୍ୟାସୀଙ୍କ ସ୍ତ୍ରୀ ଉକ୍ତ ଆକାଉଣ୍ଟରୁ ସାଢ଼େ ୬ ଲକ୍ଷ ଟଙ୍କା ସେପ୍ଟେମ୍ବର ୨ ତାରିଖରେ ଉଠାଇଥିବା ପୋଲିସ ଜାଣିବାକୁ ପାଇଥିଲା । ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ପୋଲିସ ସୂତ୍ରରୁ ଜଣାଯାଇଛି।



ଜବତ ନକଲି ସୁନାବଟି, ଟଙ୍କା ଓ ମୋବାଇଲ।



# ଗୁରୁଙ୍କୁ ଧରି ଚାଲିଲେ ଜୀବନର ଗତିପଥ ସୁଗମ ହୁଏ

**ଭାଦ୍ର ପରିକ୍ରମା ସତ୍‌ସଙ୍ଗ**

କଟକ ଅଫିସ,୪।୯

ଜୀବନରେ ଗୁରୁ ଗ୍ରହଣର ଏକାନ୍ତ ଆବଶ୍ୟକତା ରହିଛି। ଗୁରୁଙ୍କୁ ଧରି ଚାଲିଲେ ଜୀବନର ଗତିପଥ ସୁଗମ ହୋଇଥାଏ ବୋଲି ସିଡିଏ ସେକ୍ଟର-୯ସ୍ଥିତ ସନ୍ତୁକା ପ୍ୟାଲେସଠାରେ ରବିବାର ଅନୁଷ୍ଠିତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତ୍‌ସଙ୍ଗରେ ବକ୍ତାମାନେ କହିଛନ୍ତି। ଓଡ଼ିଶା ଆର୍ଟିଷ୍ଟ ଆଣ୍ଡ ଟେକ୍ନିସିଆନ ଫ୍ରାଟରନିଟି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ନାୟକ ଓ ସମ୍ମାନିତ ବକ୍ତା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ଶାଶ୍ୱତ ଜ୍ୟୋତି ଯୋଗଦେଇ ବାସ୍ତବ ଜୀବନରେ ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ସହପ୍ରତିଋତ୍ୱିକ ଶରତ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ରବିନାରାୟଣ ଦାଶ, ନିତ୍ୟରଞ୍ଜନ ସାହୁ, ସ୍ୱରୂପ ଦାସ ଭଜନକୀର୍ତ୍ତନ କରିଥିଲେ। ଅନନ୍ତ ନାରାୟଣ ରଥ, ଜତୀନ ନାୟକ, ବିକ୍ରମ କେଶରୀ ମହାନ୍ତି, ସୁମନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲିଙ୍ଗରାଜ ପ୍ରଧାନ, ବିଦ୍ୟାଜ୍ୟୋତି ପାତ୍ର, ପ୍ରିୟଙ୍କା ମହାପାତ୍ର, ରଷିକ ମିଶ୍ର, ଅଙ୍କିତ କୁମାର, ସୁମନ୍ତ ଦାଶ, ପ୍ରଭାତ ମହାପାତ୍ର, ଚନ୍ଦନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।






କଟକ ସାରଳା ଭବନରେ ଇଣ୍ଡିଆ ଥିଏଟର ଅଲିମ୍ପିୟାଡ୍‌ର ରବିବାର ଅନୁଷ୍ଠିତ ତୃତୀୟ ସନ୍ଧ୍ୟାରେ କୋଲକାତାର କଣ୍ଠଶିଳ୍ପୀ ମୀରା ଚଟ୍ଟୋପାଧ୍ୟାୟ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

## ବନ୍ୟାବିପନ୍ନଙ୍କୁ କ୍ଷତିପୂରଣ ଦାବିରେ ଉପଜିଲାପାଳଙ୍କୁ ସ୍ମାରକପତ୍ର

ବାଙ୍କୀ,୪।୯(ସ୍ୱ.ପ୍ର.)

ଚଳିତ ବନ୍ୟାରେ ବାଙ୍କୀ ନିର୍ବାଚନ ମଣ୍ଡଳୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ମିଳି ନ ଥିବା ଅଭିଯୋଗ କରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଉପଜିଲାପାଳଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଏହାର ନେତୃତ୍ୱ ନେଇଥିଲେ। ସ୍ମାରକ ପତ୍ରରେ ଦର୍ଶାଯାଇଛି ଯେ, ବନ୍ୟା ଯୋଗୁ ବାଙ୍କୀରେ ୧୨ ହଜାର ହେକ୍ଟର ଧାନ ଫସଲ ଓ ୬ ହଜାର ହେକ୍ଟର ପରିବା ଫସଲ ନଷ୍ଟ ହୋଇଛି।

ସେହିପରି କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଫିସ ଛାଡ କରିବାକୁ ଦାବି କରାଯାଇଛି। ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଭାଜପା ନେତା ସରୋଜ କୁମାର ମତଗଜ ସିଂହ, ଦେବାଶିଷ ମାନସିଂହ, ମହେଶ ସାହୁ, ଅମୂଲ୍ୟ ପ୍ରଧାନ, ଭୂପତି ପାଣି, ଜଗନ୍ନାଥ ପରିଡା ଓ ସଞ୍ଜୟ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ପତ୍ରିକା ଉନ୍ମୋଚନ ଓ କବିତା ଆସର

ବାଙ୍କୀ,୪।୯(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ- ବାଣିଆସ୍ଥିତ ଦେବଗିରି ଜଗନ୍ନାଥ ମନ୍ଦିର ପୀଠରେ ଦେବଗିରି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଦେବଗିରି ପତ୍ରିକା ଉନ୍ମୋଚନ, କବିତା ଆସର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରତ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସଭାପତି ରବିନାରାୟଣ ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦାନନ୍ଦ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ଦୁର୍ଯ୍ୟୋଧନ ବରାଳ, ମୁଖ୍ୟବକ୍ତାଭାବ ଅଧାପକ ଶାରଦାନନ୍ଦ ଦାଶ, ସମ୍ମାନିତ ଅତିଥି ଭାବେ ରାଜକିଶୋର ପାଣିଗ୍ରାହୀ ଓ ନାରାୟଣ ପାତ୍ର ଯୋଗଦେଇ ଦେବଗିରି ପୀଠର ମହିମା କହିବା ସହ ପତ୍ରିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାକ୍ତର ସୁନୀଲ କୁମାର ମାନ୍ଧାତାଙ୍କୁ ସତୀର୍ଥ ଦେବଉରୁ ସମ୍ମାନ ଓ ଗାୟକ ଲକ୍ଷ୍ମୀଧର ପଣ୍ଡାଙ୍କୁ ଧୀମନ୍ତ ଦେବଦତ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବି ଅଖିଳେଶ ମହାପାତ୍ର ଓ ବଂଶୀଧର ମହାପାତ୍ର କବିତାଗୁଡିକ ସଂଯୋଜନା କରିଥିବା ବେଳେ ଦୀପ କୁମାର ପାଣିଗ୍ରାହୀ , ପ୍ରସନ୍ନ ମଣ୍ଡଳ ଓ ସୁକାନ୍ତ ପଣ୍ଡା ଭଜନ ପରିବେଷଣ କରିଥିଲେ । ଏଥିରେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କମଳାକାନ୍ତ ପ୍ରହରାଜ, ନରୋତ୍ତମ ବେହେରା, ରାଧାରାଣୀ ମହାପାତ୍ର, ବଂଶୀଧର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତାମାନ ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଧାପକ ସୀତାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

## ଶିଶୁ ,ଗର୍ଭବତୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟକୁ ଗୁରୁତ୍ୱ

**ପୋଷଣ ପକ୍ଷ ପାଳିତ**

ବାଙ୍କୀ,୪।୯(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଗୋପାଳପୁର, ତୁଳସୀପର, ଢଁସର ସେକ୍ଟରରେ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡମପଡ଼ା ବ୍ଲକ ସିଡିପିଓ ସଂଯୁକ୍ତା ସାହୁ ଉଦ୍‌ଘାଟନ କରି କିପରି ଅପପୁଷ୍ଟି ଦୂର ହେବ ସେନେଇ ସଚେତନତା କରାଇଥିଲେ। ଶିଶୁ ,ଗର୍ଭବତୀ, ପ୍ରସୂତିଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରାଲି ୩ଟି ସେକ୍ଟର ପରିକ୍ରମା କରି ଜନସାଧାରଣଙ୍କୁ କୁପୋଷଣ ଓ ସୁପୋଷଣ ସମ୍ପର୍କରେ ସଚେତନ କରାଇଥିଲା। କାର୍ଯ୍ୟକ୍ରମରେ ମହିଳା କ୍ଷେତ୍ରପରିଦର୍ଶିକା ଫୁଲରାଣୀ ବେହେରା, ଆରତୀ ସାମଲ ଓ ଛନ୍ଦ୍ରା ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ପର୍ଯ୍ୟାକ୍ରମେ ସମସ୍ତ ସେକ୍ଟରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାହୁ କହିଥିଲେ।

## ବାଙ୍କୀ ମହୋତ୍ସବ କେନ୍ଦ୍ର ଜୋନର ଆଞ୍ଚଳିକ ସାଂସ୍କୃତିକ ସମାରୋହ



ସାଂସ୍କୃତିକ ସମାରୋହରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

ବାଙ୍କୀ,୪।୯(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବ କେନ୍ଦ୍ର ଜୋନ ପକ୍ଷରୁ ଆଞ୍ଚଳିକସ୍ତରୀୟ ପ୍ରତିଯୋଗିତା ଚର୍ଚ୍ଚିକା ନୋଡାଲ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ମାଣିକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବି.କେ.ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ମାନସ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଚର୍ଚ୍ଚିକା ଜୋନ୍‌ର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରୀମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ, କଣ୍ଠ ସଙ୍ଗୀତ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ଶେଷରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ମାନସ କୁମାର ନନ୍ଦ ପରିଚାଳନା କରିଥିଲେ।

# ସହରବାସୀଙ୍କୁ ଡେଙ୍ଗୁ ଡର

**ଚିହ୍ନଟ ହେଲେଣି ୧୦୧୬ ରୋଗୀ**

ଭୁବନେଶ୍ୱର, ୪।୯ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ବଢି ଚାଲିଛି। ରାଜ୍ୟରୁ ଚିହ୍ନଟ ହେଉଥିବା ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ସର୍ବାଧିକ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହେଉଥିବାବେଳେ, ଜିଲା ମଧ୍ୟରେ ଭୁବନେଶ୍ୱର ଆଗରେ ରହିଛି। ୩ ତାରିଖ ସୁଦ୍ଧା ରାଜ୍ୟରେ ୨୨ ହଜାର ୬୮ ଜଣଙ୍କର ନମୁନା ପରୀକ୍ଷା ସରିଛି। ସେମାନଙ୍କ ମଧ୍ୟରୁ ୨ହଜାର ୩୦୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ସର୍ବାଧିକ ୧୧ଶହ ୨୫ଜଣ ଡେଙ୍ଗୁ ଆକ୍ରାନ୍ତ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହୋଇଥିବା ଶୁକ୍ରବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଥିଲେ। ତେବେ ଏହି ସଂକ୍ରମିତଙ୍କ ମଧ୍ୟରୁ ୨ ତାରିଖ ସୁଦ୍ଧା କେବଳ ଭୁବନେଶ୍ୱରରୁ ୧୦୧୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜାନୁଆରୀ ମାସରୁ ସେପ୍ଟେମ୍ବର ୮ମାସ ମଧ୍ୟରେ ରୋଗୀଙ୍କ ସଂଖ୍ୟା ୧ହଜାର ପାର୍ କରିଛି। ଏହାବାଦ୍ ୫୭ଟି ଅଜ୍ଞାତ କେସ ନଜରକୁ ଆସିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ୧୯ ତାରିଖ ସୁଦ୍ଧା ରାଜ୍ୟରୁ ୧୨୨ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସହରରେ ଏହି ସଂଖ୍ୟା ୨୦ପାର୍ କରିଥିଲା। ଅପରପକ୍ଷେ ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବିଏମ୍‌ସିର ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ବିଏମ୍‌ସି ପକ୍ଷରୁ ସହରରେ ଡେଙ୍ଗୁ ସଚେତନତା ସୃଷ୍ଟି କରିବା ପାଇଁ ସପ୍ତାହର ପ୍ରତି ଗୁରୁବାର ଏବଂ ରବିବାର ଡ୍ରାଏ ଡେ' ପାଳନ କରାଯାଉଛି। ମାତ୍ର ନିୟମିତ ଭାବେ ମଶାଧୂଆଁ ଛଡାଯାଉ ନ ଥିବାବେଳେ ମଶା ତେଲ ମଧ ପକାଯାଉ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେବଳ ଲୋକ ଦେଖାଣିଆ ଭାବେ କାମ ଚଳେଇବା ପାଇଁ ଡ୍ରାଏ ଡେ' ପାଳନ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସହରର ବିଭିନ୍ନ ୱାର୍ଡରେ ଏବେ ବି ଅଳିଆ ଆବର୍ଜନା ପଡି ରହିଛି। ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ୱାର୍ଡ ନଂ.୧୧ରେ ଡ୍ରାଏ ଡେ'



ପାଣି ଜମୁଥିବା ସ୍ଥାନରେ ମଶାତେଲ ପକାଯାଉଛି।

ବିଭିନ୍ନ ୱାର୍ଡରେ ଡେଙ୍ଗୁ ନିରାକରଣ କାର୍ଯ୍ୟକଳାପ ଜାରି ରଖିଛି। ୱାର୍ଡ ନଂ୧୧ ଅନ୍ତର୍ଗତ ଧିରିକୂଟୀ ବସ୍ତି ଅଞ୍ଚଳରେ କର୍ପୋରେଟର ପ୍ରଭାସିନୀ ମହାନ୍ତିଙ୍କ ନେତୃତ୍ୱରେ ରବିବାର ଡ୍ରାଏ ଡେ' ପାଳନ କରାଯାଇଛି। ଏହି ଅବସରରେ ସଚେତନତା ର୍‍ୟାଲି ସହ ସ୍ୱେଚ୍ଛାସେବୀ ଏବଂ ପରିମଳ କର୍ମଚାରୀଙ୍କ ଦ୍ୱାରା ଗୃହ ପରିଦର୍ଶନ, ମଶାମରା ତେଲ ସ୍ପ୍ରେ କରିବା ଆଦି ବିଭିନ୍ନ କାର୍ଯ୍ୟ କରାଯାଇଥିଲା। ଖାଲି ପାତ୍ରରେ ପାଣି ଜମିବାକୁ ନ ଦେବା, ପରିବେଶ ସଫା ରଖିବା ଭଳି ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଲୋକମାନେ ସଚେତନ ହେବା ସହିତ ନିଜ ଆଖପାଖ ଅଞ୍ଚଳ ପରିଷ୍କାର ରଖିବେ। ଯାହାଦ୍ୱାରା ଡେଙ୍ଗୁ ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ବିଏମସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

## ସଂକ୍ଷେପରେ

### ବନ୍ୟାଞ୍ଚଳରେ ଚର୍ମରୋଗ, ଝାଡ଼ାବାନ୍ତି ବ୍ୟାପୁଛି
#### ପହଞ୍ଚିଲା ଡାକ୍ତରୀ ଦଳ

ଗୋପ,୪।୯(ଡି.ଏନ୍.ଏ.)
ଗୋପ ବ୍ଲକରେ ଏବେ ବନ୍ୟାଜଳ ଛାଡ଼ିବା ପରେ ବିଭିନ୍ନ ଗାଁରେ ଝାଡ଼ାବାନ୍ତି ବ୍ୟାପିବା ସହିତ ଚର୍ମରୋଗରେ ବିପନ୍ନମାନେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏନେଇ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ୫ ଜଣିଆ ଡାକ୍ତରୀ ଦଳ ଗୋପ ବ୍ଲକ ନୂଆ ଖୋଲାମରା ପଞ୍ଚାୟତରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇଛନ୍ତି। ସୂଚନା ମୁତାବକ, ଗୋପ ବ୍ଲକର ନୂଆ ଖୋଲାମରା ପଞ୍ଚାୟତରେ କୁଶଭଦ୍ରା ଓ ଧନୁଆ ନଦୀର ବନ୍ୟାଜଳ ପଶିବା ଫଳରେ ଶହ ଶହ ଲୋକ ଜଳବନ୍ଦୀରେ ରହିଥିଲେ। ଦୀର୍ଘ ଏକ ସପ୍ତାହ ପରେ ଏହି ବନ୍ୟାଜଳ ଛାଡିବା ପରେ ବିପନ୍ନମାନେ ଘରକୁ ଫେରୁଛନ୍ତି। କିନ୍ତୁ ଏବେ ଏହି ପଞ୍ଚାୟତର କେତେକ ଗାଁରେ ଝାଡ଼ାବାନ୍ତି ବ୍ୟାପୁଥିବା ସହିତ ଚର୍ମରୋଗ ବ୍ୟାପିବାରେ ଲାଗିଛି। ଡାକ୍ତରୀ ଦଳ ପଞ୍ଚାୟତରେ ପହଞ୍ଚି ବାଲିବସ୍ତ ହାଇସ୍କୁଲ ଓ ଲଳିତା ପହଣ୍ଡି ପଞ୍ଚାୟତ କାର୍ଯ୍ୟାଳୟଠାରେ ରୋଗୀଙ୍କୁ ଚିକିତ୍ସା କରିବା ସହ ମାଗଣା ଔଷଧ ବଣ୍ଟନ କରିଛନ୍ତି। ଏହି ଦୁଇଟି ସ୍ଥାନରେ ୩୨୦ ଜଣ ବିପନ୍ନଙ୍କୁ ଚିକିତ୍ସା କରାଯାଇଥିବା ନୂଆ ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ ଓ ସମିତି ସଭ୍ୟ ବିଜୟ ଗୁରୁ ସୂଚନା ଦେଇଛନ୍ତି।

### ଅଲାରନାଥ ପୀଠର ବିକାଶ ପାଇଁ ସମୀକ୍ଷା

ବ୍ରହ୍ମଗିରି,୪।୯(ଡି.ଏନ୍.ଏ.): ଝଲସିବ ଅଲାରନାଥ ପୀଠ। ଏନେଇ ରବିବାର ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଲାରନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ଅଲାରନାଥ ମନ୍ଦିର ରୂପରେଖ ବଦଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୧ ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିଆନ ବ୍ରହ୍ମଗିରି ଗସ୍ତ କରିବା ପରେ ଏହାର ପ୍ରସ୍ତୁତି ଓ ସମୀକ୍ଷା ଦ୍ରୁତଗତିରେ ଚାଲିଛି। ଅଲାରନାଥ ମନ୍ଦିର ବେଢ଼ାର ବିକାଶ, ମନ୍ଦିରରୁ ଜଳ ନିଷ୍କାସନ, ସୌନ୍ଦର୍ଯ୍ୟକରଣ ଏବଂ ଅତିରିକ୍ତ ତିନୋଟି ନୂତନ ମନ୍ଦିର ଯଥା ବିମଳା ମନ୍ଦିର, ହନୁମାନ ମନ୍ଦିର, ଗଣେଶ ମନ୍ଦିର ନିର୍ମାଣ ହେବା ସହିତ ଆଗାମୀ ୧୦୦ ବର୍ଷକୁ ଲକ୍ଷ୍ୟ ରଖି ପର୍ଯ୍ୟଟକଙ୍କ ଯାତାୟାତ ପାଇଁ ଜାତୀୟ ରାଜପଥ ଠାରୁ ମନ୍ଦିର ପର୍ଯ୍ୟନ୍ତ ଥିବା ଦୁଇଟି ରାସ୍ତାକୁ ୪୦ଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ପ୍ରସ୍ତାବିତ ଏହି କାର୍ଯ୍ୟର ସମୀକ୍ଷା ପାଇଁ ଯାଦବ ମନ୍ଦିରରେ ପହଞ୍ଚି ସେବାୟତ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ।

### ଥାନା ସଫେଇ କଲେ ସ୍ୱେଚ୍ଛାସେବୀ

ଗୋପ,୪।୯(ଡି.ଏନ୍.ଏ.):
ଗୋପ ଥାନା ହେଉଛି ବ୍ରିଟିଶ ଅମଳବେଳର। ୧୮୦୬ ମସିହାରେ ଏହି ଥାନା ପ୍ରତିଷ୍ଠା ହୋଇଥିଲା। କିଛିଦିନ ଧରି ଏହି ଥାନା ପରିସରରେ ବିଭିନ୍ନ ଅନାବନା ଗଛ ବଢ଼ି ଜଙ୍ଗଲମୟ ଅବସ୍ଥା ହୋଇଯାଇଥିଲା। ବୀରତୁଙ୍ଗ ପଞ୍ଚାୟତର ସ୍ୱେଚ୍ଛାସେବୀ ସଂଗଠନ 'ଦି ସେବକ'ର ସଭାପତି ଆଲୋକ ଜେନାଙ୍କ ଥାନାର ଏପରି ଅବସ୍ଥା ଉପରେ ଦୃଷ୍ଟି ପଡିଥିଲା। ଶନିବାର ସଂଗଠନର ସଭାପତି ଜେନା ଏବଂ ସମ୍ପାଦକ ସୁଜିତ୍ ମୁଖିଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ୍ୱ ସଭ୍ୟ ଥାନା ପରିସର ଓ ଚତୁଃପାର୍ଶ୍ୱରେ ଥିବା ଅନାବନା ଗଛ ସହିତ ଅଳିଆ ଆବର୍ଜନାକୁ ସଫାସୁତରା କରିଥିଲେ। ଏପରି ମହତ୍ କାର୍ଯ୍ୟ ପାଇଁ ଥାନା ଅଧିକାରୀ ସୁନୀଲ୍ କୁମାର ପ୍ରଧାନ ସଂଗଠନକୁ ଧନ୍ୟବାଦ ଦେଇଥିଲେ। ଏଥିସହ ଆଗାମୀ ଦିନରେ ଏପରି କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥିଲେ।

# ଶୋଷଣର ଶିକାର ହେଉଛନ୍ତି ଶିକ୍ଷକ

■ଶିକ୍ଷା ବିଭାଗ ନୀରବଦ୍ରଷ୍ଟା
■ପାଳନ ହେଉନି ଶ୍ରମ ଆଇନ

ପୁରୀ ଅଫିସ,୪।୯

ଶିକ୍ଷା ଜୀବନର ଆରମ୍ଭ ଗୁରୁଙ୍କ ଆଶୀର୍ବାଦରୁ ହୋଇଥାଏ। ମଣିଷ ଜୀବନରେ ଶିକ୍ଷକଙ୍କ ଭୂମିକା ସବୁବେଳେ ଅତୁଳନୀୟ। ମାତ୍ର ପୁରୀ ଜିଲାରେ କେତେକ ଘରୋଇ ବିଦ୍ୟାଳୟରେ ଶିକ୍ଷକଙ୍କୁ ଶୋଷଣ କରାଯାଉଛି। ନିଜ ବୃତ୍ତିକୁ ବଞ୍ଚାଇବା ପାଇଁ ସେମାନେ ମୁହଁ ଖୋଲୁ ନାହାନ୍ତି। ସରକାରୀ ଶିକ୍ଷକଙ୍କ ଭଳି ଧାରଣା ଓ ଆନ୍ଦୋଳନ କରିବାର ପନ୍ଥା ମଧ୍ୟ ସେମାନଙ୍କ ପାଖରେ ନାହିଁ। ଏଣୁ ସମ୍ପୃକ୍ତ ଶିକ୍ଷକମାନେ ସବୁ ସହି ଚୁପ୍ ରହୁଛନ୍ତି। ପୁରୀ ଜିଲାର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷକଙ୍କ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଶିକ୍ଷକଙ୍କ ନାମରେ ବ୍ୟାଙ୍କରେ ସାଲାରି ଆକାଉଣ୍ଟ ଖୋଲାଯାଇ ଏଭଳି ଆର୍ଥିକ ଠକେଇ ହେଉଛି। ସିବିଏସ୍‌ଇ ଅନୁମୋଦିତ ଘରୋଇ ବିଦ୍ୟାଳୟ ବାଇ-ଲ ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ପେ-ସ୍କେଲ୍ ଆଧାରରେ ଶିକ୍ଷକମାନଙ୍କୁ ଦରମା ମିଳିବା ଦରକାର। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ପ୍ରଥମେ ଟିଜିଟି ଓ ପିଜିଟି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଆକାଉଣ୍ଟକୁ ଉଦ୍ଦିଷ୍ଟ ଦରମା ପଠାଇ ଦେଉଛନ୍ତି। ମାତ୍ର ପରେ ସେମାନଙ୍କ ଆକାଉଣ୍ଟରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟକୁ ଏହି ଟଙ୍କା ଫେରସ୍ତ ଯାଉଛି। ଫଳରେ ଶିକ୍ଷକମାନଙ୍କୁ ଧାର୍ଯ୍ୟ ଦରମା ମିଳୁନାହିଁ। ଆକାଉଣ୍ଟ ଖୋଲିବା ବେଳେ ସମସ୍ତ ଶିକ୍ଷକଙ୍କ ନାମରେ ଏଟିଏମ୍ ଇସ୍ୟୁ କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ପାଖରେ ସଂପୃକ୍ତ ଏଟିଏମ୍ ଦାଖଲ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜେ ଟଙ୍କା ପଠାଇ, ଏଟିଏମ୍ ଦ୍ୱାରା ଟଙ୍କା ଉଠାଇ ନେଇଯାଉଛନ୍ତି। ବ୍ୟାଙ୍କରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକଙ୍କ ନମ୍ବର ରହୁଛି। ଆକାଉଣ୍ଟ ସମ୍ପର୍କିତ ସମସ୍ତ ମେସେଜ୍ ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ଆସୁଛି। ସଂପୃକ୍ତ ବ୍ୟାଙ୍କଟି ଚନ୍ଦନପୁର ଥାନା ଅନ୍ତର୍ଗତ ହୋଇଥିବା ବେଳେ କିଭଳି ଭିନ୍ନ ଭିନ୍ନ ଆକାଉଣ୍ଟରେ ଗୋଟିଏ ମୋବାଇଲ ନମ୍ବର ଲିଙ୍କ କରିବାକୁ ଅନୁମତି ଦେଉଛି, ସେନେଇ ପ୍ରଶ୍ନ ଉଠିଛି। ଶିକ୍ଷକମାନେ ଇପିଏଫ୍, ଇଏସଆଇ ଭଳି ସୁବିଧା ପାଉନାହାନ୍ତି। ସେହିଭଳି ନିଯୁକ୍ତିପତ୍ର ମଧ୍ୟ ମିଳୁନାହିଁ। କେହି ଏହି ବ୍ୟବସ୍ଥାକୁ ବିରୋଧ କଲେ ଚାକିରି ହରାଇବାକୁ ପଡୁଛି। ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ମିଶ୍ର କହିଛନ୍ତି, ସରକାର ଚାହିଁଲେ ଏଭଳି ବ୍ୟବସ୍ଥାର ଅନ୍ତ ଘଟାଇ ପାରିବେ। ସିବିଏସ୍‌ଇ ବାଇ-ଲ ଓ ଶ୍ରମ ଆଇନ ଅନୁଯାୟୀ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଦରମା ମିଳିବା ଦରକାର। ସରକାରୀ ବିଦ୍ୟାଳୟ ଭଳି ବେସରକାରୀ ବିଦ୍ୟାଳୟରେ ମଧ୍ୟ ଲକ୍ଷ ଲକ୍ଷ ପିଲା ପାଠ ପଢୁଛନ୍ତି। ଦାୟିତ୍ୱ ଦୃଷ୍ଟିକୋଣରୁ ଘରୋଇ ବିଦ୍ୟାଳୟର ଶିକ୍ଷକ କିଛି କମ୍ କାମ କରୁନାହାନ୍ତି। ସବୁ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ଅଧିକାର ମିଳିବା ଦରକାର। ଅନ୍ୟପକ୍ଷରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ମମତା ମିଶ୍ର କହିଛନ୍ତି, ଘରୋଇ ବିଦ୍ୟାଳୟରେ ଏଭଳି ଅନିୟମିତତା ନେଇ ଅଭିଯୋଗ ଆମ ପାଖରେ ନାହିଁ। କେହି ଲିଖିତ ଅଭିଯୋଗ କଲେ, ଘଟଣାର ତର୍ଜମା କରି କାର୍ଯ୍ୟାନୁଷ୍ଠାନ ନେବୁ।

## କାକଟପୁରରୁ ୨ ଟ୍ରକ୍ ଜବତ, ୨ ଗିରଫ

କାକଟପୁର,୪।୯
(ଡି.ଏନ୍.ଏ./ସ୍ୱ.ପ୍ର.)



### ଛତିଶଗଡ଼ରୁ ଗହମ, ଡାଲି ଲୁଟ୍ ଘଟଣା

ଛତିଶଗଡ଼ରୁ ଗହମ ଓ ଡାଲି ଲୁଟ ଘଟଣାରେ ବ୍ୟବହୃତ ହୋଇଥିବା ୨ଟି ଟ୍ରକକୁ ରବିବାର ସକାଳେ କାକଟପୁରରୁ ଛତିଶଗଡ଼ର ଭଟାପଡ଼ା ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଡ୍ରାଇଭର ସମ୍ବିତ ଖଟୋଇ ଓ ହେଲ୍ପର ପ୍ରକାଶ ରାମ ଓରଫ କାଲୁ।

ସୂଚନା ମୁତାବକ, ଗତ ୧୮ ତାରିଖରେ ଛତିଶଗଡ଼ ଭଟାପଡ଼ାର ବିକାଶ ଅଗ୍ରୱାଲ ନାମକ ବ୍ୟବସାୟୀ ଦୁଇଟି ଟ୍ରକରେ ୧୮ଲକ୍ଷ ୧୦ ହଜାର ଟଙ୍କା ମୂଲ୍ୟର ଗହମ ଓ ଡାଲି ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କ ପାଖକୁ ପଠାଇଥିଲେ। କିନ୍ତୁ ୩ ଦିନ ପରେ ଉକ୍ତ ଟ୍ରକ ଭୁବନେଶ୍ୱରରେ ପହଞ୍ଚି ନ ଥିଲା। ଏପରିକି ଅଗ୍ରୱାଲଙ୍କୁ ଏନେଇ କୌଣସି ତଥ୍ୟ ମିଳି ପାରି ନ ଥିଲା। ଏନେଇ ସେ ଭାଟପଡ଼ା ଥାନାରେ ଅଭିଯୋଗ କରିଥିଲେ। ଭଟାପଡ଼ା ପୋଲିସ ତଦନ୍ତ କରି ୨ ଟ୍ରକରୁ ଖାଦ୍ୟଶସ୍ୟ ଲୁଟ୍ ପାଇଁ ଡ୍ରାଇଭର ଓ ହେଲ୍‌ପର ଗାଡ଼ିର ନମ୍ବର ପ୍ଲେଟ ବଦଳାଇବା ସହ କାଗଜପତ୍ର ଜାଲିଆତି କରି ଅନ୍ୟତ୍ର ବିକ୍ରି କରିଦେଇଥିବା ଜାଣିବାକୁ ପାଇଛି। କାକଟପୁର ପୋଲିସ ସହଯୋଗରେ ଭଟାପଡ଼ା ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଆଇ ନରେନ୍ଦ୍ର କୁମାର କହିଛନ୍ତି।

## ଶ୍ରୀରାଧାଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

ସାକ୍ଷୀଗୋପାଳ,୪।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ଶ୍ରୀରାଧା ଜନ୍ମୋତ୍ସବ କମିଟିର ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଆୟୋଜିତ ୩ଦିନିଆ ସାଂସ୍କୃତିକ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। ଉତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଚିନ୍ମୟୀ ରାଉତ ଯୋଗଦେଇ କୃତୀ ପ୍ରତିଭାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଦିବାକର ମହାପାତ୍ର ବିବରଣୀ ପାଠ କରିଥିବାବେଳେ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କମିଟି ପକ୍ଷରୁ ମାଟିର ମହକ ଓ ବନ୍ଦନା ଅନୁଷ୍ଠାନର ସହଯୋଗରେ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ କବୟିତ୍ରୀ ଓ କବି ଏଥିରେ ଅଂଶଗ୍ରହଣ କରିଥିଲେ। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର କଳାକାରମାନେ ଶିବପଞ୍ଚାକ୍ଷର, ରାଧାରାଣୀ, ଯମୁନାକୁ ଆଉ ଯା ନା, ରାଧା ନାଚିବ ଆଦି ଶାସ୍ତ୍ରୀୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଅନ୍ୟପଟେ ସାକ୍ଷୀଗୋପାଳ ମନ୍ଦିରରେ ପାରମ୍ପରିକ ରୀତିନୀତିରେ ରାଧାଙ୍କ ଜନ୍ମୋତ୍ସବ ନୀତି ପାଳନ କରାଯାଇଛି। ଦୈନନ୍ଦିନ ଦେବ ନୀତି ସହ ବିରକେଶରୀ ଓ ବଲ୍ଲବ ପରେ ଗର୍ଭଗୃହରେ ମା'ରାଧାଙ୍କୁ ସୁଗନ୍ଧିତ ଅଭିମନ୍ତ୍ରିତ ଜଳରେ ସ୍ନାନ କରାଯାଇ ନୂତନ ବସ୍ତ୍ର ସୁବର୍ଣ୍ଣ ଅଳଙ୍କାରରେ ସଜିତ କରାଯାଇଥିଲା। ପୁରାଣ ପଣ୍ଡିତ, ପୁରୋହିତ, ପୂଜା ପଣ୍ଡା, ପାଳିଆ ପତ୍ରି, ଭଣ୍ଡାର ମେକାପ, ଶ୍ରୀରାଧାଙ୍କ ଜନ୍ମ ବିଧି ନିର୍ବାହ କରିଥିଲେ। ଦ୍ୱିପ୍ରହର ଧୂପରେ ଶ୍ରୀରାଧାଙ୍କୁ କୋରା ଭୋଗ ଉପଚାର ଆଳତି ଓ ବନ୍ଦାପନା କରାଯାଇଥିଲା। ରାଧାଙ୍କ ଜନ୍ମୋତ୍ସବ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୪।୯ (ଡି.ଏନ୍.ଏ.)

ପୁରୀ ଜିଲା ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଧୀନ ବରପଦା ପଥର ଖଣିରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ବରପଦା ଗ୍ରାମର ବିଭୂତି ଭୂଷଣ ମହାପାତ୍ର(୨୭)। ତେବେ ତାଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇ ଦେଇଛି ବୋଲି ସ୍ତ୍ରୀ ପୁଷ୍ପା ନାୟକ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ଜଟଣୀ ହାଟ ବଜାର ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜକ ଭାବେ ବିଭୁତି କାର୍ଯ୍ୟ କରନ୍ତି। ଗତ ୧ ତାରିଖରେ ସେ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ନ ପାଇବାରୁ ଫାଣ୍ଡିରେ ଅଭିଯୋଗ କରିଥିଲେ। ରବିବାର ଅପରାହ୍ନରେ କେତେଜଣ ବ୍ୟକ୍ତି ପଥର ଖଣିକୁ ଯାଇଥିବା ବେଳେ ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ପହଞ୍ଚି ବିଭୁତିଙ୍କ ମୃତଦେହ ଚିହ୍ନଟ କରିବା ସହ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ବିଭୁତିଙ୍କ ମଉସା ପ୍ରତାପ ଡେଙ୍ଗ କହିଛନ୍ତି, ବିଭୁତିଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିଲା। କୌଣସି କାରଣକୁ ନେଇ ସମ୍ପୃକ୍ତ ମହିଳାଙ୍କ ପରିବାର ଲୋକେ ବିଭୁତିଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ସେମାନେ ହତ୍ୟା କରି ଗଛରେ ଝୁଲାଇ ଦେଇଛନ୍ତି ବୋଲି ସେ କହିଛନ୍ତି।

## ଆଗାମୀ ରଣନୀତି, କର୍ମୀ ସଂଗ୍ରହ ଉପରେ ଫୋକସ




ଏଏପିର ଜିଲା ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

### ଏଏପିର ଜିଲା ସମ୍ମିଳନୀ

ପୁରୀ ଅଫିସ, ୪।୯:

ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପୁରୀ ଜିଲା ସମ୍ମିଳନୀ ରବିବାର ସ୍ଥାନୀୟ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆବାହକ ସଞ୍ଜୀବ ମହାନ୍ତି ଯୋଗ ଦେଇଥିଲେ। ଜିଲା ପ୍ରଭାରୀ ଆଶୁତୋଷ ପରିଡ଼ା, ରାଜ୍ୟ ଯୁବ ସଭାପତି ସୋମନାଥ ରାଉତ, ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଭୁବନେଶ୍ୱର ଆବାହକ ଜୟସୂର୍ଯ୍ୟ କାନୁନ୍‌ଗୋ, ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲା ମହିଳା ସଭାପତି ତପସ୍ୱିନୀ ଜଗଦେବ, ବିରଜା ପ୍ରସାଦ ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦିଲ୍ଲୀରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ପାଣି ଯୋଜନା ମାଗଣା ଦେଇ ମଧ୍ୟ କେଜରିୱାଲ ସରକାର ୮ବର୍ଷରେ ୩୦ ହଜାର କୋଟିର ବଜେଟକୁ ୭୭ ହଜାର କୋଟି ବଜେଟରେ ପହଞ୍ଚାଇଛନ୍ତି ବୋଲି ଅତିଥିମାନେ କହିଥିଲେ। ପୁରୀର ସମସ୍ତ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣି ସମାଧାନ କରିବାରେ ପାର୍ଟି ମୁଖ୍ୟ ଭୂମିକା ଗ୍ରହଣ କରୁଛି ବୋଲି ଜିଲା ସମ୍ପାଦକ କହିଥିଲେ। ଆଗକୁ ପୁରୀରେ କେଉଁ ରଣନୀତିରେ କାର୍ଯ୍ୟ କରାଯିବ, କିପରି ସଫଳତା ମିଳିବ, କେଜରିୱାଲଙ୍କ ମେକ୍ ଇଣ୍ଡିଆ ନଂ ୧ କ୍ୟାମ୍ପେନରେ ସମସ୍ତଙ୍କୁ ଯୋଡ଼ାଯିବ, ଘରେ ଘରେ ଏହି ବାର୍ତ୍ତା ପହଞ୍ଚିବ ଏବଂ ପ୍ରତି ପରିବାରରୁ ଜଣକୁ ପାର୍ଟିରେ କାର୍ଯ୍ୟକର୍ତ୍ତା ହିସାବରେ ଯୋଡିବା ପାଇଁ ଜିଲା ଆବାହକ ସଞ୍ଜୀବ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଅଡିଓ ବାର୍ତ୍ତା ମାଧ୍ୟମରେ ନିଜର ସନ୍ଦେଶ ଦେଇଥିଲେ। ଏହି ଅବସରରେ ଦଳରେ ନୂତନ କର୍ମୀ ଯୋଗଦାନ କରିଥିଲେ। ଅନିଲ କୁମାର ସେନାପତି ଏବଂ ରାଜେଶ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ଉତ୍କଳ ସମ୍ମିଳନୀ ବ୍ରହ୍ମଗିରି ଶାଖା ସଭାପତି ଭଗବାନ ନାୟକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ନବନିର୍ବାଚିତ କର୍ମକର୍ତ୍ତା ଏବଂ ଅନ୍ୟମାନେ।

ପୁରୀ ଅଫିସ,୪।୯

ଉତ୍କଳ ସମ୍ମିଳନୀର ବ୍ରହ୍ମଗିରି ଶାଖା ଆନୁଷ୍ଠାନିକ ଭାବେ ଗଠନ ହୋଇଛି। ବ୍ରହ୍ମଗିରିସ୍ଥିତ ମା'ପାଦୁକାଇ ମନ୍ଦିରରେ ନବନିର୍ବାଚିତ ପଦାଧିକାରୀମାନେ ବୈଠକ କରି ଉତ୍କଳ ସମ୍ମିଳନୀର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ବ୍ରହ୍ମଗିରି ଅଞ୍ଚଳର ଶିକ୍ଷିତ ଯୁବକ ଓ ଶିକ୍ଷାବିତ୍‌ମାନଙ୍କୁ ନେଇ ଉତ୍କଳ ସମ୍ମିଳନୀ ଗଠନ ହୋଇଛି। କର୍ମକର୍ତ୍ତାଙ୍କ ସହମତି କ୍ରମେ ଭଗବାନ ନାୟକଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଛି। ଏଥିସହ କାଶୀନାଥ ନାୟକ ଓ ଦିଲ୍ଲୀପ ବଳିୟାରସିଂ ଯୁଗ୍ମଉପସଭାପତି, ସମ୍ପାଦକ ରାଧାକାନ୍ତ ସାହୁ, ଯୁଗ୍ମସମ୍ପାଦକ ଅମରେନ୍ଦ୍ର ବେହେରା, ସହସମ୍ପାଦକ ଜ୍ୟୋତିର୍ମୟୀ ଜେନା ଓ କୋଷାଧ୍ୟକ୍ଷ ବିଶ୍ୱଜିତ ସାହୁଙ୍କୁ ମିଶାଇ ୨୨ଜଣିଆ କମିଟି ଗଠନ ହୋଇଛି। ସଭାପତି ନାୟକ କହିଛନ୍ତି, ଉତ୍କଳ ସମ୍ମିଳନୀ ସର୍ବଦା ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଆଦର୍ଶରେ ଅନୁପ୍ରାଣିତ। ଏହି ମହାନ ଜନନାୟକଙ୍କ ଆଦର୍ଶକୁ ପାଥେୟ କରି ଆମେ ଉତ୍କଳ ପ୍ରଦେଶର ସେବା କାର୍ଯ୍ୟରେ ନିଜକୁ ସମର୍ପିତ କରିବୁ। ବ୍ରହ୍ମଗିରି ଅଞ୍ଚଳର ନିଷ୍ପେଷିତ ବର୍ଗକୁ ଆମେ ପ୍ରତିନିଧିତ୍ୱ କରିବୁ ଓ ତାଙ୍କ ହକ୍ ପାଇଁ ଲଢ଼ିବୁ।

## ପ୍ରଣବ ବରାଳଙ୍କ ନୂଆ ସଙ୍ଗୀତ 'ସ୍ୱପ୍ନ ସୁନ୍ଦରୀ' ରିଲିଜ୍

ପୁରୀ ଅଫିସ, ୪।୯




ଯୁବ ମ୍ୟୁଜିସିଆନ୍ ପ୍ରଣବ ବରାଳଙ୍କ ନୂଆ ସଙ୍ଗୀତ 'ସ୍ୱପ୍ନ ସୁନ୍ଦରୀ' ରବିବାର ଚକ୍ରତୀର୍ଥ ରୋଡସ୍ଥିତ ୟୁଥ୍ ହଷ୍ଟେଲ ପରିସରରେ ରିଲିଜ୍ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗୀତଜ୍ଞ ପ୍ରଣବ, ବିଜେଡି ନେତା ଷ୍ଟାଲିନ୍ ପରିଜା ଏବଂ ସଙ୍ଗୀତରେ ସହଯୋଗୀ ଭାବେ କାର୍ଯ୍ୟ କରିଥିବା ରାଜା ମର୍ଦ୍ଦରାଜ ଉପସ୍ଥିତ ରହି ସଙ୍ଗୀତକୁ ଉନ୍ମୋଚନ କରିଥିଲେ। ଏହି ନୂତନ ଶୈଳୀର ସଙ୍ଗୀତରେ ଓଡ଼ିଶାର ସୁନାମଧନ୍ୟ ଗାୟକ ହ୍ୟୁମାନ ସାଗର କଣ୍ଠଦାନ କରିଛନ୍ତି। ହାପି ମ୍ୟୁଜିକ୍ ବ୍ୟାନରରେ ତିଆରି ସ୍ୱପ୍ନ ସୁନ୍ଦରୀ ଏକ ଭାବପୂର୍ଣ୍ଣ ପ୍ରେମଗୀତ ଯାହାକି ଓଡ଼ିଶାର ଜନମାନସରେ ବହୁତ ଆଦୃତ ହେଇଥିବା ଟିମ ପ୍ରକାଶ କରିଛି। ମ୍ୟୁଜିକ୍ ଭିଡିଓରେ ପ୍ରଣବ ବରାଳ ଏବଂ ହିତୈସା ବାଗ୍ ମୁଖ୍ୟ ଭୂମିକାରେ ଅଛନ୍ତି। ପ୍ରଣବ ସଙ୍ଗୀତଟିରେ କମ୍ପୋଜ କରିବା ସହ ଲିରିକ୍ସ ଲେଖିଛନ୍ତି। ଏଥିରେ ଡାଇରେକ୍ସନ ଦେଇଛନ୍ତି ମାଷ୍ଟର ଅଜୟ। ସଙ୍ଗୀତଜ୍ଞ ପ୍ରଣବ ଏବଂ ତାଙ୍କ ଟିମ୍ ଆଗକୁ ଏଭଳି ଅନେକ ଉଚ୍ଚକୋଟୀର ସଙ୍ଗୀତ ଦର୍ଶକଙ୍କୁ ଭେଟି ଦେବେ ବୋଲି ସଂକଳ୍ପବଦ୍ଧ ଥିବା ସେ କହିଛନ୍ତି। ଦର୍ଶକ ଓଡ଼ିଆ ସିନେମା ଜଗତରୁ ଦୂରେଇ ଯାଉଥିବାବେଳେ ଏଭଳି ଭାବମୟ ସଙ୍ଗୀତ ସେମାନଙ୍କୁ ପୁଣି ଓଡ଼ିଆ ସଙ୍ଗୀତ ପ୍ରତି ଆକୃଷ୍ଟ କରିବ ବୋଲି ପ୍ରଣବ ଆଶା ରଖିଛନ୍ତି।




ପିପିଲି କ୍ରିଷ୍ଣା ଗାର୍ଡେନ୍ ପରିସରରେ ରବିବାର ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ସଂଗ୍ରାମୀ ତଥା ସାମାଜିକ କର୍ମୀ ଚକ୍ରଧର ସେଠୀଙ୍କ ସ୍ମୃତି ଚାରଣ ସଭାରେ ଯୋଗଦେଇଥିବା ଅତିଥିମାନେ।

## 'ସାହିତ୍ୟ ମାଧ୍ୟମରେ ସତ୍ୟର ଅନୁସନ୍ଧାନ କରାଯାଉ'

### ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ଆଲୋଚନା ଚକ୍ର

ପୁରୀ ଅଫିସ, ୪।୯

ଶିକ୍ଷାଭିତ୍ତିକ ପତ୍ରିକା 'ଜ୍ଞାନ ପ୍ରକାଶ' ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ରବିବାର ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଦେଶାତ୍ମବୋଧକ କବିତା ପାଠୋତ୍ସବ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିବନାରାୟଣ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ, ଜ୍ଞାନ ପ୍ରକାଶର ରାଜ୍ୟ ମୁଖ୍ୟ ଅମ୍ବିକା ସ୍ୱାଇଁ ଓ ସମ୍ପାଦକ ସରୋଜ କୁମାର ସାହୁ ଯୋଗଦେଇଥିଲେ। ବାସ୍ତବ ସାହିତ୍ୟ ଓ ହୃଦୟସ୍ପର୍ଶୀ କବିତା ସଇତାନକୁ ସାଧୁରେ ପରିଣତ କରିଥାଏ ବୋଲି ଅତିଥିମାନେ କହିବା ସହ ସାହିତ୍ୟ ମାଧ୍ୟମରେ ସତ୍ୟର ଅନୁସନ୍ଧାନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଜ୍ଞାନଚାନ୍ଦ ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ମହେନ୍ଦ୍ର ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ପୁରୀ ଜୋନ ସମ୍ପାଦକ ଅଜୟ କୁମାର ପଣ୍ଡା ଅତିଥିଙ୍କୁ ସମ୍ବୋଧିତ କରିଥିଲେ। କବି ଡ. ସୁଚିତ୍ରା ରଥ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନତି ପଟ୍ଟନାୟକଙ୍କ ସଂଯୋଜନାରେ ୪୧ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ନାଟ୍ୟକାର ଅଜୟ କୁମାର ସେଠୀ, ଗୋପାଳ ଅମାତ, ଜ୍ୟୋତି ପ୍ରକାଶ ମହାରଣା ଓ ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।